# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-341 ◆TUESDAY ◆9 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୪୧ ◆ମଙ୍ଗଳବାର ◆୯ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ପଦାର୍ପଣରେ ମାନବଙ୍କ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍‌ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Brahmagiri MSB BAJAJ 7008198739 Sakhigopal MSB BAJAJ 9124590859 • Jankia BHARAT BAJAJ 9348768960** •Cuttack: **Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211** • Rahama MAITREE BAJAJ 9668801781, **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979 • **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781.

## ଟ୍ରକ୍ ପଛରେ ଟ୍ରକ୍ ଧକ୍କା; ୨ ଗୁରୁତର

**ପାଣିକୋଇଲି, ୮।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗରଠାରେ ସୋମବାର ଟ୍ରକ୍ ପଛରେ ଟ୍ରକ୍ ଧକ୍କା ହେବା ଫଳରେ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି। ପ୍ରକାଶଯେ ରାୟପୁରରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ୍ (ସିଜି ୪ପି କିୟୁ୧୪୨୩) ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥର ବ୍ରଜନଗରଠାରେ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ ବ୍ରେକ୍ ମାରିଦେବାରୁ ସିମେଣ୍ଟ ବୋଝେଇ ଟ୍ରକ୍‌ଟି ଭାରସାମ୍ୟ ହରାଇ ତା ପଛରେ ଧକ୍କା ଖାଇଥିଲା। ଫଳରେ ଚାଳକ ବିହାର ଔରାଙ୍ଗବାଦର ଅବିନାଶ ପାଣ୍ଡେ ଓ ଖଲାସୀ ବିପିନ ପାଣ୍ଡେ ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଇଛନ୍ତି। ଦୁର୍ଘଟଣା ପରେ ଆଗ ଟ୍ରକଟି ପଳାଇଯାଇଥିବା ବେଳେ ସିମେଣ୍ଟ ଟ୍ରକକୁ ପୁଲିସ ଜବତ କରି ତଦନ୍ତ ଜାରିରଖିଛି।

### ଯାଜପୁରରେ ଚାଲିଛି ଏସ୍‌ଆଇଆର୍ ଫର୍ମ ବଣ୍ଟନ

## ଶହେ ପ୍ରତିଶତ ଫର୍ମ ବଣ୍ଟନ ପାଇଁ ବିଏଲ୍‌ଓ ସମ୍ବର୍ଦ୍ଧିତ



**ଯାଜପୁର, ୮।୬(ସମିସ)**

ଯାଜପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଆଜି ଧର୍ମଶାଳା ବ୍ଲକ ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୮୪ର ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ବିଏଲଓ ସ୍ମୃତି ରଞ୍ଜନ ସାହାଣୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜୁନ୍ ୮ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୧୧, ୪୯, ୬୩୩ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏଥିରେ ୭୪.୭୯ ପ୍ରତିଶତ ମତଦାତା ବର୍ତ୍ତମାନ ସୁଦ୍ଧା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହାସହ ୪୯, ୬୩୯ଟି ଫର୍ମ ଡିଜିଟାଇଜ କରାଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୯୯ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଛି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବର୍ତ୍ତମାନ ସୁଦ୍ଧା ବିଞ୍ଝାରପୁରରେ ୧୮୩୧୩୪, ବରୀରେ ୧୭୪୧୨୪, ବଡ଼ଚଣାରେ ୧୯୦୧୨୩, ଧର୍ମଶାଳାରେ ୧୭୦୦୩୫, ଯାଜପୁରରେ ୧୬୫୮୭୫, କୋରେଇରେ ୧୩୯୭୩୦, ସୁକିନ୍ଦାରେ ୧୨୬୬୧୨ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି।

## ବ୍ୟାଙ୍କ ସାମ୍ନାରୁ ବାଇକ୍ ଚୋରି

**ବଡ଼ଚଣା, ୮।୬(ସମିସ):** ଚଣ୍ଡିଖୋଲ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ସାମ୍ନାରୁ ଏକ ବାଇକ୍ ଚୋରୀ ହୋଇଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ବୈରୀ ଥାନା ଅନ୍ତର୍ଗତ କାଇମାଟିଆ ଗ୍ରାମର ଶେଷଦେବ ସାହୁ ନିଜ ହିରୋ ସ୍ପେଣ୍ଡର ନମ୍ବର ବାଇକ୍ ଟିକୁ ବ୍ୟାଙ୍କ୍ ଆଗରେ ରଖି ବ୍ୟାଙ୍କ୍ ଭିତରକୁ ନିଜ କାମସାରି ଫେରିଲା ବେଳକୁ ଚୋରି ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ଗାଡିଟି ନ ମିଳିବାରୁ ଶେଷଦେବ ବଡଚଣା ଥାନାରେ ଅଭିଯୋଗ କରିଥିଲେ। ବଡଚଣା ପୁଲିସ୍ କେସ ନମ୍ବର୍ ୧୯୭/୨୬ରେ କେସ ରୁଜୁ କରି ଘଟଣାର ତଦନ୍ତ ଚାଲୁ ରଖିଛି।

## ରଜ ରାଜକୁମାରୀ ପାଇଁ ବ୍ୟାପକ ପ୍ରସ୍ତୁତି

**ଯାଜପୁର, ୮।୬(ସମିସ):** ଓଡ଼ିଆ ସିନେମା, ଅପେରା ଓ ସିରିଏଲ୍ ଜଗତକୁ ବହୁ କଳାକାର ଭେଟି ଦେଇଥିବା ଯାଜପୁର ଟାଉନ୍‌ର ପ୍ରତିଷ୍ଠିତ ପୁରାତନ କଳାନୁଷ୍ଠାନ ଜ୍ୟାକସନ ଡାନ୍ସ ସ୍କୁଲ ଓ ଗ୍ରୁପ ଆସନ୍ତା ରଜ ପର୍ବ ଅବ୍ୟବହିତ ପୂର୍ବରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କୁ ଭେଟି ଦେବାକୁ ଯାଉଛି। ଏହି ଉପଲକ୍ଷେ ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ ୱାଜିଦ୍ ଅଲ୍ଲୀ ଆସନ୍ତା ୧୨ ତାରିଖ ଶୁକ୍ରବାର ସନ୍ଧ୍ୟା ୫ ଟାରୁ ରାତି ୧୦ ଟା ଯାଏଁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି।

## ସତ୍ୟସାଇବାବାଙ୍କ ଭକ୍ତ ସମ୍ମିଳନୀ

**ବ୍ରହ୍ମବରଦା, ୮।୬(ସମିସ):** ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ସାହାପଡ଼ା ଗ୍ରାମରେ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ଓଁକାର, ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସକାଳ ୬ଟାରେ ବେଦପାଠ, ସାଇ ପ୍ରେମବାହିନୀ, ଜ୍ଞାନଯଜ୍ଞ, ଭଜନ ଓ ଧର୍ମୀୟ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପରେ ଜ୍ୟୋତି ଆବାହନ, ବେଦପାଠ, ପ୍ରଶାନ୍ତି ପତାକା ପୂଜନ ଓ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଦୁର୍ଯ୍ୟୋଧନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅଜିତ କୁମାର ବାରିକ, ମନୋଜ କୁମାର ସାମଲ, ମମତା ସାମଲ, ସାରଦା ପ୍ରସାଦ ମହାନ୍ତି ଓ ଦୁର୍ଗାଚରଣ ଅମାତ ଅତିଥି ଭାବେ ଯୋଗଦେଇ ଶ୍ରୀସତ୍ୟସାଇ ବାବାଙ୍କ ପ୍ରେମ, ସତ୍ୟ, ଧର୍ମ, ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶ୍ରୀ ସତ୍ୟସାଇଙ୍କ ନବବିଧ ଆଚରଣ ଓ ମାନବ ସେବାର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଅପରାହ୍ନରେ 'ଶ୍ରୀସତ୍ୟସାଇ ଦିବ୍ୟ କଥା' ଭିତ୍ତିକ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରୁଣେଶ୍ୱର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ



**ବିଞ୍ଝାରପୁର, ୮।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମ ପଞ୍ଚାୟତସ୍ଥିତ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ନୂତନ ପ୍ରଧାନ ଶିକ୍ଷକ ଭାବେ ଅନାଦି ଚରଣ ଯେନା ଯୋଗଦାନ କରିଛନ୍ତି। ଏହି ଅବସରରେ ଅରେଇ, ଘଣ୍ଟିଆଳି, ଚିକଣା ଓ ଗୁହାଳି ପଞ୍ଚାୟତର ବହୁ ଗ୍ରାମବାସୀ ବିଦ୍ୟାଳୟରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ' ୨୯ ତାରିଖରେ ଅନାଦି ଚରଣ ଯେନା ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିବାକୁ ଆସିଥିବା ବେଳେ କେତେକ ଗ୍ରାମବାସୀ ତାଙ୍କ ଯୋଗଦାନକୁ ବିରୋଧ କରିଥିଲେ। ଫଳରେ ସେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିପାରିନଥିଲେ ଏବଂ ବାଧ୍ୟ ହୋଇ ଫେରିଯାଇଥିଲେ। ତେବେ କିଛି ଦିନର ବ୍ୟବଧାନ ପରେ ବିଦ୍ୟାଳୟର ଶିକ୍ଷାଗତ ଉନ୍ନତି ଏବଂ ସୁପରିଚାଳନାକୁ ଦୃଷ୍ଟିରେ ରଖି ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏକତ୍ରିତ ହୋଇଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଫଳାଫଳ ଆଶାନୁରୂପ ନ ହେବା ସହିତ ଦୀର୍ଘଦିନ ଧରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଥିବାରୁ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କ ଆବଶ୍ୟକତା ଅନୁଭବ କରାଯାଇଥିଲା। ଏହାପରେ ଅଞ୍ଚଳବାସୀ ନୂତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଯେନାଙ୍କୁ ସ୍ୱାଗତ ଜଣାଇ ବିଦ୍ୟାଳୟରେ ଯୋଗଦାନ କରାଇଥିଲେ। ନୂତନ ପ୍ରଧାନ ଶିକ୍ଷକ କହିଛନ୍ତି ଯେ, ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷାର ମାନ ବୃଦ୍ଧି, ଶୃଙ୍ଖଳା ରକ୍ଷା ଓ ସର୍ବାଙ୍ଗୀଣ ବିକାଶ ପାଇଁ ସେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

## ବିରଜା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ସମ୍ମାନ



**ଯାଜପୁର, ୮।୬(ସମିସ):** ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯାଜପୁରର ପୁରାତନ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍‌ର ଦାୟିତ୍ୱପ୍ରାପ୍ତ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଅମୀୟ କୁମାର ସ୍ୱାଇଁଙ୍କ ଦୀର୍ଘଦିନର ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କୁ ମାନପତ୍ର ସହିତ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ମଲ୍ଲିକ କହିଥିଲେ ଯେ, ଏହି ପୁରସ୍କାର ରାଶିକୁ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ସୁନ୍ଦର କରିବା ଦିଗରେ ବିନିଯୋଗ କରାଯିବ।

### ରାସ୍ତା ପ୍ରଶସ୍ତୀକରଣ କାମରେ ଅବହେଳା

## ଖୋଲାପଡ଼ିଛି ରାସ୍ତା ପାର୍ଶ୍ୱ, ବଢୁଛି ଦୁର୍ଘଟଣା



**ଧର୍ମଶାଳା, ୮।୬(ସମିସ):** ଧର୍ମଶାଳା ବ୍ଲକ କାଏମା ଠାରୁ ରମାପୁର ସଂଯୋଗ କରୁଥିବା କେଲୁଅ ନଦୀ ବନ୍ଧର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବା ବେଳେ ରାସ୍ତାର ଗୋଟିଏ ପାର୍ଶ୍ୱ ଖୋଲା ଅବସ୍ଥାରେ ପଡ଼ି ରହିଛି। ନିର୍ମାଣ ସ୍ଥଳରେ କୌଣସି ସତର୍କତା ସୂଚନା ବୋର୍ଡ, ବ୍ୟାରିକେଡ୍ କିମ୍ବା ରିଫ୍ଲେକ୍ଟର ବ୍ୟବସ୍ଥା ଦେଖିବାକୁ ମିଳୁନାହିଁ। ଗୋକର୍ଣ୍ଣେଶ୍ୱରଠାରୁ ରମାପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ୬୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରଥମ ଦଫାରେ ୪୮ କୋଟି ଟଙ୍କାର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଠିକାଦାର ନଦୀ ବନ୍ଧର ପ୍ରଶସ୍ତୀକରଣ ପାଇଁ ବିଭିନ୍ନ ସ୍ଥାନରେ ବନ୍ଧ ଖୋଳିଦିଆଯାଇଛି। ହେଲେ ସେଠାରେ ବଡ଼ ବଡ଼ ଗର୍ତ୍ତମାନ ହୋଇଥିବା ବେଳେ ଠିକାଦର ପକ୍ଷରୁ ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ କୌଣସି ସଙ୍କେତ ନଲଗାଇବା ଯୋଗୁଁ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ବାଟୋଇମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବିଶେଷ ଭାବରେ ରାତି ସମୟରେ ବାଇକ୍ ଆରୋହୀ ମାନେ ବିପଦ ସମ୍ମୁଖୀନ ହେଉଛନ୍ତି। ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାତ୍ରି ସମୟରେ ଏହି ଖୋଲା ଅଂଶ ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ରହିଛି। ରାସ୍ତା ପ୍ରଶସ୍ତିକରଣ କାମ ନିୟମ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ କରାଯିବା ନିୟମ ଥିଲେ ମଧ୍ୟ ତାହାର ପାଳନ ହେଉନଥିବା ଦେଖାଯାଉଛି। ସ୍ଥାନୀୟ ବାସିନ୍ଦାମାନେ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବାକୁ ଦାବି କରିଛନ୍ତି।

## ଭତ୍ତା ବଣ୍ଟନ ସଭାସ୍ଥଳକୁ ଆସିଲେନି ବିଡିଓ



**ବିଞ୍ଝାରପୁର, ୮।୬(ସମିସ):** ବିଞ୍ଝାରପୁର ବ୍ଲକର ୨୭ଟି ପଞ୍ଚାୟତର ନୂତନ ଭାବେ ଚୟନ ହୋଇଥିବା ୨୬୭ ଜଣ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତ୍ତା ପ୍ରଦାନ କରାଯାଇଛି। କପିଳା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଗ୍ରାମ ମୁରବି ବାବାଜୀଚରଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରମିଳା ମଲ୍ଲିକ ଯୋଗଦେଇ ହିତାଧିକାରୀମାନଙ୍କ ହାତରେ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ସ୍ଥାନୀୟ ସରପଞ୍ଚ ଦେବଦତ୍ତ ସେଠୀ ଓ ସମିତିସଭ୍ୟା ଆରତୀ ମଲ୍ଲିକ ଉପସ୍ଥିତ ଥିଲେ। ତେବେ ଭତ୍ତା ବଣ୍ଟନ ଉତ୍ସବ ପାଇଁ ବିଞ୍ଝାରପୁର ବିଡିଓ ଛବିରାଣୀ ସାହୁ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାମାନଙ୍କୁ ଚିଠି ମାଧ୍ୟମରେ ଆମନ୍ତ୍ରଣ କରିଥିଲେ। କିନ୍ତୁ କାର୍ଯ୍ୟକ୍ରମ ଦିନ ସେ ନିଜେ ଅନୁପସ୍ଥିତ ରହିଥିବା ବେଳେ ବ୍ଲକ ସମାଜମଙ୍ଗଳ ଅଧିକାରୀ ମଧ୍ୟ ସଭାସ୍ଥଳରେ ଉପସ୍ଥିତ ନଥିଲେ। ଏହାକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରକାର ଆଲୋଚନା ଓ ଚର୍ଚ୍ଚା ଆରମ୍ଭ ହୋଇଛି।

## ଛତିଶଦେବିଲରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ



**ଯାଜପୁର, ୮।୬(ସମିସ):** ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତରେ ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ଆଜି ପୂରଣ ହୋଇଛି। ପଞ୍ଚାୟତକୁ ଗଡ଼ିଛି ମୁଖ୍ୟମନ୍ତ୍ରୀ ବସ୍। ଆଜି ସକାଳୁ ରଷିପୁର ଗ୍ରାମର ମା' ଧବଳାଇଙ୍କ ନିକଟରୁ ଏହି ବସ୍‌କୁ ପୂଜାର୍ଚ୍ଚନା କରି ନଡ଼ିଆ ପିଟି କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପରେ ବସ୍‌ଟି ଯାଜପୁର ଟାଉନକୁ ବାହାରି, ବରୁଆଛକ, ତାରିଣୀ ଛକ, ରଷିପୁର, ଦେବିଲ ଦେଇ ଏବେ ମହମ୍ମଦଜମାପୁର ଘାଟକୁଳ ପର୍ଯ୍ୟନ୍ତ ଆସୁଥିବା ବେଳେ ଆଗାମୀ ଦିନରେ ରାୟପୁର ପଡ଼ିଆ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ କୁଳମଣି ବିଶ୍ୱାଳ, ଗୋପାଳ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୁର୍ଣ୍ଣେନ୍ଦୁ ବିଶ୍ୱାଳ, ତ୍ରୈଲୋଚନ ବିଶ୍ୱାଳ, ପ୍ରେମାନନ୍ଦ ବିଶ୍ୱାଳ, ଦେବ ପ୍ରତିମ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ମାଧବା ନନ୍ଦ ବିଶ୍ୱାଳ, କାମଦେବ ବିଶ୍ୱାଳ, ବିଶ୍ୱଭୂଷଣ ଜେନା, ବାବନ ଚରଣ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ବିଶ୍ୱ ରଞ୍ଜନ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ସତ୍ୟାନନ୍ଦ ବିଶ୍ୱାଳ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ପରଲୋକ



**ବ୍ରହ୍ମବରଦା, ୮।୬(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ୯ ନମ୍ବର ୱାର୍ଡ ଦଳିତସାହିର ବାସିନ୍ଦା, ପୂର୍ବତନ ଜନପ୍ରତିନିଧି ତଥା ସମାଜସେବୀ ବିଜୟ କୁମାର ଦାସ (୫୪)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବ୍ରହ୍ମବରଦା ସମେତ ସମଗ୍ର ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଶ୍ରୀ ଦାସ ଖାଇସାରି ବିଶ୍ରାମ ନେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୩୬ ନମ୍ବର ଜୋନରୁ କଂଗ୍ରେସ ଦଳରୁ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ପରେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ମହେଶ୍ୱରପୁର ପଞ୍ଚାୟତର ସମିତିସଭ୍ୟ ଏବଂ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବ୍ରହ୍ମବରଦା ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ବିଜେପି ନେତା ଉମେଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ରାଜନୈତିକ, ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନର ବହୁ କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଆଜି ସକାଳେ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର ସମେତ ବିଭିନ୍ନ ପଞ୍ଚାୟତ ପରିକ୍ରମା କରାଯାଇଥିବା ବେଳେ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ ପଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ବିପ୍ଳବ ରୋଶନ ଦାସ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

**ବ୍ରହ୍ମବରଦା, ୮।୬(ସମିସ):** ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡିକୁଦ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଏବଂ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଆଜି ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଲେଙ୍କାଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅଶୋକ, କାମିନୀ, ବଉଳ ଓ ଝାଉଁ ଭଳି ବିଭିନ୍ନ ପୁଷ୍ପଜାତୀୟ ଓ ଶୋଭାବର୍ଦ୍ଧକ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଜିତେନ୍ଦ୍ର କୁମାର ଓଝା ଓ କ୍ରୀଡ଼ା ଶିକ୍ଷକ ବଳଭଦ୍ର ସାହୁ ସକ୍ରିୟ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ନିରଞ୍ଜନ ସାହୁ, ବଳରାମ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରମାକାନ୍ତ ଜେନା, ପ୍ରମୋଦ କୁମାର ସାହୁ, ଦିଲ୍ଲୀପ କୁମାର ଜେନା, ମୃତ୍ୟୁଞ୍ଜୟ ପତି, ରମେଶ ଚନ୍ଦ୍ର ଜେନା, ପ୍ରିୟନାଥ ରାଉତ, ନିରଞ୍ଜନ ଗନ୍ତାୟତ, ପ୍ରିୟବ୍ରତ ଗନ୍ତାୟତ ଏବଂ ରାଜେଶ କୁମାର ଜେନା ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ। ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା ସହ ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ



**ବଡ଼ଚଣା, ୮।୬(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ବିଶିଷ୍ଟ ଶିକ୍ଷକ ନେତା, ଶିକ୍ଷାବିତ୍ ଧନଞ୍ଜୟ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନାୟକ ନାୟକ (୮୩)ଙ୍କ ଆଜି ନିଜ ବାସଭବନରେ ପରଲୋକ ଘଟିଛି। ଦୀର୍ଘ ଦିନ ହେଲା ସେ ଅସୁସ୍ଥ ଥିଲେ। ନିଜର ୩୫ ବର୍ଷ ଶିକ୍ଷକତା ବୃତ୍ତିରେ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର, ଜିଲ୍ଲାପାଳଙ୍କ ଦ୍ୱାରା ପ୍ରକୃତିମିତ୍ର ପୁରସ୍କାର ଗ୍ରହଣ କରିବା ସହିତ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି, ବଡ଼ଚଣା ମହୋତ୍ସବ କମିଟିର ସଭାପତି ସହିତ ବଡ଼ଚଣା ଅଞ୍ଚଳର ବହୁ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ବଡଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଷଚନ୍ଦ୍ର ନନ୍ଦ, ହୋଲି ଜେଶସ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷା କାମିନୀ ନାୟକ, ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି, ଧାନମଣ୍ଡଳ ଗ୍ରାମପଞ୍ଚାୟତ ସରପଞ୍ଚ ନବଦ୍ୱୀପ ନାୟକ, ପ୍ରେସ୍ କ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ମହାନ୍ତି, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ସମରେନ୍ଦ୍ର ମାହାଲା, ଆଇନଜୀବୀ ଦେବରାଜ୍ ବେହେରା ସମେତ ତାଙ୍କର ବହୁ ଛାତ୍ରଛାତ୍ରୀ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ଜ୍ୟେଷ୍ଠ ପୁତ୍ର ଗୌରାଙ୍ଗ ନାୟକ ମୁଖାଗ୍ନି ଦେଇଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଯାଜପୁର, ୮।୬(ସମିସ)**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଆରକ୍ଷୀ ଅଧିକ୍ଷକ, ଯାଜପୁର ରୋଡ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହା ପରେ ଜିଲ୍ଲାପାଳ ଅମ୍ବର କୁମାର କର ବଡ଼ଚଣା ବ୍ଲକ ଗସ୍ତ କରି ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମାଳିଆ ପୋଖରୀ ଏବଂ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରିଥିଲେ। ପୋଖରୀ ମଧ୍ୟରେ ଅବସ୍ଥିତ ମନ୍ଦିରର ପୁନଃଉଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ସମଗ୍ର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ସମ୍ପର୍କରେ ସେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ପୋଖରୀ ଓ ମନ୍ଦିର ପରିସରକୁ ଏକ ଆକର୍ଷଣୀୟ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଗସ୍ତ ଅବସରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ତହସିଲଦାର, ଦର୍ପଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବହୁ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଚାଳକ ଆହତ

**ପାଣିକୋଇଲି, ୮।୬ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ଆଜି ପୂର୍ବାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଛନ୍ତି। ପ୍ରକାଶଯେ ଢେଙ୍କାନାଳ ଜିଲ୍ଲା ଭୁବନପୁର ପ୍ରତାପପୁର ଗ୍ରାମର କାର୍ତ୍ତିକେଶ୍ୱର ସାହୁଙ୍କ ପୁଅ ଅରୁଣ କୁମାର ସାହୁ ରେଳ ବିଭାଗରେ ଭଦ୍ରକ ଠାରେ କାର୍ଯ୍ୟରତ ଅଛନ୍ତି। ଆଜି ଏକ ବାଇକ୍ ଯୋଗେ ଭଦ୍ରକରୁ ଧାନମଣ୍ଡଳ ଷ୍ଟେସନ ଯାଉଥିବା ବେଳେ ପାଣିକୋଇଲି ଶର୍ମା ଟାଙ୍କି ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ଗୁରୁତର ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଇଛନ୍ତି।

## ମାଲକାନଗିରିରେ ବଢ଼ୁଛି ବାଲି ଚୋରା ଚାଲାଣ

# ଖଣି ବିଭାଗର ଚଢ଼ଉ; ବାଲି ବୋଝେଇ ଟ୍ରକ୍ ଜବତ



ମାଲକାନଗିରି, ୮।୬ (ସମିସ): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବାଲି ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଖଣି ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ ହୋଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚାଲାଣ ସମ୍ପର୍କରେ ଲଗାତାର ଅଭିଯୋଗ ଆସୁଥିବାରୁ ଖଣି ବିଭାଗ ସତର୍କ ହୋଇ ବିଶେଷ ଯାଞ୍ଚ ଅଭିଯାନ ଆରମ୍ଭ କରିଛି । ଏହି କ୍ରମରେ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚମ୍ପାଖାରି ଚେକପୋଷ୍ଟ ଠାରେ ଚାଲିଥିବା ଯାଞ୍ଚ ବେଳେ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରକକୁ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଜିଲ୍ଲାର ମାଥିଲି ଅଞ୍ଚଳରେ ଦୀର୍ଘ ଦିନ ଧରି ବାଲି ଚୋରା ଚାଲାଣ ଚାଲିଥିବା ନେଇ ସ୍ଥାନୀୟ ଲୋକେ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲା । ନଦୀ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ରାତି ଅଧିଆରେ ଅନ୍ୟ ଅଞ୍ଚଳକୁ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ବଢ଼ିବା ପରେ ଖଣି ବିଭାଗ ପକ୍ଷରୁ ତନାଘନା ଆରମ୍ଭ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଚମ୍ପାଖାରି ଚେକପୋଷ୍ଟ ଠାରେ ବିଭାଗୀୟ ଅଧିକାରୀମାନେ ଯାନବାହନ ଯାଞ୍ଚ କରୁଥିବା ବେଳେ ସନ୍ଦେହଜନକ ଭାବେ ବାଲି ବୋଝେଇ ହୋଇ ଆସୁଥିବା ଦୁଇଟି ଟ୍ରକକୁ ଅଟକାଇଥିଲେ । ଯାଞ୍ଚ ବେଳେ ଗାଡ଼ି ଚାଳକଙ୍କ ନିକଟରେ ବାଲି ପରିବହନ ପାଇଁ ଆବଶ୍ୟକ ବୈଧ ଅନୁମତି ପତ୍ର କିମ୍ବା ଚାଲାଣ ସମ୍ପର୍କିତ କୌଣସି ଦସ୍ତାବିଜ ନଥିବା ଜଣାପଡ଼ିଥିଲା । ଫଳରେ ଖଣି ଆଇନ ଅନୁଯାୟୀ ଉଭୟ ଗାଡ଼ିକୁ ଜବତ କରାଯାଇଥିଲା । ସ୍ଥାନୀୟ ସୂତ୍ରରୁ ପ୍ରକାଶ ଯେ, ରାତି ସମୟରେ ଚୋରା ଚାଲାଣକାରୀମାନେ ନଦୀ ଘାଟରୁ ବାଲି ଉଠାଇ ବିଭିନ୍ନ ସ୍ଥାନକୁ ପଠାଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହିତ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି । ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀ ତଟବର୍ତ୍ତୀ ଅଞ୍ଚଳରେ କ୍ଷୟକ୍ଷତି ବଢୁଥିବା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଉଛି । ଖଣି ବିଭାଗର ଅଧିକାରୀମାନେ କହିଛନ୍ତି ଯେ, ବାଲି ଚୋରା ଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ଆହୁରି କଡ଼ା ଯାଞ୍ଚ ଓ ଚଢ଼ାଉ କରାଯିବ । ଜବତ ହୋଇଥିବା ଦୁଇଟି ଟ୍ରକ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ପ୍ରକ୍ରିୟା ଜାରି ରହିଛି । ଏହା ସହିତ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ କରୁଥିବା ବ୍ୟକ୍ତି ଏବଂ ଗୋଷ୍ଠୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ସତର୍କ କରିଛି ।

## ● ଗୁଣପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ୨୦ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ରାୟଗଡ/ଗୁଣପୁର,୮।୬(ସମିସ): ରାୟଗଡ଼ ଜିଲ୍ଲା ଗୁଣପୁର ଠାରେ ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରାସାଦ, ଡିଏଫଓ ସଚିନ୍ ଆନ୍ନା ସାହେବ ଓହୋଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ୍ ଅଭିଷେକ ଦିଲୀପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ । ଆଜି ୨୦ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ । ସେଥିରୁ ବ୍ୟକ୍ତିଗତ ୫ ଟି ଏବଂ ୧୫ ଟି ସାମୁହିକ ଅଭିଯୋଗ ଦରଖାସ୍ତ ପଞ୍ଜୀକୃତ ହୋଇଥିଲା । ସେଥି ମଧ୍ୟରୁ ଜଣଙ୍କୁ ରେଡ୍‌କ୍ରସ ପାଣ୍ଠି ତରଫରୁ ଚିକିତ୍ସା ପାଇଁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ ଜିଲ୍ଲାପାଳ । ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାର ବାବୁଲି ନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଜୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଧନଞ୍ଜୟ ବେହେରା, ଏସଓ ପ୍ରଦୀପ୍ତ କୁମାର ଦଳାଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣିରେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଜସ୍ମିନ୍ ଭୂୟାଁ, ଅଜୟ ଶବର, ବିନୋଦ କୁମାର ଶବର, ତପନ ରଥ ଏବଂ ମାଧବ ସାହୁ ସହଯୋଗ କରିଥିଲେ ।




## ● ରଥର ଉଚ୍ଚତା ଓ ଓସାର ବୃଦ୍ଧି

# ଏଥର ନୂଆ ରଥରେ ବସିବେ ଚତୁର୍ଦ୍ଧାମୂର୍ତ୍ତି



ଜୟପୁର, ୮।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ଠାରେ ରାଜାରାଜୁଡା ସମୟରୁ ରଥଯାତ୍ରା ପାଳନ କରାଯାଉଛି । ଏହିପରି ପରମ୍ପରା ଅନୁଯାୟୀ ବଡ ରଥରେ ତିନି ଠାକୁର ଏବଂ ସାନ ରଥରେ ପତିତପାବନଙ୍କ ମୂର୍ତ୍ତି ବିରାଜମାନ ହୋଇ ଗୁଣ୍ଡିଚା ଓ ବାହୁଡା ଯାତ୍ରାରେ ଯୋଗ ଦେଇଥାଆନ୍ତି । ଏହିପରି ଚଳିତବର୍ଷ ରାମଗିରି ଜଙ୍ଗଲରୁ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ୩୪ଟି ବଡ ଶାଳ ଗଛକୁ କଟାଯାଇ ନୂତନ କାଠରେ ରଥ ନିର୍ମାଣ କାର୍ଯ୍ୟ ଗତ ମାସ ଠାରୁ ଆରମ୍ଭ ହୋଇଯାଇଛି । ବର୍ତ୍ତମାନ ନୂତନ ରଥର ଉଚ୍ଚତାକୁ ବୃଦ୍ଧି କରାଯାଇ ୪୨ ଫୁଟ ଏବଂ ଓସାର ୨୮ ଫୁଟ କରାଯାଇଛି । ପୂର୍ବରୁ ଉଚ୍ଚତା ୩୮ ଏବଂ ଓସାର ୨୪ ଫୁଟ ରହିଥିଲା । ସେହିପରି ପୁରୀ ରଥ ଭଳି ୮ଟି ଚକା, ୪ ଟି ଅଖ, ୪ଟା ନାଇକା ଖୁଣ୍ଟ ଏବଂ ରଥର ନିର୍ମାଣ କରାଯିବ ବୋଲି ମୁଖ୍ୟ ରଥ ନିର୍ମାଣ ମହାରଣା ସନ୍ତୋଷ ମହାରଣା ପ୍ରକାଶ କରିଛନ୍ତି । ଏହିପରି ସମୁଦାୟ ୧୫ ଜଣ ମହାରଣା ରଥର ଚକ, ଖୁଣ୍ଟ ପ୍ରଭୃତି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନିର୍ମାଣ ହେଉଥିବା ବେଳେ, ରଥର ୪ଟି ମୁଖ୍ୟ ଅଖ ରଥପଡିଆ ଛକରେ ନିର୍ମାଣ କରାଯିବ । ସୂଚନା ଯୋଗ୍ୟ, ଗତ ୨୦୨୪ ମସିହାରେ ଜୟପୁର ରାଜାରାଜୁଡା ସମୟର ରଥ ନିର୍ମାଣ ଅନଯାୟୀ ନୂତନ ରଥ ନିର୍ମାଣ କରାଯାଇଥିଲା । କିନ୍ତୁ ବୈଷୟିକ ତୃଟି ଯୋଗୁଁ ଗତ ଦୁଇବର୍ଷ ରଥ ଗୋଟିଏ ପାଶ୍ୱର୍ରେ ପାଖେଇ ଯାଇ ବିଦ୍ୟୁତ ଖୁଣ୍ଟ ଏବଂ ଟାଣିବାରେ ସମସ୍ୟା ସୃଷ୍ଟି ହେଉଥିଲା । ଫଳରେ ଜୟପୁର ସହରର ପରମ୍ପରା ଅନୁଯାୟୀ ସୂର୍ଯ୍ୟ ଅସ୍ତ ପରେ ରଥଟଣା ଯାଇନଥାଏ । କିନ୍ତୁ ଗତ ଦୁଇବର୍ଷ ଏହି ପରମ୍ପରାକୁ ଭଙ୍ଗ କରାଯାଇ ରାତି ୮ ପର୍ଯ୍ୟନ୍ତ ରଥ ଟଣା ଜାରି ରହୁଥିଲା । ଏଥିନେଇ ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

# କୋରୁକୋଣ୍ଡାରେ ମିଳିତ ଜନ ଅଭିଯୋଗ ଶୁଣାଣି



## ୭୦ଟି ସମସ୍ୟାର ତୁରନ୍ତ ସମୀକ୍ଷା

ମାଲକାନଗିରି/କୋରୁକୋଣ୍ଡା, ୮।୬(ସମିସ): ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ କୋରୁକୋଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣୀ କରିଥିଲେ । କୋରୁକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ପ୍ରୀତମ ଦେବତା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ୱତନ୍ତ୍ର ସମାଧାନ ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସହାୟତା, ଜମିଜମା ବିବାଦ, ରାସନ କାର୍ଡ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୋଟ ୭୦ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଭତ୍ତା, ବାସଗୃହ ଓ ଚିକିତ୍ସା ସହାୟତା ସମ୍ପର୍କିତ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମର ରାସ୍ତାଘାଟ, ବିଜୁଳି ଓ ସାମୂହିକ ବିକାଶକୁ ନେଇ ଆଉ ୩୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଆବେଦନ ଆସିଥିଲା । ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମାମଲାର ସ୍ଥଳଭାଗରେ ତୁରନ୍ତ ଫଇସଲା କରାଯିବା ସହ ବାକି ସମସ୍ୟା ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସର୍ବଦା ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ । ପ୍ରତିଟି ଅଭିଯୋଗର ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ତଥା ସମୟସୀମା ମଧ୍ୟରେ ପ୍ରତିକାର କରିବା ପ୍ରଶାସନର ମୂଳ ଲକ୍ଷ୍ୟ, ଯେପରି କୌଣସି ବି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ନାହିଁ । ଜନସାଧାରଣ ନିଜ ସମସ୍ୟା ବିଷୟରେ ବିନା ଦ୍ୱିଧାରେ ପ୍ରଶାସନକୁ ଜଣାନ୍ତୁ, ପ୍ରଶାସନ ପ୍ରତିଟି ସ୍ତରରେ ଜନସାଧାରଣଙ୍କ ସହ ରହିଛି । ପ୍ରଶାସନିକ ଅଧିକାରୀମାନେ ନିଜେ ଲୋକଙ୍କ ପାଖକୁ ଆସି ସମସ୍ୟା ବୁଝୁଥିବାରୁ କୋରୁକୋଣ୍ଡା ଅଞ୍ଚଳବାସୀ ଏହି ମିଳିତ ଅଭିଯୋଗ ପ୍ରତିକାର ଶିବିରକୁ ବେଶ୍ ଉଚ୍ଚ ପ୍ରଶଂସା କରିଛନ୍ତି ।

# ତେନ୍ତୁଲିଖୁଣ୍ଟିରେ ଜନ ଅଭିଯୋଗ ଶୁଣାଣି ଶିବିର



ତେନ୍ତୁଲିଖୁଣ୍ଟି, ୮।୬ (ସମିସ): ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ମୋଟ ୨୨ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୪ଟି ଗ୍ରାମ୍ୟ ଓ ସାମୂହିକ ସମସ୍ୟା ଆବେଦନ ଥିଲା । ତେନ୍ତୁଳିଖୁଣ୍ଟିରେ ବେଆଇନ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ମହିଳା ମାନେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କ ସହ ବ୍ଲକ୍‌ର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ରାୟଗଡ,୮।୬(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କାର୍ଲାକଣା ଉଚ୍ଚ ବିଦ୍ୟାଳୟରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଂଜୁଲା ମିଣିଆକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ ଜିଲ୍ଲାର ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ରାୟଗଡ ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି, କାର୍ଲାକଣା ଗ୍ରାମ ପଞ୍ଚାୟତ ସରପଞ୍ଚ ନିଳାମ୍ବର ବିଡିକା, ସମିତି ସଭ୍ୟା ବନ୍ଦନା ଅଟକା ଓ ରାୟଗଡ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଛବିଲାଲ ସିଂ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବି.ସାରଳା, ସିନିୟର ଟିସି ସଂଜୀବ ପାଢୀ, ସୁନିଲ ମହାନ୍ତି, ବୁଲ ସାବତ, ଗୋବର୍ଦ୍ଧନ ତାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ରାୟଗଡ ବ୍ଲକ୍‌ର ମାଟିକଣା ଉଚ୍ଚ ବିଦ୍ୟାଳୟ ଓ ଗୁମ୍ମା ସରକାରୀ ଉନ୍ନତୀ ଉଚ୍ଚ ବିଦ୍ୟାଳୟରେ ମଧ ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏସଏମସି କମିଟି ସମସ୍ତ ସଭ୍ୟସଭ୍ୟା, ପିଏସଏସର ସମସ୍ତ ସଭ୍ୟ, କାର୍ଲାକଣା ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଜେକେ କାଗଜକଳର ଲୋକ ସମ୍ପର୍କ ବିଭାଗ କର୍ତ୍ତୃପକ୍ଷ ହରିହର ଖମାରୀ ଉପସ୍ଥିତ ଥିଲେ ।



## ଏମ୍‌ଓୟୁର ସର୍ତ୍ତ ଓ ନିୟମ ମାନୁନି ଜେକେ ପେପର ମିଲ୍

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଦାବିପତ୍ର



## ଅଟିକିଛି ବଡ଼ ଓ ସାନ ଚାନ୍ଦିଲି ପାଶ୍ୱର୍ବର୍ତ୍ତୀ ଗ୍ରାମର ବିକାଶ

ରାୟଗଡ,୮।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ଚାନ୍ଦିଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜେକେପୁର ଠାରେ ଅବସ୍ଥିତ ଜେକେ ପେପର ମିଲ କମ୍ପାନୀ ବିରୁଦ୍ଧରେ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପାଶ୍ୱର୍ବର୍ତ୍ତୀ ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଛନ୍ତି । ଜେକେ ପେପର ମିଲ ଏବଂ ଏହାର ପାଶ୍ୱର୍ବର୍ତ୍ତୀ ଗ୍ରାମମାନଙ୍କ ମଧ୍ୟରେ ସମଗ୍ର ବିକାଶ ପାଇଁ ସ୍ୱାକ୍ଷରିତ ଏମଓୟୁର ସର୍ତ୍ତ ଓ ନିୟମ ମାନିବାରେ କମ୍ପାନୀର ବିଫଳତା ସମ୍ବନ୍ଧରେ ଦାବିପତ୍ରରେ ଉଲ୍ଲେଖ କରାଯିବା ସହ ଗତ ୨୫।୯।୨୦୧୭ ଏବଂ ୨୯।୧୧।୨୦୨୧ରେ ହୋଇଥିବା ପ୍ରଶାସନିକ ଆଦେଶ ଓ କାର୍ଯ୍ୟବିଧି ପାଳନ ନ କରିବା ସମ୍ବନ୍ଧରେ ଅଭିଯୋଗ ଏବଂ ପାଶ୍ୱର୍ବର୍ତ୍ତୀ ଗ୍ରାମବାସୀଙ୍କ ପ୍ରତି ଜେକେ ପେପର ମିଲ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ବିରୋଧରେ ଉଲ୍ଲେଖ କରାଯାଇଛି । ଜେକେ ପେପର ମିଲ କମ୍ପାନୀ ନିକଟରେ ବଡ ଓ ସାନ ଚାନ୍ଦିଲି ଗ୍ରାମ ଅବସ୍ଥିତ । ଏହି ଦୁଇ ଗ୍ରାମରେ ଅନୁସୂଚିତ ଜାତି ଓ ଜନଜାତି ସମୁଦାୟର ଲୋକେ ବସବାସ କରି ଆସୁଛନ୍ତି । ଜେକେ ପେପର ମିଲ ସ୍ଥାପନ ପାଇଁ କମ୍ପାନୀ ପ୍ରଭାବିତ ଲୋକଙ୍କ ଶାନ୍ତିପୂର୍ଣ୍ଣ ଅଧିକାରରୁ ଚାଷଯୋଗ୍ୟ ଜମି ଅଧିଗ୍ରହଣ କରିଥିଲା । ଜମି ଅଧିଗ୍ରହଣ କରିବା ପରେ ଜେକେ ପେପର ମିଲ କମ୍ପାନୀ ଜମି ହରାଇଥିବା ଲୋକମାନଙ୍କୁ ସଂପୂର୍ଣ୍ଣ ଭାବେ ଅବହେଳା କରି ଆସୁଥିବା ଅଭିଯୋଗ ହୋଇଛି । ଲୋକମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଅନେକ ଥର ଦାବି ଉଠାଇଛନ୍ତି କିନ୍ତୁ ସବୁ ବ୍ୟର୍ଥ ହୋଇଛି ବୋଲି କୁହାଯାଇଛି । କମ୍ପାନୀ ଜାଣିଶୁଣି ପାଶ୍ୱର୍ବର୍ତ୍ତୀ ଗ୍ରାମଗୁଡିକରେ ଉନ୍ନତି କାର୍ଯ୍ୟକୁ ଅବହେଳା କରୁଛି ବୋଲି ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକେ କେବଳ କମ୍ପାନୀ ନୁହେଁ ବରଂ ପ୍ରଶାସନ ଓ ସରକାରଙ୍କ ଠାରେ ମଧ୍ୟ ଅନେକ ଥର ଦାବି କରିଛନ୍ତି । କିନ୍ତୁ ଗ୍ରାମବାସୀଙ୍କ ମୌଳିକ ଦାବିକୁ କେହି ଶୁଣୁ ନ ଥିବା କୁହାଯାଇଛି । ଗ୍ରାମବାସୀ କମ୍ପାନୀର ବୈମାତୃକ ମନୋଭାବ ଓ ଠକାମୀର ଶୀକାର ହେଉଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି । ଜମିହରା ଲୋକେ ଆଜି ଯାଏଁ ମଧ୍ୟ ଯଥୋଚିତ କ୍ଷତି ପୂରଣ ପାଇ ନ ଥିବା ଦର୍ଶାଯାଇଛି । ଶିକ୍ଷିତ ଲୋକଙ୍କୁ ଚାକିରି ଦିଆଯାଉନାହିଁ । ସେମାନଙ୍କ ପାଇଁ କୌଣସି ଉନ୍ନତିମୂଳକ କାମ କରାଯାଉ ନ ଥିବା, ହସ୍ପିଟାଲ ଓ ଆମ୍ବୁଲାନ୍ସ ସେବା ଉପଲବ୍ଧ ନ କରାଇବା, ଆବଶ୍ୟକ ସମୟରେ କୌଣସି ଚିକିତ୍ସା ଶିବିର ନ କରାଇବା, ଆଇଟିଆଇ ଓ ଇଂଜିନିୟରିଂ ପାସ କରିଥିବା ଦକ୍ଷ ଯୁବକଯୁବତୀମାନଙ୍କୁ ଚାକିରି ଦେବା ପରିବର୍ତ୍ତେ କମ୍ପାନୀ ବାହାର ଲୋକଙ୍କୁ ପ୍ରାଥମିକତା ଦେଉଛି ବୋଲି ଅଭିଯୋଗ ହୋଇଛି । ସେହିପରି ଉଚ୍ଚ ଶିକ୍ଷା ଓ ପ୍ରାୟୋଗିକ ଶିକ୍ଷା ପାଇଁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଉ ନ ଥିବା ବେଳେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ କୌଣସି ସହଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଛି । କମ୍ପାନୀ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ୱଚ୍ଛ ପରିବେଶ ଦେବାକୁ ଆଶ୍ୱାସନା ଦେଇଥିଲା । କିନ୍ତୁ ସେଭଳି କିଛି କାମ କରାଯାଇ ନ ଥିବା ବେଳେ ଗ୍ରାମରେ କ୍ଲଷ୍ଟର ଶୌଚାଳୟ ନିର୍ମାଣ ହୋଇ ନ ଥିବା ଏବଂ ସବୁଜୀକରଣ ପାଇଁ ଗଛ ଲଗାଣ କାମ ମଧ୍ୟ କରାଯାଉ ନାହିଁ । କମ୍ପାନୀ ସ୍ଥାନୀୟ ନଦୀନାଳଗୁଡିକୁ ସଂପୂର୍ଣ୍ଣ ଦୂଷିତ କରି ଦେଇଥିବାରୁ ସ୍ଥାନୀୟ ଲୋକେ ପିଇବା ପାଇଁ ପାଣି ଓ ଚାଷ କାମ ପାଇଁ ପାଣି ପାଇ ପାରୁ ନ ଥିବା ଏବଂ କମ୍ପାନୀ ତରଫରୁ ଗୋଟିଏ ହେଲେ କମ୍ୟୁନିଟି ହଲ ମଧ୍ୟ ନିର୍ମାଣ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି । ସେହିପରି କମ୍ପାନୀ ପ୍ରତ୍ୟେକ ପରିବାରର ଗୋଟିଏ ସଦସ୍ୟଙ୍କୁ ଚାକିରି ଦେବାକୁ ଆଶ୍ୱସନା ଦେଇଥିଲା । କିନ୍ତୁ ସେହି ଆଶ୍ୱସନା ମଧ୍ୟ କାଗଜରେ ହିଁ ରହିଗଲା । କମ୍ପାନୀ ତିଆରି କରିଥିବା ଓଭରହେଡ୍ ପାଣି ଟ୍ୟାଙ୍କର ପାଣି ପାଇପ ଲିକ ହେଉଥିବା, ଶିଶୁଙ୍କ ପାଇଁ କୌଣସି ପାର୍କ ତିଆରି ନ କରିବା, ହନୁମାନ ମୂର୍ତି ଓ ବିର୍ସା ମୁଣ୍ଡାଙ୍କ ପ୍ରତିମା ଆଜି ପର୍ଯ୍ୟନ୍ତ ତିଆରି ନ କରିବା, କମ୍ପାନୀ ଗ୍ରାମର ସମସ୍ୟାକୁ ନେଇ ମାସିକ ବୈଠକ ନ କରିବା ଏବଂ ଚାକିରି ନ ଦେବାରୁ ସ୍ଥାନୀୟ ଲୋକେ ବାହାରକୁ ଦାଦନ ଖଟିବାକୁ ଚାଲି ଯାଉଥିବା ଏବଂ କମ୍ପାନୀ ଯୋଗୁଁ ଧୂଳି ଓ ଜଳ ପ୍ରଦୂଷଣ ବହୁ ମାତ୍ରାରେ ହେଉଥିବା ବେଳେ କୋଇଲା ଓ କାଠ ଧୂଳି ଯୋଗୁଁ ଚର୍ମ ଓ ଅନ୍ୟାନ୍ୟ ରୋଗରେ ଗ୍ରାମବାସୀ ପୀଡିତ ହେଉଥିବା ଅଭିଯୋଗ ହୋଇଛି । ସେହିପରି କମ୍ପାନୀରୁ ନିର୍ଗତ ରାସାୟନିକ ପଦାର୍ଥ ନଦୀରେ ମିଶି ଜଳକୁ ଦୂଷିତ କରିବାରୁ ଚାଷୀମାନେ ବହୁତ କ୍ଷତି ସହୁଥିବା ବେଳେ ଚାଷ କାମ ପାଇଁ ଶୁଦ୍ଧ ନଦୀ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବା ଅଭିଯୋଗ ହୋଇଛି । ୨୦୧୧ ମସିହାରେ ଗ୍ରାମବାସୀଙ୍କ ଆନ୍ଦୋଳନ ପରେ ଜେକେ ପେପର ମିଲ କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷର ହୋଇଥିଲା । କିନ୍ତୁ ତାହା ପାଳନ କରୁନି କମ୍ପାନୀ । ଗତ ୨୦୧୭ ସେପ୍ଟେମ୍ବର ୯ ତାରିଖ ଓ ୨୦୨୧ ନଭେମ୍ବର ୨୯ ତାରିଖରେ କମ୍ପାନୀ, ଗ୍ରାମବାସୀ ଓ ପ୍ରଶାସନର ତ୍ରିପାକ୍ଷିକ ବୈଠକରେ ବହୁ ଦାବି ଉପରେ ଆଲୋଚନା ହେବା ପରେ ଦାବି ପୂରଣ ପାଇଁ ପ୍ରଶାସନର ନିର୍ଦ୍ଦେଶ ହୋଇଥିଲା କିନ୍ତୁ କମ୍ପାନୀ ତାହାକୁ ଅବହେଳା କରି ଆସିଛି ବୋଲି ଉଲ୍ଲେଖ ହୋଇଛି । ତେଣୁ ପୁଣିଥରେ କମ୍ପାନୀର ଏଭଳି ମନୋଭାବ ବିରୋଧରେ ଲିଖିତ ଅଭିଯୋଗ କରାଯିବା ସହ ନୂତନ ଗ୍ରାମ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେବା ଏବଂ ଏମ୍‌ଓୟୁ ୨୦୧୧ ଅନୁଯାୟୀ ସମ୍ବନ୍ଧିତ ବିଷୟର ସମାଧାନ ପାଇଁ ଜେକେ ପେପର ମିଲ କମ୍ପାନୀ ପରିଚାଳନାକ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି । ଏହି ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇ ଥିଲା । ଗ୍ରାମର ବସନ୍ତ କୁମାର ପେଦେଂଟି, ସଦାନନ୍ଦ ପେଦେଂଟି, ସୁନୀଲ ପେଦେଂଟି, ଟିକେଶ୍ୱର ପେଦେଂଟି, ବିଜୁ ପେଦେଂଟି, ମୁନା କାଡ୍ରକା, ଶଙ୍କର କୃଷିକା, ମୋହନ ପେଦେଂଟି, ବାରିକା ପୁଲାକା, ଲିଙ୍ଗାରାଜୁ ପେଦେଂଟିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

# ନାଗାବଳୀ ଲାୟନ୍ସ କ୍ଲବର ଚାରାରୋପଣ କାର୍ଯ୍ୟକ୍ରମ




ରାୟଗଡ,୮।୬(ସମିସ): ଆଜି ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ନାଗାବଳୀ ଲାୟନ୍ସ କ୍ଲବ ଦ୍ୱାରା ମହିଳା ମହାବିଦ୍ୟାଳୟ ରାୟଗଡ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଗାବଳୀ ଲାୟନ୍ସ କ୍ଲବ ରାୟଗଡର ଚାର୍ଟର୍ଡ଼ ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତି ଉକ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ନାଗାବଳୀ ଲାୟନ୍ସ କ୍ଲବ ରାୟଗଡର ସମସ୍ତ ଲାୟନ୍ସ ସଦସ୍ୟମାନେ ସହଯୋଗ କରିଥିବା ବେଳେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଲାୟନ୍ସ ଡ. ଅର୍ଚ୍ଚନା ପଟ୍ଟନାୟକ ସମସ୍ତଙ୍କୁ ଆପ୍ୟାୟତ କରିବା ସହ ସହଯୋଗ କରିଥିଲେ । ନାଗାବଳୀ ଲାୟନ୍ସ କ୍ଲବର ଏଭଳି କାର୍ଯ୍ୟକ୍ରମକୁ ରାୟଗଡବାସୀ ଭୂୟସୀ ପ୍ରଶଂସା କରିଛନ୍ତି ।



## ଭୁବନେଶ୍ୱର + କଟକ

# ସାଧାରଣ ସଡ଼କ ହେଲାଣି ରେସିଂ ଟ୍ରାକ୍

## ପରିବହନ ଅଧିକାରୀଙ୍କୁ ଗହନ ନିଦ; ଅନ୍ଧପୁଟୁଳି ବାନ୍ଧିଛନ୍ତି ଟ୍ରାଫିକ୍ ଅଧିକାରୀ

ଭୁବନେଶ୍ୱର ୮।୬(ସମିସ)

ଓଡ଼ିଶାରେ ସଡ଼କ ଅବସ୍ଥା ଯାହା, ସେଥିରେ ସାଧାରଣ ଗାଡ଼ିମୋଟର ଚଳାଇବା କଷ୍ଟ। ମାତ୍ର ନିୟମ ଭାଙ୍ଗି ରାସ୍ତାରେ ପବନ ଗତିରେ ଗଡୁଥିବା ଦାମୀ ରେସିଂ ଓ ସ୍ପୋର୍ଟସ କାର ମାଲିକଙ୍କ ପାଇଁ ଟ୍ରାଫିକ୍ ପୁଲିସ ଓ ପରିବହନ ବିଭାଗର କୌଣସି ନିୟମ କାଟୁ କରୁନାହିଁ। ଦାମୀ ସ୍ପୋର୍ଟ୍ସ କାର ଧରି ବେପରୁଆ ଭାବରେ କାର୍ ରେସ୍ କରୁଥିବା ଚାଳକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଜାତୀୟ ରାଜପଥରେ କାର ଚାଳକଙ୍କ ସର୍ବାଧିକ ଘଣ୍ଟା ପ୍ରତି ଗତି ୮୦କି.ମି। ଗତି ଟିକିଏ ବଢ଼ିଲେ ଗାଡ଼ି ଚାଳକଙ୍କ ମୋବାଇଲ୍‌କୁ ଚାଲାଣ ଆସିଯାଉଛି। ମାତ୍ର ୧୨୦ରୁ ୧୫୦କିଲୋମିଟର ଗତିରେ ବିକଟାଳ ଶବ୍ଦରେ ଲୋକଙ୍କୁ ଆତଙ୍କିତ କରି ଯାଉଥିବା ସ୍ପୋର୍ଟସ ବା ରେସିଂ ଗାଡ଼ି ଗାଡ଼ିକୁ ସବୁ ମାଫ୍। ଦାମୀ ଗାଡ଼ି ଚଳାଉଥିବା ଲୋକମାନଙ୍କୁ ଧରିବାକୁ ଟ୍ରାଫିକ୍ ଓ ପରିବହନ ବିଭାଗର ଜ୍ଞ ପାଉନାହିଁ। ଗୁରତ୍ୱପୂର୍ଣ୍ଣ କଥା ହେଉଛି, ଗାଡ଼ି ରେସ ନିଶା ପଥଚାରୀ ଓ ଅନ୍ୟ ଗାଡ଼ି ମାଲିକଙ୍କୁ ବିପଦରେ ପକାଉଥିବା ବେଳେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।

ଅଭିଯୋଗ ଅନୁସାରେ, ଓଡ଼ିଶା ସୁପରକାର୍‌ସ୍ କ୍ଲବ୍ ପକ୍ଷରୁ ଗତକାଲି ପୁରୀକୁ ଏକ ରାଲି ହେଉଥିଲା। ଏଥିରେ ବିଏମ୍‌ଡବ୍ଲ୍ୟୁ ଏକ୍ସ ୭, ଭଲଭୋ, ମର୍ସିଡ଼ିଜ, ଲ୍ୟାଣ୍ଡ ରୋଭର, ଫେରାରି, ପୋର୍ସୋ ପରି ଦାମୀ ଗାଡ଼ିଗୁଡ଼ିକ ଭାଗ ନେଇଥିଲେ। ଏହି ସମୟରେ ଚନ୍ଦନପୁର ନିକଟରେ ଘଟିଛି ଏକ ବଡ଼ ଦୁର୍ଘଟଣା। ଚାଳକ କୌଣସି ପ୍ରକାର ବଞ୍ଚି



ଯାଇଥିଲେ ହେଁ ଏଥିରେ ପୋର୍ସେ ୯୧୧ସ୍ପୋର୍ଟସ୍ କାରଟି ପ୍ରାୟ ଗୁଣ୍ଡ ହୋଇଯାଇଛି। ମାତ୍ର ଯେଉଁ ଗତିରେ ଗାଡ଼ିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା, ସେହି ସମୟରେ ସାମ୍ନାରେ ଯେ କୌଣସି ଗାଡ଼ିମୋଟର ବା ପଥଚାରୀ ଆସିଥିଲେ କ'ଣ ଯେ ଅବସ୍ଥା ହୋଇଥାଆନ୍ତା, ତାହା କଳ୍ପନା କରିହେଉ ନାହିଁ। ଗତବର୍ଷ ମଧ ମଧ ଭାଇଜାଗ ରାଲି ସମୟରେ ଏକ ଫେରାରୀ ମଧ ଅନୁରୂପ ଘଟଣା ଘଟିଥିଲା। ଗତ ସପ୍ତାହରେ ନନ୍ଦନକାନନ ରୋଡ୍‌ରେ ଦୁଇଟି ସୁପର କାର୍ ପରସ୍ପରକୁ ଓଭରଟେକ୍ କରିବା ବେଳେ ଏକ ବାଇକ୍‌କୁ ଧକ୍କା ଦେଇଥିଲେ। ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମାସକ ତଳେ ପୁରୀ ବାଇପାସ୍‌ରେ ମଧ ସମାନ କାରଣରୁ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଥିଲା।

ଭୁବନେଶ୍ୱରର ନୂଆ ରିଙ୍ଗ୍ ରୋଡ୍, ପଟିଆ-ନନ୍ଦନକାନନ ରୋଡ୍, ପୁରୀ ବାଇପାସ୍ ଏବଂ କଟକ ରୋଡ୍ ଭଳି ସ୍ଥାନରେ ରାତି ୧୧ଟା ପରେ ସୁପର କାର୍ ରେସ୍ ଏକ ସାଧାରଣ ଦୃଶ୍ୟ ପାଲଟିଛି। କୋଟିକୋଟି ଟଙ୍କାର ଗାଡ଼ିଗୁଡ଼ିକ ୧୫୦-୨୦୦ କିମି ବେଗରେ ଚାଲୁଛି। କେବଳ ରେସ୍ ନୁହେଁ, ଏହି ଗାଡ଼ିଗୁଡିକ ସାଇଲେନ୍ସର ବିକଟ ଶବ୍ଦ ସ୍ଥାନୀୟ ବାସିନ୍ଦାଙ୍କ କାନ ତାବ୍‌ଦା କରିଦେଉଛି। ମାତ୍ର ପଣ୍ଡିତ ପୁଅ ଯେପରି ମାଙ୍କଡ ମାରିଲେ ପାପ ନୁହେଁ; ସେପରି ଦ୍ରୁତ ଗତିରେ ଦାମୀ କାର ଚାଳନା କରୁଥିବା ବଡ଼ଲୋକିଆ ପିଲାଙ୍କ ପାଇଁ କୌଣସି ଟ୍ରାଫିକ୍ ନିୟମ ନଥିବା ଲୋକମାନେ ଅଭିଯୋଗ କରିଛନ୍ତି। ପରିବହନ ବିଭାଗର ଇଣ୍ଟରସ୍ପେକ୍ଟର ଏମାନଙ୍କ ଗାଡ଼ିକୁ ଠଉରେଇ ପାରୁ ନାହିଁ। କ୍ୟାମେରା ସେମାନଙ୍କୁ ଦେଖି ପାରୁନି। ଆଉ ପୁଲିସ ସେମାନଙ୍କୁ ଅଟକାଇବାକୁ ସାହସ କରି ପାରୁ ନାହିଁ। ସାଧାରଣ ରାସ୍ତାରେ ରେସ୍ କରିବା ମୋଟର ଯାନ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏଥିପାଇଁ ଜେଲ୍ ଓ ଜୋରିମାନା ଦୁଇଟି ଯାକ ବ୍ୟବସ୍ଥା ଅଛି। କିନ୍ତୁ ପୁଲିସର ନିଷ୍କ୍ରିୟତା ଯୋଗୁଁ ଅଭିଯୁକ୍ତମାନେ ନିର୍ଭୟରେ ଆଇନ ଉଲ୍ଲଂଘନ କରୁଛନ୍ତି।

# ସାହାଯ୍ୟ ଆଳରେ ଦୁଷ୍କର୍ମ କଲା ସମ୍ପର୍କୀୟ ଦାଦା

ଭୁବନେଶ୍ୱର ୮।୬ (ସମିସ): ପୁଣି ରାଜଧାନୀ ଉପକଣ୍ଠରେ ଏକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ରାଜଧାନୀରେ ଚାକିରି ଖୋଜୁଥିବା ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ସହଯୋଗ କରିବା ଆଳରେ ସମ୍ପର୍କୀୟ ଦାଦା ହଷ୍ଟେଲରୁ ନେଇ ପିପିଲି ଥାନା ଅଞ୍ଚଳର ଏକ ହୋଟେଲରେ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଲିଖିତ ଏତଲା କ୍ରମେ ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳର ହିମାଂଶୁ ସାମଲ ଓରଫ ଜିତୁଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି।

ପୁଲିସ ସୂଚନା ମୁତାବକ, ଭରତପୁର ଅଞ୍ଚଳର ଜଣେ ଯୁବତୀ ରାଜଧାନୀରେ ଚାକିରି ଖୋଜୁଥିଲେ। ଝିଅର ଚାକିରି ପାଇଁ ତାଙ୍କ ମା' ଜଣେ ବ୍ୟକ୍ତିଙ୍କୁ ୩୫ ହଜାର ଟଙ୍କା ଦେଇଥିଲେ। ପରିବାରର ନିକଟତର ହୋଇ ଏହି ବ୍ୟକ୍ତି ଯୁବତୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ବି ବ୍ୟବହାର କରୁଥିଲା। ଏକାଧିକ ଲୋକଙ୍କୁ ଚାକିରି କରାଇଦେବାକୁ କହି ଏହି ବ୍ୟାଙ୍କ ଆକାଉଣ୍ଟରେ ଠକେଇ ଟଙ୍କା ବି ନେଉଥିଲା। ଶେଷରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଚାକିରି ତ ଦେଇପାରିଲେନି; ଓଲଟା ୩୫ ହଜାର ଟଙ୍କା ନେଇ ଫେରାର୍ ହୋଇଗଲା। ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏହାସହ ଯୁବତୀଙ୍କ ପରିବାର ଲୋକେ ଭୟଭୀତ ହେଲେ। କାଳେ ପୁଲିସ ତାଙ୍କୁ ଠକେଇ ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟରେ ଗ୍ରହଣ କରିବା ଅଭିଯୋଗରେ ଗିରଫ କରିଦେବ। ଏଣୁ ଯୁବତୀଙ୍କ ମା' ତାଙ୍କ ସମ୍ପର୍କୀୟ ଭାଇ ତଥା ଯୁବତୀଙ୍କ ଦାଦା ଜିତୁ ସହ ଯୋଗାଯୋଗ କଲେ। ଜିତୁ ମଧ ପୁଲିସ କେସ୍‌ରୁ ପରିବାର ଲୋକଙ୍କୁ ମୁକୁଳାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା।

ଯୁବତୀ ଜଣଙ୍କ ରାଜଧାନୀରେ ଏକ ହଷ୍ଟେଲରେ ରୁହନ୍ତି। ଏସମ୍ପର୍କରେ ଜିତୁ ଭଲଭାବେ ଜାଣିଥିଲେ। ତେଣୁ ଅନ୍ୟ ଏକ ଫୋନ୍ ନମ୍ବରରୁ ପ୍ରଥମେ ସେ ଯୁବତୀଙ୍କୁ କଲ୍ କରିଥିଲା। ନିଜକୁ ପୁଲିସର ମିଛ ପରିଚୟ ଦେଇ କରି ଗିରଫଦାରୀର ଧମକ ଦେଇଥିଲା। ପରେ ଯୁବତୀଙ୍କୁ ନିଜ ଫୋନ୍‌ରୁ କଲ୍ କରି କିଛି ହେବ ନାହିଁ ବୋଲି କହି ସାହସ ଦେଇଥିଲା। ତେବେ ପୁଲିସ ଗିରଫ କରିଦେବ କହି ଡରାଇବା ସହ ଯୁବତୀଙ୍କୁ ଡରାଇ ପିପିଲିର ଏକ ହୋଟେଲକୁ ଡକାଇ ଆଣି ସେଠାରେ ଦୁଷ୍କର୍ମ କରିଥିଲା। ଏନେଇ ଯୁବତୀ ଏବଂ ତାଙ୍କ ମା' ଧଉଳି ଥାନାରେ ଅଭିଯୋଗ କରିଥିଲେ।

# ଲୁନା ଚାଳକଙ୍କୁ ଧକ୍କାଦେଲା 'ଆମ ବସ୍'

**● ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି**

ଭୁବନେଶ୍ୱର ୮।୬ (ସମିସ): ରାଜଧାନୀରେ ପୁଣି ଆମ ବସ୍ ଦୁର୍ଘଟଣା ହୋଇଛି। ସୋମବାର ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ହୋଇଥିବା ଏହି ଦୁର୍ଘଟଣାରେ ଜଣେ ଲୁନା ଚାଳକ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆହତଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ମୁତାବକ, ଏକ ଆମ ବସ୍ ରୁପାଲି ଛକରୁ ବାଣୀବିହାର ଆଡ଼କୁ ଆସିଥିଲା। ସମାନ ଦିଗରେ ଏକ ଲୁନା ମଧ ବାଣୀବିହାର ଆଡ଼କୁ ଯାଉଥିଲା। ଆମ ବସ୍‌ଟି ପଛପଟୁ ଧକ୍କା ଦେଇଥିଲା। ଯାହାଫଳରେ ଲୁନା ଚାଳକ ଆହତ ହୋଇଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।

**● ସ୍ୱାମୀଙ୍କୁ ହତ୍ୟା ଅଭିଯୋଗ**

# ନ୍ୟାୟ ପାଇଁ ପୁଲିସ କମିସନରଙ୍କୁ ଭେଟିଲେ ସ୍ତ୍ରୀ

ଭୁବନେଶ୍ୱର ୮।୬ (ସମିସ): ବଳଙ୍ଗା ଥାନା ତୋଟାସାହି ଗାଁର ଅର୍ଜୁନ ମଲ୍ଲିକ ମୃତ୍ୟୁକୁ ୨୦ ଦିନ ବିତି ଗଲାଣି। ହେଲେ ଏପର୍ଯ୍ୟନ୍ତ ଘଟଣା ଉପରୁ ପରଦା ହଟିନି କି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ପତ୍ନୀ ସସ୍ମିତା ମଲ୍ଲିକ ପୁଲିସ୍ କମିସନର ଏସ୍ ଦେବଦତ୍ତ ସିଂହଙ୍କୁ ଭେଟି ଘଟଣା ବିଷୟରେ ଜଣାଇଛନ୍ତି। ଅର୍ଜୁନ ପାହାଳ ଥାନା ଜଗନ୍ନାଥପୁର ନିକଟସ୍ଥ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ମାସ ୨୦ତାରିଖରେ ଅର୍ଜୁନଙ୍କ ଝୁଲନ୍ତା ମୃତ ଦେହ କମ୍ପାନୀ ଭିତରୁ ପାହାଳ ପୁଲିସ୍ ଉଦ୍ଧାର କରିଥିଲା। ତାଙ୍କୁ ହତ୍ୟା କରାଯାଇଥିଲା ପରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଅର୍ଜୁନଙ୍କୁ ଟାଙ୍ଗି ଦେଇଥିଲେ ବୋଲି ତାଙ୍କ ବାପା କିଶୋର ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୨୦ଦିନ ବିତି ଗଲାଣି। ହେଲେ ପୁଲିସ୍ ଅଭିଯୁକ୍ତ ମାନଙ୍କୁ ଗିରଫ କରୁନଥିବା ଅର୍ଜୁନଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରି ତାଙ୍କ ନ୍ୟାୟ ପ୍ରଦାନ କରିବାକୁ ଅର୍ଜୁନଙ୍କ ପତ୍ନୀ ଆଜି ଦିନ ପୁଲିସ୍ କମିସନର ଭେଟିଥିଲେ। ପରେ ରାଜ୍ୟ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୩ ବେଆଇନ ମାଟି ବୋଝେଇ ହାଇୱା ଜବତ; ୨ ଗିରଫ

ବାଲିଅନ୍ତା, ୮।୬(ସମିସ): ବାଲିଅନ୍ତା ଥାନା ପୁଲିସ ରବିବାର ବିଳମ୍ବିତ ରାତିରେ ଗୋତଲବିନ୍ଧା ଏବଂ ସତ୍ୟଭାମାପୁର ଅଞ୍ଚଳରେ ଅତର୍କିତ ଚଢ଼ଉ କରି ୩ ବେଆଇନ ମାଟି ବୋଝେଇ ଗାଡି ଜବତ କରିଛି। ଏହା ସହିତ ପୁଲିସ ବେଆଇନ ମାଟି ଚାଲାଣ ମାମଲାରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଧୀନ ମାଣିକଗଡ଼ ଗ୍ରାମର ଗଣେଶ ଜେନା ( ୩୦) ଏବଂ ଉକ୍ତ ଥାନା ଅଧୀନ ତୁଳସୀପୁର ଉପର ସାହିର କୈଳାଶ ନାୟକ ( ୨୮ ) କୁ ଗିରଫ କରିଛି। ତେବେ ପୁଲିସ ଚଢ଼ଉ ବେଳେ ଅନ୍ୟ ଜଣେ ହାଇୱା ଚାଳକ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଛି।

**● ଶ୍ରମ କୋଡ୍‌କୁ ଅନ୍ତର୍ଜାତୀୟ କୋର୍ଟରେ ଝଟକା**

# ଅକ୍ଷୁଣ୍ଣ ରହିବ ଶ୍ରମିକଙ୍କ ଶାନ୍ତିପୂର୍ଣ୍ଣ ଧର୍ମଘଟ କରିବା ଅଧିକାର: ଏଚ୍‌ଏମ୍‌ଏସ୍

ଭୁବନେଶ୍ୱର, ୮।୬(ସମିସ): ଭାରତୀୟ ଶ୍ରମିକଙ୍କ ପାଇଁ ଗତ ୧୨ ବର୍ଷ ଏକ ଅଭିଶାପ ସଦୃଶ। ଏହି ୧୨ ବର୍ଷ ମଧରେ ଶ୍ରମିକଙ୍କ ଅର୍ଥନୈତିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଗତ ପ୍ରାୟ ଏକ ଦଶନ୍ଧିରେ ଶ୍ରମିକଙ୍କ ମଜୁରିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ ଜୀବନ ଜାପାନ ପାଇଁ ଆବଶ୍ୟକ ସମସ୍ତ ବସ୍ତୁର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ଗ୍ୟାସ ଦର ପୁଣି ୨୯ ଟଙ୍କା ବୃଦ୍ଧି ହୋଇଛି। ଏହାବ୍ୟତୀତ ଏ ସରକାର ନୂତନ ଶ୍ରମକୋଡ୍ କାର୍ଯ୍ୟକାରୀ କରି ଶ୍ରମିକଙ୍କ ମୌଳିକ ଅଧିକାରକୁ ଛିନ୍ନ କରିଛନ୍ତି ବୋଲି କହିଛନ୍ତି ହିନ୍ଦ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ରପ୍ରତାପ ସ୍ୱାଇଁ।

ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଶ୍ରମିକମାନଙ୍କ ପାଇଁ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରିବା ଏକ ପ୍ରକାର ଅସମ୍ଭବ ହୋଇ ପଡ଼ିଥିବା ବେଳେ ବିନା ବାଛ ବିଚାରରେ ସବୁ ପ୍ରକାର ଆନ୍ଦୋଳନ ପାଇଁ ୧୪ ଦିନିଆ ନୋଟିସ, ଆଲୋଚନା ସମୟରେ ଆନ୍ଦୋଳନକୁ ପ୍ରତିବନ୍ଧ କରିବା, ନୂତନ ଶ୍ରମିକ ସଂଗଠନ ଗଠନ କରିବା ନିୟମ, ଆନ୍ଦୋଳନ କଲେ ବହୁତ ଅଧିକ ଫାଇନ ପରି ଶ୍ରମିକ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ରୂପେ ଭଣ୍ଡୁର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଦିଗରେ ଭାରତ ମଜଦୁର ସଂଘ ମୁଖର ହୋଇ ସାରା ଦେଶରେ ପ୍ରଦର୍ଶନ କରି ଆସୁଛି। ଏହାସହିତ ଏହି ପ୍ରସଙ୍ଗକୁ ଭାରତୀୟ ଶ୍ରମିକ ସଂଗଠନ ଆନ୍ତର୍ଜାତୀୟ ନ୍ୟାୟଳୟକୁ ନେଇଥିଲେ। ୧୪ ଜଣ ବିଚାରପତିଙ୍କୁ ନେଇ ଏକ ବେଞ୍ଚ ସ୍ପଷ୍ଟ ଭାବେ ରାୟ ଦେଇଛନ୍ତି ଯେ ସଂଗଠନ ଗଠନର ସ୍ୱାଧୀନତା ଏବଂ ସଂଗଠିତ ହେବାର ଅଧିକାରର ରହିଛି। ଏହି ରାୟ ଫଳରେ ଦଶନ୍ଧି ଦଶନ୍ଧି ଧରି ଚାଲିଆସିଥିବା ନିରନ୍ତର ଆନ୍ତର୍ଜାତୀୟ ଶ୍ରମ ଆଇନର ପ୍ରତିଷ୍ଠାକୁ ପୁନଃସ୍ଥାପିତ କରିଛି। ହିନ୍ଦ ମହଦୁର ସଭା ଏହି ଲଢେଇର ସମ୍ମୁଖରେ ରହି ଶ୍ରମିକଙ୍କ କଲ୍ୟାଣ ପାଇଁ ନିରନ୍ତର ସଂଘର୍ଷ କରୁଛି। ସଭାର ସାଧାରଣ ସମ୍ପାଦକ କମ୍ରେଡ଼ ହରଭଜନ ସିଂହ ସିଦ୍ଧୁ ଆନ୍ତର୍ଜାତୀୟ ନ୍ୟାୟାଳୟର ଏହି ରାୟକୁ ସ୍ୱାଗତ କରିଛନ୍ତି। ଆଗାମି ଦିନରେ ଶ୍ରମିକଙ୍କ କଲ୍ୟାଣ ପାଇଁ ଶ୍ରୀ ସ୍ୱାଇଁ ବିଧାନସଭା ଭିତରେ ଓ ବାହାରେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି।

**● 'ବୈଦ୍ୟପଡ଼ା'କୁ ମୌଳିକ ସୁବିଧା ଦାବି**

# ବିକାଶ ଭବନ ସମ୍ମୁଖରେ ଗଣ ବିକ୍ଷୋଭ




କଟକ, ୮।୬(ସମିସ): ଜଗତପୁର ସ୍ଥିତ ତ୍ରିନାଥ ସାହି ଆଦିବାସୀ ବସ୍ତିର ଅନ୍ୟ ସମସ୍ତ ଅଞ୍ଚଳରେ ରାସ୍ତା, ବିଦ୍ୟୁତ ସଂଯୋଗ ଓ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ହୋଇଥିବା ବେଳେ ଉକ୍ତ ବସ୍ତିରେ ଥିବା 'ବୈଦ୍ୟ ପଡ଼ା' ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଇଛି। ଏହି ବୈଷମ୍ୟ ବିରୁଦ୍ଧରେ ଆଜି ଅଖିଳ ଓଡ଼ିଶା ଝୋପଡ଼ିପଟି ମହାସଂଘ 'ଏକତା' ତରଫରୁ କଟକ ମହାନଗର ନିଗମ (ସିଏମସି) ର ମୁଖ୍ୟ କାର୍ଯ୍ୟାଳୟ 'ବିକାଶ ଭବନ' ଠାରେ ଏକ ବିରାଟ ଗଣ ବିକ୍ଷୋଭ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଏହି ସମସ୍ୟାର ସମାଧାନ ପାଇଁ ଗତ ୦୧/୧୨/୨୦୨୫ ରିଖରେ ସିଏମସି କମିଶନରଙ୍କ ଜନ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ବସ୍ତି ନେତା ବୃନ୍ଦାବନ ଦାସ ଆଜାଦ କଟକ ସ୍ଥାୟୀ ଲୋକ ଅଦାଲତରେ ଏକ ମାମଲା ଦାୟର କରିଥିଲେ। ଦୀର୍ଘ ସାତ ମାସ ବିତି ଯାଇଥିଲେ ମଧ ମହାନଗର ନିଗମ ତରଫରୁ କୋର୍ଟରେ କେହି ଉପସ୍ଥିତ ହୋଇ ଜବାବ ଦାଖଲ ନ କରିବାରୁ ଆଜି ବସ୍ତିର ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ତୁରନ୍ତ ବୈଦ୍ୟ ପଡ଼ାରେ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ଓ ପ୍ରତି ଘରକୁ ବିଦ୍ୟୁତ ଯୋଗାଇ ଦେବା ଦାବିରେ କମିଶନରଙ୍କ ଉଦ୍ଦେଶ୍ୟରେ ଜନ ଶୁଣାଣି ପ୍ରକୋଷ୍ଠରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ଏହାକୁ ବିଚାର କରି ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ବିକ୍ଷୋଭ ଆନ୍ଦୋଳନରେ ମହାସଂଘର ସଭାପତି ବୃନ୍ଦାବନ ଦାସ ଆଜାଦ ମୁଖ୍ୟ ନେତୃତ୍ୱ ନେଇଥିବା ବେଳେ ଓଡ଼ିଶା ନବ ନିର୍ମାଣ ବିକାଶମଞ୍ଚର ସଭାପତି ଡ଼ଃ ଜ୍ଞାନଗୁରୁ ଦାସ, 'ସୁଦୂର ସାରଥୀ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ରାଜ୍ୟ ସଭାପତି ହେମନ୍ତ କୁମାର ବିଶ୍ୱାଳ, ଅଖିଳ ଓଡ଼ିଶା ଏସସି, ଏସଟି ଓ ଓବିସି ସ୍ୱାଭିମାନ ମଞ୍ଚର ସଭାପତି ସଞ୍ଜୟ କୁମାର ନାୟକଙ୍କ ସମେତ ବାବୁ ବୈଦ୍ୟ, କିଶନ ବୈଦ୍ୟ, ପରିମଳ ବୈଦ୍ୟ, ଆଜାଦ ବୈଦ୍ୟ, ଅଜୟ ବୈଦ୍ୟ, ସୁରଜ୍ ବୈଦ୍ୟ, ରାଜୁ ବୈଦ୍ୟ, ପିଙ୍କି ବୈଦ୍ୟ ଏବଂ କାଜଲ ବୈଦ୍ୟ ସାମିଲ ହୋଇଥିଲେ।

## ଦାଦନ ଶ୍ରମିକ ଦୀପକ ସେଠୀ ମୃତ୍ୟୁ ଘଟଣା

# ପରିବାର ଲୋକଙ୍କ ବୟାନ ରେକର୍ଡ କଲା ଆନ୍ଧ୍ର ପୁଲିସ

କଟକ, ୮।୬(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ପୋଡ଼ାମରାଇ ଗ୍ରାମର ଯୁବକ ଦୀପକ ସେଠୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଆନ୍ଧ୍ରପ୍ରଦେଶ ପୁଲିସ ତତ୍ପରତା ପ୍ରକାଶ କରିଛି। ଏହି ସମ୍ବେଦନଶୀଳ ମାମଲାର ବିଧିବଦ୍ଧ ତଦନ୍ତ ପାଇଁ ଆନ୍ଧ୍ରପ୍ରଦେଶ ବିଜୟନଗର ଜିଲ୍ଲାର କୋଥାଭାଲସା ଥାନାର ଏକ ୫ ଜଣିଆ ପୁଲିସ ଟିମ୍ ପୋଡ଼ାମରାଇ ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ଏହି ତଦନ୍ତକାରୀ ଦଳ ସ୍ଥାନୀୟ ଭଦ୍ରେଶ୍ୱର ଥାନାରେ ପହଞ୍ଚି ମୃତକଙ୍କ ପରିବାର ଓ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସ୍ଥାନୀୟ ପୁଲିସ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଆନ୍ଧ୍ର ପୁଲିସ ଟିମ୍ ପ୍ରତିଶ୍ରୁତି ଦେଇଥିବା ନେଇ ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂହ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଦୀପକଙ୍କୁ ନିକଟସ୍ଥ ଗ୍ରାମର ଜଣେ ଠିକାଦାର ଓ ତାଙ୍କର କିଛି ସାଙ୍ଗ ଏକ କମ୍ପାନୀରେ ଚାକିରି ଯୋଗାଇଦେବା ବାହାନାରେ ଆନ୍ଧ୍ରପ୍ରଦେଶର ବିଜୟନଗରକୁ ନେଇଯାଇଥିଲେ। ହେଲେ ସେଠାରେ କାମ କରିବା ସମୟରେ ଦୀପକଙ୍କୁ ପ୍ରବଳ ଶାରୀରିକ ନିର୍ଯାତନା ଦିଆଯାଇଥିବା ନେଇ ପରିବାର ପକ୍ଷରୁ ସାଙ୍ଘାତିକ ଅଭିଯୋଗ ହୋଇଛି। ଗତ ମେ' ୧ ତାରିଖରେ ଏହି ଅଭାବନୀୟ ଘଟଣା ସମ୍ପର୍କରେ ଦୀପକଙ୍କ ପରିବାର ଲୋକେ ଖବର ପାଇବା ପରେ, ପରଦିନ ଅର୍ଥାତ୍ ମେ' ୨ ତାରିଖରେ ତାଙ୍କ ବଡ଼ ଭାଇ ସୁଦୂର ବିଜୟନଗରରେ ପହଞ୍ଚିଥିଲେ। ସେଠାରେ ଏକ ହସ୍ପିଟାଲରେ ଦୀପକ ଅତି ଗୁରୁତ୍ୱପୂର୍ଣ୍ଣ ଓ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିବା ଦେଖିବାକୁ ପାଇଥିଲେ। ଦୀପକଙ୍କ ଅବସ୍ଥା ଦେଖି ତାଙ୍କ ଭାଇ ତାଙ୍କୁ ତୁରନ୍ତ କଟକ ଫେରାଇ ଆଣିଥିଲେ ଏବଂ ମେ' ୩ ତାରିଖରେ କଟକ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଦୀପକଙ୍କ ଶରୀରରେ ଥିବା ଗଭୀର କ୍ଷତ ଚିହ୍ନକୁ ଦେଖି ତାଙ୍କୁ ନିର୍ମମ ଭାବେ ମାଡ଼ ମରାଯିବା ସହ ଛାତ ଉପରୁ ତଳକୁ ଠେଲି ଦିଆଯାଇଥିବା ସଂକ୍ରାନ୍ତରେ ଚିକିତ୍ସା କରୁଥିବା ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ। ଏହା ପରେ ମେ' ୮ ତାରିଖରେ ମୃତକଙ୍କ ପରିବାର ପକ୍ଷରୁ ଭଦ୍ରେଶ୍ୱର ଥାନାରେ ଏକ ଲିଖିତ ଏତଲା ଦେଇ ନ୍ୟାୟ ଦାବି କରାଯାଇଥିଲା। ବର୍ତ୍ତମାନ ଆନ୍ଧ୍ର ପୁଲିସର ଓଡ଼ିଶା ଆସି ପ୍ରତ୍ୟକ୍ଷ ତଦନ୍ତ ପରେ ଦୀପକଙ୍କ ମୃତ୍ୟୁ ପଛର ପ୍ରକୃତ ରହସ୍ୟ ଖୋଲିବ ବୋଲି ଆଶା କରାଯାଉଛି।

**● +୨ ପରୀକ୍ଷା ଖାତାର ମୂଲ୍ୟାୟନରେ ଅନିୟମିତତା ଅଭିଯୋଗ**

# ବିଚାର ବିଭାଗୀୟ ତଦନ୍ତ ଦାବିରେ ଅଭିଭାବକ ସଂଘର ଅନଶନ

ଭୁବନେଶ୍ୱର, ୮।୬(ସମିସ): ଯୁକ୍ତ ୨ ପରୀକ୍ଷା ଖାତା ଦେଖାରେ ଅନିୟମିତତା ଅଭିଯୋଗ କରି ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଆଜି ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। କୋଏମ୍‌ପ୍ଲ କମ୍ପାନୀକୁ କେଉଁ ଆଧାରରେ ମୂଲ୍ୟାୟନ ପାଇଁ ଟେଣ୍ଡର ଦିଆଯାଇଛି ଏବଂ ବିନା ଅନୁମତିରେ ଆଉ ଏକ କମ୍ପାନୀ 'ଏମ୍‌ଏସ୍ କୋଡ଼ ତନ୍ତ୍ର ଟେକ୍ ସଲ୍ୟୁସନ୍' କୁ ମୂଲ୍ୟାୟନ କାର୍ଯ୍ୟ କିପରି ଦିଆଯାଇଛି ବୋଲି ସଂଘ ପ୍ରଶ୍ନ କରିବା ସହ ତାହାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛି। ଜଣେ ଛାତ୍ର ମୋଟ୍ ୧୦୦ ମାର୍କରୁ ୧୦୨ ନମ୍ବର ପାଇବା ବ୍ୟାପକ ତ୍ରୁଟିର ଜ୍ୱଳନ୍ତ ଉଦାହରଣ ବୋଲି ସଂଘ ଅଭିଯୋଗ କରିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରି ମହାସଂଘର ଏକ ପ୍ରତିନିଧି ଦଳ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏହି ଆମରଣରେ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ମହାସଚିବ ଅଶୋକ ପାଇକରାୟ, ସାଧାରଣ ସମ୍ପାଦକ ସତ୍ୟଜିତ ଦାସ, ପଦ୍ମନାଭ ସାହୁ, ଅରୁଣ ସ୍ୱାଇଁ, କଳ୍ପନା ସାହୁ, ବିମଳ ଜେନା, ବାବୁଲି ସୁବ୍ରତ ସାହୁ, ଶଙ୍କର୍ଷଣ ବାରିକ, ଲଲାଟ ଜେନା, ବାବା ଶଙ୍କର ପ୍ରସାଦ, ଅମିତ ଦାସ, ବିଭୁତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଚଣ୍ଡୀ ମନ୍ଦିରର ଦଧିନଉତି କ୍ଷତିଗ୍ରସ୍ତ ଘଟଣା

# ନବୀକରଣ କାର୍ଯ୍ୟରେ ଅବହେଳା ଅଭିଯୋଗ

କଟକ,୮।୬(ସମିସ):

କଟକର ଆରାଧ୍ୟା ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିରରେ ଗତକାଲି ଘଟିଥିବା ଅଘଟଣ ସମଗ୍ର ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇ ଦେଇଛି। କାଳବୈଶାଖୀ ଜନିତ ପ୍ରବଳ ବଜ୍ରପାତ ଯୋଗୁଁ ମନ୍ଦିରର ମୁଖ୍ୟ ଦଧିନଉତି କ୍ଷତିଗ୍ରସ୍ତ ହୋଇଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ୱତନ୍ତ୍ର ପତ୍ର ଲେଖି ଅନୁରୋଧ କରିଛନ୍ତି। ମା' କଟକ ଚଣ୍ଡୀ ମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ସମଗ୍ର କଟକବାସୀ ତଥା ଓଡ଼ିଶାର ଜନସାଧାରଣଙ୍କ ସାଂସ୍କୃତିକ ପରିଚୟ ଓ ଅକୁଣ୍ଠ ଆସ୍ଥାର ପ୍ରତୀକ ହୋଇଥିବାରୁ ଏଭଳି ପବିତ୍ର ସ୍ଥଳରେ ଏଭଳି ଅଘଟଣ ପୂର୍ବରୁ କେବେ ଘଟି ନ ଥିବା ସେ ପ୍ରକାଶ କରିଛନ୍ତି।

ଆଜି ବିଧାୟିକା ସୋଫିଆ ଚଣ୍ଡୀ ମନ୍ଦିର ପରିସର ଗସ୍ତ କରି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ସହ ସେଠାରେ ଚାଲିଥିବା ମନ୍ଦିର ନବୀକରଣ ଓ ରୂପାନ୍ତରଣ କାର୍ଯ୍ୟର



ସମୀକ୍ଷା କରିଥିଲେ। ଏହି ଅବସରରେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅବହେଳା ହୋଇଥିବା ସେ ସିଧାସଳଖ ଅଭିଯୋଗ ଆଣିଛନ୍ତି। ବିଶେଷ କରି ମନ୍ଦିରର ସୁରକ୍ଷା ପାଇଁ ଆବଶ୍ୟକୀୟ ଆର୍ଥିଂ ଏବଂ ଲାଇଟନିଂ ପ୍ରୋଟେକ୍ସନ (ବଜ୍ରପାତ ନିରୋଧକ ସୁରକ୍ଷା) ବ୍ୟବସ୍ଥା ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ଅନୁଯାୟୀ କରାଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସେ ଦର୍ଶାଇଛନ୍ତି। ଏହା ସହିତ ନବୀକରଣ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ନ ହୋଇ ବହୁତ ବିଳମ୍ବରେ ଚାଲିଥିବା ଏବଂ ଏଥିରେ ଉପଯୁକ୍ତ ପ୍ରଶାସନିକ ତଦାରଖର ଘୋର ଅଭାବ ଥିବା ସେ କହିଛନ୍ତି।

ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ବିଧାୟିକା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ ପାଇଁ ଦାବି କରିଛନ୍ତି। ଏହି ତଦନ୍ତ ମାଧ୍ୟମରେ ଚାଲିଥିବା କାର୍ଯ୍ୟର ଗୁଣବତ୍ତା, ବଜ୍ରପାତ ସୁରକ୍ଷା ବ୍ୟବସ୍ଥାର ତ୍ରୁଟି ଏବଂ ସମୟସୀମା ବିଳମ୍ବ ହେବାର ପ୍ରକୃତ କାରଣ ଖୋଜିବାକୁ ସେ ଅନୁରୋଧ କରିଛନ୍ତି। ଏହା ସହିତ ଯେଉଁ ନିର୍ମାଣ ସଂସ୍ଥା, ଠିକାଦାର, ପରାମର୍ଶଦାତା କିମ୍ବା

**● ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟିକା ସୋଫିଆ**

**● ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି**

ସରକାରୀ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି, ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। ମନ୍ଦିରର ପବିତ୍ରତା, ଗରିମା ଓ ସୁରକ୍ଷା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ସିଧାସଳଖ ଏହି ପ୍ରକଳ୍ପ କାମର ତଦାରଖ କରନ୍ତୁ ବୋଲି କଟକବାସୀ ଚାହିଁ ରହିଛନ୍ତି ବୋଲି ବିଧାୟିକା ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଏଲ୍‌ଏସ୍ କୁଇନ୍ କ୍ୟୁରୀଙ୍କୁ 'ଇଣ୍ଡିଆଜ୍ ୟଙ୍ଗ୍ ମୋଟିଭେସନାଲ୍ ସ୍ପିକର ଆୱାର୍ଡ'



ଅନୁଗୋଳ,୮ ।୬(ସମିସ): ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ଜ୍ଞାନଦନ୍ ଆୱାର୍ଡସ୍ ଫାଉଣ୍ଡେସନ୍ ଦିଲ୍ଲୀ ତରଫରୁ ଏଲ୍‌ଏଲ୍ କୁଇନ୍ କ୍ୟୁରୀଙ୍କୁ ୨୦୨୬ ବର୍ଷ ପାଇଁ 'ଇଣ୍ଡିଆଜ୍ ୟଙ୍ଗ୍ ମୋଟିଭେସନାଲ୍ ସ୍ପିକର ଆୱାର୍ଡ୍' ପ୍ରଦାନ କରାଯାଇଛି। କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ସମାରୋହରେ ଅତିଥିମାନେ ଏଲ୍‌ଏସ୍ କୁଇନ୍ କ୍ୟୁରୀଙ୍କୁ ମାନପତ୍ର, ପଦକ, ଉତ୍ତରୀୟ ଏବଂ ଫୁଲତୋଡ଼ା ପ୍ରଦାନ କରି ସମ୍ମାନିତ କରିଥିଲେ। ଏଲ୍‌ଏସ୍ କୁଇନ୍ କ୍ୟୁରୀ ସୋସିଆଲ ମିଡିଆ ମାଧ୍ୟମରେ ସମାଜର ଯୁବବର୍ଗଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରି ଯୁବ ମାନସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏକାଧାରରେ ସେ ହେଉଛନ୍ତି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ଏଲ୍‌ଏସ୍ କୁଇନ୍ କ୍ୟୁରୀ ହେଉଛନ୍ତି କଣିହାଁ ବ୍ଲକ୍ ପୋଇପାଳ ଗ୍ରାମର ଲିଙ୍ଗରାଜ ପ୍ରଧାନ ଓ ସଙ୍ଗୀତାରାଣୀ ବେହେରାଙ୍କ ଝିଅ। ସେ ଅନୁଗୋଳ ରୋଟାରୀ ପବ୍ଲିକ୍ ସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ତାଙ୍କର ଏହି ସଫଳତା ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଦେଇଛି।

## ■ ସ୍ଲାବ ଭାଙ୍ଗିଲା: ଶୁଣିଲାନ ପୂର୍ତ୍ତ ବିଭାଗ
# ଶ୍ରମଦାନ କରି ତିଆରି କଲେ ଗ୍ରାମବାସୀ

କିଶୋରନଗର,୮ ।୬(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ଝାମ୍ପୁଲ୍ଲୀ ଗାଁକୁ ଯିବାପାଇଁ ପୂର୍ତ୍ତ ବିଭାଗ ରାସ୍ତା ପାଶ୍ୱର୍ରେ ପୂର୍ତ୍ତ ବିଭାଗ ଦ୍ୱାରା ଏକ ସ୍ଲାବ ନିର୍ମାଣ



କରାଯାଇଥିଲା। ବାମୁର-ମାଧପୁର ରାସ୍ତା ସମ୍ପ୍ରସାରଣ ବେଳେ ଏହା ନିର୍ମାଣ ହୋଇଥିଲା। ଏହି ସ୍ଲାବ କିଛିଦିନ ହେବ ଭାଙ୍ଗି ନଷ୍ଟ ହେବା ଫଳରେ ଏହି ଗ୍ରାମକୁ ଗାଡ଼ି ମଟର ଚଳାଚଳ କରିପାରୁ ନ ଥିଲା। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତ ପ୍ରଶାସନ ଓ ପୂର୍ତ୍ତ ବିଭାଗକୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଗ୍ରାମବାସୀ ନିଜେ ଶ୍ରମଦାନ କରି ଏହି ଡ୍ରେନ୍ ଉପରେ ସ୍ଲାବ ପକାଇଛନ୍ତି।

# ଟ୍ରକ ମାଲିକ ସଂଘର ଧାରଣା



କଣିହାଁ,୮ ।୬(ସମିସ): କଣିହାଁ ମିଳିତ କ୍ରିୟାନୁଷ୍ଠାନ ଟ୍ରକ ମାଲିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଧାରଣା ଅନୁଷ୍ଠିତ ହୋଇଛି। ସଂଘର ଅଭିଯୋଗ ଅନୁଯାୟୀ, ଏନଟିପିସି ପକ୍ଷରୁ ପ୍ରତି ଟନ୍ ଓ ପ୍ରତି କିଲୋମିଟର ପିଛା ୧୦ ଟଙ୍କା ପରିବହନ ଭଡ଼ା ନିର୍ଦ୍ଧାରିତ ହୋଇଥିବା ସତ୍ତ୍ୱେ କିଛି ଟ୍ରାନ୍ସପୋର୍ଟର ଓ ଠିକାଦାର ଏହାଠାରୁ କମ୍ ଦରରେ କାମ କରୁଥିବାରୁ ଟ୍ରକ ମାଲିକମାନେ ଉଚିତ ପାରିଶ୍ରମିକ ପାଇପାରୁନାହାନ୍ତି। ଫଳରେ ଅନେକ ଗାଡ଼ି ମାଲିକ ଗାଡ଼ିର କିସ୍ତି ପରିଶୋଧ କରିବା ସହ ଡ୍ରାଇଭର ଓ ହେଲପରଙ୍କୁ ନିୟମିତ ଦରମା ଦେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତିନିଦିନ ପୂର୍ବରୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଟ୍ରକ ମାଲିକମାନେ ଯଥାର୍ଥ ପରିବହନ ଭଡ଼ା ପାଇବା ନିମନ୍ତେ ସେ ଏନଟିପିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସେହିପରି ରବିବାର ଧାରଣାସ୍ଥଳରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିଲେ। ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସେ କହିଥିଲେ ଯେ ଏହି ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ। ଏହାର ସମାଧାନ ପାଇଁ ସେ ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ଫଇସଲା କରାଇବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଧାରଣାରେ ଶାଶ୍ୱତ ଶାନ୍ତିସ୍ୱରୂପ ପ୍ରଧାନ, ସୁବୋଧ ପାଣି, ସତ୍ୟାନନ୍ଦ ସାହୁ, ସୁନୀଲ ପ୍ରଧାନ, ଆଲୋକ ସାହୁ, ରାଜୁ ପାଣି, ସିଏନଜି ରଥ, ଉକାଲୁ ସାହୁ, ଅକ୍ଷୟ ସାମଲ, ଜୟ ସାହୁ, ଧ୍ରୁବଚରଣ ଜେନା, ତୁଷାର ସାହୁ, ବିଶ୍ୱମ୍ଭର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ● ୭୨ତମ ରାଜ୍ୟ ସିନିୟର୍ ଆଥଲେଟିକ ମିଟ୍
# ଅନୁଗୋଳକୁ ୬ ପଦକ

ଅନୁଗୋଳ,୮ ।୬(ସମିସ): କଟକସ୍ଥିତ ରାଜ୍ୟ ପୁଲିସ ପଡ଼ିଆରେ ଆୟୋଜିତ ୭୨ତମ ସିନିୟର୍ ଆଥଲେଟିକ ମିଟ୍‌ରେ ଅନୁଗୋଳକୁ ୬ ପଦକ ମିଳିଛି। ସ୍ୱାଧୀନ କୁମାର ମାଝୀ ସିନିୟର୍ ହାଇଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ




ଅଂଶୁମାନ ଥମ୍ବ ୨୩ ବର୍ଷରୁ କମ୍ ବାଳକ ହାଇଜମ୍ପରେ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୩ ବର୍ଷରୁ କମ୍ ୧୦ କିମି ୱାକିଂରେ ଦୁଷ୍ମନ୍ତ ପ୍ରଧାନ ରୌପ୍ୟ ପଦକ ହାସଲ କରିଥିବା ବେଳେ ପ୍ରିୟବ୍ରତ ପ୍ରଧାନ ସିନିୟର୍ ଜାଭଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ସରସ୍ୱତୀ ଖୁଣ୍ଟିଆ ୩ ହଜାର ଓ ୫ ହଜାର ମିଟର ରନିଂରେ ଦୁଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତାଙ୍କୁ ଅନୁଗୋଳ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

## ସାତକୋଶିଆ ଇଏସଜେଡ୍ ବିଜ୍ଞପ୍ତି ବିବାଦ
# ଜୀବିକା ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ୨୦୫ ଗ୍ରାମର ପ୍ରତିନିଧି

ଅନୁଗୋଳ/ଆଠମଲ୍ଲିକ,୮ ।୬(ସମିସ):



ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଏବଂ ପ୍ରସ୍ତାବିତ ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ଇଏସଜେଡର ଚତୁଃପାଶ୍ୱର୍ରେ ଥିବା ୨୦୫ଟି ସନ୍ନିହିତ ଗ୍ରାମର ବାସିନ୍ଦା ଓ ଜନ ପ୍ରତିନିଧି ନିଜ ଜୀବିକା ଏବଂ ଅର୍ଥନୈତିକ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ପ୍ରସ୍ତାବିତ ଖସଡ଼ା ବିଜ୍ଞପ୍ତିର କେତେକ ଅସ୍ପଷ୍ଟ ତଥା ଜନବିରୋଧୀ ନୀତିକୁ ବିରୋଧ କରି ସୋମବାର ଶତାଧିକ ସ୍ଥାନୀୟ ପ୍ରତିନିଧି ଅନୁଗୋଳ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ସଂରକ୍ଷଣ ବିରୋଧୀ ନୁହନ୍ତି ବରଂ ନିଜକୁ ପ୍ରକୃତିର 'ପ୍ରଥମ ପ୍ରହରୀ' ବୋଲି ଅଭିହିତ କରିବା ସହ ବିଜ୍ଞପ୍ତିରେ କେତେକ ଜରୁରୀ ସଂଶୋଧନ ପାଇଁ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଜ୍ଞପ୍ତିର ଅନୁସୂଚୀ-୧୯ରେ 'ବାଣିଜ୍ୟିକ ନିର୍ମାଣ' ଶବ୍ଦର କୌଣସି ସ୍ପଷ୍ଟ ସଂଜ୍ଞା ନାହିଁ। ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କିଓସ୍କ, ହୋମଷ୍ଟେ, ନୌକାବିହାର ଏବଂ ସାମୁଦାୟିକ ଭୋଜନାଳୟ ଭଳି କ୍ଷୁଦ୍ର ଜୀବିକା ପ୍ରକଳ୍ପଗୁଡ଼ିକୁ ବନ୍ଦ କରିଦିଆଯିବା ଭୟ ସୃଷ୍ଟି ହୋଇଛି। ସେହିପରି, ଜୋନାଲ ମାଷ୍ଟରପ୍ଲାନ ପ୍ରସ୍ତୁତ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା କିମ୍ବା ନୋଡାଲ ସଂସ୍ଥା ଚିହ୍ନଟ କରାଯାଇ ନାହିଁ, ଯାହା ସ୍ଥାନୀୟ ବିକାଶକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଧାପ୍ରାପ୍ତ କରିବ। କେନ୍ଦ୍ର ସରକାରଙ୍କ ଜାତୀୟ ଇକୋ-ଟୁରିଜିମ୍ ନୀତିକୁ ଏହି ବିଜ୍ଞପ୍ତିରେ ଅଣଦେଖା କରାଯାଇଥିବା ବେଳେ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ନେଇ ସ୍ମାରକପତ୍ରରେ ଦର୍ଶାଯାଇଛି। ବିଜ୍ଞପ୍ତିରେ ୬ଟି ନିର୍ଦ୍ଦିଷ୍ଟ ସଂଶୋଧନ ପାଇଁ ଦାବି କରିଛନ୍ତି। ୩୦ ଦିନ ମଧ୍ୟରେ ଷ୍ଟିୟରିଂ କମିଟି ଗଠନ ଓ ୧୨ ମାସରେ ମାଷ୍ଟରପ୍ଲାନ ପ୍ରସ୍ତୁତ, ୭୨ ଘଣ୍ଟା ମଧ୍ୟରେ ଅପସାରଣ ଯୋଗ୍ୟ, କାଠ ବାଉଁଶ ନିର୍ମିତ କ୍ଷୁଦ୍ର କାର୍ଯ୍ୟକଳାପକୁ ଅନୁମତି ପ୍ରଦାନ, ସରକାରୀ ଯୋଜନା, ମହିଳା ସଙ୍ଗଠନ ଓ ସାମୁଦାୟିକ ଭିତ୍ତିଭୂମିକୁ 'ବାଣିଜ୍ୟିକ' ପରିଭାଷାରୁ ମୁକ୍ତ ରଖିବା, ସଫାରି, ପ୍ରକୃତି ଭ୍ରମଣ, ହୋମଷ୍ଟେ ଓ ସ୍ଥାନୀୟ ହସ୍ତଶିଳ୍ପକୁ 'ପ୍ରୋତ୍ସାହିତ କାର୍ଯ୍ୟକଳାପ'ରେ ସାମିଲ କରିବା, ବ୍ୟାଘ୍ର ସଂରକ୍ଷଣ ଯୋଜନାର ବଫର ଜୋନରେ ଚାଲୁଥିବା ସମସ୍ତ ଗତିବିଧିକୁ ଇଏସଜେଡ ଅଧୀନରେ ବୈଧ କରିବା, ସ୍ଥାନୀୟ ପ୍ରସଙ୍ଗରେ ତୁରନ୍ତ ଏକ ଜିଲ୍ଲାସ୍ତରୀୟ ମିଳିତ ଆଲୋଚନା ବୈଠକ କରିବାକୁ ଦାବି କରାଯାଇଛି। ଯଦି ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ ନ କରି ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଏ, ତେବେ ସାତକୋଶିଆ ଅଞ୍ଚଳରୁ ବ୍ୟାପକ ସଂଖ୍ୟାରେ ଯୁବପିଢ଼ି ଦାଦନ ଖଟିବାକୁ ବାହାରକୁ ପଳାଇବେ। ଏହାସହ ଝାଡ଼ଖଣ୍ଡର 'ପଲାମୁ ବ୍ୟାଘ୍ର ଅଭୟାରଣ୍ୟ' ଭଳି ଏଠାରେ ମଧ୍ୟ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ବିବାଦ ଉଗ୍ରରୂପ ନେବ ବୋଲି ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

ଜିଲ୍ଲାପାଳଙ୍କ ଜରିଆରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବ, ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସାତକୋଶିଆ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ, ଟିକରପଡ଼ା ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ପୁରୁଣାକୋଟ ସରପଞ୍ଚ ରଶ୍ମିତା ବିଶୋଇ, ଜଗନ୍ନାଥପୁର ସରପଞ୍ଚ ବନିତା ମହାଳିକ, ଟାଇଁଶୀ ସରପଞ୍ଚ ସୌଦାମିନୀ ପ୍ରଧାନ, ପ୍ରଫୁଲ୍ଲ ଦେହୁରୀ, ଜଗନ୍ନାଥପୁର ଗ୍ରାମ୍ୟ କମିଟି ସଭାପତି ନବକିଶୋର ସାହୁ, ପୁରୁଣାକୋଟ ଗ୍ରାମ୍ୟ କମିଟି ସଭାପତି ବରୁଣ ବିଶୋଇ, ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ଉପସଭାପତି କୀର୍ତ୍ତନ ପ୍ରଧାନଙ୍କ ନେତୃତ୍ୱରେ ସାତକୋଶିଆ ଅଞ୍ଚଳର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ ଅବଦଲ ଏମ ଅଖତାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସ୍‌ର ଦାବିପତ୍ର

ତାଳଚେର,୮ ।୬(ସମିସ): ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ଷ୍ଟାଫ୍ ନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତିରେ ମହାଦୁର୍ନୀତିର ନ୍ୟାୟିକ ତଦନ୍ତ ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବରଖାସ୍ତ ଦାବିରେ ତାଳଚେର କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପ-ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ସରକାରଙ୍କୁ ଅଧିକ ରାଜସ୍ୱ ଦେଇ ଦେଶର ସବୁଠାରୁ ଅଧିକ ପ୍ରଦୂଷଣ ଖାଇ ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ତାଳଚେରବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ କୋଇଲା ଖଣି ସାହାଯ୍ୟରେ ରାଜ୍ୟ ସରକାର ମେଡିକାଲ୍ କଲେଜ ତିଆରି କଲେ। ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅଭିଜ୍ଞ ଡାକ୍ତର, ଷ୍ଟାଫ୍‌ନର୍ସ ଓ ଅନ୍ୟ କର୍ମଚାରୀ ନିଯୁକ୍ତି କରାଗଲା। କିନ୍ତୁ ଅଭିଜ୍ଞ ଡାକ୍ତରଙ୍କୁ ଏଠାରୁ ଅନ୍ୟତ୍ର ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ନିୟୋଜିତ କରାଗଲା। ୬୫୩ ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟାଫ୍‌ନର୍ସ ଏଜେନ୍ସି ମାଧ୍ୟମରେ ନିଯୁକ୍ତ ଦେଲେ। କିନ୍ତୁ ବର୍ତ୍ତମାନ ୬୫୩ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ୯୧ ଷ୍ଟାଫନର୍ସଙ୍କ ସାର୍ଟିଫିକେଟ୍ ଯାଞ୍ଚ କରିବାରୁ ୬୦ ଜଣ ଜାଲ୍ ପ୍ରମାଣପତ୍ର ମାଧ୍ୟମରେ ନିଯୁକ୍ତି ପାଇଥିବା ପ୍ରମାଣ ମିଳିଛି। ସମସ୍ତ ୬୫୩ ସ୍ୱାସ୍ଥ୍ୟକର୍ମୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେଲେ ଆହୁରି ଅଧିକ ଜାଲ୍ ସାର୍ଟିଫିକେଟ୍‌ରେ ନିଯୁକ୍ତି ପାଇଥିବା ସନ୍ଦେହ କରାଯାଉଛି। ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବରଖାସ୍ତ, କୋଇଲା ଖଣି ଅଞ୍ଚଳରେ ସମସ୍ତ ଠିକା ଶ୍ରମିକଙ୍କ ଠିକଣା ଓ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ, ତାଳଚେରକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ



କରିବା ଓ ମେଡିକାଲ୍ କଲେଜ୍‌ରେ ଟିଚିଂ ହସ୍ପିଟାଲ୍ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ଯଥାଶୀଘ୍ର କାର୍ଯ୍ୟକାରୀ କରା ନ ଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା, କଂଗ୍ରେସ୍ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଓଡିଶା ପିସିସି ସଭାପତି ଭକ୍ତଚରଣ ଦାସ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

ଦାବିପତ୍ର ପ୍ରଦାନ ବେଳେ ତାଳଚେର ବ୍ଲକ କଂଗ୍ରେସ୍ ସଭାପତି ବିମ୍ବାଧର ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଧିର, ରାଜ୍ୟ ହରିଜନ ସେଲ ଉପାଧ୍ୟକ୍ଷା ଏଲ୍. ମାଣିକ୍ୟପ୍ରଭା, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ଜିଲ୍ଲା ଉପସଭାପତି ସଂଗ୍ରାମ କେଶରୀ କୁଅଁର, ସନ୍ତୋଷ ମହାରଣା, ମୁକେଶ ଅଗ୍ରୱାଲା, ପ୍ରଫୁଲ୍ଲ ନାଏକ, ସତ୍ୟବ୍ରତ ମହାନ୍ତି, ପୁଷ୍ପଲତା ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ପ୍ରସଙ୍ଗରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ କ୍ରିୟାନୁଷ୍ଠାନ କମିଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମେଡିକାଲ୍ କଲେଜ୍ ସମ୍ମୁଖରେ ଗଣଧାରଣା ଦେବବ ବୋଲି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କ୍ରିୟାନୁଷ୍ଠାନ କମିଟି ସଭାପତି ଅଭୟ ପାଣି, ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ, କେଶବ ଭୂତିଆ, କାର୍ଯ୍ୟକାରୀ ସଭାପତି ଜିନେଶ ସାହୁ, ବିନୋଦ ଲାଲ, ପ୍ରଫୁଲ୍ଲ ନାଏକ, ହରିହର ଦାସ, ବିଜୟ କୁମାର ମିଶ୍ର, ସୁଲେଖ ସେଠୀ, ସନ୍ତୋଷ ମହାପାତ୍ର, ନଖିଆ ସାହୁ, ପ୍ରଭାକର ସାହୁ, ନରେନ୍ ସିଂ, ସୁରଥ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଲଣ୍ଡନ ଗଲା କିଶୋରନଗର ଆମ୍ବ



କିଶୋରନଗର,୮ ।୬(ସମିସ): ଅନୁଗୋଳ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଆନୁକୂଲ୍ୟରେ ପରିଚାଳିତ କୃଷି ଉତ୍ପାଦନ ସମୂହ (ଏପିସି) କାର୍ଯ୍ୟକ୍ରମ ଅନ୍ତର୍ଗତ ଏପିସି କିଶୋରନଗର (ସେୱା) ଏବଂ ପ୍ରଦାନର ସହଯୋଗରେ ସୁସ୍ୱାଦୁ ଆମ୍ରପଲି ଆମ୍ବ ଲଣ୍ଡନକୁ ରପ୍ତାନି କରାଯାଇଛି। ଏହି ସଫଳତାରେ ଜଇଗଡ଼ ମହିଳା ଫାର୍ମର ପ୍ରଡ୍ୟୁସର କମ୍ପାନୀର ମହିଳା ସଦସ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ବାଲିଆମ୍ବରୁ ୭.୬୦ କୁଇଣ୍ଟାଲ ଉତ୍କୃଷ୍ଟ ମାନର ଅମ୍ରପଲି ଆମ୍ବ ସଂଗ୍ରହ କରାଯାଇ ଲଣ୍ଡନ ପଠାଯାଇଛି। ସ୍ଥାନୀୟ କୃଷିଜାତ ଉତ୍ପାଦକୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇ ଚାଷୀଙ୍କ ଆୟ ବୃଦ୍ଧି ସହ ଅନୁଗୋଳର କୃଷି କ୍ଷେତ୍ରକୁ ଏହା ନୂତନ ପରିଚୟ ଦେଇଛି।

## ● ରେଙ୍ଗାଳି ଓପିଟିସିଏଲ୍ ଗ୍ରୀଡ୍ ନିକଟରୁ ଡକାୟତି ଯୋଜନା
# ୩ ଗିରଫ, ଅସ୍ତ୍ରଶସ୍ତ୍ର ସହ ଟଙ୍କା ଜବତ

କଣିହାଁ,୮ ।୬(ସମିସ): ରେଙ୍ଗାଳି ଡ୍ୟାମସାଇଟ ଥାନା ପୁଲିସ ବଡ଼ ଡକାୟତି ଯୋଜନା ପଣ୍ଡ କରିବା ସହ ତିନିଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, କ୍ୟାଟ୍ରିଜ, କଟିଂ ମେସିନ୍, ଛୁରୀ, କାର୍ ସହ ୭୪ ହଜାର ୯୫୦ ଟଙ୍କା ଓ ପାଞ୍ଚଟି ମୋବାଇଲ ଫୋନ୍ ସମେତ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜର ପ୍ରଧାନ



ହେମ୍ବ୍ରମ, ଅନୁଗୋଳର ଜିତେନ୍ଦ୍ର ସାହୁ ଓରଫ ଜିତୁ ଓ ଢେଙ୍କାନାଳର ରବିନାରାୟଣ ଗଡ଼ନାୟକ ଓରଫ ରବି। ପୁଲିସ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ରେଙ୍ଗାଳି ଓପିଟିସିଏଲ୍ ଗ୍ରୀଡ୍ ପାଚେରି ନିକଟରେ ସଶସ୍ତ୍ର ଦଳ ଡକାୟତି ପାଇଁ ପ୍ରସ୍ତୁତି କରୁଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ରେଙ୍ଗାଳି ଡ୍ୟାମସାଇଟ ଥାନା ଏଏସଆଇ ତ୍ରିନାଥ ଦେହୁରୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ତିନି ଅଭିଯୁକ୍ତ ଧରାପଡ଼ିଥିବା ବେଳେ ସେମାନଙ୍କର କିଛି ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସେମାନେ ଗ୍ରୀଡ୍ ପରିସରରୁ ତମ୍ବା କଏଲ ଓ ଟ୍ରାନ୍ସଫର୍ମର ତେଲ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ଏ ନେଇ ଡ୍ୟାମସାଇଟ ଥାନାରେ ପୂର୍ବରୁ ଏକ ମାମଲା ରୁଜୁ ହୋଇଥିବା ବେଳେ, ଏହାର ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ଚଞ୍ଚଳା ନାୟକ ସୂଚନା ଦେଇଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର



ଅନୁଗୋଳ,୮ ।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରବିବାର ରାଜ୍ୟର ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ପିଏମଶ୍ରୀ ଖଲାରି ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ତଳମୂଳ ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ୭ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ଏହି ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀଗୃହ, ଶିକ୍ଷାର୍ଥୀଙ୍କ ନିମନ୍ତେ ଭୋଜନାଳୟ ଗୃହ, ଆବାସିକ ଗୃହ ଓ ଖେଳ ପଡ଼ିଆର ଉନ୍ନତି ଆଦି ବହୁ ଉନ୍ନତିମୂଳକ କାର୍ଯ୍ୟ ହେବା ନେଇ ବ୍ୟକ୍ତବ୍ୟରେ ପ୍ରକାଶ କରିଥିଲେ। ଖଲାରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣ, ଖଲାରୀ ସରପଞ୍ଚ ସସ୍ମିତା ଗଡ଼ନାୟକ, ସମିତି ସଭ୍ୟ ରାକେଶ ନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସେଠ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଉରୀବନ୍ଧୁ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ, ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସାଧାରଣ ସମ୍ପାଦକ ରଜତ ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ତଳମୂଳଠାରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ବଅଁରପାଳ ବିଡିଓ ଲୋଚନ ଦାସ, ତଳମୂଳ ସରପଞ୍ଚ ସୋନାଲୀ ମହାପାତ୍ର, ସମିତି ସଭ୍ୟା ଅମ୍ରିତା ଜେନା, ବଅଁରପାଳ ବିଇଓ ତଥା ହାଇସ୍କୁଲର ପ୍ରଧାନଶିକ୍ଷକ ମାନସ ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## ମେଡିକାଲ କଲେଜ ନର୍ସ ନିଯୁକ୍ତିରେ ଜାଲିଆତି
# ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ବିଜେଡି

ଅନୁଗୋଳ,୮ ।୬(ସମିସ):




ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲରେ ନର୍ସ ନିଯୁକ୍ତିରେ ଜାଲିଆତି ଘଟଣା ସାମ୍ନାକୁ ଆସିବା ପରେ ସବୁ ମହଲରେ ଉଦବେଗ ପ୍ରକାଶ ପାଇଛି। ଜିଲ୍ଲା ବିଜେଡି ପକ୍ଷରୁ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟରେ ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ କହିଲେ, ମେଡିକାଲ କଲେଜ ପକ୍ଷରୁ ଗତ ପ୍ରାୟ ଦେଢ଼ବର୍ଷ ତଳେ ଆଉଟସୋର୍ସିଂ ମାଧ୍ୟମରେ ଦୁଇଶହରୁ ଅଧିକ ନର୍ସ ଏବଂ ପାରାମେଡିକାଲ କର୍ମଚାରୀ ନିଯୁକ୍ତ ହୋଇଥିଲେ। କଲେଜ ଅଧୀକ୍ଷକ ନିକଟରେ ନିଯୁକ୍ତି ପାଇଥିବା ନର୍ସମାନଙ୍କ ପ୍ରମାଣପତ୍ର ଯାଞ୍ଚ କରିବାରୁ ସେଥିରେ ୬୦ରୁ ଅଧିକ ନର୍ସଙ୍କ ପ୍ରମାଣପତ୍ର ନକଲି ଥିବା ଜଣାପଡ଼ିଥିଲା। ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତ ୯୦ ନର୍ସଙ୍କ ମଧ୍ୟରୁ ୬୦ ଜଣଙ୍କ ପ୍ରମାଣପତ୍ର ନକଲି ବୋଲି ସ୍ପଷ୍ଟ ହୋଇଛି। ଶାସକ ଦଳର ରାଜନେତା ଏହି ଘୋଟାଲାରେ ସମ୍ପୃକ୍ତ ଥାଇପାରନ୍ତି। ଏହି ଘୋଟାଲାର ବିଚାରବିଭାଗୀୟ ତଦନ୍ତ କରାଯିବାକୁ ପ୍ରଧାନ ଦାବି କରିଛନ୍ତି। ସରକାର ଏହି ନକଲି ପ୍ରମାଣପତ୍ର ରାକେଟର କିଙ୍ଗପିନ୍‌କୁ ଧରିବା, ଯେଉଁମାନଙ୍କ ଅବହେଳାରୁ ଏଭଳି ଘୋଟାଲା ହେଲା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଛଘୁଞ୍ଚା ଦିଅନ୍ତି ତେବେ ବିଜେଡି ରାଜରାସ୍ତାକୁକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଯୁବନେତା ଅରୁଣାଭ ସିଂହ, ଅନୁଗୋଳ ବାର୍ ସଭାପତି ଦିଲୀପ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସଙ୍କ ଦବଙ୍ଗଗିରି, ରୋଗୀଙ୍କୁ ଦୁର୍ବ୍ୟବହାର

ଅନୁଗୋଳ,୮ ।୬(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ କର୍ମଚାରୀଙ୍କ ଆକ୍ରୋସର ଶିକାର ହେଉଛନ୍ତି। ରୋଗୀ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବହୁଚର୍ଚ୍ଚିତ ନର୍ସ ନିଯୁକ୍ତି ଜାଲିଆତିର ତନାଘନାକୁ ନେଇ ସବୁ ନର୍ସ ଉତ୍ତ୍ୟକ୍ତ ହୋଇପଡ଼ିଛନ୍ତି। ସେମାନଙ୍କ ରାଗ ଅସହାୟ ରୋଗୀଙ୍କ ଉପରେ ସୁଝାଉଛନ୍ତି। ସୋମବାର ଅପରାହ୍ନରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପୁରୁଷ ବିଭାଗ ସର୍ଜରୀ ୱାର୍ଡ (୨)ରେ। ଦୁଇଦିନ ପୂର୍ବେ ଭର୍ତ୍ତି ହୋଇଥିବା ଦୁର୍ଘଟଣାଗ୍ରସ୍ତ ପୁରୁଷ ରୋଗୀଙ୍କୁ ଇଞ୍ଜେକସନ ଦେବାରେ ପୁରୁଷ ନର୍ସଙ୍କୁ ସହଯୋଗ କରିବାକୁ ଶଯ୍ୟା ନିକଟରେ ରୋଗୀଙ୍କ ମା', ଭଉଣୀ ଥିଲେ। ତେବେ ପୁରୁଷ ନର୍ସ ରୋଗୀ ସମ୍ପର୍କୀୟଙ୍କୁ ଉଚ୍ଚ ସ୍ୱରରେ ମନ୍ତବ୍ୟ ଦେବା ସହ ଅଣ୍ଟାରେ ଇଞ୍ଜେକ୍ସନ ଦେବାକୁ ରୋଗୀଙ୍କ ଦେହରୁ ଲୁଙ୍ଗି ଟାଣି ବାହାର କରିଦେଇଥିଲେ। ପୁରୁଷ ନର୍ସଙ୍କ ଅସଦାଚରଣରେ ରୋଗୀ ସମ୍ପର୍କୀୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶୌଚାଳୟକୁ ଷ୍ଟାଫନର୍ସମାନେ ତାଲା ପକାଇ ନିଜେ ବ୍ୟବହାର କରୁଛନ୍ତି। ଅନ୍ୟ ଏକ ଶୌଚାଳୟରେ ମହିଳା ପୁରୁଷ ଏକାଠି କାମ ଚଳାଉଛନ୍ତି।

## ■ ଅଣ୍ଟାରେ ଇଞ୍ଜେକସନ ଦେବାକୁ ସର୍ବସମ୍ମୁଖରେ ଲୁଙ୍ଗି ଟାଣିଲେ
## ■ ରୋଗୀଙ୍କ ଶୌଚାଳୟରେ ତାଲା ପକାଇଲେ

ପୁରୁଷ ନର୍ସ ଜଣଙ୍କ ତରବରରେ ସେଠାରୁ ପଳାଇ ଯାଇଥିଲେ। ଷ୍ଟାଫ ନାହିଁ, ୭୦ ରୋଗୀଙ୍କୁ ଜଣେ ଦେଖୁଛି। ତମକୁ ଏତେ ସମୟ ଦେଲେ ଅନ୍ୟମାନଙ୍କୁ କେତେବେଳେ ଦେଖିବି ବୋଲି କହିଥିଲେ।

ଏହି ୱାର୍ଡର ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ୱାର୍ଡ ଶୀତତାପ ନିୟନ୍ତ୍ରିତ କଠୋରି ହୋଇଥିବାରୁ ମେହେନ୍ତର, ସିକ୍ୟୁରିଟି କର୍ମଚାରୀ ଖାଲି ପଡ଼ିଥିବା ରୋଗୀ ଶଯ୍ୟାରେ ବିଶ୍ରାମ ନେଉଛନ୍ତି। ମୋବାଇଲରେ ରିଲ୍ସ ବଜାଇ ହାସ୍ୟରୋଳ କରୁଥିବାରୁ ଶଯ୍ୟାସାୟୀ ରୋଗୀ ନିରବ ପରିବେଶ ପାଇପାରୁନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭୁବନେଶ୍ୱର ସିଟି



# ଆଗକୁ ରଜ; ଜମିଆସୁଛି ମାହୋଲ

### ଉଦୟ ଓଡ଼ିଶା ଫାଉଣ୍ଡେସନର ରଜ ମହୋତ୍ସବ

## ପାରମ୍ପରିକ ନୃତ୍ୟ ଓ ରଜ ଗୀତରେ ଝୁମିଲେ ଦର୍ଶକ



ଭୁବନେଶ୍ୱର, ୮।୬(ସମିସ): ଗଣପର୍ବ ରଜ ଆସିଲେ ଆଗଭଳି ଆଉ ସେ ସରାଗ ଦେଖିବାକୁ ମିଳୁନାହିଁ। ରଜରେ ପୋଡ଼ ପିଠା ହେଉନି, ରଜ ଦୋଳି ବି ଲାଗୁନି। ଆମ ପରମ୍ପରାକୁ ଭୁଲିଯିବା ଶୁଭ ଲକ୍ଷଣ ନୁହେଁ। ପିଢ଼ି ପରେ ପିଢ଼ି ଆମ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପୁଣିଥରେ ପରିବାରୁ ଅଭିଯାନ ଆରମ୍ଭ ହେବା ଜରୁରୀ। ଉଦୟ ଓଡ଼ିଶା ଫାଉଣ୍ଡେସନ୍ର ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଆୟୋଜିତ 'ରଜ ମହୋତ୍ସବ'ରେ ଯୋଗ ଦେଇ ଅତିଥିମାନେ ଏହା କହିଛନ୍ତି।

- ମହମହ ବାସିଲା ରଜ ପୋଡ଼ ପିଠା
- ପରମ୍ପରାକୁ ବଞ୍ଚାଇ ରଖିବାକୁ ପରିବାରରୁ ଅଭିଯାନ ଆରମ୍ଭ ହେଉ: ବାବୁ ସିଂ

ମୁଖ୍ୟଅତିଥି ଭାବେ ବିଧାୟକ ବାବୁ ସିଂ, ବିଶିଷ୍ଟ ଅତିଥି ଭାବେ ମେୟର ସୁଲୋଚନା ଦାସ, ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ବିଶିଷ୍ଟ ଲେଖିକା ଓ ଆକାଶବାଣୀ କଟକର ବରିଷ୍ଠ ସ୍ୱରଶିଳ୍ପୀ ପ୍ରଫେସର୍ ଚିନ୍ମୟୀ ମହାନ୍ତି, ପ୍ରଖ୍ୟାତ ଚିତ୍ରଶିଳ୍ପୀ ଓ ଅଭିନେତା ଡ. ଚିନ୍ତାମଣି ବିଶ୍ୱାଳ, ଅଭିନେତ୍ରୀ ଡ. ମେଘନା ମିଶ୍ର, ବିଶିଷ୍ଟ ଚିତ୍ରଶିଳ୍ପୀ ସୁଶାନ୍ତ ସିଂ ସାମନ୍ତ, ପ୍ରସିଦ୍ଧ ରନ୍ଧନଶିଳ୍ପୀ ସ୍ମୃତିଶ୍ରୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଉଦୟ ଓଡ଼ିଶାର ସଭାପତି କମଳାକାନ୍ତ ନାୟକ ସ୍ୱାଗତ ବକ୍ତବ୍ୟ ଦେଇଥିବା ବେଳେ ସମ୍ପାଦକ ସୋମନାଥ ପରିଡ଼ା ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ବିଶିଷ୍ଟ ଲେଖିକା ଓ ଆକାଶବାଣୀ କଟକର ବରିଷ୍ଠ ସ୍ୱରଶିଳ୍ପୀ ପ୍ରଫେସର ଚିନ୍ମୟୀ ମହାନ୍ତିଙ୍କ ଗଳ୍ପ ସଙ୍କଳନ 'ଗଳ୍ପ ପରି ଲାଗେ'ର ଇଂରାଜୀ ଅନୁବାଦ 'ଇକୋଜ୍ ଅଫ୍ ଲାଇଫ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ 'ଆମ ପରମ୍ପରା ଆମ ରଜ' ବିଷୟ ବସ୍ତୁକୁ ନେଇ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା 'କାନଭାସ୍‌ରେ ରଜ'ର ଅନୁଷ୍ଠିତ ହୋଇଥିଲା। ସେହିପରି ପୋଡ଼ ପିଠା ପ୍ରତିଯୋଗିତାରେ ମହିଳା ସ୍ୱୟଂ ସହାୟିକା ଗ୍ରୁପ୍ର ମା' ମାନେ ପୋଡ଼ ପିଠା ପ୍ରତିଯୋଗତାରେ ଭାଗ ନେଇଥିଲେ। ପାରମ୍ପରିକ ପିଠା ସମେତ ଜାମୁକୋଳି, ବେଲ, ଆମ୍ବ ରସର ପୋଡ଼ ପିଠା ମନ ଜିଣିଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସୁଶ୍ରୀ ଶ୍ରୀଦିଶା ମହାନ୍ତି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଓଡ଼ିଶାର ପାରମ୍ପରିକ ନୃତ୍ୟକୁ ନେଇ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାର ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ତା' ସହ ସମେତ ରଜ ଗୀତରେ ଝୁମାଇଥିଲେ କଣ୍ଠଶିଳ୍ପୀ ଅରୁତୋଷ ଓ ବିଷ୍ଣୁ ପ୍ରିୟା। ଅନୁଷ୍ଠାନର ସହ ସମ୍ପାଦିକା ଅର୍ପିତା ନାଥଶର୍ମା, ଉପସଭାପତି ଏରିକା ପ୍ରିୟଦର୍ଶିନୀ ଅତିଥିଙ୍କୁ ସମ୍ମାନିତ କରିଥିବା ବେଳେ କୋଷାଧ୍ୟକ୍ଷ ଚିନ୍ମୟୀ ଅର୍ପିତା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ସୁଦୀପ୍ତ ପରିଡ଼ା, ବିଶ୍ୱଜିତ୍ ବରାଳ, ତପସ୍ୱିନୀ ନାୟକ, ଶୁଭାଶିଷ ବେହେରା, କମଳ ଲୋଚନ ପରିଡ଼ା, ଶୁଭଦର୍ଶିନୀ ବେହେରା, ଚିରଂଜିତ୍ ପ୍ରମୁଖ ସହଯୋଗ କରିଥିଲେ।

ଭୁବନେଶ୍ୱର, ୮।୬(ସମିସ)

ଆଉ ମାତ୍ର ଦିନ କେଇଟା ପରେ ରଜ ପର୍ବ। ଏଥିପାଇଁ ଗାଁରୁ ସହର ଯାଏ ସବୁଠି ଉତ୍କଣ୍ଠା ଓ ପ୍ରସ୍ତୁତି ଆରମ୍ଭ କହୋଇଛି। ଚଳିତ ବର୍ଷ ପାରମ୍ପରିକ ଉତ୍ସବ ରଜକୁ ପାଳନ କରିବାକୁ ବିଭିନ୍ନ ସ୍ଥାନରେ ଆରମ୍ଭ ହେଲାରି ପ୍ରସ୍ତୁତି। ସହରବାସୀମାନେ କିଭଳି ପାରମ୍ପରିକ ଭାବେ ଏହି ଉତ୍ସବକୁ ପାଳନ କରିବେ ସେଥିପାଇଁ ଯୋଜନା ମଧ୍ୟ ହୋଇଥିବା ଦେଖିବାକୁ ମିଳିଛି।

### ରାସ୍ତାକଡ଼ରେ ଝୁଲୁଛି ଦୋଳି

ବହୁତ୍ ବଢ଼ିଆ ଝୁଲା ହେ-ଲେ ଲୋ..। ରାଜଧାନୀ ରାସ୍ତାକଡ଼ରେ ଏଭଳି ଗ୍ରାହକଙ୍କୁ ଡାକି ଡାକି ଦୋଳି ବିକ୍ରି କରୁଛନ୍ତି ପ୍ଲାଷ୍ଟିକ୍ ଦୋଳି ବେପାରି। ଆଉ ମାତ୍ର ଦିନ କେଇଟା ପରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଗଣପର୍ବ ରଜ। ସେଥିପାଇଁ ରାଜଧାନୀର ବିଭିନ୍ନ ରାସ୍ତା କଡ଼ରେ ଆରମ୍ଭ ହେଲାଣି ପ୍ଲାଷ୍ଟିକ୍ ଦୋଳିର ବ୍ୟବସାୟ। ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ରହିଥିବା ଗଛ ଛାଇ ତଳେ ଦୋଳି ବାନ୍ଧି ଝୁଲି ଝୁଲି ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି ବେପାରି। ଏହି ବ୍ୟବସାୟୀମାନେ ଅଧିକାଂଶ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଆସିଥିବା ଜଣାପଡ଼ିଛି। ବ୍ୟବସାୟୀଙ୍କ କହିବା ଅନୁସାରେ, ବର୍ଷକୁ ଥରେ ଆମେ ରଜ ପୂର୍ବରୁ ଓଡ଼ିଶା ଆସିଥାଉ। ଗାଁ ରୁ ଏହି ଦୋଳି ତିଆରି କରି ଭୁବନେଶ୍ୱର, କଟକ, ବ୍ରହ୍ମପୁର ଆଦି ରାଜ୍ୟର ପ୍ରାୟ ପ୍ରମୁଖ ସହରମାନଙ୍କରେ ଆସି ବେପାର କରୁ। ଦିନକୁ ପ୍ରାୟ ଦୁଇ ହଜାରରୁ ଅଧିକ ଟଙ୍କାର ଭଲ ବ୍ୟବସାୟ ହେଉଛି। ଚଳିତ ବର୍ଷ ଭୁବନେଶ୍ୱରକୁ ପ୍ରାୟ ୨୦୦ରୁ ଅଧିକ ଦୋଳି ବେପାରି ଆସିଛନ୍ତି। ୧୦୦ ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା ମୂଲ୍ୟରେ ଏହି ଦୋଳି ବିକ୍ରି କରାଯାଉଛି। ଏହି ଦୋଳିର ୮୦ କେଜିରୁ ଶହେ କେଜି ଓଜନ ସମ୍ଭାଳିବାର ଦକ୍ଷତା ରହିଛି। ଓଡ଼ିଶାର ଲୋକମାନେ ଆମର ପ୍ଲାଷ୍ଟିକ୍ ଦୋଳିକୁ ଆଦରର ସହିତ ଗ୍ରହଣ ମଧ୍ୟ କରୁଛନ୍ତି ବୋଲି ବ୍ୟବସାୟୀମାନେ କହିଛନ୍ତି। (ସୁମିତ୍ରା)

### ପାନ୍ଥନିବାସରେ ଓଟିଡିସିର 'ରଜ ମହୋତ୍ସବ'

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଟିଡିସର ରଜ ମହୋତ୍ସବ ପାନ୍ଥନିବାସରେ ପାଳିତ ହେବ। ରଜ ଗୀତ ସାଙ୍ଗକୁ ପାରମ୍ପରିକ ପରିବେଶରେ ଅନୁଭୂତି ପାଇବେ ରାଜଧାନୀବାସୀ। ରଙ୍ଗ ବେରଙ୍ଗର ଫୁଲରେ ଆକର୍ଷଣୀୟ ରଜ ଦୋଳି ସହ ରଜ ପାନ ଓ ପାରମ୍ପରିକ ପିଠାରେ ମହକିବ ପାନ୍ଥନିବାସ। ରାଜଧାନୀର ବିଭିନ୍ନ ସ୍ଥାନରୁ ମହିଳାମାନେ ସାଙ୍ଗ ମେଳରେ ଦୋଳି ଖେଳର ନିଆରା ମଜ୍ଜା ସାଙ୍ଗକୁ ହାତରେ ମେହେନ୍ଦି ଓ ରଜ ପାନ ଖାଇବାର ସୁଯୋଗ ପାଇବେ। ୧୩ ତାରିଖ ସଜବାଜରୁ ଶେଷ ରଜ ଯାଏ ଚଳଚଞ୍ଚଳ ହୋଇଉଠିବ ପାନ୍ଥ ନିବାସ। ସେହିପରି ପ୍ରତିବର୍ଷ ପରି ଏଥର ମଧ୍ୟ ସମାନ ଭାବେ ରାଜଧାନୀବାସୀଙ୍କୁ ରଜ ପର୍ବରେ ପାରମ୍ପରିକ ପିଠାର ସ୍ୱାଦ ଚଖାଇବ ଓଟିଡିସି। ଏଥିପାଇଁ 'ପିଠା ଅନ୍ ହ୍ୱିଲ୍' ମାଧ୍ୟମରେ ରାଜଧାନୀର ବିଭିନ୍ନ ସ୍ଥାନରେ ପାରମ୍ପରିକ ପିଠା ଉପଲବ୍ଧ ହେବ।

### ପାତ୍ରପଡ଼ାରେ ୪ଦିନ ହେବ ରଜ ମଉଜ

ଚଳିତବର୍ଷ ପାତ୍ରପଡ଼ାରେ ଧୁମଧାମରେ ପାଳନ ହେବ ୧୬ତମ ବାର୍ଷିକ ରଜ ମହୋତ୍ସବ-୨୦୨୬। ଏଥିପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ମହାରାଜା କ୍ରିକେଟ୍ ଆସୋସିଏସନ୍ ଓ ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ରଜ ମହୋତ୍ସବ ଚଳିତ ବର୍ଷ ୧୬ ବର୍ଷରେ ପଦାର୍ପଣ କରିବ। ଏହି ଅବସରରେ ଚଳିତ ୧୪, ୧୫, ୧୬ ଏବଂ ୧୭ ତାରିଖ ୪ଦିନ ଧରି ଧୁମଧାମରେ ପାଳନ ହେବ ରଜ। ସେହିପରି ୧୩ ତାରିଖରେ ସଜବାଜ ମଧ୍ୟ ହେବ। ଏଥର ରଜରେ ୧୦୦ରୁ ଊର୍ଦ୍ଧ୍ୱ ଦୋଳି ସାଙ୍ଗକୁ, ରଜପାନ, ପାରମ୍ପରିକ ପିଠାରେ ମହକିବ ସାରା ପରିବେଶ। ତେବେ ଏକ ସ୍ପେଶାଲ ଦୋଳିରେ ଝୁଲିବେ ରାଧା କୃଷ୍ଣ। ଏହାସହ ପୁଚି ଖେଳ, ମ୍ୟୁଜିକ୍ ଚେୟାର, ପଶା ଖେଳ, ବେଲୁନ ଡ୍ୟାନ୍ସ, ପେପର୍ ଡ୍ୟାନ୍ସ ସମେତ ପିଠା, ହୁଳହୁଳି, ଶଙ୍ଖ ଫୁଙ୍କା ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ମହାରାଜା କ୍ରିକେଟ୍ ଆସୋସିଏସନ୍ ବରିଷ୍ଠ ସଦସ୍ୟ ରବୀନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି।

### ରାଜ୍ୟ ସଂଗ୍ରହାଳୟରେ ପାରମ୍ପରିକ ରଜ ମହୋତ୍ସବ

ଓଡ଼ିଆ ବିଶ୍ୱ ପରିବାର ପକ୍ଷରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଏଥର ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜ ମହୋତ୍ସବ ପାଳିତ ହେବ। ୧୪ରୁ ୧୭ ତାରିଖ ଯାଏ ସଂଗ୍ରହାଳୟର ଉଦ୍ୟାନରେ ପାରମ୍ପରିକ ଢଙ୍ଗରେ ଦୋଳି ବନ୍ଧାଯିବ। ଯେଉଁଠି ପର୍ଯ୍ୟଟକମାନେ ଟିକଟ୍ କରି ଦୋଳି ଖେଳିପାରିବେ। ସଂଗ୍ରହାଳୟର ଉଦ୍ୟାନରେ ଥିବା ସବୁଜ ଗାଲିଚା ପ୍ରାକୃତିକ ପରିବେଶ ମଧ୍ୟରେ ଦର୍ଶକମାନେ ଅନୁଭବ କରିବେ ପାରମ୍ପରିକ ରଜ ମଉଜ। ଶେଷ ରଜରେ ବସୁମତି ସ୍ନାନ କରାଯିବ। ସୋମବାର ସଂଗ୍ରହାଳୟ ବନ୍ଦ ରହିଲେ ମଧ୍ୟ ରଜ ଉତ୍ସବକୁ ପର୍ଯ୍ୟଟକମାନେ ବୁଲିପାରିବେ ବୋଲି ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ କହିଛନ୍ତି।



### କସ୍ତୁରବା ଖେଳ ପଡ଼ିଆରେ ରଜ ମଉଜ

**ପ୍ରଥମ ସନ୍ଧ୍ୟାରେ ଧୁମ ମଚାଇବେ ବଲିଉଡ୍ କଣ୍ଠଶିଳ୍ପୀ**

ନୂଆପଲ୍ଲୀ କସ୍ତୁରବା ଖେଳ ପଡ଼ିଆରେ ୫ମଥର ପାଇଁ ରଜ ମହୋତ୍ସବ ଆୟୋଜିତ ହେବ। ରାଜଧାନୀର କଂକ୍ରିଟ୍ ଜଙ୍ଗଲରେ ପାରମ୍ପରିକ ରଜଦୋଳି ହଜିଯାଉଥିବା ବେଳେ କଳିଙ୍ଗ କ୍ରୀଡ଼ା ବିକାଶ ପରିଷଦ ପକ୍ଷରୁ ଏହି ପ୍ରୟାସ କରାଯାଉଛି। ୪ଦିନ ଧରି ଦୋଳି ଖେଳର ମଜା ନେବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ସନ୍ଧ୍ୟାରେ ବଲିଉଡ ପ୍ଲେବ୍ୟାକ୍ ସିଙ୍ଗର ଶୁଭଲକ୍ଷ୍ମୀ ସଙ୍ଗୀତ ପରିବେଷଣ ସହ ପାଇକ ଆଖଡ଼ା, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷିତ ହେବ। ଦ୍ୱିତୀୟ ସନ୍ଧ୍ୟାରେ ଶଶାଙ୍କ ଶେଖରଙ୍କ ସଙ୍ଗୀତ ସାଙ୍ଗକୁ ରଜ ଗୃହିଣୀ ପ୍ରତିଯୋଗିତା, ଶଙ୍ଖଧ୍ୱନୀ, ହୁଳହୁଳି ସମେତ ପିଲାମାନଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ସେହିପରି ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ସାଙ୍ଗକୁ ରହିଛି ରଜ କୁଇନ୍, ବରିଷ୍ଠଙ୍କ ମଧ୍ୟରେ ପ୍ରତିଯୋଗିତା 'ହମ୍ କିସିସେ କମ୍ ନେହିଁ', ରାମ୍ପ ଶୋ। ସେହିପରି ଶେଷ ସନ୍ଧ୍ୟାରେ କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ସଙ୍ଗୀତ ପରିବେଷଣ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାରେ କ୍ୟତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ମହିଳାମାନଙ୍କ ଭିତରେ ବିଭିନ୍ନ ବିଭାଗର ପ୍ରତିଯୋଗିତା କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

### ଦ୍ୱିତୀୟ ବର୍ଷରେ ପଟିଆଗଡ଼ ରଜ ଉତ୍ସବ

ଚଳିତ ବର୍ଷ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିବ ପଟିଆଗଡ଼ ରଜ ଉତ୍ସବ। ସ୍ଥାନୀୟ ଏଲ୍ଏ ଲନ୍ ଠାରେ ୧୪, ୧୫, ୧୬ ତିନିଦିନ ଧରି ଧୁମଧାମରେ ପାରମ୍ପରିକ ଭାବେ ରଜ ପାଳନ କରାଯିବ। ଏଥିପାଇଁ ଲନ୍‌କୁ ସୁନ୍ଦର ଭାବରେ ସାଜସଜା କରାଯିବା ସହ ବାଉଁଶ ଦୋଳି, ପଟା ଦୋଳି, ଚକିରି ଦୋଳି ସହିତ ରଜ ଗୀତ ସାଙ୍ଗକୁ ରଜ ପାନ ଓ ପିଠା ବାସ୍ନାରେ ମହକିବ ସାରା ଅଞ୍ଚଳ। ସେହିପରି ଝୋଟି, ଚିତା, ମୁରୁଜରେ ଦାଣ୍ଡ ଦୁଆର ଝଲସିବା ସହ ସାଂସ୍କୃତିକ ସନ୍ଧ୍ୟାରେ ଉତ୍ସବମୁଖର ହେବ। ନାଚ, ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପଟିଆ ଗଡ଼ରେ ରଜ ମହୋତ୍ସବ ଆୟୋଜିତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## ଡ୍ରାଇଭରଙ୍କ ପତ୍ନୀଙ୍କୁ ମ୍ୟାନେଜରଙ୍କ ଦୁଷ୍କର୍ମ

ଭୁବନେଶ୍ୱର, ୮।୬ (ସମିସ): ରାଜଧାନୀରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ବ୍ଲାକମେଲ୍ କରି ଡ୍ରାଇଭରଙ୍କ ପତ୍ନୀଙ୍କୁ ଦୁଷ୍କର୍ମ କରିଛି ମାଲିକ। ଜଘନ୍ୟ କାଣ୍ଡ ପଦାକୁ ଆସିବା ପରେ ମାଲିକକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଟଣୀ କୁସୁମାଟି ଅନ୍ତର୍ଗତ ଚିନ୍ତାମଣି ନଗରର ସଂସାରି ପଣ୍ଡା। ସେପଟେ ସଂସାରିଙ୍କ ଠାରୁ ୫ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗରେ ପୀଡ଼ିତାଙ୍କୁ ଗିରଫ କରିଛି ଜଟଣୀ ଥାନା ପୁଲିସ।



- ଚାକିରିରୁ ବିଦା କରିଦେବ ବୋଲି ଡରାଉଥିଲେ
- ଠକେଇ ମାମଲାରେ ଗିରଫ ହୋଇଛନ୍ତି ପୀଡ଼ିତା

ପୁଲିସ ସୂଚନାନୁସାରେ, ଜଟଣୀ ଅଞ୍ଚଳରେ ଥିବା ଏକ ଗ୍ୟାସ୍ ଏଜେନ୍ସିରେ ସଂସାରି ମ୍ୟାନେଜର ଭାବେ କାମ କରୁଥିବା ବେଳେ ଡୁମୁଡୁମା ଅଞ୍ଚଳର ଯୁବକ ତଥା ପୀଡ଼ିତାଙ୍କ ସ୍ୱାମୀ ତା' ଅଧୀନରେ ଗାଡ଼ି ଚଳାଉଥିଲେ। ଦରମା ଟଙ୍କା ଦେବା ସହ ଅନ୍ୟାନ୍ୟ କାମ ପାଇଁ ସଂସାରି ବିଭିନ୍ନ ସମୟରେ ଡ୍ରାଇଭରର ଘରକୁ ଯିବାଆସିବା କରୁଥିଲା। ଏହାରି ଭିତରେ ଆର୍ଥିକ ସଙ୍କଟର ସୁଯୋଗ ନେଇ ସଂସାରି ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଅନେକ ସମୟରେ ଘରକୁ ଆସିବା ସହ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ ଜଣାଇଲେ ସ୍ୱାମୀକୁ ଚାକିରିରୁ ବାହାର କରିଦେବ ବୋଲି ପୀଡ଼ିତାଙ୍କୁ ଧମକ ଦେଉଥିଲା। ଏଥିସହିତ ପରିବାରକୁ ବରବାଦ କରିବାକୁ ମଧ୍ୟ ଧମକାଉଥିଲା। ସଂସାରିର ପତ୍ନୀ ଘଟଣା ବିଷୟରେ ଜାଣିବା ପରେ ଆପୋଷ ସମାଧାନ ଲାଗି ଘରକୁ ଡକାଇଥିଲେ। ପୀଡ଼ିତା ସେଠାରେ ପହଞ୍ଚିବା ପରେ ପତିପତ୍ନୀ ମିଶି ତାଙ୍କୁ ଟଙ୍କା ଯାଚିବା ସହ ଚୁପ୍ ରହିବାକୁ କହିଥିଲେ। ହେଲେ ମହିଳା ଜଣକ ସେମାନଙ୍କ ପ୍ରସ୍ତାବରେ ରାଜି ହୋଇନଥିଲେ। ମହିଳାଙ୍କ ସହ ତାଙ୍କର ଶାରୀରିକ ସମ୍ପର୍କ ରହିବା ପରେ ସେ ଗର୍ଭବତୀ ହୋଇ ଯାଇଥିଲେ ଓ ତାଙ୍କ ଠାରୁ ଟଙ୍କା ନେଇଛନ୍ତି ବୋଲି ସଂସାରି ପୀଡ଼ିତାଙ୍କ ସ୍ୱାମୀଙ୍କୁ ଜଣାଇ ଦେଇଥିଲେ।

ସଂସାରି ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସେପଟେ ପୀଡ଼ିତା ଓ ତାଙ୍କର ଜଣେ ସହଯୋଗୀ ମିଶି ୫ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ସଂସାରି ଜଟଣୀ ଥାନାରେ ଏତଲା ଦେଇଥିଲେ। ଗତକାଲି ଜଟଣୀ ଥାନା ପୁଲିସ ପୀଡ଼ିତାଙ୍କୁ ଠକେଇ ମାମଲାରେ ଗିରଫ କରିଥିବା ବେଳେ ଆଜି ଖଣ୍ଡଗିରି ପୁଲିସ ସଂସାରିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପୁଣି କାଳବୈଶାଖୀର ତାଣ୍ଡବ

ଭୁବନେଶ୍ୱର ୮।୬ (ସମିସ): ରାଜଧାନୀରେ ପୁଣି କାଳବୈଶାଖୀ ତାଣ୍ଡବ କରିଛି। ଅପରାହ୍ଣରେ ଅଚାନକ ସୁ ସୁ ହୋଇ ପବନ ବହିବାକୁ ଲାଗିଲା। ପବନର ବେଗ ଏତେ ବଢ଼ିଗଲା ଯେ ଯାତାୟତ ଏକ ପ୍ରକାର ଠପ୍ ହୋଇଗଲା। କିଛି ସମୟ ପାଇଁ କଳା ବାଦଲ ଛାଇଗଲା। ଯଦିଓ ଅଦିନିଆ ବର୍ଷା ଗରମରୁ ରାଜଧାନୀବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି କିନ୍ତୁ ବହୁ ସ୍ଥାନରେ ଗଛପତ୍ର ଉପୁଡ଼ି ଯାଇଛି। ଘର ଭାଙ୍ଗି ଯାଇଛି। ପାହାଳ ଛକରେ ୨୦ରୁ ଊର୍ଦ୍ଧ୍ୱ ମିଠା ଦୋକାନ କାଳବୈଶାଖୀ ପ୍ରଭାବରେ ଭାଙ୍ଗିଯାଇଛି। ଏହି ଦୋକାନ ଗୁଡ଼ିକର ଚାଳଛପର, ଆଜବେଷ୍ଟସ୍‌କୁ ପବନ ଉଡାଇ ନେଇଛି। ଦୋକାନୀମାନଙ୍କ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଏଣୁ ପାହାଳରେ ମିଠା ବ୍ୟବସାୟ ପ୍ରଭାବିତ ହୋଇଛି। ସେହିପରି ଏଠାରେ ଥିବା ଏକ କାର୍ ସୋ'ରୁମ୍‌ରେ ଲାଗିଥିବା ଏକ ଟାୱାର ଉପୁଡ଼ି ତଳେ ପଡ଼ି ଯାଇଛି।




- ଉଡ଼େଇ ନେଲା ୨୦ ମିଠା ଦୋକାନର ଛପର
- ଜାତୀୟ ରାଜପଥ ଜାମ୍, କାର୍ ଉପରେ ପଡ଼ିଲା ଗଛ

ଅନ୍ୟପକ୍ଷରେ ହଂସପାଳ ଛକ ଠାରୁ କଟକ ଆଡ଼କୁ ପାହାଳ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଗଛ ଭାଙ୍ଗି ପଡ଼ିଥିଲା। ଏଣୁ ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍ ହୋଇଥିଲା। ବହୁ ସଂଖ୍ୟାରେ ଯାନବାହାନ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ରସୁଲଗଡ଼ରୁ ପାହାଳ ପର୍ଯ୍ୟନ୍ତ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଗଛ ରାସ୍ତାରୁ ସଫା କରିବା ପରେ ଯାନାବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ନୂଆପଲ୍ଲୀ ଅଞ୍ଚଳରେ ଏକ କାର ଉପରେ ଗଛ ପଡ଼ିଯାଇଛି। କାର ଭିତରେ ଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

**ଆମ ରାଜଧାନୀ ଆମ ଐତିହ୍ୟ**

## ପଞ୍ଚାୟତନ ଶୈଳୀରେ ନିର୍ମିତ ବ୍ରହ୍ମେଶ୍ୱର ମନ୍ଦିର



ଭୁବନେଶ୍ୱର, ୮।୬(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଥିବା ବିଭିନ୍ନ ପୁରାତନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ଏକାଦଶ ଶତାବ୍ଦୀର ବ୍ରହ୍ମେଶ୍ୱର ମନ୍ଦିର। ଏହି ପୂର୍ବାମୁଖୀ ବ୍ରହ୍ମେଶ୍ୱର ମନ୍ଦିର ଶିବଙ୍କୁ ସମର୍ପିତ।

ଏହାର ଏକ ବିଶେଷତ୍ୱ ହେଉଛି ଯେ ଏହା ଦୁଇଟି ପ୍ରକାରର କାନ୍ଥ ଦ୍ୱାରା ଆବଦ୍ଧ। ଏହି ମନ୍ଦିରଟି ପଞ୍ଚାୟତନ ଶୈଳୀରେ ନିର୍ମିତ, ଅର୍ଥାତ୍ ମନ୍ଦିରର ଚାରିକୋଣରେ ଚାରୋଟି କ୍ଷୁଦ୍ରକାର ଦେଉଳ ରହିଛି। ଅଭିଲେଖୀୟ ସାକ୍ଷ୍ୟ ଅନୁସାରେ ଏହି ମନ୍ଦିରଟି ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ରାଜତ୍ୱ କାଳର ୧୮ ଦଶ ବର୍ଷରେ, ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୦୫୮ ରେ ତାଙ୍କ ମାତା କୋଳାବତୀଦେବୀଙ୍କ ଦ୍ୱାରା ଏକାମ୍ରର 'ସିଦ୍ଧ କ୍ଷେତ୍ର' ନାମକ ସ୍ଥାନରେ ନିର୍ମାଣ କରାଯାଇଥିଲା। ଦେଉଳର ବାହ୍ୟ ପାର୍ଶ୍ୱଟି ଶିବଙ୍କ ବିଭିନ୍ନ ରୂପ ଯଥା ନଟରାଜ, ଭୈରବ, ଅର୍ଦ୍ଧନାରୀଶ୍ୱର, ଅଜୈକପାଦ, ମିଥୁନ ମୂର୍ତ୍ତି, ନାୟୀକା ଗଜବିଡାଳ ଇତ୍ୟାଦି କାରୁକାର୍ଯ୍ୟ ପରିପୂର୍ଣ୍ଣ। ଦେଉଳର ଗଣ୍ଡିର ପ୍ରତି ପାଗରେ ଗୋଟିଏ ଲେଖାଏଁ କ୍ଷୁଦ୍ରକାର ଅଙ୍ଗଶିଖର ଗୋଟିଏ ଧାଡ଼ିରେ ସଜ୍ଜିତ ହୋଇଛନ୍ତି। ଜଗମୋହନର ବାଡ଼ଟି ତ୍ରିଅଙ୍ଗ ଏବଂ ଏହା ଦେହରେ ଦୁଇଟି ଝରକା ରହିଛି। ଯେଉଁଥିରେ ବିଭିନ୍ନ ରମଣୀୟ ଭଙ୍ଗୀରେ ଦଣ୍ଡାୟମାନ ସ୍ତ୍ରୀମାନଙ୍କ ମୂର୍ତ୍ତି ଖୋଦିତ ହୋଇଛି। ଜଗମୋହନର ବାହ୍ୟପାର୍ଶ୍ୱ ଅଷ୍ଟଦିଗ୍‌ପାଳ ବିଭିନ୍ନ ପଶୁ-ପକ୍ଷୀଙ୍କ ଶୋଭାଯାତ୍ରା ଇତ୍ୟାଦି କାରୁକାର୍ଯ୍ୟ ସୁସଜ୍ଜିତ। ମୁକ୍ତେଶ୍ୱର ପରେ ଏହା ଭୁବନେଶ୍ୱର ଦ୍ୱିତୀୟ ମନ୍ଦିର ଯାହାର ଜଗମୋହନ ଭିତର ପାର୍ଶ୍ୱରେ ମଧ୍ୟ କାରୁକାର୍ଯ୍ୟ ଦେଖାଯାଇଥାଏ।

### ଏବେ କେମିତି ରହିଛି

ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ମନ୍ଦିରର ଚାରିପାଖେ ଶୋଭାରାଜି ବଢ଼ାଇବାକୁ ଚାରିପାଖରେ ଏକ ବଗିଚା ମଧ୍ୟ ରହିଛି। ମନ୍ଦିର ପରିସର ମଧ୍ୟରେ ଏକ ଐତିହ୍ୟ ପୁଷ୍କରିଣୀ ସହ କୂଅ ମଧ୍ୟ ରହିଛି। ହେଲେ ଅନେକ ଦିନରୁ ପୁଷ୍କରିଣୀ ସଫା ନ ହୋଇଥିବା କାରଣରୁ ପାଣିର ରଙ୍ଗ ବଦଳି ଗଲାଣି, ସେହିପରି କୂଅରେ ମଧ୍ୟ ଗଛଲତା ମାଡ଼ିଗଲାଣି। ସେହି ପରିସରରେ ପିଇବା ପାଣିର ବ୍ୟବସ୍ଥା ଥିଲେ ହେଁ, ଅନାବନା ଗଛ ଭିତରେ ପଶି ସେଠାକୁ ପାଣି ପିଇବା ପାଇଁ ଯିବାକୁ ପଡୁଛି। ମନ୍ଦିରର ପୂଜକଙ୍କ କହିବାନୁଯାୟୀ ମନ୍ଦିର ଭିତରେ ସବୁବେଳେ ମୂଷାଙ୍କ ଆତଙ୍କ ଚାଲିଛି। ଫଳରେ ପର୍ଯ୍ୟଟକ ମନ୍ଦିର ଭିତରେ ପଶି ଦର୍ଶନ କରିବାରେ ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।



# ଭୁବନେଶ୍ୱର ସିଟି

ଚିନ୍ତା ବଢ଼ାଉଛି ପେଭର ବ୍ଲକ୍

# ବର୍ଷା ହେଲେ ରାସ୍ତାରେ ଜମୁଛି ପାଣି

ଭୁବନେଶ୍ୱର, ୮।୬(ସମିସ)

■ ବର୍ଷାଜଳ ସଂରକ୍ଷଣ ଯୋଜନା ବାଟବଣା



ରାଜଧାନୀରେ ବିଭିନ୍ନ ଗଳି କନ୍ଦିର ରାସ୍ତାରେ ବିଛାଯାଇଛି ପେଭରବ୍ଲକ। କେବଳ ସୌନ୍ଦର୍ଯ୍ୟବୃଦ୍ଧି ନୁହେଁ ବରଂ ବର୍ଷାଜଳ ସଂରକ୍ଷଣ କରାଯିବା ମଧ୍ୟ ଏହାର ଉଦ୍ଦେଶ୍ୟ ରହିଥିଲା। ହେଲେ ଏହା ବର୍ଷା ଦିନରେ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। କାରଣ ପେଭରବ୍ଲକ ବିଛାଯାଇଥିବା ସ୍ଥାନରେ ବର୍ଷାଜଳ ଜମି ରହୁଛି। ଫଳରେ ସ୍ଥାନୀୟ ଲୋକଙ୍କ ଯାତାୟତ କରିବାରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏଭଳି ରାସ୍ତା ଦେଖିବାକୁ ମିଳିଛି ପାତ୍ରପଡ଼ାସ୍ଥିତ ଭଗବାନପୁରର ରାସ୍ତାରେ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ପାତ୍ରପଡ଼ାରେ ରହିଛି ଏହି ପେଭରବ୍ଲକ ରାସ୍ତା। ଏଠାରେ ପ୍ରାୟ ଗଳି କନ୍ଦି ରାସ୍ତାଗୁଡ଼ିକରେ ପେଭରବ୍ଲକ ବିଛାଯାଇଛି। ଯାହାକି ରାସ୍ତାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ବର୍ଷା ସମୟରେ ଯାତାୟତ କରିବାରେ ମଧ୍ୟ ସୁବିଧା ହେବ। ଏଭଳି ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା ଏହି ରାସ୍ତା ଏବେ ଲୋକମାନଙ୍କ ମୁଖ୍ୟ ସମସ୍ୟା ପାଲଟିଛି। କାରଣ ରାସ୍ତା ଉପରେ ଠିକ୍ ଭାବେ ପେଭରବ୍ଲକ ପକାଯାଇନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଅଞ୍ଚଳବାସୀ କହିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଘରଗୁଡ଼ିକର ଗେଟ୍ ସମ୍ମୁଖରେ ପାଣି ଜମିରହୁଛି। ଏମିତିକି ପେଭରବ୍ଲକ ଉପରେ ଗଛ ମଧ୍ୟ ଭର୍ତ୍ତି ହୋଇ ଗଲାଣି। ବର୍ଷାରେ ପାଣି ଜମୁଥିବା ବେଳେ ପ୍ରାୟ ୪ରୁ ୫ଦିନ ଯାଏ ବି ପାଣି ଶୁଖୁନି। ଫଳରେ ସେଠାରେ ଅଳିଆ ଆବର୍ଜନା ପଡ଼ି ତାହା ପଚି ଦୁର୍ଗନ୍ଧ ସାଙ୍ଗକୁ ମଶାଙ୍କ ପ୍ରାଦୁର୍ଭାବ ବଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପରିସ୍ଥିତି ଏଭଳି ହେଉଛି ଯେ, ପିଲାମାନେ ଘରୁ ସ୍କୁଲକୁ ବାହାରିବା ବେଳେ ଏହି ପାଣିରେ ଗୋଡ଼ ବୁଡାଇବାକୁ ବାଧ୍ୟ ହୋଇ ସଂକ୍ରମଣର ଶିକାର ହେଉଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି କାର୍ଯ୍ୟ ଠିକ୍ ଭାବେ କରାଯାଇ ନଥିବା ସହ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ବି ହେଉନାହିଁ। ଏହି ରାସ୍ତା ଓସାରିଆ ହୋଇଥିବାରୁ ଯାତାୟକ କରିବା ସହ ପିଲାମାନେ ରାସ୍ତାକଡ଼ରେ ଖେଳକୁଦ କରନ୍ତି। ହେଲେ ଏଠାରେ ରାସ୍ତାକଡ଼ରେ ଅଳିଆ ଜମା ହେବା ସହ ଅଧାରୁ ଊର୍ଦ୍ଧ୍ୱ ସ୍ଥାନରେ ମାଟିର ଆସ୍ତରଣ ଦେଖିବାକୁ ମିଳିଛି। କେଉଁଠି ନିମ୍ନମାନର କାମ ଯୋଗୁଁ ଦୁଇ ଇଞ୍ଚ ତଳକୁ ଦବିଯାଇଛି ତ ଆଉ କେଉଁଠି ବାଲି ପ୍ୟାକିଂ ଭଲରେ କରାଯାଇନଥିବାରୁ ତାହା ଉଠି ଯାଉଛି। ୱାଟର ଲଗିଂ ବା ପାଣି ଜମିଥିବା ସମସ୍ୟା ଦୂର କରିବା ଲକ୍ଷ୍ୟରେ ତିଆରି ହୋଇଥିବା ଏହି ରାସ୍ତା ଏବେ ଲୋକଙ୍କ ସମସ୍ୟାର କାରଣ ପାଲଟିଛି। ତେବେ ପେଭର ବ୍ଲକ ପକାଯିବା ପୂର୍ବରୁ ପ୍ରଥମେ ବାଲି ପକାଯାଇଥାଏ, ଯାହାଦ୍ୱାରା ପାଣିକୁ ବାଲି ଶୋଷି ନେଇଥାଏ ଏବଂ ଉକ୍ତ ସ୍ଥାନରେ ପାଣି ଜମି ରହି ନଥାଏ। ୨/୩ଇଞ୍ଚିର କଂକ୍ରିଟ ଦିଆଯାଇ ତାହାକୁ ଶକ୍ତ କରାଯାଇଥାଏ। ଫଳରେ ବର୍ଷା ପାଣି କିମ୍ବା ମୂଷା ଏହାକୁ ନଷ୍ଟ କରିପାରିବେ ନାହିଁ। ହେଲେ ଏଠାରେ ନିମ୍ନମାନର କାମ ଏବଂ ରାସ୍ତାର ସମତଳ ଠିଭ୍ ଭାବେ ହୋଇଥିବାରୁ ଯେଉଁ ସ୍ଥାନରେ ଦବିଛି ସେଠାରେ ପାଣି ଜମି ରହୁଛି ଏବଂ ସେହି ପାଣିକୁ ମଧ୍ୟ ତଳକୁ ଯାଉନି। ତେଣୁ ଏହାର ସମାଧାନ ତୁରନ୍ତ କରାଯିବା ଉଚିତ୍ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗଯୋଗ ହୋଇପାରି ନାହିଁ।

## ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୮।୬(ସମିସ): ସମୟସହ ବଦଳିଛି ରାଜଧାନୀ ଭୁବନେଶ୍ୱରର ରୂପରେଖ। ପରିବର୍ତ୍ତନ ଆସିଛି ଏବଂ ଆଧୁନିକତାର ଛାପ ମଧ୍ୟ ଦେଖିବାକୁ ମିଳୁଛି। ତଥାପି ଏ ସହରରେ ଏପରି ଅନେକ ସ୍ଥାନ ଅପରିବର୍ତ୍ତିତ ରହିଛି। ଯାହାକି ଅନେକ ବର୍ଷର ସ୍ମୃତିକୁ ନିଜ ସହ ସାଇତି ରଖିଛି। ଯେପରି ପୁରୁଣା ଭୁବନେଶ୍ୱର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ମୃତିର ଏକ ସୁନ୍ଦର ଠିକଣା। ଠିକ୍ ସେହିପରି ବିନ୍ଦୁସାଗର ଏବଂ ଲିଙ୍ଗରାଜ ମନ୍ଦିର ନିକଟ ହାଟ ଆଦି ସବୁବେଳେ ଲୋକଙ୍କ ପୁରୁଣା ସ୍ମୃତିକୁ ତାଜା କରିଥାଏ। ସମୟ ଯେତେ ବଦଳିଲେବି ଏସବୁ ସ୍ଥାନ ଠିକ ସେମିତି ହିଁ ଥାନ୍ତି।

ସାମାଜିକ ଗଣମାଧ୍ୟମରେ ଆଜି ଏକ ବହୁ ବର୍ଷ ପୁରୁଣା ଫଟୋ ଦେଖିବାକୁ ମିଳିଥିଲା। ଯେଉଁଥିରେ ଲିଙ୍ଗରାଜ ମନ୍ଦିର ହାଟ ସାହି ନିକଟର ଦୃଶ୍ୟ ପରିଲକ୍ଷିତ ହୋଇଛି। ଏହି ଫଟୋଟି ଅନେକ ବର୍ଷ ପୁରୁଣା ଅଟେ। ଏହି କଳାଧଳା ଫଟୋରେ ଥିବା ଦୃଶ୍ୟରେ ଲୋକ ହାଟରେ ବୁଲି କିଣାକିଣି କରୁଛନ୍ତି ଏବଂ ସବୁଠୁ ବଡ କଥା ହେଲା ସେତେବେଳେ ଲୋକ ହାଟକୁ ଯିବାକୁ ଗାଡି ନୁହଁ ବରଂ ସାଇକେଲ ହିଁ ସାହାରା ଥିଲା। ତାଛଡା କିଛି ଜଣଙ୍କ ପାଖରେ ସ୍କୁଟର ଥିବା ମଧ୍ୟ ପରିଲକ୍ଷିତ ହେଉଛି। ସେତେବେଳେ ହାଟ ବଜାର ଆଜି ଭଳି ଗାଡି ମଟରରେ କାଳାହଳ ନଥିବା ଦୃଶ୍ୟମାନ ହେଉଛି।

## ‘ରାହା’ ପାଇଁ ପ୍ରସ୍ତୁତି ଆରମ୍ଭ



ଭୁବନେଶ୍ୱର, ୮।୬(ସମିସ): ଭୁବନେଶ୍ୱର ସହରରେ ବୟସ୍କ ନାଗରିକଙ୍କ ମଙ୍ଗଳ ଓ ସମ୍ମାନଜନକ ଜୀବନ ପାଇଁ ବୟସ୍କ ସମର୍ପିତ ବୋଉ ଫାଉଣ୍ଡେସନ୍ ଟ୍ରଷ୍ଟ ସୋମବାର ପ୍ରକଳ୍ପ ‘ରାହା’ର କାର୍ଯ୍ୟକାରିତା ଘୋଷଣା କରିଛି। ଏହି ପ୍ରକଳ୍ପ ଭୁବନେଶ୍ୱରର ବୟସ୍କଙ୍କୁ ସାମାଜିକ ଅନ୍ତର୍ଭୁକ୍ତି, ସକ୍ରିୟ ଅଂଶଗ୍ରହଣ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସହାୟତା ଏବଂ ସମ୍ମାନଜନକ ଜୀବନ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଜନପ୍ରତିନିଧି, ସମାଜ ନେତା ଏବଂ ବୟସ୍କଙ୍କୁ ପ୍ରତ୍ୟେକ ପର୍ଯ୍ୟାୟରେ ସାମିଲ୍ କରି ଏହା ଅତ୍ୟନ୍ତ ଅଂଶଗ୍ରହଣମୂଳକ ଓ ସୁସଂଗଠିତ ପଦ୍ଧତିରେ ଆଗେଇବା ଆରମ୍ଭ କରିଛି ଆଜିଠାରୁ। ଫାଉଣ୍ଡେସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ପ୍ରକଳ୍ପର ସମ୍ପର୍କସାରଥୀ ଭୂମିକା ନିର୍ବାହ ପାଇଁ ତିନିଜଣ ଜନପ୍ରିୟ ସମାଜଧର୍ମୀ ତଥା ଛନ୍ଦା ମିଶ୍ର, ଶ୍ରୁତକିର୍ତ୍ତୀ ତ୍ରିପାଠୀ ଏବଂ ଶ୍ୱେତା ରାଉତଙ୍କୁ ବୋଉ ଫାଉଣ୍ଡେସନ ଦାୟିତ୍ୱ ସମର୍ପଣ କରିଛି। ଆଲୋଚନାରେ ବୋଉ ଫାଉଣ୍ଡେସନ ପ୍ରତିଷ୍ଠାତା ଅତିଶ ମହାନ୍ତି, ସହପ୍ରତିଷ୍ଠାତା ସସ୍ମିତା ଦାଶ, ବରିଷ୍ଠ ଆଇନଜୀବୀ ମଧୁମାଧବ ଜେନା, ଶିକ୍ଷାବିତ ତଥା ବିଶିଷ୍ଟ ଲେଖକ ଡ. ରଜନୀରଞ୍ଜନ, ଉପଦେଷ୍ଟା କବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜୁନ୍ ୩୦ ତାରିଖରେ ଗୀତଗୋବିନ୍ଦ ସଦନରେ ବିଏମସି କର୍ପୋରେଟର, ମେୟର, ପୁଲିସ ଓ ତିନି ବିଧାୟକଙ୍କ ସହ ଏକ ବୃହତ୍ ପରାମର୍ଶ କର୍ମଶାଳା ଆୟୋଜିତ ହେବ। ଏହା ପରେ ବୟସ୍କ ପ୍ରତିନିଧିଙ୍କ ସହ ସମ୍ପର୍କ ସ୍ଥାପନ, ପରାମର୍ଶ କୋର କମିଟି ଓ ପରିଚାଳନା କମିଟି ଗଠନ କରାଯିବ। ପ୍ରକଳ୍ପର ଭବ୍ୟ ଉଦଘାଟନ ଅକ୍ଟୋବର ୧ରେ ଅନ୍ତର୍ଜାତୀୟ ବୟସ୍କ ଦିବସ ଦିନ ରବୀନ୍ଦ୍ର ମଣ୍ଡପରେ ହେବ।

## ନୃତ୍ୟାଂଶ ପକ୍ଷରୁ ‘ନୃତ୍ୟାନୁଭବ’ ଉତ୍ସବ

ଭୁବନେଶ୍ୱର, ୮।୬(ସମିସ): ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟାଂଶ ପକ୍ଷରୁ ପ୍ରଥମ ନୃତ୍ୟାନୁଭବ ଉତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ନିରଞ୍ଜନ ରାଉତ, ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ପ୍ରଭାତ କୁମାର ସ୍ୱାଇଁ, ପଦ୍ମନାଭ ନାୟକ, ରଶ୍ମୀରେଖା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁ ଅନିକେତ ପଲ୍ଲବ ନାୟକଙ୍କ ଉଦ୍ୟମରେ ଆୟୋଜିତ ହୋଇଥିବା ଏହି ଉତ୍ସବକୁ ଅତିଥିମାନେ ପ୍ରଶଂସା କରିଥିଲେ। ପରେ ପରେ ଅତିଥି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନିକେତ ପଲ୍ଲବୀ ଏକକ ନୃତ୍ୟରୁ, ସେ ପରିବେଷଣ କରିଥିଲେ ଆଶାବରୀ ପଲ୍ଲବୀ ଏବଂ ଅଭିନୟରେ ଶ୍ରୀ ଜୟଦେବ କୃତ ଗୀତ ଗୋବିନ୍ଦ ଆଧାରରେ କୁରୁ ଯଦୁ ନନ୍ଦନ। ପରେ ଶ୍ରୀପୂର୍ଣ୍ଣା ମହାନ୍ତି ପରିବେଷଣ କରିଥିଲେ ଶ୍ରୀ ଜଗନ୍ନାଥ ଶହସ୍ର ନାମ ଏବଂ ଲୋକପ୍ରିୟ ଓଡିଆ ଅଭିନୟ କହିବାକୁ ଲାଜ। ପରେ ପରେ ସୌରଭ ମହାନ୍ତି ଏବଂ ରୋହିଣୀ ସାମଲ ଯୁଗଲବନ୍ଦୀରେ ପ୍ରସ୍ତୁତ କରିଥିଲେ ଶିବାର୍ଦ୍ଧାଂଗ ସ୍ତୋତ୍ରଂ। ଏହି କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିତିଲେ।

## ଚତୁର୍ଥ କଳାଭୂମି ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୮।୬(ସମିସ): କଳାଭୂମି ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୪ର୍ଥ କଳାଭୂମି ମହୋତ୍ସବ ଉଦଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ବସନ୍ତ କୁମାର ପଣ୍ଡା, ସଂସ୍କୃତି ବିଭାଗ ସହନିର୍ଦ୍ଦେଶକ ଅକ୍ଷୟ କୁମାର ସେଠୀ, ଚିନ୍ତା ଓ ଚେତନାର ମହାସଚିବ ସୁରେନ୍ଦ୍ର ଦାସ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ପତି, ଉପଦେଷ୍ଟା ଗୁରୁ ପଙ୍କଜ ଚରଣ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଳାହାଣ୍ଡି, ଭବାନୀପାଟଣା, ବଲାଙ୍ଗୀରର ଲୋଇସିଂହା ଓ ସମ୍ବଲପୁରରୁ ଆସିଥିବା କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କବିତା ଆସର ଜମିଥିଲା। ମୃତ୍ୟୁଞ୍ଜୟ ରଥ ଏହି କା।ର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବା ସଂସ୍କାର ନିର୍ମାଣ ଶିବିର



ଭୁବନେଶ୍ୱର, ୮।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ ଖଣ୍ଡଗିରି ଯୋଗ ଜିଲ୍ଲା ତରଫରୁ ଦୁଇ ଦିବସୀୟ ‘ଯୁବା ସଂସ୍କାର ନିର୍ମାଣ ଶିବିର’ ଖଣ୍ଡଗିରିସ୍ଥିତ ଜୀବନ ଜ୍ୟୋତି ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଶିବିରର ପ୍ରଥମ ଦିବସରେ ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତର ସଦସ୍ୟା ମଞ୍ଜୁଳା ମିଶ୍ର ଏହାକୁ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ଆଶ୍ରମର ଅନ୍ତେବାସୀ ଛାତ୍ରୀମାନଙ୍କୁ ଏକ ସୁନ୍ଦର ଜୀବନଯାପନ କରିବା ପାଇଁ ବୁଝାଇଥିଲେ। ଆଶ୍ରମର ଅନ୍ତେବାସୀ ଛାତ୍ରୀମାନଙ୍କୁ ସୁକ୍ଷ୍ମ ବ୍ୟାୟାମ ସହିତ ବିଭିନ୍ନ ପ୍ରକାର ଆସନ, ପ୍ରାଣାୟାମ ଓ ଧ୍ୟାନାଭ୍ୟାସ କରାଇ ଯାଇଥିଲା। ଉଦଯାପନୀ ଉତ୍ସବରେ ଓଡ଼ିଶା ପ୍ରାନ୍ତ ସଦସ୍ୟ ସୁରେଶ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ସଂସ୍କାରିତ ଓ ଈଶ୍ୱରବିଶ୍ୱାସୀ ହେବାପାଇଁ ଅନୁପ୍ରାଣିତ କରିବା ସହିତ ଏହା କିପରି ସେମାନଙ୍କର ଭବିଷ୍ୟତ ଜୀବନକୁ ସରସ ଓ ସୁନ୍ଦର କରି ପାରିବ ତାହା ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ। ଶିବିରରେ ଖଣ୍ଡଗିରି ଯୋଗଜିଲ୍ଲା ପ୍ରଧାନ ପରମାନନ୍ଦ ପାତ୍ର, ଉପପ୍ରଧାନ ବାଣିଶ୍ରୀ ନାୟକ, ଜିଲ୍ଲା ମନ୍ତ୍ରୀ ରଘୁନାଥ ପୃଷ୍ଟି, ସଂଗଠନ ମନ୍ତ୍ରୀ ଇଶାରା ପାତ୍ର, ଜୟଦେବ କ୍ଷେତ୍ରର ପ୍ରଧାନ ନିହାରିକା ଲେଙ୍କା ପ୍ରମୁଖ ଶିବିର ଆୟୋଜନ ଓ ପରିଚାଳନାର ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ଆୟୋଜିତ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପକ୍ଷୀଘର ପ୍ରକାଶନୀର ପୁସ୍ତକ ଉନ୍ମୋଚନ ପର୍ବ

ଭୁବନେଶ୍ୱର, ୮।୬(ସମିସ): ପକ୍ଷୀଘର ପ୍ରକାଶନୀ ଦ୍ୱାରା ଭାରତୀୟ ବିଦ୍ୟା ଭବନଠାରେ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟଙ୍କ ନାଟ୍ୟ ସ୍ୱରକୁ ନେଇ ପୁସ୍ତକ ସମକାଳ ନାଟକର ଭିନ୍ନ ସ୍ୱର ‘ଅ-ଭିନ୍ନ’ ଓ ଅନୁବାଦିକା ଚିନ୍ମୟୀ ଷଡ଼ଙ୍ଗୀଙ୍କ ଅନୁଦିତ ଦୁଇଟି ପୁସ୍ତକ ‘ନାଟ୍ୟ ସମ୍ଭାର’ ଓ ‘ସମକାଳ ନାଟକ’ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କଥାକାର ରାମଚନ୍ଦ୍ର ବେହେରା ଅଭିନ୍ନଙ୍କ ନାଟକ ନିର୍ଦ୍ଦେଶନାକୁ ପ୍ରଶଂସା କରିଥିଲେ। ଅନ୍ୟ ଅତିଥି ଭାବେ ନୀଳାଦ୍ରି ଭୂଷଣ ହରିଚନ୍ଦନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ନାଟ୍ୟ ଗବେଷକ ତଥା ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଚଳଚିତ୍ର ତଥା ନାଟ୍ୟ ଅଭିନେତା ଦୀପାନ୍ୱିତ ଦାସ ମହାପାତ୍ର, ଆଶିଷ, ରୋହନ, ଶୁଭଶ୍ରୀ, ଶିଭାଙ୍ଗି ନାଟ୍ୟାଂଶ ପ୍ରଦର୍ଶନ କରିଥିଲେ ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଲେଖିକା ଚିନ୍ମୟୀ ଷଡ଼ଙ୍ଗୀ ତାଙ୍କର ଲେଖକୀୟ ଅଭିବ୍ୟକ୍ତ ପ୍ରକାଶ କରିଥିଲେ। ଅଭିନ୍ନ ରାଉତରାୟ ତାଙ୍କ ବକ୍ତବ୍ୟରେ ତାଙ୍କ ନାଟକକୁ ନେଇ ଲେଖିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ।



## ସ୍ୱରାଞ୍ଜଳି ଗୁରୁକୁଳର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୮।୬(ସମିସ): ସ୍ୱରାଞ୍ଜଳି ଗୁରୁକୁଳ ସଙ୍ଗୀତ ଶିକ୍ଷାନୁଷ୍ଠାନର ୪ର୍ଥ ବାର୍ଷିକ ଉତ୍ସବ ସୋମବାର ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା କବି ଡା. ସର୍ବେଶ୍ୱର ଶତପଥୀ, ଅବସରପ୍ରାପ୍ତ ଇଂଜିନିୟର ରାଧାଶ୍ୟାମ ପାତ୍ର ଏବଂ ଖବରଦାତା ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ର ମୃତ୍ୟୁଞ୍ଜୟ ଦାଶଙ୍କୁ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭିକ ସଭାକାର୍ଯ୍ୟ ପରେ ଅନୁଷ୍ଠାନର ଛାତ୍ରୀଛାତ୍ରମଙ୍କ ଦ୍ୱାରା ସମବେତ କଣ୍ଠରେ କଲ୍ୟାଣ ଓ ବାହାର ରାଗରେ ସରସ୍ୱତୀ ବନ୍ଦନା ସହିତ ଭୂପାଳି ରାଗରେ ଖେୟାଲ ପରିବେଷଣ କରିଥିଲେ। ପରେ କୌଶିକ ରାଗ-କେଦାର, ସାମନ୍ତ ରାଗ-ଦେଶ, ସଞ୍ଜୀବନୀ ରାଗ-ସାରଙ୍ଗ, ଗଣପତି ରାଗ-ବାଗେଶ୍ରୀ, ଶଶିକାନ୍ତ ରାଗ-ପୁରିୟା ଧନାଶ୍ରୀ, ବନଲତା ରାଗ-ମାଲ୍‌କୋଶ ପରିବେଷଣ କରିଥିଲେ। ଶେଷରେ ଗୁରୁ ଡ଼. ରଘୁନାଥ ସାହୁଙ୍କ ସହିତ କରୁଣାକର ନାୟକ ଓ ହରିହର ରଥ ପ୍ରସ୍ତୁତ କରିଥିଲେ ରାଗ ଦରବାରୀ। ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ଡ଼. ରଘୁନାଥ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।

## ଆଚାର୍ଯ୍ୟଦେବଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୮।୬(ସମିସ): ପୂଜ୍ୟପାଦ ଆଚାର୍ଯ୍ୟଦେବଙ୍କ ୫୯ତମ ଜନ୍ମ ଦିନ ଅବସରରେ ଓଡ଼ିଶା ରକ୍ତଦାତା ମହାସଂଘ ଓ ସତସଙ୍ଗ ଗ୍ରୁପର ମିଳିତ ଆନୁକୂଲ୍ୟରେ ନଖରାସ୍ଥିତ ସମ୍ ହସ୍ପିଟାଲ କ୍ୟାମ୍ପସ -୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରକ୍ତଦାନ ଶିବିରକୁ ହସ୍ପିଟାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର୍ ଡ଼ା. ରାଜେଶ ଲେଙ୍କା, ଡା. ରାଜେଶ ସେଠୀ ଆଡିସନାଲ ଡିନ, ସମ୍-୨ ଟ୍ରାଂନସ୍ଫୁଜନ ମେଡିସିନ ବିଭାଗର ମୁଖ୍ୟ ଡ. ପଙ୍କଜ ପରିଡ଼ା ଓ ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରି ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଉପସ୍ଥିତିରେ ଉଦଘାଟନ କରିଥିଲେ। ଡା. ଆର୍ଯ୍ୟାନ ଘୋଷଙ୍କ ତତ୍ତ୍ୱାବଧାନରେ, ସ୍ମୃତି ଲେଙ୍କା ଓ ଆଲିପସା ରାଉତ ସର୍ବ ମୋଟ ୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତଦାତା ମହାସଂଘର ରାଜେଶ କୁମାର ପଣ୍ଡା, ରାଜୀବ ବିଶ୍ୱାଳ, ଏମ୍ ସୁଲେମାନ ରକ୍ତ କେନ୍ଦ୍ରର ପିଆରଓ ପ୍ରଭାତୀ ଜେନା ଓ ଭବାନୀ ପ୍ରସାଦ ସାହୁ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ ଓ ପରିଚାଳନା କରିଥିଲେ। ପ୍ରତେକ ରକ୍ତଦାତାଙ୍କୁ ଏଫ୍‌ବିଡିଓଓ ତରଫରୁ ସମ୍ମାନିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପଟିଆଗଡ଼ରେ ଜମିବ ମୁକ୍ତମଞ୍ଚ ନାଟକ ମହୋତ୍ସବ

ନନ୍ଦନକାନନ, ୮।୬(ସମିସ): ଚଳିତବର୍ଷ ରଜପର୍ବ ଉପଲକ୍ଷେ ପଟିଆଗଡ଼ରେ ମୁକ୍ତମଞ୍ଚ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। କେଶବ ରାଉତ ନାଟ୍ୟ ସ୍ମୃତି କମିଟି ଆନୁକୂଲ୍ୟରେ ଜୁନ ୧୪ରୁ୧୮ ତାରିଖ ୫ଦିନ ବ୍ୟାପି ପଟିଆ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହା ଅନୁଷ୍ଠିତ ହେବାକୁ ଥିବା ନେଇ ଆଜି ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ଏଥିରେ ୫ଟି ଗ୍ରାମରେ ଡ୍ରାମାଟିକ କ୍ଲବ ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯିବ। ପ୍ରଥମ ଦିନ ବରିମୁଣ୍ଡ ଗ୍ରାମ କଳାକାର ମାନଙ୍କ ଦ୍ୱାରା ନାଟକ 'କାନ୍ଦେନା ଲୁହ ସରିଯିବ', ଦ୍ୱିତୀୟ ଦିନ କଳାରାହାଙ୍ଗ ଗ୍ରାମ ପକ୍ଷରୁ 'ଆଖିର ଜନମ କାନ୍ଦିବା ପାଇଁ', ତୃତୀୟ ଦିନ ଡମଣା ଦ୍ୱାରା 'ଆଖି ଅବୁଝାକୁ ଲୁହ ଅବୁଝା', ଚତୁର୍ଥ ଦିନ ଗାଡକଣ ଗ୍ରାମ ଦ୍ୱାରା 'ସୁଖ ସାତପର ଦୁଃଖ ନିଜର' ଓ ଶେଷ ଦିନ ପଟିଆଗଡ଼ ଗ୍ରାମର ବଚ୍ଛା ବଚ୍ଛା କଳାକାର ମାନଙ୍କୁ ନେଇ ସାମାଜିକ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ' ମଞ୍ଚସ୍ଥ ହେବାଥିବା ସୂଚନା ଦିଆଯାଇଛି। ୫ ଟି ଦଳ ମଧ୍ୟରୁ ଉନ୍ନତ ପ୍ରଦର୍ଶନ କରିଥିବା ୪ ଟି ଗ୍ରାମକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପୁରସ୍କାର ପ୍ରଧାନ କରାଯିବ। ସେହିପରି ଦିନରେ ମଧ୍ୟ ରଜ ମହୋତ୍ସବକୁ ଧୁମ୍ ଧାମରେ ପାଳନ କରାଯିବ। ବିଭିନ୍ନ ପ୍ରକାରର ଦୋଳି ଲଗାଯିବା ସହିତ ଝିଅ ଓ ମହିଳା ମାନଙ୍କ ମଧ୍ୟରେ ଝୋଟି, ଚିତା, ମୁରୁଜ, ପିଠା ଓ ନାଚ, ଗୀତ ପ୍ରତିଯୋଗିତା କରାଯିବ। ପୁଅପିଲା ଓ ବୟସ୍କଙ୍କ ପାଇଁ ତାସ ଓ ପଶାପାଲି ଆଦି ଖେଳର ଆୟୋଜନ କରାଯାଇଛି। ଦିନ ରାତି ସମସ୍ତେ ହସ ଖୁସିରେ ମନୋରଞ୍ଜନ କରିପାରିବେ। ଦର୍ଶକମାନଙ୍କୁ ଉତ୍ସାହିତ କରିବା ପାଇଁ ବିଶେଷ ଆକର୍ଷଣ ରହିବ ଲଟେରୀ କାର୍ଯ୍ୟକ୍ରମ ରଖାଯାଇଛି। ଏଥିରେ ପ୍ରଥମ ପୁରସ୍କାର ବୁଲେଟ ମଟରସାଇକେଲ ଥିଲା ବେଳେ ଦ୍ୱିତୀୟ ପୁରସ୍କାର ସ୍କୁଟି, ତୃତୀୟ ପୁରସ୍କାର ୩୨ ଇଞ୍ଚ ଏଲଇଡି ଟିଭି ରହିଛି। ଅନ୍ୟାନ୍ୟ ପୁରସ୍କାର ମଧ୍ୟରେ ଫ୍ରିଜ, ୱାସିଙ୍ଗମେସିନ୍, ସାଇକେଲ, ଆଇରନ ଇତ୍ୟାଦି ୧୦ ଟି ପୁରସ୍କାର ରହିଛି। ଅନୁଷ୍ଠାନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷଙ୍କୁ କୁପନ୍ ବଣ୍ଟନ କରାଯିବ ବୋଲି ଆଜି ପଟିଆର ଡଲଫିନ ମଣ୍ଡପ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟିର କର୍ମକର୍ତ୍ତାମାନେ କହିଛନ୍ତି। କେଶବ ରାଉତ ନାଟ୍ୟ ସ୍ମୃତି କମିଟି ସଭାପତି ଶଶୀକାନ୍ତ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଗାଡ଼କଣ ମା ଦୁର୍ଗା ଡ୍ରାମାଟିକ୍ଲବର ସଭାପତି କୃଷ୍ଣ ପାତ୍ର, ବରିମୁଣ୍ଡ ଶ୍ରୀ ଲକ୍ଷେଶ୍ୱର ଡ୍ରାମାଟିକ୍ଲବର ସଭାପତି ଲକ୍ଷ୍ମୀଧର ନାୟକ, କାଳରାହଙ୍ଗ ଜଳେଶ୍ୱର ଡ୍ରାମାଟିକ୍ଲବର ସଭାପତି ସନ୍ତୋଷ କୁମାର ନାଥ, ଡମଣା ଗୋପୀନାଥ ଜୀଉ ଡ୍ରାମାଟିକ୍ଲବ ସଭାପତି ଜ୍ୟୋତି ରଞ୍ଜନ ସାହୁ, ପଟିଆ ନାଟ୍ୟ କମିଟିର ସଭାପତି ତ୍ରୈଲୋକ୍ୟ ରାଉତ ଯୋଗଦେଇଥିଲେ। ପିଟିଆ ଗ୍ରାମ ମଙ୍ଗଳ ପୂର୍ବତନ ସଭାପତି ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଉଥିବା ଅନୁଷ୍ଠାନକୁ ଉତ୍ସାହିତ କରିବାକୁ ଦଶ ହଜାର ଟଙ୍କା ଓ ଆୟୋଜକ କେଶବ ରାଉତ ନାଟ୍ୟ ସ୍ମୃତି କମିଟିକୁ ଏକ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ସମ୍ପାଦକ ମିହିର କୁମାର ରାଉତ ପରିଚାଳନା କରିଥିଲାବେଳେ ଉପସଭାପତି କ୍ଷୀତିଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓବିସି କମିସନ ତୁରନ୍ତ ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୮।୬(ସମିସ): ରାଜ୍ୟରେ ୫୨% ଭାଗ ଲୋକ ପଛୁଆବର୍ଗର। ଜାନୁଆରୀ ୨୦୨୪ମସିହାରୁ ରାଜ୍ୟ ପଛୁଆବର୍ଗ କମିସନଙ୍କ କାର୍ଯକାଳ ଶେଷ ହୋଇଯାଇଛି। ନୂଆ କମିସନ ଗଠିତ ହୋଇ ନ ଥିବାରୁ ରାଜ୍ୟର ପଛୁଆବର୍ଗ ଲୋକମାନେ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ବିଜେପି ସରକାର ଗଠନକୁ ୨ ବର୍ଷ ପୂରିବାକୁ ଯାଉଥିଲାବେଳେ ରାଜ୍ୟରେ ପଛୁଆବର୍ଗ କମିସନ ଗଠନ ନ ହେବା କ୍ଷୋଭର ବିଷୟ ବୋଲି ଓବିସି ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏକ ଚିଠି ଲେଖି ତୁରନ୍ତ ପଛୁଆ ବର୍ଗ କମିଶନ ଗଠନ କରିବାକୁ ଦାବି କରିଛନ୍ତି।

## ଝୁରୁଛନ୍ତି ସାଙ୍ଗସାଥୀ; ଝୁରୁଛି ଗାଁ

# ବାରୁଣୀ ଘାଟରେ ବାପ-ଝିଅଙ୍କ ଶେଷକୃତ୍ୟ ସମ୍ପନ୍ନ

ବାରିକପୁର,୮।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରହଣିଆ ଗ୍ରାମରେ ଗତ ରବିବାରଠାରୁ ଶୋକର ଛାୟା ଖେଳିଯାଇଛି। ଟ୍ରକ୍ ଧକ୍କା ଯୋଗୁଁ ବାପ-ଝିଅଙ୍କ ଅକାଳରେ ମୃତ୍ୟୁ ହୋଇଥିବା ଘଟଣା ଜଣାପଡ଼ିବା ପରେ ଗାଁ ନିସ୍ତବ୍ଧ ହୋଇଯାଇଛି। ବାପ-ଝିଅ ଦୁହିଁଙ୍କ ମୃତ୍ୟୁକୁ ଦୁଇଦିନ ବିତିଯାଇଥିବା ବେଳେ ଗାଁରେ ଏବେ ବି ଶୋକାକୁଳ ପରିବେଶ ଲାଗି ରହିଛି। ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଶୋକାକୁଳ ପରିବେଶରେ ବୈତରଣୀ ନଦୀ କୂଳରେ ଅବସ୍ଥିତ ବାରୁଣୀ ଘାଟ ଶ୍ମଶାନରେ ବାପ-ଝିଅଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ବ୍ରଜେନ୍ଦ୍ର ଦାସଙ୍କ ଏକମାତ୍ର ପୁଅ ମନୋଜ (୩୬)




ବାଲେଶ୍ୱରରେ ଏସି ମରାମତି ଦୋକାନ କରିଥିଲେ। ସ୍କୁଲ ଛୁଟି ଥିବାରୁ ମନୋଜଙ୍କ ପତ୍ନୀ ଓ ଛୋଟ ପୁଅ-ଝିଅ ଗାଁରୁ ୫/୬ ଦିନ ପୂର୍ବରୁ ବାଲେଶ୍ୱର ବୁଲିବାକୁ ଯାଇଥିଲେ। ରବିବାର ଦିନ ୧୨ଟା ୩୦ରେ ମନୋଜ ପୁଅ ଓ ସ୍ତ୍ରୀଙ୍କୁ ବସ୍ ଯୋଗେ ଘରକୁ ପଠାଇ ନିଜେ ୭ ବର୍ଷର ଝିଅ ସାଇଶ୍ରିଦ୍ଧିକୁ ବାଇକ୍‌ରେ ଧରି ଗାଁ ଅଭିମୁଖେ ଆସୁଥିଲେ। କିନ୍ତୁ ବାଟରେ ଜଗି ବସିଥିଲା କାଳଯମ। ୧୬ ନମ୍ବର ଜାତୀୟ ରାଜପଥର ସୋର ଉତ୍ତରେଶ୍ୱର ବସ୍ ଷ୍ଟପ୍ ନିକଟରେ ଏକ ଦ୍ରୁତଗାମୀ ମାଲ୍‌ବାହୀ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ବାପ-ଝିଅ ଦୁହିଁଙ୍କର ମୃତ୍ୟୁ ହୋଇଥିଲା। ଶବ ବ୍ୟବଚ୍ଛେଦ ସହିତ ରାତିରେ ମୃତଶରୀର ଗାଁରେ ପହଞ୍ଚିବା ପରେ ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାପା-ଝିଅ ଦୁହିଁଙ୍କ ପାର୍ଥିବ ଶରୀରକୁ ଆତ୍ମୀୟସ୍ୱଜନ ବୈତରଣୀ ନଦୀ କୂଳରେ ଅବସ୍ଥିତ ବାରୁଣୀ ଘାଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମନୋଜ ଜଣେ ମେଳାପୀ ଓ ମିଷ୍ଟଭାଷୀ ଯୁବକ ଥିଲେ। ସମସ୍ତଙ୍କ ପ୍ରିୟ ମନୁଆ ପାଇଁ ସାଙ୍ଗସାଥୀ ଝୁରୁଛନ୍ତି। ଗାଁ ସାହି ପଡ଼ିଶା ଦୁହିଁଙ୍କ ପାଇଁ ମଧ୍ୟ ଝୁରୁଛି। ହଠାତ୍ ଦୁର୍ଘଟଣାରେ ବାପ-ଝିଅଙ୍କ ଏଭଳି ମୃତ୍ୟୁ ହେବା ସମସ୍ତଙ୍କୁ ସ୍ତବ୍ଧ କରିଛି। ଏଭଳି ଦୁଃଖଦ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ୬ କୋଟିର ସାଇବର ଠକେଇ; ୩ ଗିରଫ




ଭଦ୍ରକ,୮।୬(ସମିସ): ଫୋନ୍ କଲ୍ ଆଉ ଓଟିପି ମାଧ୍ୟମରେ ବ୍ୟାଙ୍କ ଖାତାରୁ ନିମିଷକେ କରୁଥିଲେ ଟଙ୍କା ଗାୟବ। ଜମ୍‌ତରା ଷ୍ଟାଇଲ୍‌ରେ ଲୁଟ୍ କରୁଥିବା ଗୋଟିଏ ଗ୍ରୁପ୍‌ର ୩ ଜଣଙ୍କୁ ଗିରଫ କରିଛି ଭଦ୍ରକ ସାଇବର ଥାନା ପୁଲିସ। ୬ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଭଦ୍ରକ ଜିଲ୍ଲା ସାଇବର୍ କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ଏହି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏନାୟତ୍ କାଦ୍ରୀ, ସେହବାଜ୍ କାଦ୍ରୀ ଓ ଏମ୍‌ଡି ଫରହାନ ଖାନ୍। ସମସ୍ତେ ପୁରୁଣା ବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ବିଭିନ୍ନ ଉପାୟରେ ଠକେଇ ଟଙ୍କାକୁ ବିନିଯୋଗ କରିଥିଲେ। ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ, ଏଟିଏମ୍ କାର୍ଡ ତଥ୍ୟ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଡାଟା ଆଦିକୁ ତଥ୍ୟ ଭାବେ ସାଇବର ପୁଲିସ ବ୍ୟବହାର କରି ଗ୍ୟାଙ୍ଗ୍ ନିକଟରେ ପହଞ୍ଚିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଡିଜିଟାଲ ଠକେଇରେ ଏମାନେ ସାମିଲ୍ ଥିଲେ। ତେବେ ସେମାନଙ୍କର ମାଷ୍ଟର ମାଇଣ୍ଡ ନିକଟରେ ପହଞ୍ଚିବା ପାଇଁ ପୁଲିସ ଚେଷ୍ଟା କରୁଛି। ଅନ୍ୟପଟେ ଏମାନଙ୍କ ନିକଟରୁ ଦାମୀ ବାଇକ୍, ନଗଦ ୨ ଲକ୍ଷ ଟଙ୍କା, ସୁନା ଗହଣା, ପ୍ରି ଆକ୍ଟିଭ୍ ସିମ୍, ବ୍ୟାଙ୍କ୍ ପାସବୁକ୍, ଚେକ୍ ବହି ଓ ଏଟିଏମ୍ କାର୍ଡ ସହ ବହୁ ଠକେଇ ସାମଗ୍ରୀ ଜବତ ହୋଇଛି ବୋଲି ଭଦ୍ରକ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

# ପବନରେ ଉଡ଼ିଗଲା ଦୋକାନ ଛପର

ବାରିକପୁର,୮।୬(ସମିସ): ପ୍ରବଳ ଗ୍ରୀଷ୍ମ ଝାଞ୍ଜି ଭିତରେ କାଳବୈଶାଖୀ ଟିକିଏ ଆଶ୍ୱସ୍ତି ଦେଉଥିବାବେଳେ ଏଥିଯୋଗୁଁ ଅନେକ କ୍ଷୟକ୍ଷତି ମଧ୍ୟ ହେଉଛି। ଝଡ଼ ପବନ ଆରମ୍ଭ ହେଲେ ଲୋକେ ଭୟଭୀତ ହେଉଛନ୍ତି। କେଉଁଠି ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହେଉଛି ତ ପୁଣି କେଉଁଠି ବାସଗୃହ ଛପର ଉଡ଼ିଯାଉଛି। ଏହି ପରିପ୍ରେକ୍ଷୀରେ ଗତ ରବିବାର ସନ୍ଧ୍ୟାରେ



ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବିଶେଷ କରି ମାଳଦାଠାରୁ ସରସଦା ଓ ଜଗନ୍ନାଥ ପ୍ରସାଦଠାରୁ ବାଲିପୋଖରୀ ମଧ୍ୟରେ ପବନ ଝଡ଼ ଅଧିକ ଅନୁଭୂତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କଇଁସିରା ଛକଠାରେ ପବନ ଯୋଗୁଁ ଏକ ମନ୍ଦିର ମୁଖଶାଳା କ୍ଷତିଗ୍ରସ୍ତ ହୋଇଛି। ଏହାଛଡ଼ା ଛକରେ ଥିବା ନନ୍ଦିନୀ ସାହୁଙ୍କ ରାସନ ଦୋକାନର ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ଏଥିରେ ଅନେକ ରାସନ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଛି। ବିଧବା ମହିଳା ଜଣକ ଛୋଟ ରାସନ ଦୋକାନ ଖଣ୍ଡିଏ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଅଦିନିଆ ବର୍ଷା ଝଡ଼ ତାଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏପରିସ୍ଥଳେ ମହିଳା ଜଣଙ୍କୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

# ୩ ମାସ ହେଲା ମିଳୁନି ଭତ୍ତା

ଦୋଳସାହି,୮।୬(ସମିସ): ତିହିଡ଼ି ବ୍ଲକ୍ ଅଧୀନ ୩୧ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ପ୍ରତି ମାସ ହାତାହାତି ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯାଉଥିବା ଭତ୍ତା ଏବେ ୩ ମାସ ହେଲା ମିଳିନି। ଏନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି ବ୍ଲକ୍‌ରେ ୩୧ ପଞ୍ଚାୟତରେ ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ବର୍ଦ୍ଧିତ ଭତ୍ତା ପାଇଁ ୮୭ ଜଣ ଅପେକ୍ଷାରେ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ୩୬୨୫ ଜଣ ବ୍ୟକ୍ତି ଅନ୍ୟାନ୍ୟ ବର୍ଦ୍ଧିତ ଭତ୍ତା ପାଇବା ଅପେକ୍ଷାରେ ଥିବା ଜଣାଯାଇଛି। ସରକାର ତୁରନ୍ତ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଥିବା ଦେଖିବାକୁ ମିଳୁଛି।




# ଲାଲାବତୀଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



ଦାନଗଦି,୮।୬(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତର ଫୁଲଝର ଗ୍ରାମର ଅସହାୟ ଲାଲାବତୀ ପୂର୍ତ୍ତୀଙ୍କ ଖବର ପ୍ରସାରିତ ପରେ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବାହ୍ନରେ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ, ପିଇଓ ସଂଯୁକ୍ତା ସାହୁ, ଅତିରିକ୍ତ ବିଡିଓ ଦିବ୍ୟକାନ୍ତ ମିଶ୍ର, ଏମ୍‌ଆଇ ମହାଶ୍ୱେତା ଦାସ, ଆର୍‌ଆଇ ଗୋବର୍ଦ୍ଧନପୁର, ସ୍ଥାନୀୟ ସରପଞ୍ଚ ଶୁକଦେବ ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ ସାହୁ ତାଙ୍କ ଘରେ ପହଞ୍ଚି ଭୁଲରେ କଟିଯାଇଥିବା ରେସନ୍ କାର୍ଡ ବଦଳରେ ପୁନର୍ବାର ନୂତନ ରେସନକାର୍ଡ ସହିତ ୫୦କେଜି ଚାଉଳ ଲାଲାବତୀକୁ ପ୍ରଦାନ କରିଥିଲେ। ତତ୍‌ସହିତ ଭଙ୍ଗା ଘର ଉପରେ ନୂତନ ଜରିପାଲ ଦିଆଯାଇଥିଲା। ତାଙ୍କର ଅନ୍ତ୍ୟୋଦୟ ଯୋଜନାରେ ଏକ ସ୍ଥାୟୀ ଘର ଓ ଭତ୍ତା ଦେବା ପାଇଁ ବିଡିଓ ଶ୍ରୀଯୁକ୍ତ ସେଠୀ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ଜନତାର ଖାଦ୍ୟ, ବସ୍ତ୍ର ଓ ବାସଗୃହ ଏହି ମୌଳିକ ଅଧିକାର କିପରି ସମସ୍ତଙ୍କ ପାଖରେ ପହଞ୍ଚେଇବାର ସେ ଦିଗରେ ପ୍ରଶାସନ ନିଶ୍ଚୟ ଦୃଷ୍ଟି ଦେବ ଏପରି ଅନେକ ଲୋକ ସମାଜରେ ଅବହେଳିତ ଉପେକ୍ଷିତ ଲୋକେ ଅଛନ୍ତି ପଞ୍ଚାୟତର ଜନପ୍ରତିନିଧି ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଶୀଘ୍ର ସମାଧାନ ହୋଇପାରନ୍ତା। ଲାଲା ବତୀ ପୂର୍ତ୍ତୀ ରେସନକାର୍ଡ ପାଇଲା ପରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଭତ୍ତା ଓ ସ୍ଥାୟୀ ଘରଖଣ୍ଡେ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ଜେନାପୁର,୮।୬(ସମିସ):ଧର୍ମଶାଳା ତହସିଲ ଅଧୀନ ବ୍ରାହ୍ମଣୀ ନଦୀରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜାଗାରେ ବେଆଇନ ଭାବରେ ବାଲିଘାଟ ତିଆରି କରି କିଛି ବାଲି ମାଫିଆ ଚୋରାରେ ବାଲିଚଲାଣ କରୁଛନ୍ତି। ବାଲି ତଥା ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ରାଜ୍ୟ ସରକାର ଟାକ୍ସଫୋର୍ସ ଗଠନ କରି ପୁଲିସକୁ ଅଧିକାର ଦିଆଯାଇଥିବା ବେଳେ ଦୀର୍ଘ ଦିନ ଧରି ରାତିରେ ବ୍ରାହ୍ମଣୀ ନଦୀରୁ ବିଭିନ୍ନ ସ୍ଥାନରୁ ବାଲି ଚୋରା ଚାଲାଣ ହେଉଥିବା ନେଇ କିପରି ପୁଲିସ ଜାଣିପାରୁନି ନଥିଲା। ତାହା ଏବେ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ତେବେ ରବିବାର ବିଳମ୍ବିତ ରାତିରେ ଜେନାପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ତହସିଲ ଅଧୀନ ବାରକଣା ଠାରେ ଚାଲିଥିବା ଏକ ବେଆଇନ ବାଲିଘାଟରେ ଚଢ଼ଉ କରିଥିଲା। ଏହି ବାଲିଘାଟରୁ ପ୍ରାୟ ୪-୫ଟି ଟ୍ରାକ୍ଟର ବାଲି ଲୋଡ଼ କରି ଚୋରାଚାଲାଣ କରୁଥିବା ବେଳେ ପୁଲିସ ଏକ ବାଲି ବୋଝଇ ଟ୍ରାକ୍ଟର (ନଂ ଓଡି୦୪କେ ୨୧୯୦)କୁ ଜବତ କରିଥିବା ବେଳେ ଏହାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଅନ୍ୟ ବାଲି ବୋଝେଇ ଟ୍ରାକ୍ଟର ଗୁଡିକୁ ଧରିବାରେ ସକ୍ଷମ ହୋଇନାହିଁ। ଉକ୍ତ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ୧୫୦/୨୬ରେ ଏକ ମାମଲା ରୁଜୁ କରି ଜେନାପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ■ ଅଟୋ ଚାଳକ ସଙ୍ଘ ଓ ଶଙ୍କର ପ୍ରସାଦ ସ୍ମୃତି ସଂସଦର ମିଳିତ ପ୍ରୟାସ

# ଧୂଷୁରୀ ବଜାରରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ

ଅସୁରାଳି,୮।୬(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ, ପଥଚାରୀ ଓ ଜନସାଧାରଣଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବା ପାଇଁ ଏକ ମହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ଶଙ୍କର ପ୍ରସାଦ ଦାସ ସ୍ମୃତି ସଂସଦ ଏବଂ ଧୂଷୁରୀ ଅଟୋ ଚାଳକ ସଙ୍ଘର ମିଳିତ ଆନୁକୂଲ୍ୟରେ ଧୂଷୁରୀ ବଜାରସ୍ଥିତ ଅଟୋ ଷ୍ଟାଣ୍ଡ ନିକଟରେ ପଥଚାରୀମାନଙ୍କୁ ଦହି ସରବତ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଧୂଷୁରୀ ଥାନା ଏସ୍‌ଆଇ ବୈଷ୍ଣବ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ସୂତାର, ପ୍ରଦୀପ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ନାୟକ, ନିରୋଦ ବେହେରା, ଡ. ଗିରିଶ ନାୟକ ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟକୁ ଉତ୍ସାହିତ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ବଜାରକୁ ଆସୁଥିବା ଖାଉଟି, ଦୀର୍ଘ ପଥ ଅତିକ୍ରମ କରୁଥିବା ପଥଚାରୀ, ଗରିବ ଖଟିଖିଆ ଏବଂ ଯାତ୍ରୀମାନଙ୍କୁ ପ୍ରସ୍ତୁତ ସୁଆଦିଆ ଥଣ୍ଡା ଦହି ସରବତ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛି। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସଙ୍କ ସମେତ ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ଅନନ୍ତ ସାହୁ, କପିଳଦେବ ବିଶ୍ୱାଳ, ଶରତ ମହାପାତ୍ର, ଧନେଶ୍ୱର ପାଣିଗ୍ରାହୀ, ରାଜା ସାହୁ, ବ୍ରଜ ମୋହନ କର, ଯଯାତି କେଶରୀ ପ୍ରଧାନ, ଗୋବିନ୍ଦ ନାଥ, ସତ୍ୟମୂର୍ତ୍ତି ବେହେରା, ତରଣୀ ନାଥ, ବାବୁଲି ମାଝୀ ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ ପରିଚାଳନା କରିଥିଲେ।



## ଧର୍ମଶାଳା ଡିଫା କପ ଫୁଟବଲଟୁର୍ଣ୍ଣାମେଣ୍ଟ

# ସେମିରେ ୟୁନାଇଟେଡ୍ କ୍ଲବ୍ ଭଦ୍ରକ



ଧର୍ମଶାଳା,୮।୬(ସମିସ): ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ୨୮ ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଆଜି ୟୁନାଇଟେଡ କ୍ଲବ ଭଦ୍ରକ ୩-୦ ଗୋଲରେ ବିଜୟୀ ହୋଇଛି। ଆଜି ୟୁନାଇଟେଡ କ୍ଲବ ଭଦ୍ରକ ଓ ଆୟୋଜକ ଡିଫା କ୍ଲବ ଧର୍ମଶାଳା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୟୁନାଇଟେଡ କ୍ଲବ ୩-୦ ଗୋଲରେ ଡିଫାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଅତିଥି ଭାବେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଜିତ କୁମାର ସାହୁ ଓ କ୍ରୀଡ଼ାବିତ ଅଶୋକ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ଥିଲା। ଖେଳର ପ୍ରଥମାର୍ଦ୍ଧରେ ଭଦ୍ରକ ଟିମର ନାରାୟଣ ହୁ ପ୍ରଥମ ଗୋଲ ଦେଇଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ଗୌରାଙ୍ଗ ନାୟକ ଓ କ୍ରୀଷ୍ଣା ହେମ୍ବ୍ରମ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଆଜିର ମ୍ୟାଚରେ ଭଦ୍ରକ ୟୁନାଇଟେଡ କ୍ଲବର ସୁଜିତ ବାଲାଙ୍କୁ ମ୍ୟାନ ଅଫଦିମ୍ୟାଚ ଘୋଷଣା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚକୁ ଅବଦୁଲ ମାଟିନ ରେଫରୀ ଭାବେ ପରିଚାଳନା କରିଥିବା ବେଳେ ଚିତରଂଜନ ଓଝା ଓ ଶୈଳେଶ ପାଣି ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ବିନୟ ସାହୁ ଉପସ୍ଥିତ ରହିଥିଲେ। ଆସନ୍ତାକାଲି କେସିଏଫ୍ କୋଲକତା ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

## ପେଟ୍ରୋଲ ପମ୍ପ୍ ଲୁଟ ଉଦ୍ୟମ ବିଫଳ

# ୬ ଡକାୟତ ଗିରଫ; ୪ ମୋବାଇଲ ଫୋନ ଜବତ

ବ୍ୟାସନଗର,୮।୬(ସମିସ): ବ୍ୟାସନଗର ସହରରେ ଥିବା ଏକ ପେଟ୍ରୋଲ ପମ୍ପ ଲୁଟ କରିବା ପାଇଁ ନକ୍ସା ପ୍ରସ୍ତୁତ କରୁଥିବା ବେଳେ ଗତ ରବିବାର ବିଳମ୍ବିତ ରାତିରେ ବ୍ୟାସ ସରୋବର ପଡ଼ିଆରୁ ଯାଜପୁର ରୋଡ ପୁଲିସ ୬ ଜଣ ଡକାୟତକୁ ଗିରଫ କରିବା ସହିତ ଡକାୟତ ଯୋଜନାକୁ ଫଣ୍ଡ କରିବାରେ ସଫଳ ହୋଇଛି। ଏସ୍‌ଆଇ କେଶବ ଚନ୍ଦ୍ର ସାହୁଙ୍କ ଅଭିଯୋଗ ଆଧାରରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ଦ୍ୱାରା ଗିରଫ ଡକାୟତମାନେ ହେଲେ ଯାଜପୁର ରୋଡ ଥାନା ଅନ୍ତର୍ଗତ ଦାନଗଦି ଗ୍ରାମର ପପୁ ସେଠୀ (୨୫), ସେହି ଗ୍ରାମର ଲିଟୁ ମହାକୁଡ଼ (୨୩), ସାପଗାଡ଼ିଆ ଗ୍ରାମର ଜୟଦେବ ମଣ୍ଡଳ (୩୦), ସେହି ଗ୍ରାମର ଏସ୍‌କେ ଲାଲୁ (୨୬), ରାଛିପୁର ଗ୍ରାମର ଲକ୍ଷ୍ମଣ ଓଝା(୨୩), ପଦ୍ମପୁର ଗ୍ରାମର ଅଜୁ ଦାସ (୪୦)



କୁପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୪ଟି ମୋବାଇଲ, ଲୁହା ବ୍ଲେଡ, କତା, ୩ଟି ଠେଙ୍ଗା, ୪ଟି ଲୁହା ରଡ, ମଦ ବୋତଲ, ପାଣି ବୋତଲ, ଦିଆସିଲ, ନଗଦ ୪୧୦ ଟଙ୍କା ଜବତ କରିଛି। ଦୁଇଦିନ ତଳେ ବ୍ୟାସ ସରୋବର ଜଗନ୍ନାଥ ମନ୍ଦିର କାର୍ଯ୍ୟ ଚାଲୁଥିବା ବେଳେ ଲୁହା ରଡ଼ ଆଦି ବିଭିନ୍ନ ସମାଗ୍ରୀ ଚୋରି ହୋଇଥିବା ନେଇ କାଉନସିଲର ଅଶୋକ ରାଉତ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଗତ ରବିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ କରୁଥିବା ବେଳେ ପୁଲିସ ଡକାୟତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

# ଶିକ୍ଷାବିତ୍ ଅବ୍‌ଦୁଲ ହାକିମଙ୍କୁ ଡକ୍ଟରେଟ୍ ଆୱାର୍ଡ

ଧାମନଗର,୮।୬(ସମିସ): ଆମେରିକାନ୍ ମେରିଟ୍ କାଉନ୍‌ସିଲ୍ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନ ପରିସରରେ ଆୟୋଜିତ ଜ୍ଞାନଦାନ ଅନରାରୀ ଡକ୍ଟରେଟ୍ ଆୱାର୍ଡ ଫାଉଣ୍ଡେସନ ତରଫରୁ ହୁସନାରା ହାକିମ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ଶିକ୍ଷାବିତ୍ ଶେଖ୍ ଅବ୍‌ଦୁଲ ହାକିମ୍(ଗୋରା ସାର୍)ଙ୍କୁ ମାନପତ୍ର, ଉପଢୌକନ ସହ




ଡକ୍ଟରେଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ଧାମନଗର ସହରାଞ୍ଚଳରେ ଥିବା ବହୁ ପୁରାତନ ଶିକ୍ଷାନୁଷ୍ଠାନ ମଦ୍ରାସା ଗୌସିୟା ରୌଫିୟାର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ତଥା ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ଏବଂ ବରିଷ୍ଠ ନାଗରିକ ପରିଷଦର ଉପସଭାପତି ଶେଖ୍ ଅବ୍‌ଦୁଲ ହାକିମଙ୍କୁ ପୂର୍ବରୁ ଧାମନଗର ମହୋତ୍ସବ ସହିତ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

# ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଦଶରଥପୁର/କୟାଁଗୋଲା,୮।୬(ସମିସ): ରାଜ୍ୟରେ ଅହେତୁକ ଦରଦାମ ବୃଦ୍ଧି, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ଓ ବାରମ୍ବାର ସରକାରୀ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଥାଲକୁଡି ମଣ୍ଡପ ଠାରୁ ମଙ୍ଗଳପୁର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଶତାଧିକ କଂଗ୍ରେସ କର୍ମୀ ସରକାର ବିରୋଧୀ ସ୍ଲୋଗାନ ଦେଇ ମଙ୍ଗଳପୁର ବଜାର ପରିକ୍ରମା କରିଥିଲେ। ସରକାର ଦର ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ନେତା ସନ୍ତୋଷ ନନ୍ଦ ଅଭିଯୋଗ କରିଥିଲେ। ସେହିପରି ରାଜ୍ୟରେ ମହିଳା ନିର୍ଯାତନା, ହତ୍ୟା, ଲୁଟ୍ ଭଳି ଘଟଣା ବଢ଼ି ଚାଲିଛି। ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ଅପରାଧୀମାନେ ବେଫିକର ହୋଇ ଅପରାଧ କରୁଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମ ରେ ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର କର, ସରପଞ୍ଚ ଲିପିକା ମଲିକ, ରୁଦ୍ର ନାରାୟଣ ସାହୁ, ଚନ୍ଦ୍ର ନାରାୟଣ ଦାସ, ରବି ନାରାୟଣ ଜେନା, ବିମଳ ମଲିକ, ସାଗର ରଞ୍ଜନ ପରିଡା, ବୃନ୍ଦାବନ ଜେନା, ଶେଖର ସମ୍ବିତ ଧଳ, ରବି ସ୍ୱାଇଁ, ଉମେଶ ଜେନା, ଅଜିତ ମହାନ୍ତି, ରାଜୀବ ମଲିକ, ସୌମ୍ୟ ରଞ୍ଜନ ବେହେରା, ଅନନ୍ତ ନାରାୟଣ ଜେନା, ମଦନ ମଲିକ, ଉତ୍ତମ ଜେନା, ଅନିରୁଦ୍ଧ କୁଣ୍ଡୁ, ପାଣ୍ଡବ ମଲିକ, ଅମୀୟ ଦାସ, କୃପାସିନ୍ଧୁ ମଲିକ, ଯୁବରାଜ ମଲିକ, ଅକ୍ଷୟ ନାୟକ, ଜ୍ୟୋତି ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ

ବରୀ,୮।୬(ସମିସ): ବରୀ ବ୍ଲକ ଅନ୍ତର୍ଗତ କିମ୍ବିରିଆପାଳ ପଞ୍ଚାୟତର ଏମ୍‌ଡିଆର ୧୪ ଠାରୁ କିମ୍ବିରିଆପାଳ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦ୍ୱାରା ହୋଇଯାଇଛି। ଦୀର୍ଘଦିନ ଧରି ଉକ୍ତ ରାସ୍ତାରେ ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାପରେ ଉକ୍ତ ରାସ୍ତାଟିକୁ ସମ୍ପ୍ରସାରଣ କରିବା



ପାଇଁ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ଉଦ୍ୟମ କ୍ରମେ ଏହି ରାସ୍ତାଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହେବାପରେ ଏହାକୁ ବିଧାୟକ ଆନୁଷ୍ଠାନିକ ଭାବେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଆଜି ବିଧାୟକ ସଙ୍କାରିଗଡା ଠାରେ ପହଞ୍ଚିବା ପରେ ଏହି ପଞ୍ଚାୟତର ଶତାଧିକ ମହିଳା ଓ ଅଞ୍ଚଳବାସୀ ମାନେ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଏହି ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ବିଧାୟକଙ୍କ ସମେତ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲାପରିଷଦ ସଭ୍ୟ ଅଶୋକ ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ ମହାନ୍ତି, ସରପଞ୍ଚ ହରପ୍ରିୟା ସାହୁ, ପ୍ରସନ୍ନ ସାମଲ, ଟିକ ମଲିକ, ଅଭିମନ୍ୟୁ ସାହୁ ପ୍ରମୁଖ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ବନ୍ଧଡିହ ବିଦ୍ୟାଳୟରେ ଗୁରୁ ପୂଜନ କାର୍ଯ୍ୟକ୍ରମ

ବ୍ରହ୍ମବରଦା,୮।୬(ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ସ୍ଥିତ ବନ୍ଧଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୬ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିରଞ୍ଚି ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଯଶୋବନ୍ତ ଲେଙ୍କା ଯୋଗ ଦେଇଥିଲେ। ଉତ୍କଳ କେଶରୀ ନାୟକଙ୍କ ନେତୃତ୍ୱରେ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଆଚାର୍ଯ୍ୟଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜୀବ ବେହେରା, ଶିକ୍ଷକ ଭାସ୍କର ପଣ୍ଡା, ରବିନ୍ଦ୍ର ଦାସ, ଇନ୍ଦ୍ରମଣି ନାୟକ, ଶରତ ବେହେରା, ସୀତାନାଥ ସାମଲ, ଦୟାନିଧି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଉପସ୍ଥିତ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିବା ସହ ଗୁରୁପୂଜନ କରାଯାଇଥିଲା। ପରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଂଗ୍ରାମ ସାହୁ, କାଶୀନାଥ ବେହେରା ପ୍ରମୁଖ ନିଜ ନିଜ ପରିବାର ସହ ଯୋଗଦେଇଥିଲେ।

ସକାଳ
THE SAKALA



## ରବି ଧାନକିଣାରେ ଅବ୍ୟବସ୍ଥା

# ଟାର୍ଗେଟ୍ ନାହିଁ; ଚାଷୀଙ୍କ ଘେରଉ ଚେତାବନୀ

ସମ୍ବଲପୁର, ୮।୬ (ସମିସ)



ଗତ ଖରିଫ୍‌ରେ ଧାନ କିଣାବିକା ଅବ୍ୟବସ୍ଥା ଯୋଗୁଁ ବହୁ ଚାଷୀଙ୍କ ଧାନ ବଳକା ହୋଇ ରହିଗଲା। ରବି ଧାନ ସଂଗ୍ରହ ସମୟରେ ସେଭଳି ଅସୁବିଧା ହେବନି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ, ଟାର୍ଗେଟ୍ ନ ଥିବାରୁ ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ଧାନ ଗାଡ଼ି ଗୁଡ଼ିକ ଛିଡ଼ା ହୋଇଛି। ସମ୍ବଲପୁର ଜିଲ୍ଲାରେ ରବି ଧାନ କିଣାବିକାରେ ଅବ୍ୟବସ୍ଥା ଜାରି ରହିଛି। ମିଲ୍ ଗୁଡ଼ିକ ସମ୍ମୁଖରେ ଧାନ ବୋଝେଇ ଟ୍ରକ୍ ଛିଡ଼ା ହୋଇଥିବାବେଳେ ମିଲର୍ ମାନେ ଧାନ ଉଠାଉ ନ ଥିବାରୁ ଆଜି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସମସ୍ୟା ଲାଗି ରହିଲେ କୃଷକ ସଂଗଠନ ଘେରାଉ କରିବ ବୋଲି ଚେତାବନୀ ଦେଇଛି।

ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଆଜି ଏକ ପ୍ରତିନିଧି ଦଳ ଯାଇ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ରବି ଋତୁରେ ଧାନ ବିକ୍ରି କରିବା ପାଇଁ ମିଲ୍ ଟାର୍ଗେଟ ନ ଥିବାରୁ ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ଧାନ ଗାଡ଼ି ଛିଡ଼ା ହୋଇଛି ବୋଲି ଅବଗତ କରାଯାଇଥିଲା। କିନ୍ତୁ ସିଏସ୍‌ଓ ଆଜି ସକାଳେ ୫୦ ହଜାର କ୍ୱିଣ୍ଟାଲ ଟାର୍ଗେଟ ଆସିଥିବା କହିଥିଲେ। ଏହାଦ୍ୱାରା ଜିଲ୍ଲାର ସମସ୍ତ ମଣ୍ଡିରୁ ଧାନ ଉଠିପାରିବ ନାହିଁ, ତେଣୁ ସିଏସ୍‌ଓଙ୍କ କହିବା ଅନୁସାରେ ଆସନ୍ତାକାଲି ସକାଳେ ଆହୁରି ୧ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ୍ ଆସିବ। ଟାର୍ଗେଟ୍ ସମସ୍ୟା ଲାଗି ରହିଲେ, ଆଗାମୀ ଦିନରେ କୃଷକ ସୁରକ୍ଷା ସଂଗଠନ ତରଫରୁ ଯୋଗାଣ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଖରିଫ୍ ଋତୁରେ ଯେତେବେଳେ ଅନ୍ୟ ଜିଲ୍ଲାର ଧାନ ସମ୍ବଲପୁରର ମିଲ୍ ମାନଙ୍କରେ ପୁରାଗଲା, ସେହି ସମୟରେ ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ଯେ ଆସନ୍ତା ରବି ଋତୁ ପାଇଁ କିଛି ଅସୁବିଧା ହେବନି। ପ୍ରତିନିଧି ଦଳରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସମ୍ପାଦକ ଦେବେନ୍ଦ୍ର ପଧାନ, ଭୈରବ ପଧାନ, ଜଗଦାନନ୍ଦ ନାୟକ, ବିପିନ ଭୋଇ, ସନ୍ତୋଷ ଭୋଇ, ସୁଦାମ ନାଏକ, ଦୋଳଗୋବିନ୍ଦ ନାଏକ, କାଶୀ ବିଶ୍ୱନାଥ ପ୍ରମୁଖ ସାମିଲ ଥିଲେ।

# ନିଖୋଜ ଛାତ୍ରଙ୍କ ଶବ ମିଳିଲା

**ସମ୍ବଲପୁର, ୮।୬ (ସମିସ):** ରବିବାର ପିକ୍‌ନିକ୍ କରିବାକୁ ଯାଇ ବୁର୍ଲା ପାୱାର ଚ୍ୟାନେଲର ପ୍ରଖର ସ୍ରୋତରେ ଭାସି ଯାଇଥିବା ଛାତ୍ର ସ୍ୱସ୍ତିକ ପାଢ଼ୀ (୧୭) ଙ୍କ ମୃତଦେହ ଆଜି ସନ୍ଧ୍ୟାରେ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରାଯାଇଛି। ଘଟଣାସ୍ଥଳଠାରୁ ପ୍ରାୟ ୨୫୦ ରୁ ୩୦୦ ମିଟର ଦୂରରେ ଏକ ପଥୁରିଆ ଅଞ୍ଚଳରେ ତାଙ୍କ ଶବ ଅଟକି ରହିଥିଲା। ବୁର୍ଲା ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭିମସାର୍‌କୁ ପଠାଇଛି। ବ୍ୟବଚ୍ଛେଦ ପରେ ଶବ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଏନେଇ ବୁର୍ଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରିରଖିଛି।

ସୂଚନା ଅନୁସାରେ, ବୁଢ଼ାରଜା ସହଯୋଗନଗର ବାସିନ୍ଦା ସ୍ୱସ୍ତିକ ପାଢ଼ୀ (୧୭) ଭୁବନେଶ୍ୱରର ଏକ କଲେଜରେ ଯୁକ୍ତ ୨ ପଢୁଛନ୍ତି। ସେ ଛୁଟିରେ ନିଜ ଘରକୁ ଆସିଥିଲେ। ଗତକାଲି ସକାଳେ ତାଙ୍କ ଟ୍ୟୁସନ୍ ଶିକ୍ଷକ ଏବଂ ଅନେକ ବନ୍ଧୁଙ୍କ ସହିତ ପାୱାର ଚ୍ୟାନେଲ ନିକଟସ୍ଥ ଅଠର ହଜାର ଅଞ୍ଚଳକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ଚ୍ୟାନେଲରେ ଗାଧୋଇବା ସମୟରେ, ସମ୍ଭବତଃ ତାଙ୍କ ଗୋଡ଼ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ବୁର୍ଲା ପୁଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପାଣିର ପ୍ରଖର ସ୍ରୋତ ଓ ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଅଠର ହଜାର ସାଇଫନ୍‌ର ସମସ୍ତ ଫାଟକ ବନ୍ଦ କରାଯାଇ ଖୋଜାଖୋଜି ଚାଲିଥିବାବେଳେ ନିଖୋଜ ସ୍ୱସ୍ତିକଙ୍କ କୌଣସି ପତ୍ତା ମିଳି ନ ଥିଲା। ଆଜି ସକାଳୁ ପୁଣି ପୁଲିସ, ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଖୋଜାଖୋଜି ଆରମ୍ଭ କରିଥିଲେ। ଅଠର ହଜାର ସାଇଫନ୍‌ର ଗେଟ୍ ଗୁଡ଼ିକୁ ବନ୍ଦ କରାଯିବା ପରେ ପାୱାର ଚ୍ୟାନେଲ୍‌ରେ ଜଳପ୍ରବାହ ଓ ଜଳସ୍ତର ହ୍ରାସ ପାଇଥିଲା, ତାହା ଉଦ୍ଧାରକାରୀ ଦଳଙ୍କୁ ସହାୟକ ହୋଇଥିଲା।

# ବିଷପିଇ ଆତ୍ମହତ୍ୟା ଉଦ୍ୟମ

**କୁଚିଣ୍ଡା, ୮।୬(ସମିସ):** ସୋମବାର ପୂର୍ବାହ୍ନରେ କୁଚିଣ୍ଡା ଥାନାଚେରଙ୍ଗା ମାଳଗ୍ରାମର ୧୯ବାର୍ଷିୟ ବିବେକ ପଟ୍ଟା, ନିଜଘରେ ଏକାକୀ ଥିବା ସମୟରେ କୌଣସି କାରଣରୁ ବିଷପିଇ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ପରିବାର ଲୋକେ ଉଦ୍ଧାର କରି କୁଚିଣ୍ଡା ଡାକ୍ତର ଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସା ଚାଲିଛି। ଅବସ୍ଥା ଗୁରୁତର ଥିବା ଦେଖିବାକୁ ମିଳିଥିଲା।

# ‘ନିଟ୍’ ବିଭ୍ରାଟକୁ ନେଇ ୧୦ରେ କଂଗ୍ରେସ କରିବ ବିଶାଳ ବିକ୍ଷୋଭ

## ଧର୍ମେନ୍ଦ୍ର ଇସ୍ତଫା ନ ଦେବା ଯାଏଁ ଆନ୍ଦୋଳନ ଜାରି ରହିବ

**ସମ୍ବଲପୁର, ୮।୬ (ସମିସ):** ଦୁଇ ଥର ନିଟ୍ ପ୍ରଶ୍ନପତ୍ର ପ୍ରଘଟ ହୋଇସାରିଲାଣି। ହେଲେ ଏହାର ଉତ୍ତରଦାୟିତ୍ୱ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଆବଶ୍ୟକ ରହିଛି। କିନ୍ତୁ ଇସ୍ତଫା ବଦଳରେ ବିଜେପି ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିକ୍ଷାମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛନ୍ତି। ଯାହାକି ସମ୍ପୂର୍ଣ୍ଣ ଭାବେ ଭୁଲ ଅଟେ।ତେଣୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ଯାଏଁ କଂଗ୍ରେସ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଥିବା ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସୂଚନା ଅନୁସାରେ ଆସନ୍ତା ୧୦ତାରିଖରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସମ୍ବଲପୁରରେ ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର ଯୁବ ଆକ୍ରୋଶ ସମାବେଶ ଆୟୋଜିତ ହେବ। ଏଥିରେ ଅନେକ ଯୁବ ଛାତ୍ର ଯୋଗ ଦେବେ। ଉକ୍ତ ଦିନ ଏହି ସମାବେଶରୁ ବହୁ ଛାତ୍ର ନେତା ସୃଷ୍ଟି ହେବେ ବୋଲି ସଭାପତି କହିଛନ୍ତି। ସୋମବାର ସ୍ଥାନୀୟ ଗ୍ରାଣ୍ଡଶିବା ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ଓ ରାଜ୍ୟ ଛାତ୍ରକଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି, ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ପରି ଅବ୍ୟବସ୍ଥା ରୋକିବାକୁ ସରକାର ସ୍ଥାୟୀ ନୀତି ନିର୍ଦ୍ଧାରଣ ନ କଲେ ଛାତ୍ରକଂଗ୍ରେସ ପକ୍ଷରୁ ପ୍ରବଳ ବିରୋଧ କରାଯିବ। କଂଗ୍ରେସର ଛାତ୍ର ସମାବେଶ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ କରାଯିବ। କେହି ହିଂସାକାଣ୍ଡ କଲେ କଂଗ୍ରେସ ତାକୁ ବିରୋଧ କରିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଧାନସଂଗ୍ରହ ଋତୁରେ ବିଜେପି ସରକାର ୪ରୁ ୬ ହଜାର କୋଟିର ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଛି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ଏବଂ ପାଠ୍ୟନୀତିରେ ପରିବର୍ତ୍ତନକୁ ବିରୋଧ କଂଗ୍ରେସ କରିବ ବୋଲି କହିଥିଲେ। ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କା ସମାବେଶସ୍ଥଳୀ ଏବଂ କହେଁୟା କୁମାରଙ୍କ ଶୋଭାଯାତ୍ରା ପଥ ବିଷୟରେ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀକୁ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ। ସାମାଜିକ ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ମହାନ୍ତି, ଏନ୍‌ଏସ୍‌ୟୁଆଇ ପ୍ରବକ୍ତା ବିଭୂତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଭାରତ ବିକାଶ ପରିଷଦ ପକ୍ଷରୁ ଶୀତଳଷଷ୍ଠୀ ଆଲୋଚନାଚକ୍ର

**ସମ୍ବଲପୁର, ୮।୬ (ସମିସ):** ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ସାଧାରଣ ସଭା ଆଜି ସନ୍ଧ୍ୟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଆୟୋଜିତ ହୋଇଯାଇଛି। ଏହି ସଭାରେ ‘ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ’ ଶୀର୍ଷକ ଆଲୋଚନାରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଅଧ୍ୟାପକ ଡଃ ସିଦ୍ଧାର୍ଥ ପଣ୍ଡା ତାଙ୍କ ବକ୍ତବ୍ୟରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଐତିହାସିକ ଓ ପ୍ରାଚୀନ ପରମ୍ପରା ସହିତ ବର୍ତ୍ତମାନ ସମୟର ଯାତ୍ରାର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନା କରିଥିଲେ। ସର୍ବପ୍ରାଚୀନ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ସହିତ ବରପାଲିର ପ୍ରାଚୀନ ଶୀତଳଷଷ୍ଠୀ ଯାତ୍ରା ବର୍ତ୍ତମାନ ମଧ୍ୟ ଲୋକପର୍ବ ପରମ୍ପରାର ମହତ୍ତ୍ୱ ବଜାୟ ରଖିଛି। ଭବିଷ୍ୟତରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରା ଆହୁରି ଚିତ୍ତାକର୍ଷକ ହେବ ବୋଲି ଡଃ ପଣ୍ଡା ଆଶାପ୍ରକାଶ କରିଥିଲେ। ପ୍ରାନ୍ତ ପର୍ଯ୍ୟାବରଣ ସଂଯୋଜକ ଡଃ ନରେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ରାଜ୍ୟ ସଭାପତି ଡା. ବିନୋଦ ବିହାରୀ ନାଏକ ମଞ୍ଚାସୀନ ଥିଲେ। ଶାଖା ସଭାପତି ହେମନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଏବଂ ଶ୍ୟାମ ସୁନ୍ଦର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



# ବଡ଼ରମା ବନ ବିଭାଗ ପକ୍ଷରୁ ଚଢ଼ଉ; ୬ଗିରଫ, ଦୁଇ ଦେଶୀ ବନ୍ଧୁକ ଜବତ

**ଜମନକିରା, ୮।୬(ସମିସ):** ବାମରା ଡିଭିଜନ ବଡ଼ରମା ରେଞ୍ଜ ଅନ୍ତର୍ଗତ ଉଡୁସିଂ ବିଟ୍‌ରେ ରବିବାର ରାତିରେ ଚଢ଼ଉ କରି ବନ ବିଭାଗ ଦୁଇ ଦେଶୀ ବନ୍ଧୁକ ଜବତ ସହ ୬ ଜଣଙ୍କୁ ଉଠାଇ କରି ପଚରା ଉଚରା କରିବା ପରେ ସୋମବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ପଠାଇ ଦେଇଛନ୍ତି। ପ୍ରକାଶ ଥାଉ କି ବଡ଼ରମା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ବିଭିନ୍ନ ସ୍ଥାନରେ ଟ୍ୟାକିଂ କ୍ୟାମେରା ଲଗାଇ ନିୟମିତ ବନ୍ୟପ୍ରାଣୀ ଚଳାଚଳ ଉପରେ ନଜର ରଖିବା ସହ ଜଙ୍ଗଲ ଭିତରେ ଲୋକଙ୍କ ଗତି ବିଧି ମଧ୍ୟ ଜାଣିପାରୁଥିଲା। ହେଲେ କିଛି ଦିନ ଆଗରୁ କିଛି କ୍ୟାମେରା ଚୋରି ହୋଇଯାଇଥିଲା। ଗତକାଲି ଜଙ୍ଗଲ ଭିତରେ କିଛି ଲୋକ ବନ୍ଧୁକ ଧରି ବୁଲୁ ଥିବା ବେଳେ ବନ ବିଭାଗ ଖବର ପାଇଁ ବଡ଼ରମା ରେଞ୍ଜର ଗୀରୀଧାରୀ ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀଙ୍କ ସହିତ ଉଡୁସିଂ ଓ ଲାଇଝାର ଗ୍ରାମରେ ଚଢ଼ଉ କରି ୬ ଜଣଙ୍କ ସହ ଦୁଇଟି ଦେଶୀ ବନ୍ଧୁକ ଜବତ କରି ତନା ଘନା କରିଥିଲା। ଖବର ପାଇ ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ, ବାମରା ଏସିଏଫ ଆଲୋକ କୁମାର ଷଡଙ୍ଗୀ ବଡ଼ ରମା ରେଞ୍ଜ ପହଞ୍ଚି ପଚାର ଉଚରା କରି ଦୁଇ ବନ୍ଧୁକ ସହ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଥିଲେ। ଗିରଫ ବ୍ୟକ୍ତି ମଧ୍ୟରେ ଉଡୁସିଂ ଗ୍ରାମର ଅରୁଣ ମାଝୀ, ଅଭୟ ମାଝୀ, ଗଣେଶ ପଟ୍ଟା, ସୁରେନ୍ଦ୍ର ପଧାନ, କୁବେର ଖଣ୍ଡା ଓ ଲାଇଝାର ଗ୍ରାମର ମନୋଜ କୁଆଙ୍ଗ ବୋଲି ଜଣାପଡ଼ିଛି।

# ଦୁଇ ରେଳବାଇ କର୍ମଚାରୀ ପୁରସ୍କୃତ

**ସମ୍ବଲପୁର, ୮।୬ (ସମିସ) :** କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ଦୁଇ ଜଣ ସଜାଗ ରେଳ କର୍ମଚାରୀଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ ହେଲେ -ଇନ୍ଦ୍ରଜିତ କୁମାର ସିଂ, ବରିଷ୍ଠ ସହାୟକ ଲୋକୋ ପାଇଲଟ୍, ସମ୍ବଲପୁର ଏବଂ ଡି.ସତ୍ୟନାରାୟଣ, ସହାୟକ, ଟିଆରଡି, ସମ୍ବଲପୁର ସିଟି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ମନଜିତ ସିଂହ ସନସନୱାଲ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ, ପାର୍ଥସାରଥୀ ତ୍ରିପାଠୀ (ଟିଆରଡି), ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି), ଧୀରେନ୍ଦ୍ର ସିଂହ, ମଣ୍ଡଳ ନିରାପତ୍ତା ଅଧିକାରୀ, ଲିଙ୍ଗରାଜ ଗଡ଼ତିଆ ଏବଂ ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।



# ଜିଲ୍ଲାରେ ୭୫.୪୫% ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ

**ସମ୍ବଲପୁର, ୮।୬ (ସମିସ) :** ସମ୍ବଲପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) କାର୍ଯ୍ୟ ଚାଲିଛି। ବିଏଲଓମାନେ ଘରକୁ ଘର ଯାଇ ବର୍ତ୍ତମାନ ସୁଦ୍ଧା ୬୩୭୩୩୨ ଜଣ ବା ୭୫.୪୫ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଥିବା ସୂଚନା ମିଳିଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ବିଏଲଓମାନେ ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବାସହ ଫର୍ମ ପୂରଣରେ ମାର୍ଗଦର୍ଶନ କରୁଛନ୍ତି। ଫର୍ମ ପୂରଣ ପରେ ଭୋଟରଙ୍କଠାରୁ ଗ୍ରହଣ କରି ଏକ ପ୍ରାପ୍ତି ସ୍ୱୀକାରପତ୍ର ଭୋଟରଙ୍କୁ ଦେଉଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରତ୍ୟେକ ଦିନ ଇଆରଓ ଏବଂ ଏଆରଓ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ସମଲେଇ ପ୍ରକଳ୍ପ ହେରିଟେଜ୍ କରିଡରରୁ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର, ୮।୬ (ସମିସ) :** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସୋମବାର‘ସମଲେଇ’ ପ୍ରକଳ୍ପର ହେରିଟେଜ୍ କରିଡର ଅଞ୍ଚଳରେ ବ୍ୟାପକ ଜବରଦଖଲ ଓ ଅତିକ୍ରମଣ ଉଚ୍ଛେଦ କରାଯାଇଥିଲା। ଶୀତଳେଶ୍ୱର ବାବା ମନ୍ଦିରଠାରୁ ମା’ ପାଟଣେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ରହିଥିବା ଏହି ହେରିଟେଜ୍ କରିଡର ରାସ୍ତାର ଉଭୟ ପାର୍ଶ୍ୱରୁ ବେଆଇନ ଦଖଲ ହଟାଯାଇଥିଲା। ଏହି ରାସ୍ତା ମା’ ସମଲେଶ୍ୱରୀ ମନ୍ଦିରକୁ ଯାଉଥିବା ପ୍ରମୁଖ ସଂଯୋଗ ପଥ ହୋଇଥିବାବେଳେ ପ୍ରତିଦିନ ହଜାର ହଜାର ଭକ୍ତ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏହା ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରାର ମଧ୍ୟ ପ୍ରମୁଖ ଶୋଭାଯାତ୍ରା ମାର୍ଗ ଅଟେ। କିନ୍ତୁ ଦୀର୍ଘଦିନ ଧରି ରାସ୍ତା କଡ଼ରେ ଥିବା ଉଠାଦୋକାନ, ରାସ୍ତାକଡ଼ ବ୍ୟବସାୟୀ, ଫାଷ୍ଟଫୁଡ୍ ଦୋକାନ ଏବଂ ଅନ୍ୟାନ୍ୟ ଜବରଦଖଲ ଯୋଗୁଁ ରାସ୍ତାଟି ସଂକୁଚିତ ହୋଇପଡ଼ିଥିଲା। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବାସହ ସହରର ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ ହେଉଥିଲା।

ଉଲ୍ଲେଖଯୋଗ୍ୟ ଯେ, ଗତ ସରକାରଙ୍କ ସମୟର ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ସକାଶେ ‘ସମଲେଇ’ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରାଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁଆରୀରେ ଏହାର ଲୋକାର୍ପଣ କରିଥିଲେ। ଏହାପରେ ରାଜ୍ୟ ଓ ରାଜ୍ୟ ବାହାରର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ବାହାର ରାଜ୍ୟରୁ ଲେକେ ଆସି ସମ୍ବଲପୁର ତଥା ଓଡ଼ିଶା ବିଷୟରେ ଏକ ସୁଖଦ ସ୍ମୃତି ନେଇ ଯିବା କଥା। ଅନ୍ୟପକ୍ଷରେ ଆଗାମୀ ଶୀତଳଷଷ୍ଠୀ ପର୍ବ ଏବଂ ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ଅତ୍ୟାବଶ୍ୟକ ଥିଲା। ଏହାଦ୍ୱାରା ହେରିଟେଜ୍ କରିଡରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କ ପାଇଁ ନିର୍ବିଘ୍ନ ଯାତାୟାତ ସୁନିଶ୍ଚିତ ହେବ ବୋଲି ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ ଆଶାପ୍ରକାଶ କରିଛନ୍ତି।



# ପିକେ ଏକାଡେମୀରେ ଡଃ ଶେଷ କିସାନଙ୍କ କ୍ୟାରିୟର କାଉନସେଲିଂ

**ସମ୍ବଲପୁର, ୮।୬ (ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିକେ ଏକାଡେମୀରେ ଏକ କ୍ୟାରିଅର କାଉନସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡଃ ଶୋଭାମୟୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚର୍ଚ୍ଚିତ ଯୁବ ବୈଜ୍ଞାନିକ ଡକ୍ଟର ଶେଷ କିସାନ ଯୋଗଦେଇ ତାଙ୍କ ବାଲ୍ୟ ଜୀବନର ସଂଘର୍ଷମୟ କାହାଣୀ ଆଲୋଚନା କରିବା ସହ ପ୍ରତିକୂଳ ପରିସ୍ଥିତିରେ କିଭଳି ସଂଯମତା ରକ୍ଷାକରି ନିଜର କ୍ୟାରିଅର ପ୍ରତି ଧ୍ୟାନ ଦିଆ ଯାଇପାରିବ ସେଦିଗରେ ଆଲୋଚନା କରିଥିଲେ। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳର ଏକ ମଫସଲ ଗାଁରୁ ସଂଘର୍ଷ କରି କିଭଳି ଜର୍ମାନୀର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ରୂପେ କାମ କରିପାରିଥିଲେ, ତାହା ଛାତ୍ରଛାତ୍ରୀଙ୍କ ସହ ବର୍ଣ୍ଣନା କରିବାର ଶୈଳୀ ଅନୁଷ୍ଠାନର ସମସ୍ତଙ୍କୁ ଅଭିଭୂତ କରିଥିଲା। ଏହି କ୍ୟାରିଅର କାଉନସିଲିଂ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ଡାଙ୍ଗ, କରୋନଣ୍ଡଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଦିତ୍ୟ ମାଝୀ ମଞ୍ଚାସୀନ ଥିବାବେଳେ ଅନୁଷ୍ଠାନ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ଏନ୍‌ଏସି ପକ୍ଷରୁ ବିଶ୍ୱ ପରିବେଶ ଦିବସ




**ରେଢ଼ାଖୋଲ, ୮।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ମିଳିତ ଆନୁକୂଲ୍ୟରେ କଲେଜଛକ ସ୍ଥିତ ସାପ୍ତାହିକ ବଜାରରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ସମସ୍ତେ ମଳିଆ ଆବର୍ଜନା ହୋଇଥିବାସ୍ଥାନ ଗୁଡିକୁ ଝାଡୁ ମାରି ସଫା ସୁତୁରା କରିଥିଲେ। ଏଥିରେ ଆମେ ନିଜେ ଆମ ଅଂଚଳକୁ ସଫା ସୁତୁରା ରଖିବା, ସ୍ୱଚ୍ଛତା ରଖିବା ସହିତ ଘରୁ ବାହାରୁଥିବା ଅଳିଆ ଆବର୍ଜନା ସବୁ ବାହାରେ ନ ପକାଇ ଆବର୍ଜନା ଗାଡ଼ିରେ ଦେବା ଯାହା ଫଳରେ ଏକ ସୁନ୍ଦର ସ୍ୱଚ୍ଛ ରେଢ଼ାଖୋଲ ନିର୍ମାଣ ରେ ସହଯୋଗ ହେବ ବୋଲି ସାମିଲ ରହିଥିବା ସମ୍ମାନନିୟ ଅତିଥି ମାନେ ପ୍ରତିକ୍ରିୟା ଦେଇଥିଲେ। ଏହି ପରିବେଶ ଦିବସରେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ବସନ୍ତ ମହାନନ୍ଦ, ସମସ୍ତ ଏନ୍‌ଏସି କର୍ମଚାରୀ, ସଂଘର ସମସ୍ତ ସଦସ୍ୟ, ବରିଷ୍ଠ ନାଗରିକ ପ୍ରମୁଖ ସାମିଲ ରହିଥିଲେ।

# ଦୋକାନ ଗୃହ ପାଇଁ ହିତାଧିକାରୀ ହନ୍ତସନ୍ତ

**ରେଢ଼ାଖୋଲ, ୮।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଅଧୀନ ୪ ନଂ ୱାର୍ଡ କଇଥସାହି ବାସିନ୍ଦା ସୁଦର୍ଶନ ସାହୁ(୭୩)। ହିତାଧିକାରୀ ରେଢ଼ାଖୋଲ ଦେବୋତ୍ତର ଟ୍ରଷ୍ଟ ବୋର୍ଡ ଅଧିନରେ ଥିବା ଦୋକାନ ଗୃହରୁ ଏକ ଦୋକାନ ଗୃହ ପାଇବା ପାଇଁ ୨୧ ବର୍ଷ ବିତି ଯାଇଥିଲେ ମଧ୍ୟ ଦୋକାନ ମିଳି ପାରିଲା ନାହିଁ। ଏ ସମ୍ପର୍କରେ ପ୍ରଶାସନ ଅଧିକାରୀ ସମେତ ଜନ ପ୍ରତିନିଧିଙ୍କ ପାଖକୁ ଯାଇ କିଛି ସୁଫଳ ନ ମିଳିବାରୁ ହତାଶ ହୋଇପଡ଼ିଛନ୍ତି।ପୂର୍ବରୁ ଶ୍ରୀ ସାହୁଙ୍କ ଭୀମଭୋଇ ଛକରେ ଏକ ଦୋକାନ ରହିଥିଲା। ତାଙ୍କ ସହ୨୦ ଜଣ ଦୋକାନୀ ବିଭିନ୍ନ ପ୍ରକାର ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗତ ୧୫.୩.୨୦୦୫ ମସିହାରେ ଏନ୍‌ଏସି. କର୍ତ୍ତୃପକ୍ଷ ସେହି ୨୦ ଜଣ ଦୋକାନୀଙ୍କର ଦୋକାନ ଭାଙ୍ଗି ଦେବୋତ୍ତର ବୋର୍ଡ଼ ପକ୍ଷରୁ ନୂତନ୍ ଗୃହ ନିର୍ମାଣ ତଥା ମାର୍କେଟ କମ୍ପେ୍ଲକ୍ସ ନିର୍ମାଣ କରାଯାଇଥିଲା। ସେଥିରୁ ଦୋକାନ ଗୃହ ଅନ୍ୟ ହିତାଧିକାରୀ ମାନଙ୍କୁ ମିଳିଥିବା ବେଳେ ଶ୍ରୀ ସାହୁଙ୍କୁ ମିଳିପାରିନଥିଲା। ଶେଷରେ ତତ୍‌କାଳିନ ଉପଜିଲ୍ଲାପାଳ, ରେଢାଖୋଲ ମହୋଦୟ ଦୁଇମାସ ମଧ୍ୟରେ ଦୋକାନ ଗୃହ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୋକାନ ଗୃହ ବାବଦକୁ ଅମାନତ ହିସାବରେ ୧୫ ହଜାର ଟଙ୍କା ମଧ୍ୟ ପଇଠି କରିଥିଲେ। ତଥାପି ତାଙ୍କୁ ଦୋକାନ ଗୃହ ନଦେଇ ଭଡା ବାବଦରେ ମାସକୁ ୭୮୪ ଟଙ୍କା ୪ ମାସ ଦେଇଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଏମିତିକି ଦୋକାନ ଗୃହ ବାବଦକୁ ସେ ୩୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ତଦ୍ ସମନ୍ଧିତ ଏକ ଚୁକ୍ତିନାମା ପ୍ରଦାନ କରିବାକୁ ସେହି ସମୟରେ ସମ୍ମତି ଦେଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ସମ୍ବଲପୁର, ଉପ ଜିଲ୍ଲାପାଳ ରେଢ଼ାଖୋଲ, ବିଡ଼ିଓ, ତହସିଲଦାର, ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କୁ ଦୋକାନ ଗୃହ ଖଣ୍ଡିଏ ପାଇଁ ଦୁଃଖ ଜଣାଇ ଲିଖିତ ଅଭିଯୋଗ କରିଛନ୍ତି।



# ପାଣି ପାଇଁ ଡହଳବିକଳ; ରେମେଡ୍‌ରେ ରାସ୍ତାରୋକୋ



ସମ୍ବଲପୁର, ୮।୬ (ସମିସ)

ସମ୍ବଲପୁର ସହରରେ ଜଳଯୋଗାଣର ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ୱାଟ୍‌କୋର ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ପ୍ରତିଦିନ ମହାନଗର ନିଗମର କୌଣସି ନା’ କୌଣସି ଅଞ୍ଚଳରେ ପାନୀୟ ଜଳଯୋଗାଣ ବ୍ୟାହତ ହେଉଛି। ସହରବାସୀ ହନ୍ତସନ୍ତ ହେଉଛନ୍ତି। ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା କହୁଥିଲେ ହେଁ ଜନସାଧାରଣଙ୍କୁ ନିୟମିତ ଭାବେ ଜଳଯୋଗାଣରେ ବିଭାଗ ବିଫଳ ହୋଇଥିବା ଅଭିଯୋଗ ହେଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲୋକେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ରେମେଡ ଅଞ୍ଚଳରେ ଗତ ଛଅ ଦିନ ଧରି ପାନୀୟ ଜଳଯୋଗାଣ ବନ୍ଦ ରହିଥିବାରୁ ଆଜି ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଆଜି ସକାଳେ ଲୋକେ ଗରା, ବାଲ୍‌ଟି ରଖି ବହୁ ସମୟ ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଜଳଯୋଗାଣରେ ବିଭ୍ରାଟ ହେଉଥିବାବେଳେ ୱାଟ୍‌କୋ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅଞ୍ଚଳବାସୀ ତୁରନ୍ତ ଜିଲ୍ଲା ପ୍ରଶାସନ ଏବଂ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ୱାଟ୍‌କୋର କାର୍ଯ୍ୟ ଓ ପରିଚାଳନା ବ୍ୟବସ୍ଥାର ସମୀକ୍ଷା ଦାବି କରିଛନ୍ତି। ପୁଲିସ ବୁଝାଶୁଝା କରିବାସହ ଜଳଯୋଗାଣର ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା।

## ଧନୁପାଲି ଅଞ୍ଚଳରେ ପାନୀୟ ଜଳଯୋଗାଣ ଅବ୍ୟବସ୍ଥା

ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଧନୁପାଲି, ଗୋବିନ୍ଦତୋଲା, ଭଟ୍‌ରା, ଦେବଗଡ଼ ରୋଡ, ଭବାନୀ ଫିଲଡ଼, ମହାବୀରପଡ଼ା, ଗୋପାଳ ବିହାର, ପୁଟିବନ୍ଧ ଆଦି ଅଞ୍ଚଳରେ ଦୀର୍ଘଦିନ ହେଲା ପାନୀୟଜଳ ସଙ୍କଟ ଦେଖାଦେଇଛି। ସକାଳବେଳା ଅଧଘଣ୍ଟା ପାଣି ଆସୁଥିବାବେଳେ ଉପରବେଳା ଆଦୌ ଆସୁ ନ ଥିବା ଅଭିଯୋଗ ହୋଇଛି। ୱାଟ୍‌କୋ ତରଫରରୁ ବିଭିନ୍ନ ଅଞ୍ଚଳ ପାଇଁ ଧାର୍ଯ୍ୟ ସମୟସାରଣୀକୁ ଉପେକ୍ଷା କରି ସନ୍ଧ୍ୟାରେ ମନଇଚ୍ଛା ପାଣି ଦେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଞ୍ଚଳବାସୀ ରାଜେନ୍ଦ୍ର ପଣ୍ଡା ଅଭିଯୋଗ କରିଛନ୍ତି। ଆଗରୁ ରାତି ୯ଟା ସୁଦ୍ଧା ସବୁ ଅଞ୍ଚଳକୁ ଊଣା ଅଧିକେ ଜଳଯୋଗାଣ ହେଉଥିବାବେଳେ ପ୍ରାୟ ଏକ ମାସ ହେଲା ବିଳମ୍ବିତ ରାତିରେ ଜଳଯୋଗାଣ କରାଯାଉଛି। ପାଣିର ଅବଶ୍ୟକତା ସମୟରେ ଜଳଯୋଗାଣ ନ କରି ବିଳମ୍ବିତ ରାତିରେ ପାଣି ଛଡ଼ାଯାଉଛି। ପୂର୍ବଭଳି ଧନୁପାଲି ଅଞ୍ଚଳକୁ ଜଳଯୋଗାଣ ବ୍ୟବସ୍ଥା ଶୃଙ୍ଖଳିତ କରିବା ପାଇଁ ଶ୍ରୀ ପଣ୍ଡା ଦାବି ଜଣାଇଛନ୍ତି।

ଚାଷ ପାଇଁ ଜମି ପ୍ରସ୍ତୁତ

# ମୌସୁମୀକୁ ଚାହିଁ ବସିଛନ୍ତି ଚାଷୀ

**ଅମ୍ବାଭୋନା, ୮ ।୬(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ଚାଷୀ ମୌସୁମୀ ବର୍ଷାକୁ ଅପେକ୍ଷା କରି ଚାଷ ପାଇଁ ଜମି ପ୍ରସ୍ତୁତ କରି ରଖିଛନ୍ତି। ବର୍ଷା ଆରମ୍ଭ ହେଲେ ଖରିଫ ଚାଷ କାର୍ଯ୍ୟ ଜୋରଦାର ହେବ ବୋଲି ଆଶା କରାଯାଉଛି। ତେବେ ବିହନ ଅଭାବ ଓ ବର୍ଷାର ଅନିଶ୍ଚିତତା ଚାଷୀମାନଙ୍କ ଚିନ୍ତା ବଢ଼ାଇଛି। ଭୌଗୋଳିକ ଦୃଷ୍ଟିରୁ ଅମ୍ବାଭୋନା ବ୍ଲକର ପଶ୍ଚିମରେ ଛତିଶଗଡ଼, ଉତ୍ତରରେ ମହାନଦୀ ଏବଂ ପୂର୍ବ ଓ ଦକ୍ଷିଣରେ ବାରପାହାଡ଼ ଜଙ୍ଗଲ ରହିଛି। ବ୍ଲକର ମୋଟ ଭୌଗୋଳିକ ପରିସୀମା ୫୭, ୬୪୪ ହେକ୍ଟର ହୋଇଥିବା ବେଳେ ୨୨, ୭୦୦ ହେକ୍ଟର ଜମି ଚାଷଯୋଗ୍ୟ। ସେଥିମଧ୍ୟରୁ ପ୍ରାୟ ୧୦ ହଜାର ହେକ୍ଟରରେ ଧାନ ଚାଷ ଓ ୧୨, ୭୦୦ ହେକ୍ଟରରେ ଅଣଧାନ ଫସଲ ଚାଷ ହୋଇଥାଏ ବୋଲି କୃଷି ବିଭାଗ ସୂଚନା ଦେଇଛି। ଖରିଫ ଋତୁରେ ମାତ୍ର ୩୫ ପ୍ରତିଶତ ଚାଷ ଜମିକୁ ଜଳସେଚନ ସୁବିଧା ମିଳୁଥିବା ବେଳେ ପ୍ରାୟ ୩, ୫୦୦ ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ, ପୋଖରୀ, କଣ୍ଡା ଓ କ୍ଲଷ୍ଟର ବୋରୱେଲ ମାଧ୍ୟମରେ ଚାଷ କରାଯାଉଛି। ବ୍ଲକର ୧୫ଟି ପଞ୍ଚାୟତ ଅଧୀନରେ ୧୦୦ରୁ ଅଧିକ ରାଜସ୍ୱ ଗ୍ରାମ ରହିଛି। ବ୍ଲକର ପ୍ରାୟ ୭୨ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଥିବା ବେଳେ ୧୮ ପ୍ରତିଶତ ଲୋକ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ, ମତ୍ସ୍ୟ ଓ ପଶୁପାଳନ ଉପରେ ନିର୍ଭର କରୁଛନ୍ତି। କଣ୍ଡପଲା, ଲଖନପୁର ଓ ଭୁକ୍ତା ସମବାୟ ସମିତି ମାଧ୍ୟମରେ ଚାଷୀ ବିହନ ସଂଗ୍ରହ କରିବା ସହ କୃଷିଜାତ ଉତ୍ପାଦ ବିକ୍ରୟ କରୁଛନ୍ତି। ଜୁନ୍ ଶେଷ ସୁଦ୍ଧା ଭଲ ବର୍ଷା ହେବାର ଆଶା ରଖି ଚାଷୀ ଅଦା, ବାଇଗଣ, ଲଙ୍କା, ବାଦାମ, ମୁଗ ଓ ବିରି ଚାଷ ଆରମ୍ଭ କରିଛନ୍ତି। ତେବେ ବହୁ ସ୍ଥାନରେ ବିହନ ଅଭାବ ଦେଖା ଦେଇଥିବାରୁ ଚାଷୀ ବାଧ ହୋଇ ଚଢ଼ା ଦରରେ ବିହନ କିଣୁଥିବା ଅଭିଯୋଗ ହେଉଛି। ପରିବାରର ଖାଦ୍ୟ ସୁରକ୍ଷା ଓ ଜୀବିକାକୁ ଆଖି ଆଗରେ ରଖି ହିସାବ-ନିକାସକୁ ପଛରେ ପକାଇ ଚାଷୀ ଚାଷ କାମରେ ଲାଗି ପଡ଼ିଛନ୍ତି। ଏନେଇ କଣ୍ଡପଲା ସମବାୟ ସମିତିର ସମ୍ପାଦକ ବଳରାମ ବାରିକ କହିଛନ୍ତି ଯେ, ଚାଷୀଙ୍କୁ ଅମ୍ବାଭୋନା ବ୍ଲକର ଭୁକ୍ତା, କଣ୍ଡପଲା, ଲଖନପୁର ସମବାୟ ସମିତି ଜରିଆରେ ବିଭିନ୍ନ ପ୍ରକାରର ଧାନ ବିହନ ଓ ସାର ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଜମି ପ୍ରସ୍ତୁତ ଥିବା ବେଳେ ମୌସୁମୀ ବର୍ଷା ଉପରେ ନିର୍ଭର କରି ଅମ୍ବାଭୋନାର ଚାଷୀ ଆକାଶକୁ ଚାତକ ପକ୍ଷୀ ପରି ଅନାଇ ରହିଛନ୍ତି। ସୀମାନ୍ତ ବ୍ଲକ ହୋଇଥିଲେ ମଧ୍ୟ ସରକାରୀ ସହାୟତାକୁ ଅପେକ୍ଷା ନ କରି ଚାଷୀ ଚାଷ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ରାଜନୈତିକ ପଶାପାଲିରେ ଅଟକିଛି ବରଗଡ଼ ମୁଖ୍ୟ କେନାଲ କାମ

# ଜୁଲାଇ ୧ରୁ ପାଣି ଛଡ଼ାଗଲେ ବଢ଼ିବ ସଙ୍କଟ

**ବରଗଡ଼, ୮ ।୬(ସମିସ)**

ବରଗଡ଼ ସହରର ଉନ୍ନତିକରଣ କାର୍ଯ୍ୟକୁ ନେଇ ଶାସକ-ବିରୋଧୀ ମଧ୍ୟରେ ଚାଲିଥିବା ରାଜନୈତିକ ଟଣାଓଟରାରେ ବଳି ପଡ଼ୁଛି ବରଗଡ଼ ମୁଖ୍ୟ କେନାଲର କାମ। ହାତରେ ସମୟ କମ୍, କିନ୍ତୁ ବିବାଦ ବଢ଼ିଚାଲିଛି।ବରଗଡ଼ ମୁଖ୍ୟ କେନାଲରେ ଏବେ ହୀରାକୁଦ ଜଳଭଣ୍ଡାରର ପାଣି ବନ୍ଦ ରହିଛି। ଆସନ୍ତା ଜୁଲାଇ ୧ ତାରିଖରୁ ପୁଣି ପାଣି ଛଡ଼ାଯିବ।ଅର୍ଥାତ ବକ୍ସ କଲଭର୍ଟ ଓ ସୌନ୍ଦର୍ଯ୍ୟକରଣ କାମ ସାରିବା ପାଇଁ ବାକି ଅଛି ମାତ୍ର ୨୪ ଦିନ। ଯଦି ଏହି ସମୟ ଭିତରେ କାମ ସରିଲା ନାହିଁ, ତେବେ ପାଣି ଛଡ଼ାଗଲା ପରେ ଆଉ କାମ ହୋଇପାରିବ ନାହିଁ। ଆସନ୍ତା ରବି ଋତୁ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।ଶାସକ ଦଳର ଦାବି ହେଉଛି ଯେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ଉଦ୍ୟମରେ ବରଗଡ଼ ସହରର ରୂପରେଖ ବଦଳୁଛି। କେନାଲ ସୌନ୍ଦର୍ଯ୍ୟକରଣ ହେଲେ ପର୍ଯ୍ୟଟନ ବଢ଼ିବ,



ସହରର ମାନ ବଢ଼ିବ।ବିରୋଧୀଙ୍କ ପ୍ରଶ୍ନ ଯେ କାମରେ ଅନିୟମିତତା, ଠିକାଦାରଙ୍କ ଯୋଗ୍ୟତା ଓ ଗୁଣବତ୍ତାକୁ ନେଇ ବିଜେଡି ପ୍ରଶ୍ନ ଉଠାଉଛନ୍ତି। ତରବରିଆ କାମ କଲେ ଧନୁଯାତ୍ରା ତୋରଣ ଭଳି ଦୁର୍ଘଟଣା ହେବ ବୋଲି ଚେତାବନୀ। ବକ୍ସ କଲଭର୍ଟ ଦୁର୍ବଳ ହେଲେ ପାଣି ଲିକ୍ ହେବ, ଶେଷ ମୁଣ୍ଡକୁ ପାଣି ପହଞ୍ଚିବ ନାହିଁ। ଖରିଫ ଫସଲ ବିପଦରେ ଜୁଲାଇ-ଅଗଷ୍ଟରେ ଧାନ ରୁଆ ସମୟ। କେନାଲରେ ସମସ୍ୟା ହେଲେ ହଜାର ହଜାର ଏକର ଜମି ପଡ଼ିଆ ପଡ଼ିବ ଦୀର୍ଘମିଆଦୀ କ୍ଷତି ହେବ। ଥରେ କେନାଲ ନଷ୍ଟ ହେଲେ ମରାମତି ପାଇଁ ପୁଣି କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଥମେ କାମ, ପରେ ରାଜନୀତି ରାଜନୈତିକ ପଶାଖେଳରେ କେନାଲର ବଡ଼ କ୍ଷତି ନ ହେଉ। ଖ୍ୟାତି ଯାହାର ହେଉ, କିନ୍ତୁ ଚାଷୀଙ୍କ ସର୍ବନାଶ ନ ହେଉ। ଏହା ଏବେ ବରଗଡ଼ର ପ୍ରତିଟି ଗାଁରୁ ସହର ପର୍ଯ୍ୟନ୍ତ ଚର୍ଚ୍ଚା ଜୋର ଧରିଛି।ଚାଷୀ ଓ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି ଶାସକ-ବିରୋଧୀ ଚାଷୀଙ୍କ ସ୍ୱାର୍ଥକୁ ଦେଖି ଜୁନ ୩୦ସୁଦ୍ଧା କାମ ସାରିବାକୁ ରୋଡ୍ମ୍ୟାପ ପ୍ରସ୍ତୁତ କରନ୍ତୁ। ବିବାଦ ପରେ ହେବ, ପ୍ରଥମେ କେନାଲ ବଞ୍ଚାଅ। ଯଦି କାମ ନ ସରିବ ଆଉ କେନାଲ ପାଣି ଆସିବ ତା ହେଲେ ପ୍ରାଇଭେଟ୍ ବସଷ୍ଟାଣ୍ଡ, ଅପର ପାର୍ଶ୍ୱରେ ଥିବା ଶହ ଶହ ଘର, ବଡ ବଡ ମଲ୍ ସବୁ ବିପଦସଙ୍କୁଳ ଅବସ୍ଥାରେ ଆସିଯିବ ବୋଲି ଆଶଙ୍କା କରାଯାଉଛି।ଯୋଉ ଭଳି ଅବସ୍ଥାରେ କେନାଲ ଅଛି ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ।ସମଗ୍ର ଜିଲ୍ଲାର କେନାଲ୍ ଅଞ୍ଚଳ ଓ ବରଗଡ଼ ସହରର ଜନସାଧାରଣ ଏବେ ନାନା ଆଶ ଆଶଙ୍କା ଓ ଭୟରେ ଅଛନ୍ତି। ସରକାର ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ଭୂମିହୀନଙ୍କ ଘର ଭାଙ୍ଗିବା ପୂର୍ବରୁ ଥଇଥାନ କରାଯାଉ



**ବରଗଡ଼, ୮ ।୬(ସମିସ):** ବିନା ଥଇଥାନରେ କୌଣସି ଗରିବ ଭୂମିହୀନ ଲୋକର ଘର ଭଙ୍ଗା ନଯାଉ ବୋଲି ବହୁଜନ ସମାଜ ପାର୍ଟି ବରଗଡ଼ ଜିଲ୍ଲା କମିଟି ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି। ବରଗଡ଼ ୱାଡ଼ ନଂ-୧୩ ବସ୍ତିବାସିନ୍ଦା ପ୍ରାୟ ୩୦ପରିବାର ଯେଉଁମାନେ ବରଗଡ଼ ମ୍ୟୁନିସିପାଲିଟିରେ ସଫେଇ କାମ କରନ୍ତି ସେମାନଙ୍କ ଗୃହ ଉଚ୍ଛେଦ ପାଇଁ ବିନା ନୋଟିଫିକେସନରେ ସେମାନଙ୍କ କାନ୍ଥରେ ଲାଲ ଛକି ଦେଇ ଦୁଇ ଦିନ ମଧ୍ୟରେ ଘର ଭଙ୍ଗା ହେବ ବୋଲି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ମୌଖିକ କହିଗଲେ। ବସ୍ତିବାସିନ୍ଦା ଲୋକଙ୍କୁ ଓଡ଼ିଶା ରାଜ୍ୟ ସରକାର ତରଫରୁ ବସ୍ତି ବାସିନ୍ଦା ଯୋଗ୍ୟ ଭୂମିଅଧିକାର ପ୍ରମାଣ ପତ୍ର ପାଇଥିବା ସତ୍ତ୍ୱେ ସେମାନଙ୍କ ଘର ଭଙ୍ଗାଯିବ କଥା ଶୁଣିବା ପରେ ବସ୍ତିବାସିନ୍ଦା ଚିନ୍ତାରେ ପଡ଼ିଛନ୍ତି। ପୀଡିତ ପରିବାରଙ୍କ ସାମର୍ଥନରେ ବହୁଜନ ସମାଜ ପାର୍ଟି ଜିଲ୍ଲା କମିଟି ଜିଲ୍ଲା ସଭାପତି ଅଜୟ କୁମ୍ଭାରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଘରଭଙ୍ଗା ଆଶଙ୍କାରେ ଥିବା ପଡ଼ାର ସମସ୍ତ ପରିବାରର ମହିଳାପୁରୁଷ ଙ୍କ ସହିତ ଡିଏସ. ପି.ଲୋକ ସଭା ଜୟରାମ ବାଘ, କୌଶିକ ସୁନା, ସରୋଜ କୁମ୍ଭାର, ଜିଲ୍ଲା ଉପସଭାପତି ଦେବ କୁମ୍ଭାର ଉପସ୍ଥିତ ଥିଲେ।

# ବିକାଶ ନର୍ସିଂ କଲେଜର ଶତପ୍ରତିଶତ ସଫଳତା

**ବରଗଡ଼, ୮।୬(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟଅଧିନସ୍ଥ ବିକାଶ ନର୍ସି କଲେଜ ଅନ୍ତିମ ବର୍ଷର ଛାତ୍ରଛାତ୍ରୀ ପରୀକ୍ଷାରେ ଚମତ୍କାର ଫଳାଫଳ କରିଛନ୍ତି। ଅନୁଷ୍ଠାନର ଛାତ୍ରୀ ସଙ୍ଗୀତା ଘୋଷ ୯.୦୯ ସିଜିପିଏ ହାସଲ କରି ବିଶ୍ୱବିଦ୍ୟାଳୟସ୍ତରରେ ଦ୍ୱାଦଶ ସ୍ଥାନରେ ରହିଥିବାବେଳେ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ପ୍ରଥମ ସ୍ଥାନ ରଖି ସଫଳତା ଅର୍ଜନ କରିଛନ୍ତି। କଲେଜର ଛାତ୍ରଛାତ୍ରୀ ମାନେ ପରୀକ୍ଷାରେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ତାହା



ନିଶ୍ଚିତ ଭାବେ ପ୍ରଶଂସନୀୟ। ନିକଟ ଭବିଷ୍ୟତରେ ସେମାନେ ଜଣେ ଜଣେ ଦକ୍ଷ ଏବଂ ସେବାପରାୟଣ ନର୍ସିଂ ଅଫିସର ତଥା ସୁପରିଚିତ ଅଧ୍ୟାପକ-ଅଧ୍ୟାପିକା ଭାବେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ, ନର୍ସିଂ କଲେଜର ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ଏବଂ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଅଭିନନ୍ଦନ ଜଣାଇବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ପଦ୍ମପୁରରେ ଏସ୍ଆଇଆର୍ ସମ୍ପର୍କିତ ସଚେତନତା ସଭା

**ପଦ୍ମପୁର, ୮।୬ (ସମିସ):** ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ଆଇ) ସମ୍ପର୍କରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଆର୍ଓ ତଥା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ପଦ୍ମପୁର ସରୋଜିନୀ ପ୍ରସନ୍ କୁଲୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଭିନ୍ନ ସଂଗଠନର ପ୍ରତିନିଧି ତଥା କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଭୋଟର ତାଲିକାରେ ନୂତନ ନାମ ପଞ୍ଜୀକରଣ ଏବଂ ସଂଶୋଧନ କାର୍ଯ୍ୟକୁ ଅଧିକ ବ୍ୟାପକ ଓ ସ୍ୱଚ୍ଛ କରିବା ଦିଗରେ ସହଯୋଗ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଉପ-ଜିଲ୍ଲାପାଳ ହେମସାଗର ଭୋଇ, ଡେପୁଟୀ କଲେକ୍ଟର ଭବାନୀ ଶଙ୍କର ମହନ୍ତ ଏହି ପ୍ରକ୍ରିୟାର ପ୍ରତିଟି ତଥ୍ୟ ସଂଗଠନର ପ୍ରତିନିଧିଙ୍କୁ ଜଣାଇଥିଲେ ଓ ତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ବୈଠକରେ ସହରର ବିଭିନ୍ନ ସଂଗଠନ ଯଥା- ନାଗରିକ କମିଟି, ବରିଷ୍ଠ ନାଗରିକ କମିଟି, ଓକିଲ ସଂଘ, ବ୍ୟବସାୟୀ ସଂଘ, ସାଂସ୍କୃତିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳ କରିବାକୁ ସହମତି ପ୍ରକାଶ କରିଥିଲେ।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୮ ।୬(ସମିସ):** ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ଆନୁକୂଲ୍ୟରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୬ରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପାଠାଗାରର ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଚନ୍ଦ୍ରମଣି ବଡ଼ନାୟକ ଉପସ୍ଥିତ ରହି କୃତକାର୍ଯ୍ୟ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ କୃତକାର୍ଯ୍ୟ ହୋଇଥିବା ଜିତାମିତ୍ର ସାହୁ, ସୁମନ କଲ୍ୟାଣ ଦାଶ ଏବଂ ନିବାସ କୁମୁରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ପାଠାଗାରର ସଭାପତି ଅରୁଣ ମହାନ୍ତି, ଜୟ ପ୍ରକାଶ ଶତପଥୀ ଏବଂ ପତିତପାବନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମର୍ପଣର ନାଟ୍ୟ କର୍ମଶାଳା ଉଦ୍ଯାପିତ

**ବରଗଡ଼, ୮ ।୬(ସମିସ):** ବରଗଡ଼ ସହରର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟ୍ୟ କର୍ମଶାଳା ଗତ୨ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲୁଥିଲା। ଗତ ୭ ତାରିଖ ଦିନ କର୍ମଶାଳାର ଉଦ୍ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାରେ ନାଟ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ସାହୁ, ଅଭିନେତ୍ରୀ ତପସ୍ୱିନୀ ଗୁରୁ, ମଞ୍ଚ ଅଭିନେତା ପ୍ରଶାନ୍ତ ମହାପାତ୍ର ଓ ନାଟ୍ୟ ପ୍ରେମୀ ସତ୍ୟ ନାରାୟଣ ପାଢ଼ୀ ଯୋଗଦାନ କରିଥିଲେ। ନାଟ୍ୟ କର୍ମଶାଳାରେ ନାଟ୍ୟ ପ୍ରଶିକ୍ଷକ ଭାବେ ଜଗନ୍ନାଥ ସେଠ୍ ଏନ୍ଏସ୍ଡିରୁ ଯାହା କିଛି ଶିକ୍ଷା ଲାଭ କରିଥିଲେ ତାହାର କିଛି ଅଂଶ ପିଲାଙ୍କୁ ଶିଖାଇ ପାରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ୨ ଟି ନାଟକ ମଧ୍ୟ ପ୍ରଦର୍ଶନ ହୋଇଥିଲା ଶେଷରେ ଜଗନ୍ନାଥ ସେଠ୍ଙ୍କ ଲୋକ ପ୍ରିୟ ଆଲବମ୍ 'ଏ ଲବ' ପରିବେଷଣ ହୋଇଥିଲା।ପରିଶେଷରେ ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଶ୍ରୀ ସେଠ୍ଙ୍କୁ ସମ୍ମାନିତ କରାଯାଇଥିଲା।ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିବା ବେଳେ ସଦସ୍ୟ ମଳୟ ମିଶ୍ର ସଭା ସାଙ୍ଗ କରିଥିଲେ। ସଦସ୍ୟ ବିଶାଳ ନାଗ, ପ୍ରୟାସ ରଞ୍ଜନ ବିରିଆ, ଆଦିତ୍ୟ ଦୀପ, ସୁରେଶ କୁମାର ଦାଶ, ଋତୁରାଜ ସେଠ୍, ବିଜୟ ଛତର, ସୁମିତ ବନଛୋର ଓ କନକ ତନସେନା ଉପସ୍ଥିତ ଥିଲେ।

# ଋଷି ସାହୁଙ୍କ ପରଲୋକ

**ବରଗଡ଼, ୮ ।୬(ସମିସ):** ବରଗଡ଼ ସହରର ବାହୁଟିକ୍ରାନିବାସୀ ଋଷି ସାହୁଙ୍କ ଗତ ଗୁରୁବାର ଦିନ ୯୦ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ସ୍ୱର୍ଗତ



ସାହୁ ଧାର୍ମିକ କାର୍ଯ୍ୟକ୍ରମ, ସାମାଜିକ ଉନ୍ନତିମୂଳକକାର୍ଯ୍ୟ ଏବଂ ଲୋକଙ୍କ ସହଯୋଗ ପାଇଁ ସେ ସବୁବେଳେ ଆଗୁଆ ରହୁଥିଲେ। ତାଙ୍କ ଶେଷଦର୍ଶନ ପାଇଁ ବହୁ ସମ୍ପର୍କୀୟ, ବନ୍ଧୁବର୍ଗ, ସାମାଜିକ କର୍ମୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।ତାଙ୍କ ବଡ଼ ପୁଅ ରାମକୃଷ୍ଣ ସାହୁ ମୁଖାଗ୍ନୀ ଦେଇଥିଲେ।

ବରପାଲି ଶୀତଳଷଷ୍ଠୀ

# ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ନେଇ ଏସ୍ପିଙ୍କ ସମୀକ୍ଷା

**ବରପାଲି, ୮ ।୬(ସମିସ):** ଆସନ୍ତା ୧୫ରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ବରପାଲି ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟରେ ବରଗଡ଼ ଏସ୍ପି ରବୀନ୍ଦ୍ର ନାଥ ଶତପଥୀ ବରପାଲି ଗସ୍ତ କରି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଶ୍ରୀ ଶତପଥି ଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।ଏସ୍ପି ଶ୍ରୀ ଶତପଥୀ ଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ବ୍ୟବସ୍ଥା ଏବଂ ସାଧାରଣ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଶୀତଳଷଷ୍ଠୀ ପରି ଏକ ବଡ଼ ଧାର୍ମିକ କାର୍ଯ୍ୟକ୍ରମରେ ଯେପରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।ବୈଠକରେ ଯାତ୍ରା ପରିଚାଳନା କମିଟିର ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ବିଭିନ୍ନ ଉପକମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ଯାତ୍ରାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏସ୍ପିଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ଓ କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରି ଚଳିତ ବର୍ଷର ଯାତ୍ରାକୁ ସଫଳ କରିବାକୁ ସମସ୍ତେ ସହମତି ପ୍ରକାଶ କରିଥିଲେ।

# ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ଶପଥ ଗ୍ରହଣ ସମାରୋହ

**ପଦ୍ମପୁର, ୮।୬(ସମିସ):** ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ୩୫ତମ ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ଲାୟନ୍ସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ସେବା, ନେତୃତ୍ୱ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଗଭର୍ଣ୍ଣର-ଇଲେକ୍ଟ ଲାୟନ୍ ଚରଣଜିତ କୌର ହୁରା ଇନଷ୍ଟଲେସନ୍ ଅଫିସର ଭାବେ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଅତିଥି ସମ୍ମାନନୀୟ ଭାବେ ଲାୟନ୍ ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ରହି ନୂତନ ଟିମ୍କୁ ଶୁଭେଚ୍ଛା ଜଣାଇଥିଲେ। କ୍ଲବ୍ର ସଭାପତି ଲାୟନ୍ ପ୍ରୀତମ ମେହେର ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ସଭାପତି ଭାବେ ଲାୟନ୍ ସୌମ୍ୟଜିତ ପାଢ଼ୀ, ସମ୍ପାଦକ ଭାବେ ଲାୟନ୍ ଶାଶ୍ୱତ ଦାଶ ଏବଂ କୋଷାଧ୍ୟକ୍ଷ ଭାବେ ଲାୟନ୍ ରାଜେନ୍ଦ୍ର ମେହେର ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ଲାୟନ୍ ସୌମ୍ୟଜିତ୍ ପାଢ଼ୀ ଆଗାମୀ ବର୍ଷ ପାଇଁ ହେବାକୁ ଥିବା ସେବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ସମାରୋହରେ ଦୁଇଜଣ ନୂତନ ସଦସ୍ୟଙ୍କୁ ଲାୟନ୍ସ ପରିବାରରେ ସାମିଲ କରାଯାଇଥିଲା। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର (ପିଡିଜି) ଲାୟନ୍ ବେଣୁମାଧବ ଦୋରା ଓ ଦ୍ୱିତୀୟ ଉପ ଜିଲ୍ଲା ଗଭର୍ଣ୍ଣର-ଇଲେକ୍ଟ ମେଜର ଚିତ୍ତରଞ୍ଜନ ଦାଶ ନୂତନ ଟିମ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। କ୍ଲବ୍ର ବିକାଶ ଓ ସେବା କାର୍ଯ୍ୟକ୍ରମରେ ଅବଦାନ ପାଇଁ ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ସମସ୍ତ ପୂର୍ବତନ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଲାୟନ୍ସ କ୍ଲବ୍ ଅଫ୍ ପାଟଣାଗଡ଼, ପାଟଣାଗଡ଼ ଆଚିଭର୍ସ, ପାଇକମାଲ ନୃସିଂହନାଥ, ଗୋଦଭଗା ରୟାଲ ଏବଂ ଟିଟିଲାଗଡ଼ର ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ ନବନିର୍ବାଚିତ ସମ୍ପାଦକ ଲାୟନ୍ ଶାଶ୍ୱତ ଦାଶ ଧନ୍ୟବାଦ ଅର୍ପଣ କରି ସମାରୋହର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

# ଦଶମ ପାସ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର କାଉନସେଲିଂ

**ପାଇକମାଲ, ୮ ।୬ (ସମିସ):** ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପାସ କରିଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ୟାରିୟର ଗଠନ ଓ ବୃତ୍ତିଗତ ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କ୍ୟାରିୟର କାଉନସେଲିଂ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଶୁଭମ କୁମାର ପତି ମୁଖ୍ୟଅତିଥି ଭାବେ ଏବଂ ଏବିଇଓ ରାଧେଶ୍ୟାମ ମେହେର ଓ ସାମ୍ବାଦିକ ବଡ଼ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ଶ୍ରୀ ପତି ଛାତ୍ରଛାତ୍ରୀଙ୍କୁ କ୍ୟାରିଅର



କାଉନସେଲିଂର ଗୁରୁତ୍ୱ ଓ ବୃତ୍ତିମୂଳକ ଶିକ୍ଷାର ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଛବିଳ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ବିଜେପୁରର ପ୍ରତିନିଧି ତଥା ସମ୍ବଳ ଶିକ୍ଷକ ଦୁଃଖନାଶନ ଓରାମ, ଅବିନାଶ ପଧାନ ଓ ଆୟୁଷ ପ୍ରଧାନ ଉପସ୍ଥିତ ରହି ଆଇଟିଆଇରେ ଉପଲବ୍ଧ ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ମାର୍ଟ କ୍ଲାସ, ଆଇଟି ଓ କମ୍ୟୁନିକେସନ କ୍ଲାସ, ୱାଇଫାଇ, ଇଲାଇବ୍ରେରୀ, ଟାଟା ଷ୍ଟ୍ରାଇଭ୍ ମାଧ୍ୟମରେ ବିଶେଷ ପ୍ରଶିକ୍ଷଣ, ମେଧାବୃତ୍ତି ଏବଂ ଆପ୍ରେଣ୍ଟିସିପ୍ ସୁବିଧା ବିଷୟରେ ସୂଚନା ଦେଇଥିଲେ।ଏହାଛଡ଼ା ଉନ୍ନତମାନର ୱର୍କଶପ୍, କ୍ୟାମ୍ପସ ନିଯୁକ୍ତି ସୁବିଧା, ଅଗ୍ନିବୀର ନିଯୁକ୍ତିରେ ଅତିରିକ୍ତ ୩୦ ମାର୍କ ପାଇବାର ସୁଯୋଗ ଏବଂ ପ୍ରଶିକ୍ଷଣ ଶେଷ ପରେ ଏନଆଇଓଏସ୍ ମାଧ୍ୟମରେ ଯୁକ୍ତ ଦୁଇ(ସିନିୟର ସେକେଣ୍ଡାରୀ) ସାର୍ଟିଫିକେଟ ପ୍ରାପ୍ତି ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। କାଉନସେଲିଂ ଶିବିରରେ ୪୦ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ବୃତ୍ତିମୂଳକ ପାଠ୍ୟକ୍ରମ ଓ ଚାକିରି ସୁଯୋଗ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବବିତା ବେହେରା, ସୁଦାମ ପାଣ୍ଡେ, ଯଶୋବନ୍ତ ସାହା, ଲଳିତ କୁମାର ବିଶ୍ୱାଳ, ରଜତ କୁମାର ସାହୁ, ନିରୁପମା ସାହୁ, ଦୟାନିଧି ସାହୁ ଓ ଶିବମ ନାୟକ ସହଯୋଗ କରିଥିବାବେଳେ ଶେଷରେ ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଦେଇଥିଲେ।

ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ସାର କଳାବଜାରୀ ଓ ବିହନ ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ

**ଅମ୍ବାଭୋନା, ୮ ।୬(ସମିସ):** ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅମ୍ବାଭୋନା ବ୍ଲକର ଚାଷୀମାନେ ସାର କଳାବଜାରୀ ଓ ବିହନ ବଣ୍ଟନରେ ଅନିୟମିତତା ନେଇ କ୍ଷୋଭ ପ୍ରକାଶ କରି କୃଷି ଅଧିକାରିଣୀ ସୁଜାତା ଛତ୍ରିଆଙ୍କୁ ଘେରାଉ କରିଥିଲେ। ଚାଷୀମାନଙ୍କ ଅଭିଯୋଗ ଚାଷ ଋତୁ ଆରମ୍ଭ ହୋଇଥିବା ସତ୍ତ୍ୱେ ସେମାନଙ୍କୁ ଆବଶ୍ୟକ ପରିମାଣର ସାର ଓ ବିହନ ମିଳୁନାହିଁ, ଯାହା ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।ଚାଷୀମାନଙ୍କ ପ୍ରଶ୍ନର ଉତ୍ତରରେ କୃଷି ଅଧିକାରିଣୀ କହିଥିଲେ, ମୁଁ ମାଲିକ ନୁହେଁ, ଉପର ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ କାମ କରୁଛି।



ତାଙ୍କ ଉତ୍ତରରେ ଚାଷୀମାନେ ସନ୍ତୁଷ୍ଟ ହୋଇନଥିଲେ ଏବଂ ବ୍ଲକସ୍ତରରେ କୃଷି ବ୍ୟବସ୍ଥାର ଦାୟିତ୍ୱ ନେବାକୁ ଦାବି କରିଥିଲେ। ଘଟଣା ସମୟରେ ସାମ୍ବାଦିକମାନେ ଫଟୋ ଓ ଭିଡିଓ ସଂଗ୍ରହ କରୁଥିବା ବେଳେ କୃଷି ଅଧିକାରିଣୀ ସୁଜାତା ଛତ୍ରିଆ ଏଥିପାଇଁ ମନା କରୁଥିବା ଅଭିଯୋଗ ହୋଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ସାଧାରଣ ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସାର ମିଳୁନଥିବା ବେଳେ କେତେକ ବ୍ୟବସାୟୀଙ୍କୁ ଅଧିକ ପରିମାଣରେ ସାର ଯୋଗାଇ ଦିଆଯାଉଛି।ଚାଷୀମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।ଅମ୍ବାଭୋନା ବ୍ଲକରେ ସାର କଳାବଜାରୀକୁ ରୋକିବାରେ କୃଷି ବିଭାଗ ବିଫଳ ହୋଇଛି।ସେମାନେ ଜିଲ୍ଲା ପ୍ରଶାସନଙ୍କ ହସ୍ତକ୍ଷେପ ସହ ସାର ବଣ୍ଟନ ବ୍ୟବସ୍ଥାର ସ୍ୱଚ୍ଛତା ଓ ନିୟମିତ ଯାଞ୍ଚ ଦାବି କରିଛନ୍ତି।ଏହି ଘଟଣା ପରେ ଅମ୍ବାଭୋନା ବ୍ଲକର କୃଷି ବ୍ୟବସ୍ଥାକୁ ନେଇ ନାନା ପ୍ରଶ୍ନ ଉଠିଥିବା ବେଳେ ଚାଷୀମାନେ ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନକୁ ତୀବ୍ର କରିବାକୁ ଚେତାବନୀ ଦେଇଛନ୍ତି।

ଟୋକନ୍ ପ୍ରଦାନ ଦାବିରେ ଚାଷୀ ଅନଶନଜାରୀ

# ଅନଶନରତ ୪ ଚାଷୀ ଡାକ୍ତରଖାନାରେ ଭର୍ତ୍ତି

**ଖାରବନ୍ଧ, ୮ ।୬(ସମିସ)**

ରବି ଧାନ କ୍ରୟ ପାଇଁ ଟୋକନ ପ୍ରଦାନରେ ବିଳମ୍ବକୁ ନେଇ ଡଭାରେ ଚାଲିଥିବା ଚାଷୀ ଆନ୍ଦୋଳନ ଗୁରୁତର ମୋଡ଼ ନେଇଛି। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଟୋକନ ମିଳିନଥିବାରୁ ଅନଶନ ଅଷ୍ଟମ ଦିନରେ ପହଞ୍ଚିଛି। ଅସହ୍ୟ ଖରା ଓ ତୀବ୍ର ଗରମ ମଧ୍ୟରେ ଅନଶନରତ ୪ ଚାଷୀ ଅସୁସ୍ଥ ହୋଇ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ପ୍ରଶାସନର ନିରବତାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଡଭା ସୋସାଇଟିର ୨୦୭୪ ଜଣ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୫୧୪ ଜଣ ଟୋକନ ପାଇନଥିବାରୁ ପ୍ରାୟ ୨୦ ହଜାର ବସ୍ତା ଧାନ ବିକ୍ରି ଅପେକ୍ଷାରେ ଅନଶନସ୍ଥଳରେ ପଡ଼ି ରହିଛି। ଦୀର୍ଘଦିନ ଧରି ଅଭିଯୋଗ ଓ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ସମାଧାନ ନ ହେବାରୁ ଗତ ୧ ଜୁନରୁ ୫ ଜଣ ଚାଷୀ ଆମରଣ ଅନଶନରେ ବସିଛନ୍ତି। ଗତ ୪ ଜୁନରେ ଉପଜିଲ୍ଲାପାଳ ଆନ୍ଦୋଳନସ୍ଥଳକୁ ଆସି ଦୁଇ ଦିନ ମଧ୍ୟରେ ଟୋକନ ପ୍ରଦାନ ଓ ଧାନ କ୍ରୟ ଆରମ୍ଭ ହେବ ବୋଲି ଆଶ୍ୱାସନା ଦେଇଥିଲେ। ହେଲେ



ସମୟସୀମା ବିତିଯାଇଥିଲେ ମଧ୍ୟ ସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ରବିବାର ସ୍ୱାସ୍ଥ୍ୟ ବିଭାଗର ନିୟମିତ ପରୀକ୍ଷା ବେଳେ ରମେଶ ସାହୁ, ଜୟନ୍ତ ସାହୁ, ଅରୁଣ ପ୍ରଧାନ ଓ ଗୁପତ ସିଦାରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଥିଲା। ପରେ ସେମାନଙ୍କୁ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆନ୍ଦୋଳନରତ ଚାଷୀମାନେ କହିଛନ୍ତି, ଧାନ କ୍ରୟ ଓ ଟୋକନ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ପଛକୁ ହଟିବ ନାହିଁ ବୋଲି ଜିଦରେ ଅଟଳ ଅଛନ୍ତି।

# ବାଲେଶ୍ୱର ଜିଲ୍ଲାରେ ତୈଳ ସଙ୍କଟ

## ଚିନ୍ତାରେ ଗ୍ରାହକ ଓ ପେଟ୍ରୋଲ ପମ୍ପ ଡିଲର

ବାଲେଶ୍ୱର,୮ ।୬(ସମିସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସିଧା ସଳଖ ଭାରତ ଉପରେ ପ୍ରଭାବ ପକାଇଛି। ଯୁଦ୍ଧଫଳରେ ବିଦେଶରୁ ପେଟ୍ରୋଲ, ଡିଜେଲ ଦେଶରେ ପହଞ୍ଚିନପାରିବାରୁ ଭାରତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ସିଧା ସଳଖ ଭାବେ ଓଡ଼ିଶା ଉପରେ ପଡ଼ିଛି। ଫଳରେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ତୈଳ ଶଙ୍କଟ ଉପୁଜିଛି। ଜିଲ୍ଲାରେ ଥିବା ପେଟ୍ରୋଲ, ଡିଜେଲ ପମ୍ପମାନଙ୍କରେ ତୈଳର ଅଭାବ ଦେଖାଦେଇଛି। ଆବଶ୍ୟକ ଅନୁସାରେ ପେଟ୍ରୋଲ, ଡିଜେଲ ବାଲେଶ୍ୱର ଜିଲ୍ଲାରେ ପହଞ୍ଚି ନ ପାରିବାରୁ ବହୁ ପମ୍ପ ବନ୍ଦ ହୋଇଗଲାଣି। ଆହୁରି କିଛି ପମ୍ପ ଖୁବଶୀଘ୍ର ବନ୍ଦ ହେବାର ସମ୍ଭାବନା ଦେଖାଦେଇଛି। ଏହି କାରଣରୁ ଜିଲ୍ଲାରେ ଯେଉଁ କେତୋଟି ପେଟ୍ରୋଲ, ଡିଜେଲ ପମ୍ପ ଚାଲୁରହିଛି, ଡିପୋରୁ ତୈଳ ନଆସିବାରୁ ଏବେ ଡିଲରମାନଙ୍କ ପାଖରେ ଥିବା ତୈଳର ଷ୍ଟକ ଧୀରେ ଧୀରେ କମିକମି ଆସୁଛି। ଯାହାଫଳରେ ଆଉ ଅଳ୍ପଦିନ ମଧ୍ୟରେ ସେମାନଙ୍କ ଠାରେ ମଧ୍ୟ ତୈଳ ସରିଯିବ। ଜିଲ୍ଲାରେ ଏଚ୍‌ପି, ବିପିସିଏଲ ଓ ଆଇଓସିଏଲ ଭଳି କମ୍ପାନୀର ୩ଟି ଡିପୋ ରହିଥିଲା ବେଳେ ୧୧୦ଟିରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ପ୍ରତି ଡିପୋ ରେ ଦୈନିକ ୪ ଲକ୍ଷ ଲିଟର ଡିଜେଲ ଓ ୩ ଲକ୍ଷ ୪୦ ହଜାର ଲିଟର ତୈଳ ସପ୍ଲାଇ ହୋଇଥାଏ। ପେଟ୍ରୋଲ ଡିଲରମାନଙ୍କ କହିବା କଥା ଅନୁସାରେ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଜିଲ୍ଲାରେ କଷ୍ଟମାର ସଂଖ୍ୟା ବୃଦ୍ଧି ଘଟିଛି ଓ ତୈଳ ବିକ୍ରୟ ବଢ଼ିଛି। ମାତ୍ର ବୃଦ୍ଧି ହୋଇଥିବା କଷ୍ଟମାରମାନଙ୍କ ଅନୁସାରେ ତୈଳ କମ୍ପାନୀମାନେ ଡିଲରମାନଙ୍କୁ ତୈଳ ପ୍ରଦାନ କରୁନାହାନ୍ତି। ଯାହାଫଳରେ ପେଟ୍ରୋଲ, ଡିଜେଲ ପମ୍ପମାନଙ୍କରେ ତୈଳ ଅଭାବ ଦେଖାଯାଇଛି। ଅନ୍ୟପଟେ ଡିପୋ ମାନଙ୍କରୁ ଠିକ୍ ସମୟରେ ତୈଳ ଡିଲର ମାନଙ୍କ ପାଖରେ ପହଞ୍ଚୁନାହିଁ। ଠିକ୍ ସମୟରେ ଲୟ ତୈଳ ଟାଙ୍କିରେ ନପହଞ୍ଚିବା ଫଳରେ ତୈଳ ଅଭାବ ଦେଖାଦେଉଛି। ଫଳରେ ଅଧିକାଂଶ ଟାଙ୍କି ଏବେ ବନ୍ଦ ହୋଇଯାଇଥିବା ବେଳେ ଆଉ କିଛି ଟାଙ୍କି ଖୁବ ଶିଘ୍ର ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଗୋଟିଏ ପଟେ ସରକାର ଦେଶରେ ତୈଳର ଅଭାବ ନଥିବା କହୁଥିଲା ବେଳେ ଅନ୍ୟପଟେ ତୈଳ କମ୍ପାନମାନଙ୍କରୁ ତୈଳ ନଆସିବା ଫଳରେ ଏଭଳି ସମସ୍ୟା ଦେଖାଦେଉଛି। ଏହାକୁ ନଜରକୁ ରଖି ପେଟ୍ରୋଲ, ଡିଜେଲ ଡିଲରମାନଙ୍କ ପକ୍ଷରୁ ଜାରକିନରେ ତୈଳ ଦେବା ଉପରେ କଟକଣା କରାଯାଇଛି। କମ୍ପାନୀ ସେମାନଙ୍କୁ ତୈଳ ନ ଦେବା ଫଳରେ ବାଧ ହୋଇ ସେମାନେ ଡିଲରମାନଙ୍କ ଠାରୁ ସେମାନଙ୍କର ଆବଶ୍ୟକୀୟ ତୈଳକ୍ରୟ କରୁଛନ୍ତି। ଯାହାଫଳରେ ସାଧାରଣ କଷ୍ଟମାରଙ୍କ ପାଇଁ ଏହାର ପ୍ରଭାବ ପଡୁଛି। ସେଥିପାଇଁ ତୈଳ ଡିଲରମାନଙ୍କ ତରଫରୁ ଜାରକିନ ବା ବେରେଲରେ ତୈଳ ନ ଦେବା ଉପରେ କଟକଣା କରାଯାଇଛି। କଣ ପାଇଁ ଏଭଳି ଅଭାବ ଦେଖାଦେଉଛି ତାହାର ଯାଞ୍ଚ କରିବା ପାଇଁ ଯୋଗାଣ ବିଭାଗକୁ ସରକାରଙ୍କ ନିର୍ଦ୍ଦେଶ ଦିଆଯାଇଛି। ଯୋଗାଣ ବିଭାଗ ପକ୍ଷରୁ ଡିଲର ମାନଙ୍କ ଉପରେ କେବଳ ଯାଞ୍ଚ କରାଯାଉଛି। ଫଳରେ ଡିଲରମାନେ ସମସ୍ୟାରେ ସମ୍ମୁଖୀନ ହେବେ। ଯଦି ସରକାରଙ୍କ ପକ୍ଷରୁ ଏହାର ଯାଞ୍ଚ କରାଯିବ, ତାହାହେଲେ କେବଳ ଡିଲରମାନଙ୍କୁ ଯାଞ୍ଚ ନକରି ତୈଳ କମ୍ପାନୀଙ୍କ ଠାରୁ ଡିପୋ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ଯାଞ୍ଚ କରାଗଲେ ପ୍ରକୃତରେ କାହାର ଭୁଲ ପାଇଁ ତୈଳ ଅଭାବ ଘଟୁଛି ତାର ପ୍ରକୃତ ତଥ୍ୟ ସରକାର ଜାଣିପାରିବେ। ସେଥିପାଇଁ ଆଜି ବାଲେଶ୍ୱର ପେଟ୍ରୋଲ ଡିଲରର୍ସ ଆସୋସିଏସନ ପକ୍ଷରୁ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏନେଇ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ସୁନିଲ ପରୱା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ଆଡଭାଇଜର ମାଧୁର କର୍ମକାର, ଯୁଗ୍ମ ସମ୍ପାଦକ(ସେଣ୍ଟ୍ରାଲ) ସୌମ୍ୟ ରଞ୍ଜନ ବେହେରା ଯାଦବ, ଯୁଗ୍ମ ସମ୍ପାଦକ(ସାଉଥ) ପ୍ରଦୀପ ମହାନ୍ତିଙ୍କ ସମେତ ବହୁ ଡିଲରମାନେ ଉପସ୍ଥିତ ଥିଲେ।

## 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ

ସୋର,୮ ।୬(ସମିସ): ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋର ତହସିଲ ପକ୍ଷରୁ ଆମ ଗାଁରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପିନାଥପୁର, ମହୁମୁହାଣ ଓ ସିଙ୍ଗାଖୁଣ୍ଟା ପଞ୍ଚାୟତର ଶତାଧିକ ଲୋକେ ନିଜର ସମସ୍ୟାକୁ ଆଣିଥିଲେ। ସମୁଦାୟ ୧୩୩ ଟି ଅଭିଯୋଗ ଆସିଥିବାବେଳେ ସେହିସ୍ଥାନରେ ୧୪ଜଣଙ୍କୁ ନୂତନ ପଟ୍ଟା ବଣ୍ଟନ କରାଯିବା ସହିତ ୧୦ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣମୋହନ ସିଂହ, ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର, ଡାଟା ଏଣ୍ଟ୍ରି ଅପରେଟର କବିତା ଦାସ ଓ ପ୍ରଦୀପ କୁମାର ଦାସ, ଅମିନ ମୁଧୁସ୍ମିତା ମାଝୀ, ବରିଷ୍ଠ ସହାୟକ ମନୋରଞ୍ଜନ ପରିଡା, ରେକଡ କିପର ଭରତ କୁମାର ମଲିକ, କନିଷ୍ଠ ସହାୟକ ରଞ୍ଜନ କୁମାର ଦାସ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଏପରି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ଶ୍ରୀ ସିଂହ କହିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂଆ ସିଡିଏମ୍‌ଓଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୮ ।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ ଆଣ୍ଡ ପିଏଚଓ) ଭାବେ ଡା. ଦିଲୀପ କୁମାର ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। କଟକ ଲେପ୍ରୋସି ହୋମ୍ ଓ ହସ୍ପିଟାଲର ଅଧୀକ୍ଷକ ଭାବେ କାର୍ଯ୍ୟରତ ଡା. ଦିଲୀପ କୁମାର ଜେନାଙ୍କୁ ପଦୋନ୍ନତି ଦେଇ ବାଲେଶ୍ୱର ସିଡିଏମ ଆଣ୍ଡ ପିଏଚଓ ଭାବେ ଅବସ୍ଥାପିତ କରାଯାଇଛି। ସେ ସୋମବାରଠାରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ନୂଆ ସିଡିଏମ୍ ଆଣ୍ଡ ପିଏଚଓ ଭାବେ ଡା. ଜେନାଙ୍କ ନିଯୁକ୍ତି ପରେ ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଓ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଡା. ଜେନାଙ୍କ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନୂଆ ଦିଗ ଦେବ ବୋଲି ଚର୍ଚ୍ଚା ହେଉଛି।

## ନିମ୍ନମାନର ରାସ୍ତା କାମକୁ ବିରୋଧ

ବାଲେଶ୍ୱର(ଉତ୍ତର),୮ ।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଖରିଦଚକ ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନିର୍ମାଣ ହେଉଥିବା ଏକ ରାସ୍ତା କାର୍ଯ୍ୟକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହି ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏଠାକୁ ଆସିବାନ ଯାଏ କାର୍ଯ୍ୟ ଆଉ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ ରାସ୍ତା ଉପରେ ଶୋଇ ପ୍ରତିବାଦ କରିଥିଲେ। ସୂଚନା ଅନୁଯାଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଖରିଦ ଗାଁରେ ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ମାଧ୍ୟମରେ



ଉକ୍ତ ଗ୍ରାମର ଏକ ନୂତନ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ମଞ୍ଜୁର ହୋଇଥିଲା। ମାତ୍ର ରାସ୍ତା ନିର୍ମାଣ କରାଯାଉଥିବା କାର୍ଯ୍ୟ ନିମ୍ନମାନର ବୋଲି ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରି କାମ ବନ୍ଦ କରିଥିଲେ। ରାସ୍ତା ନିର୍ମାଣ ବେଳେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଏହାକୁ ବନ୍ଦ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଯେ ପର୍ଯ୍ୟନ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏଠାକୁ ଆସି କାମକୁ ତଦାରଖ ନ କରିଛନ୍ତି ସେ ପର୍ଯ୍ୟନ୍ତ କାମ ହେବ ନାହିଁ ବୋଲି ଜିଦରେ ଅଟଳ ରହି ରାସ୍ତାରେ ଶୋଇ ପଡ଼ି ରାସ୍ତା କାମକୁ ବିରୋଧ କରିଥିଲେ।

● ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

## ନାଟକ 'କୁହୁଡି' ମଞ୍ଚସ୍ଥ

ବାଲେଶ୍ୱର,୮ ।୬(ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଚାଲିଥିବା ଟନାୟିକା ବାଲେଶ୍ୱର' ର ୨୧ ତମ ପ୍ରତିଷ୍ଠା ଦିବସ ଏବଂ ୯ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବସ୍ତା ବିଧାୟିକା ସୁବାସିନୀ ଜେନା, କାହ୍ନୁ ଚରଣ ଲେଙ୍କା, ସ୍ମୃତି ସୌରଣ ସାହୁ, ଗୋପୀନାଥ ବାରିକ, ପ୍ରଦୀପ ଭୂୟାଁ, ଶୁଭକାନ୍ତ ପାଢ଼ୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ନାୟିକା ବାଲେଶ୍ୱର ସମ୍ମାନ ପ୍ରଦୀପ ସ୍ୱାଇଁ, ନାଟ୍ୟକାର ସମ୍ମାନ ଗୋପୀନାଥ ବାରିକଙ୍କୁ ପ୍ରଦାନ କରାଯାଇଥିଲା। 'ନାୟିକା ବାଲେଶ୍ୱର' ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'କୁହୁଡି' ମଞ୍ଚସ୍ଥ ହୋଇଥିଲା। ଏହାକୁ ଗୋପୀନାଥ ବାରିକ ରଚନା କରିଥିବାବେଳେ ଅବକାଶ ମିଶ୍ର ନିର୍ଦ୍ଦେଶନା ଏବଂ ମାନସ ପରିଡା ସଙ୍ଗୀତ ଦେଇଛନ୍ତି। ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଦ୍ୱାରା ନାଟକ ମଞ୍ଚସ୍ଥ



ହୋଇଥିଲା। ମଞ୍ଚ ରାଜେଶ ମଲିଆ ଓ ମଞ୍ଚ ପରିଚାଳନା ଅମର ମହାନ୍ତି, ରୂପସଜା ବିଜୟ, ମାମା ଚିତ୍ରାଳୟ। ଏହି ସଂସାରଟା ଏକ ମାୟାର କୁହୁଡି, ଆଉ କୁହୁଡି ସେପାଖେ ଅଛି ଛଳନାର ଘର। ଯେଉଁ ଘରେ ବାପା ମା' ଦିନେ ବ୍ରତ ଓପାସ କରି ସନ୍ତାନଟେ ପାଇଥାନ୍ତି, ଦିନ ଆସେ ସେଇ ସନ୍ତାନ ମାନେ ତାଙ୍କୁ ଜରାଶ୍ରମର ରାସ୍ତା ଦେଖାନ୍ତି। ଏଥିରେ ଅଭିନୟ କରିଛନ୍ତି ଗୋବିନ୍ଦ ମହାପାତ୍ର, ଶୁଭକାନ୍ତ ପାଢୀ, ପ୍ରଦୀପ୍ତ କୁମାର ସ୍ୱାଇଁ, ରାଜେଶ ବଳବନ୍ତରାୟ, ମାନସ ପରିଡା, ରାଜେଶ ମଲିଆ, ସରିତା ପ୍ରଧାନ, ସୌମ୍ୟା ସୁମନ ମହାନ୍ତି, ନେହ୍ନି ନୈନିକା ମିଶ୍ର ପ୍ରମୁଖ।

ଡ୍ରେନ୍ ସଫା ପରେ ରାସ୍ତା କଡ଼ରେ ଆବର୍ଜନା

## ଦୁର୍ଗନ୍ଧରେ ଫାଟିପଡୁଛି ନାକ; ନାକେଦମ ପଥଚାରୀ

ବାଲେଶ୍ୱର,୮ ।୬(ସମିସ): ସହରର ମୁଖ୍ୟ ରାସ୍ତାରେ ଡ୍ରେନ୍ ସଫା ହେବା ପରେ ବାହାର କରାଯାଇଥିବା ପଙ୍କ ଓ ଆବର୍ଜନା ରାସ୍ତା କଡ଼ରେ ପଡ଼ି ରହିଛି। ଏମିତିକି କିଛି ଜାଗାର ରାସ୍ତା ଉପରେ ମଧ୍ୟ ପଙ୍କ ପଡ଼ିରହିଛି। କିଛି ଜାଗାରେ ସଫା ହୋଇଥିବା ଏବେବି ବି କିଛି ଜାଗାରେ ପଙ୍କ ଆଉ ଅଳିଆ ଆବର୍ଜନା ପଡ଼ିଛି। ଏହା ଫଳରେ ସ୍ଥାନୀୟ ଲୋକ ଓ ପଥଚାରୀ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ସହରର ମଠସାହଠୁ ସେଣ୍ଟ୍ରାଲ ସ୍କୁଲ ଛକ ରାସ୍ତାର ଦୁଇ ପାଖରେ ଦୁଇ ଦିନ ଡ୍ରେନ୍ ସଫେଇ ଚାଲିଛି। ଆଜି ମଧ୍ୟ ଚାଲିଥିଲା। ସହରର ବ୍ୟସ୍ତବହୁଳ ରାସ୍ତାରେ ଏବେ ଡ୍ରେନ୍ ସଫେଇ ପରେ ପଙ୍କ ଆଉ ଆବର୍ଜନା ଜମା ଉପରେ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବିଶେଷକରି ମଠସାହଠୁ ଆରମ୍ଭ କରି ସେଣ୍ଟ୍ରାଲ ସ୍କୁଲ ଛକ ପର୍ଯ୍ୟନ୍ତ କିଛି ଦିନ ହେଲା ଡ୍ରେନ୍ ସଫେଇ



ଚାଲିଛି। ନାଳରୁ କଢାଯାଇଥିବା କଳା ପଙ୍କ ଗଦା ଗଦା ହୋଇ ଫୁଟପାଥ ଉପରେ ପଡିଛି। କିଛି ସ୍ଥାନରେ ଏହା ରାସ୍ତା ଉପରକୁ ମଧ୍ୟ ମାଡି ଆସିଛି। ଏଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାରୁ ପାଖ ଦୋକାନୀ ଓ ଯାତାୟାତକାରୀ ଅତିଷ୍ଠ ହେଲେଣି।"ସ୍ଥାନୀୟ ବାସିନ୍ଦା କହିଛନ୍ତି, "ଡ୍ରେନ୍ ସଫା ହେଲା ଭଲ କଥା। କିନ୍ତୁ ସଫା କରି ମଇଳା ଏମିତି ରାସ୍ତାରେ ଛାଡିଦେଲେ ରୋଗ ବ୍ୟାପିବ। ମଶା ମାଛି ବଢିବ। ବର୍ଷା ହେଲେ ଏହି ପଙ୍କ ପୁଣି ଡ୍ରେନରେ ପଶିଯିବ। ତାହେଲେ ସଫା କରି ଲାଭ କଣ?' ସ୍ଥାନୀୟ ଦୋକାନୀ କହିଛନ୍ତି, ତିନି ଦିନ ହେଲା ଏମିତି ପଡିଛି। ନା ମ୍ୟୁନିସିପାଲିଟି ଉଠାଉଛି ନା କଣ୍ଟ୍ରାକ୍ଟର। ଗ୍ରାହକ ଦୋକାନକୁ ଆସିବାକୁ ନାକ ଟେକୁଛନ୍ତି'। ଜନସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଖୋଲାରେ ପଡିଥିବା ନାଳ ପଙ୍କରୁ ଡାଇରିଆ, ଜଣ୍ଡିସ, ମ୍ୟାଲେରିଆ ପରି ରୋଗ ବ୍ୟାପିବାର ଆଶଙ୍କା ଅଧିକ। ବିଶେଷ କରି ପିଲା ଓ ବୁଢା ଲୋକଙ୍କ ପାଇଁ ଏହା ବିପଦଜନକ। ତେବେ ତୁରନ୍ତ ଏହି ପଙ୍କ ଉଠାଇବା ସହ ଭବିଷ୍ୟତରେ ଡ୍ରେନ୍ ସଫା କରିବାର ୨୪ ଘଣ୍ଟା ମଧ୍ୟରେ ଆବର୍ଜନା ଉଠାଇବାକୁ ନିୟମ କରିବାକୁ ସଚେତନ ନାଗରିକ ଦାବି କରିଛନ୍ତି।

## ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ବାଲେଶ୍ୱର,୮ ।୬(ସମିସ): ସଦର ବ୍ଲକ୍ ଅଧୀନ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ପୂରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ଚଳିତବର୍ଷର ବିଷୟବସ୍ତୁ "ପ୍ରକୃତି ଦ୍ୱାରା ଅନୁପ୍ରାଣିତ - ଜଳବାୟୁ ପାଇଁ - ଆମ ଭବିଷ୍ୟତ" ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ପ୍ରକୃତିବନ୍ଧୁ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ




ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ବିଷୟ ବିଶେଷଜ୍ଞ ଭାବରେ ପ୍ରାକ୍ତନ ଅଧ୍ୟାପକ ବିଜୟ କୁମାର ବେହେରା, ପ୍ରାକ୍ତନ ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ, ସନ୍ତୋଷ କୁମାର ପ୍ରଧାନ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ଦିଗରେ ପ୍ରକୃତି ବନ୍ଧୁ ରବୀନ୍ଦ୍ର ବେହେରା ଓ ହରିନାରାୟଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ବୀଣାପାଣି ଗିରି, ଦୀନେଶ କୁମାର ଜେନା, ଯଜ୍ଞେଶ୍ୱର ଗିରି, ରଶ୍ମିତା ବେହେରା, ରାଜେନ୍ଦ୍ର ଦାସ, ପ୍ରିୟବ୍ରତ ମୁର୍ମୁ, କାନ୍ଦନ ହେମ୍ବ୍ରମ, ମାନସୀ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ, ରହିମୁନା ଖାତୁନ, ଜୟସ୍ମିତା ପରିଡ଼ା ଓ ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରଞ୍ଜନ ମହାଳିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବଉଳ ଚାରା ରୋପଣ କରାଯାଇଥିଲା। ଶେଷରେ ଜିତେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍‌କୁ ଧକ୍କାଦେଇ ବାଇକ୍ ଆରୋହୀ ଗୁରୁତର

ନୀଳଗିରି,୮ ।୬(ସମିସ): ରବିବାର କାଳବୈଶାଖୀର ପ୍ରଭାବ ନୀଳଗିରିରେ ଦେଖିବାକୁ ମିଳିଥିଲା। ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଟିଲା। ଏନେଇ ନୀଳଗିରିରେ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇ ପ୍ରାୟ ରାତ୍ରି ୧୨ଘଟିକା ପର୍ଯ୍ୟନ୍ତ ବିଦ୍ୟୁତସେବା ବିଚ୍ଛିନ୍ନ ହୋଇଥିଲା। ତେବେ ନୀଳଗିରି ମହିଳା ମହାବିଦ୍ୟାଳୟ ପାଖରେ ଅନ୍ଧକାରରେ ଏକ ସିମେଣ୍ଟବୋଝେଇ ଟ୍ରକ ଛିଡ଼ାହୋଇଥିବା ବେଳେ ବରିସାହି ଗ୍ରାମର ଲଳିତ ଜେନା (୪୫)ବୁଲେଟରେ ଘରକୁ ଫେରୁଥିବାବେଳେ ଅନ୍ଧାରରେ ଜାଣିନପାରି ଟ୍ରକ ପଛରେ ଧକ୍କା ଦେଇଥିଲେ। ଧକ୍କା ହେବାଫଳରେ ଲଳିତ ଗୁରୁତର ହୋଇଥିଲେ। ତାଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

● ରାଜସ୍ୱ ବିଭାଗର ଚଢ଼ଉ

## ୫ ବାଲି ବୋଝେଇ ଟ୍ରାକ୍ଟର ଜବତ

ଜଳେଶ୍ୱର,୮।୬(ସମିସ): ଛୁଟିଦିନ ଗୁଡ଼ିକରେ ବାଲି ମାଫିଆମାନେ ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବାଲି ଉତ୍ତୋଳନ ଓ ଚୋରା ଚାଲାଣ କରିଥାଆନ୍ତି। ଏହାକୁ ନଜର ରଖି ତହସିଲଦାର ସତ୍ୟଜିତ ମହାନ୍ତି ଙ୍କ ନେତୃତ୍ୱରେ,ସରକାରୀ ଗାଡ଼ି ପରିବର୍ତ୍ତେ ଘରୋଇ ଗାଡିରେ ରାଜସ୍ୱ ବିଭାଗର ଏକ ୧୦ ଜଣିଆ ସ୍ୱତନ୍ତ୍ର ଟିମ୍ ଶନିବାର ରାତି ୩ଟାରୁ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ଛକି ରହିଥିଲେ। ରବିବାର ସକାଳୁ ହଠାତ୍ ବେଆଇନ ବାଲି ଖାଦାନ ଉପରେ ଅତର୍କିତ ଚଢ଼ଉ ଫଳରେ ବାଲି ଉତ୍ତୋଳନ କରୁଥିବ ୧୦ ଟି ଟ୍ରାକ୍ଟର ଓ ଡ୍ରାଇଭର ଓ ଶ୍ରମିକ ଛତ୍ରଭଙ୍ଗ ଦେଇଥିଲେ। ୨ଟି ଟ୍ରାକ୍ଟର ଟଲି ଛାଡ଼ି ଇଞ୍ଜିନ ନେଇ ପଶ୍ଚିମବଙ୍ଗ ମୁହାଁ ଚମ୍ପଟ ମାରିଥିବା ବେଳେ ଟ୍ରାକ୍ଟର ଗୁଡ଼ିକ ନଦୀ ଗର୍ଭକୁ ପଶିଯାଇଥିଲେ। ଫଳରେ ୫ଟି ଟ୍ରାକ୍ଟର ଓ ୨ଟି ଟଲିକୁ ଜବତ୍ କରିବା ପାଇଁ ଦୀର୍ଘ ସମୟଧରି ଜେସିବିର ସହାୟତା ନିଆଯାଇଥିଲା। ଏହି ଚଢ଼ଉରେ ସୁପରଭାଇଜର ଶରତ ବେହେରା, ଆରଆଇ ରଞ୍ଜନ ପାଣି, ଶିବା ସେନାପତି, ଜଗନ୍ନାଥ ପାତ୍ର, ଦେବଞ୍ଜନ ମହାନ୍ତି, କର୍ମଚାରୀ କିରନ ଘୋଷ, ସଦ୍ଦାମ ସାହ ସାମିଲ୍ ଥିଲେ।

## ବିଦ୍ୟୁତ ଆଘାତରେ ନାବାଳକ ଗୁରୁତର

ସୋର,୮।୬(ସମିସ): ଅନନ୍ତପୁର ଥାନା ପୁରୁଷୋତ୍ତମପୁର ଗ୍ରାମର ଜଣେ ନାବାଳକ ବିଦ୍ୟୁତ ଆଘାତରେ ଗୁରୁତର ହୋଇଛନ୍ତି। ଏହି ଗ୍ରାମର ମଣିଭଦ୍ର ମଳିକଙ୍କ ବଡ ପୁଅ ସତ୍ୟସୁନ୍ଦର ମଳିକ (୧୦) ଘର ନିକଟରେ ଥିବା ବିଲକୁ ଯାଇଥିଲେ। ଏହି ସମୟରେ ଧାନ ଚାଷ ପାଇଁ ପାଣି ମୋଟରର ବ୍ୟବସ୍ଥା କରାଯାଇଥିବା ବିଦ୍ୟୁତ ତାରଟି ଅଳ୍ପ ଉଚ୍ଚରେ ଝୁଲୁଥିବାରୁ ସତ୍ୟସୁନ୍ଦର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ବିଦ୍ୟୁତ ବିଭାଗକୁ ତାରର ଉଚ୍ଚତା ବଢ଼ାଇବାକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଇନଥିଲା। ଫଳରେ ଏପରି ସମସ୍ୟା ଉପୁଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ପୁସ୍ତକ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ' ଉନ୍ମୋଚିତ



ବାଲେଶ୍ୱର,୮ ।୬(ସମିସ): ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଡ. ବେହେରାଙ୍କ ସଦ୍ୟଲିଖିତ ଏବଂ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏକ ନୂତନ ଗ୍ରନ୍ଥ "ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ'ର ଉନ୍ମୋଚନ ପରିଷଦର କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଲେଖକ ତଥା କୃଷି ବିଜ୍ଞାନୀ ଡ. କେଶବ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅରବିନ୍ଦ ଗିରି ପୁସ୍ତକ ଅନ୍ତର୍ଗତ ତଥ୍ୟ ଓ ତତ୍ତ୍ୱଧର୍ମୀ ୧୩ଟି ମୌଳିକ ପ୍ରବନ୍ଧର ଆଲୋଚନା କରି ଏହି ଗ୍ରନ୍ଥ ସମସ୍ତଙ୍କ ସୁଖପାଠ୍ୟ ଓ ସଂଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ତଥା "ଧ୍ୱନି ପ୍ରତଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଡ. ବେହେରାଙ୍କ ଦୀର୍ଘ ଜୀବନର ସୃଷ୍ଟିର ମହନୀୟତାକୁ ବର୍ଣ୍ଣନା କରିଥିଲେ। ଟ୍ରଷ୍ଟର ସଂପାଦକ ଡ. କାଳୀପଦ ପଣ୍ଡା ପୁସ୍ତକର ପ୍ରକାଶଭାବେ ସୂଚନା ପ୍ରଦାନ କରିବା ସହ ଉତ୍ସବକୁ ସଞ୍ଚାଳନ କରିଥିଲେ। ଟ୍ରଷ୍ଟ ଅଧକ୍ଷ ତଥା ଗ୍ରନ୍ଥ ରଚୟିତା ଡ.ରମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ଡ. ସୁବର୍ଣ୍ଣ କେଶରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଡା. ମଧୁସୂଦନ ଜେନା, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ, ଅନ୍ନପୂର୍ଣ୍ଣା ଜେନା, ଅନସୂୟା ପ୍ରଧାନ, ଡ. ଅର୍ଚ୍ଚନା ସାମଲଙ୍କ ସମେତ ଡ. ଭାଗବତ ପ୍ରସାଦ ଦାସ, ପ୍ରୀତିଲେଖା ପାତ୍ର, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ରଂଜିତ କୁମାର ଦେ ପ୍ରମୁଖ ଯୋଗଦାନ କରିଥିଲେ।

## ଧମକାଇ ଟଙ୍କା ଆଦାୟ ଅଭିଯୋଗ

ବାଲେଶ୍ୱର,୮ ।୬(ସମିସ): ବାଲେଶ୍ୱର ନେଳିଆବାଗ ଅଞ୍ଚଳର ଜଣେ ଯୁବକଙ୍କ ଠାରୁ କିଛି ଯୁବକ ଧମକାଇ ଟଙ୍କା ଆଦାୟ କରିଥିବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏଭଳି ଧମକରେ ଶିକାର ହୋଇଥିବା ଯୁବକ ଜଣ ହେଲେ ନେଳିଆବାଗର ଜଳେନ୍ଦ୍ର ସାହୁଙ୍କ ପୁଅ ସ୍ୱସ୍ତିକ କୁମାର ସାହୁ। ସୂଚନା ଅନୁସାରେ, ଗତ ୩ ତାରିଖ ଦିନ ସ୍ୱସ୍ତିକ ଚିଡିଆପୋଲଠାରୁ ନିଜର ଘରକୁ ଫେରୁଥିଲା ବେଳେ କିଛି ଯୁବକ ତାଙ୍କୁ ଅଟକାଇ ଧମକଚମକ ଦେଇ ତାଙ୍କ ଠାରୁ ୭ଶହ ଟଙ୍କା ଜୋର ଜବରଦସ୍ତି ନେଇଯାଇଥି ଥିଲେ। ତା ପରଦିନ ସଂଧ୍ୟାରେ ସେହି ଯୁବକମାନେ ସ୍ୱସ୍ତିକଙ୍କୁ ଫୋନ୍ କରି ଡାକିଥିଲେ। ସେହିଦିନ ସ୍ୱସ୍ତିକର ଜଣେ ସାଙ୍ଗ ନେଳିଆବାଗକୁ ଆସିଥିଲେ। ସ୍ୱସ୍ତିକଙ୍କ ସହ ତାଙ୍କ ସାଙ୍ଗଙ୍କୁ ମଧ୍ୟ ସେହି ଯୁବକମାନେ ମାରଣାସ୍ତ୍ର ରଣାସ୍ତ୍ର ଦେଖାଇ ଧମକ ଚମକ ଦେବା ସହ ସ୍ୱସ୍ତିକୁ ଜୋର କରି ଉଠାଇ ନେଇଥିଲେ। ସେମାନେ ସ୍ୱସ୍ତିକଙ୍କୁ ଚୂନଭାଟି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ନିକଟକୁ ନେଇଯାଇ ସେଠାରେ ଅନଲାଇନ ମାଧ୍ୟମରେ ୧୯ଶହ ଟଙ୍କା ଜୋର ଜବରଦସ୍ତ ନେଇଯାଇଥିଲେ। ପୁଣି ଶନିବାର ସେହି ଯୁବକମାନେ ସ୍ୱସ୍ତିକଙ୍କୁ ଧମକ ଦେଇ ଦେଇ ଡାକିଥିଲେ। ମାତ୍ର ସ୍ୱସ୍ତିକ ଭୟରେ ଯାଇନଥିଲେ। ଏନେଇ ସ୍ୱସ୍ତିକଙ୍କ ବାପା ଜଳେନ୍ଦ୍ର ସାହୁ ଟାଉନଥା ନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଟାଉନଥାନା ଥାନା ପକ୍ଷରୁ ଏନେଇ ଅନୁସନ୍ଧ ଜାରି ରହିଛି।

୨୪ ଘଣ୍ଟା ଭିତରେ ଜଳିଲା ଷ୍ଟ୍ରିଟ୍ ଲାଇଟ୍

## ଖବର ପ୍ରକାଶ ପରେ ଆକ୍ସନ ମୋଡ୍‌ରେ ଜିଲ୍ଲା ପ୍ରଶାସନ

ବାଲେଶ୍ୱର,୮ ।୬(ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ଷ୍ଟ୍ରିଟ୍ ଲାଇଟ୍, ବିପଦଜନକ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ଏବଂ ସୁରକ୍ଷା ବ୍ୟବସ୍ଥାର ଅବ୍ୟବସ୍ଥାକୁ ନେଇ 'ସକାଳ'ରେ ପ୍ରକାଶିତ ଖବରପରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି। ଖବର ପ୍ରକାଶ ପାଇବାର ମାତ୍ର ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାଳୟ ପରିସରର ଅଧିକାଂଶ ଅଚଳ ଷ୍ଟ୍ରିଟ୍ ଲାଇଟ୍‌କୁ ମରାମତି କରାଯାଇ ପୁଣିଥରେ ଚାଲୁ କରାଯାଇଥିବାର ଦେଖିବାକୁ ମିଳିଛି। ଖବର ଅନୁସାରେ ଯେଉଁଠାରୁ ସମଗ୍ର ଜିଲ୍ଲାର ପ୍ରଶାସନିକ କାର୍ଯ୍ୟ ନିୟନ୍ତ୍ରିତ ହୁଏ, ଯେଉଁଠାରୁ ଉନ୍ନୟନ, ଆଇନଶୃଙ୍ଖଳା ଓ ସରକାରୀ କାର୍ଯ୍ୟକ୍ରମର ତଦାରଖ କରାଯାଏ, ସେହି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଏବେ ଅବ୍ୟବସ୍ଥା, ଅବହେଳା ଓ ସୁରକ୍ଷାହୀନତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା। ଦିନରେ ସରକାରୀ ଗାଡ଼ି, ଅଧିକାରୀ ଓ ଜନସାଧାରଣଙ୍କ ଗହଳିରେ ରହୁଥିବା ବେଳେ ଗତ କିଛି ମାସ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସନ୍ଧ୍ୟା ହେଲେ ଅନ୍ଧକାରରେ ବୁଡ଼ି ରହୁଥିଲା। ଫଳରେ ଆସାମାଜିକ ବ୍ୟକ୍ତିଙ୍କ ଆଡ୍ଡା, ନିଶାସେବନ ଓ ସନ୍ଦେହଜନକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ଉଠିଥିଲା। ସେହିପରି କାଳବୈଶାଖୀ ପରେ ବିଦ୍ୟୁତ୍ ତାର ଉପରେ ଝୁଲି ରହିଥିବା ଗଛ ଡାଳ ମଧ୍ୟ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଥିଲା। ଏହି ସମସ୍ୟାକୁ ନେଇ ଗତ ୭ ତାରିଖ ରବିବାର ଦିନ "ସକାଳ" ଖବର କାଗଜରେ 'ଅନ୍ଧାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଜଳୁନି ଷ୍ଟ୍ରିଟ ଲାଇଟ, ଜମୁଛି ଆସାମାଜିକଙ୍କ ଆଡ୍ଡା' ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଖବରପ୍ରକାଶ ପାଇବାର ୨୪ ଘଣ୍ଟା ମଧ୍ୟରେ ଅଚଳ ଲାଇଟ୍‌ଗୁଡ଼ିକର ମରାମତି କାମ ସମ୍ପନ୍ନ ହୋଇଥିବା ବେଳେ ଆଜି କାର୍ଯ୍ୟାଳୟ ପରିସରରେ ଆଲୋକୀକରଣ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପୁଣିଥରେ ଆଲୋକିତ ହୋଇଛି ଏବଂ ସୁରକ୍ଷା ନେଇ ଉଠିଥିବା ଆଶଙ୍କା କିଛି ମାତ୍ରାରେ ଦୂର ହୋଇଛି। ତେବେ କେବଳ ଷ୍ଟ୍ରିଟ୍ ଲାଇଟ୍ ଜଳାଇଦେଲେ ସମସ୍ୟାର ସ୍ଥାୟୀ ସମାଧାନ ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବିଦ୍ୟୁତ୍ ତାର ଉପରେ ଝୁଲି ରହିଥିବା ଗଛ ଡାଳ ହଟାଇବା, ନିୟମିତ ରକ୍ଷଣାବେକ୍ଷଣ, ସିସିଟିଭିର ବ୍ୟବସ୍ଥା ଏବଂ ସୁରକ୍ଷା ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବା ଦରକାର ବୋଲି ଦାବି ହେଉଛି।

# ବଲାଙ୍ଗିର ଜିଲ୍ଲାରେ ଧାନକିଣାରେ ଅବ୍ୟବସ୍ଥା

## ଯେଉଁ ବ୍ଲକରୁ ଆରମ୍ଭ ସେହି ବ୍ଲକର ଦୁଇ ପାଲ୍ଟରେ ସମସ୍ୟା

## ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦିନସାରା ବସିଲେ ଚାଷୀ

ବଲାଙ୍ଗିର,୮ ।୬(ସମିସ)



ବଲାଙ୍ଗିର ଜିଲ୍ଲାରେ ରବି ଧାନକିଣାରେ ବଡ଼ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଯେଉଁ ବ୍ଲକରୁ ଚଳିତବର୍ଷ ରବି ଧାନକିଣା ଆରମ୍ଭ ହୋଇଛି ସେହି ବ୍ଲକର ଦୁଇ ପାଲ୍ଟରେ ଦେଖିବାକୁ ମିଳିଛି ଏହି ଅବ୍ୟବସ୍ଥା। ନିଜକୁ ସରକାରୀ ଦଳର ସାଂସଦଙ୍କ ପାଖଲୋକ ଦର୍ଶାଇ ଧାନକିଣା ବ୍ୟବସ୍ଥାକୁ ନିଜ ଇଚ୍ଛାରେ ଚଲାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଧାନକିଣା ଆରମ୍ଭର ୧୪ ଦିନପରେ ବି ସମ୍ପୃକ୍ତ ମିଲରଙ୍କ ଯୋଗୁଁ ଧାନ ଉଠୁନଥିବା ଅଭିଯୋଗ କରି ଚାଷୀମାନେ ଯୋଗାଣ ଅଧିକାରୀଙ୍କ ଅଫିସରେ ପଶି ଘେରଉ କରିଛନ୍ତି। କେବଳ ଏତିକି ନୁହଁ ସଂପୃକ୍ତ ମିଲର ଙ୍କ କଥାରେ ପଡି ଅନ୍ୟ ମିଲର ମାନେ ବି ଧାମକିଣା ରେ ମନମାନୀ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। କିଛି ଏହିଭଳି ସମସ୍ୟା ଭିତରେ ଗତି କରୁଥିବା ଆଗଲପୁର ବ୍ଲକ ନଅଗାଁ(କ) ଓ ଆଗଲପୁର ପାଲ୍ଟର ଚାଷୀ ସୋମବାର ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଚାମ୍ବରରେ ବସି ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ଖରିଫ ହେଉ କି ରବି ବଲାଙ୍ଗିର ଜିଲ୍ଲାରେ ଧାନକିଣା ବ୍ୟବସ୍ଥାରେ ବିଭିନ୍ନ ସମୟରେ ହେଉଥିବା ଅବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଥାଏ। ଚଳିତ ରବି ଧାନକିଣା ଜିଲ୍ଲାରେ ଗତ ୨୫ ତାରିଖରେ ଆରମ୍ଭ ହୋଇଥିଲା। ଆଗଲପୁର ବ୍ଲକ ବୁଢୁଲା ପାଲ୍ଟରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୂଜାପାଠ କରି ଧାନକିଣା ଆରମ୍ଭ ହୋଇଥିଲା। କିନ୍ତୁ ଏହି ବ୍ଲକରେ ଏବେ ଧାନକିଣାରେ ଅନେକ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ବ୍ଲକର ଦୁଇଟି ପାଲ୍ଟ ଆଗଲପୁର ଓ ନଅଗାଁ (କ)ରେ ଚାଷୀମାନେ ଧାନ ଆଣି ବସ୍ତା ବସ୍ତା ରଖିଥିବାବେଳେ ମିଲର ଆସୁନଥିବାରୁ ଧାନକିଣା ହୋଇପାରି ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଆଗଲପୁର ପାଲ୍ଟରେ ଥିବା ଆଗଲପୁର, ଇଂସା, ଗୁଡିମୁଣ୍ଡା, ରିନବଚନ, ଉଛବାହାଲ, ବଣ୍ଡାବାହାଲ, ବାଗଜୁଲା ଗ୍ରାମର ୨୫୧ ଜଣ ଚାଷୀ ୭୨୨ ଏକର ଜମିରେ ରବି ଧାନ ବିକ୍ରି କରିବାକୁ ପଞ୍ଜୀକୃତ ହୋଇଛନ୍ତି। ଉକ୍ତ ପାଲ୍ଟରେ ୫୫୦୦ କ୍ୱିଣ୍ଟାଲ ଧାନକିଣାବାକୁ ଟାର୍ଗେଟ ରଖାଯାଇଥିବାବେଳେ ନିକଟସ୍ଥ ଅଶୋକ ଫୁଡକୁ ୫ହଜାର କ୍ୱିଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ଦିଆଯାଇଥିବା ବେଳେ ବାବା ଗଙ୍ଗାରାମ ରାଇସ ମିଲକୁ ମାତ୍ର ୫ଶହ କ୍ୱିଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ମିଳିଛି। କିନ୍ତୁ ଏହି ପାଲ୍ଟରେ ପ୍ରାୟ ତିନି ହଜାର ବସ୍ତା ଧାନ ରଖାଯାଇଥିବାବେଳେ ଧାନକିଣା ଯାଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ବଲାଙ୍ଗିର - ବରଗଡ ସୀମାରେ ଥିବା ନଅଗାଁ (କ) ପାଲ୍ଟର ମଧ ସମାନ ଅବସ୍ଥା । ଏହି ପାଲ୍ଟରେ ଅଧୀନରେ ଥିବା ନଅଗାଁ, କଣ୍ଡିପାଲି, ତେଲେନପାଲି, ବାଇଗଣଖାରୀ, ଅଁଳାପାଲି, ଡୁଡୁକାମୁଣ୍ଡା, ମୁଣ୍ଡାପାଲି, ବାବୁଫାସଡ, ବାଞ୍ଜିପାଲି, ଘୁଚେପାଲି, ଲାଟିସାର ଗାଁର ୪୦୪ ଜଣ ଚାଷୀ ୧୦୭୭ ଏକର ଜମିରେ ରବି ଧାନ କରି ବିକ୍ରି କରିବାକୁ ପଞ୍ଜିକୃତ ହୋଇଛନ୍ତି। ଏହି ପାଲ୍ଟରୁ ଧାନ ଉଠାଇବା ପାଇଁ ବ୍ୱାଲାଜି ପେଡି ପ୍ରୋସେସିଂ, ଏୱିନ ରିସୋର୍ସେସ, ସିତଲ ଏଗ୍ରୋ, ଏସ୍‌ଏନ୍‌ଏପିପି ପେଡି ପ୍ରୋସେସିଂ, ଅନନ୍ତ ଏଗ୍ରୋ ଓ ବାବା ଗଙ୍ଗାରାମ ମିଲ୍‌କୁ ଟ୍ୟାଗ କରାଯାଇଛି। ସମୁଦାୟ ୬୨୦୦ କ୍ୱିଣ୍ଟାଲ ଟାର୍ଗେଟ ବଣ୍ଟନ କରାଯାଇଥିବାବେଳେ ମାତ୍ର ୨୪୪୮ କ୍ୱିଣ୍ଟାଲ ଧାନ ଉଠାଇଯାଇଥିବା ଜଣାପଡ଼ିଛି। ତେବେ ଆଉ କିଛି ଦିନ ପରେ ପାଲ୍ଟ ବନ୍ଦ ହେବାର ସମ୍ଭାବନା ରହିଛି। ପ୍ରାୟତଃ ଜୁନ୍ ୧୫ ବେଳକୁ ପାଲ୍ଟ ବନ୍ଦ ହେଉଥିବାବେଳେ ମୌସୁମୀ ପ୍ରବେଶ ର ସମ୍ଭାବନା ରହିଥିବାରୁ ଧାନ ଠିକ ସମୟରେ ନଉଠିଲେ କ୍ଷତି ହେବାର ମଧ ସମ୍ଭାବନା ରହିଛି। ଚାଷୀମାନେ ଧାନ ଆଣି ପାଲ୍ଟରେ ପଲିଥିନ ବାନ୍ଧି ରଖିଥିବାବେଳେ ସଂପୃକ୍ତ ମିଲରଙ୍କ ମନମାନୀ ଯୋଗୁଁ ଧାନ ଉଠୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନିଜକୁ ସାଂସଦଙ୍କ ପାଖଲୋକ ବୋଲାଉଥିବା ସ୍ଥାନୀୟ ମିଲରଙ୍କୁ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ବହୁ ପରିମାଣର ଟାର୍ଗେଟ ଦିଆଯାଇଥିବାବେଳେ ସେ ଜାଣିଶୁଣି ଧାନ ଉଠାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଅସନ୍ତୁଷ୍ଟ ଚାଷୀମାନେ ସୋମବାର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି କାର୍ଯ୍ୟାଳୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ଚାମ୍ବରକୁ ପଶି ବସି ରହିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଧାନ ଉଠିବା ବ୍ୟବସ୍ଥା କରିବା ନ ହେଲେ ସଂପୃକ୍ତ ମିଲରଙ୍କୁ ହଟାଇ ଅନ୍ୟ ମିଲରଙ୍କୁ ନିୟୋଜିତ କରିବା ପାଇଁ ଦାବି କରିଥିଲେ। ତେବେ ଦିନକ ମଧ୍ୟରେ ଏହି ସମସ୍ୟାର ସମାଧାନ ହେବ ବୋଲି କହିବା ପରେ ଚାଷୀମାନେ ଉଠିଥିଲେ। ତେବେ ଯଦି ଏହାର ସମାଧାନ ଦିନ ଭିତରେ ନହୁଏ ତେବେ ପରବର୍ତ୍ତୀ ଦିନ ପାଲ୍ଟ ଓ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ତାଲା ପକାଇଦେବାକୁ ଚେତାବନୀ ଦେଇଛନ୍ତି। ଚାଷୀ ନେତା ଆକାଶ ମିଶ୍ରଙ୍କ ନେତୃତ୍ୱରେ ଆସିଥିବାବେଳେ ଦେବେନ୍ଦ୍ର ମେହେର, ପ୍ରହ୍ଲାଦ ବିଶ୍ୱାଳ, ବିଶ୍ୱାମିତ୍ର ଭୋଇ, ହିମାଂଶୁ ବାଗ ଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ସିନ୍ଧେକେଲାରେ ବିଜୁ ଜନତା ଦଳର ସାଂଗଠନିକ ବୈଠକ



କଣ୍ଟାବାଞ୍ଜି,୮ ।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ପଞ୍ଚାୟତରେ ସୁଜିତ ସରାଫ, ହେମନ୍ତ ବିଶ୍ୱାଳ ଚନ୍ଦ୍ର କହଁରଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଆୟୋଜିତ ସାଂଗଠନିକ ବୈଠକ ର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ ଯୋଗ ଦେଇ ଦଳୀୟ ସଂଗଠନ ଓ ଯୁବ ନେତୃତ୍ୱର ଆବଶ୍ୟକ କେତେ ତା ଉପରେ ଆଲୋଚନା କରିଥିଲେ। ବିଜୁ ଜନତା ଦଳ ସଂଗଠନକୁ ସୁଦୃଢ଼ କରିବା ସହ ଡବଲ ଇଞ୍ଜିନ ସରକାରର ପ୍ରତାରଣାକୁ ନେଇ ଲୋକଙ୍କୁ ସଚେତନ କରିବା ସହ ଗ୍ରାମାଞ୍ଚଳରେ ଲାଗି ରହିଥିବା ସମସ୍ୟାକୁ ନେଇ କାମ କରିବାକୁ ସମସ୍ତଙ୍କୁ ବିଜେଡ଼ି ନେତା ଶ୍ରୀ ମାଝି ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁଢ଼ା ଚନ୍ଦନ, ଚମାରୁ ଭୋଇ, ଟୁନା ସେଠ, ଅଭିଳାଷ ବଘାର, ଅମିତ ସାହୁ, ଭବାନୀ ନାଗ, ଭାଗ୍ୟ ସାହୁ, ଦେବରାଜ ଯାଦବ, ବିଷ୍ଣୁ ପ୍ରାସାଦ ଯୁଏଡ, ଦୀପକ ଘିବେଲା, ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥାୟୀ ପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର



ମୁରିବାହାଲ,୮ । ୬(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ତହସିଲ ହଳଦୀ ମୌଜା ବାସିନ୍ଦା ସ୍ଥାୟୀ ପଟ୍ଟା ପାଇଁ ତହସିଲଦାର ଜଗଦିଶ କର୍ତ୍ତମୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ହଳଦୀ ମୌଜାରେ ୬୦ବର୍ଷରୁ ଉର୍ଦ୍ଧ୍ୱ ନିଜସ୍ୱ ଘରଡିହି କରି ସରକାରୀ ଜାଗାରେ ଓବିସି, ଜେନେରାଲ, ଏସ୍‌ଟି, ଏସ୍‌ସି ସବୁ ବର୍ଗର ବସବାସ କରୁଥିବା ଜଣାଇଛନ୍ତି। ସ୍ଥାନୀୟ ରାଜସ୍ୱ ନିରକ୍ଷକ କାର୍ଯ୍ୟାଳୟକୁ ଅନେକଥର ଜଣାଇଥିଲେ ମଧ ରାଜସ୍ୱ ନିରକ୍ଷକ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ରାଜସ୍ୱ ନିରକ୍ଷକଙ୍କୁ ସରକାରୀ ପ୍ରକ୍ରିୟା ଆରମ୍ଭ କରିବାପାଇଁ ନିର୍ଦ୍ଦେଶ ଦେବାପାଇଁ ଦାବିପତ୍ରରେ ଜଣାଇଛନ୍ତି। ଦାବିପତ୍ର ଦେବା ସମୟରେ ହଳଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦ, କ୍ଷୀରସିନ୍ଧୁ ହାତୀ, ଗୋବିନ୍ଦ ବାଗ, ଦୈତାରୀ ବାଗ, ଉଲ୍ଲାସ ସିଂ ଭୋଇ, ପଙ୍କଜିନୀ ଭୁକ୍ତା, ପାଣ୍ଡବ ଭୁକ୍ତା, ଖଗେଶ୍ୱର ବାଗ, ଶେଷଦେବ ରଣା, ଚୈତନ୍ୟ ଭୋଇ, ପ୍ରଦୀପ ସେଲମା, ଧନମାଳୀ ନାଗ ପ୍ରମୁଖ ସାମିଲ ଥିଲେ।

# ଉଡିଙ୍ଗ ଗାଁର ଯୁବକ ବିଶାଲ ବାଗ ନିଖୋଜ

କଣ୍ଟାବାଞ୍ଜି,୮ ।୬(ସମିସ): ଜନ୍ମରୁ ସେ କଥା କହି ପାରନ୍ତି ନାହିଁ କି ଶୁଣି ମଧ ପାରନ୍ତି ନାହିଁ। ବାପା ମାଆଙ୍କ ଲାଳନପାଳନରେ ବଡ଼ ହୋଇଥିଲେ।



କିନ୍ତୁ ଗତକାଲି ଘରୁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅଧୀନ ଉଡିଙ୍ଗ ଗାଁ ର ବିଶାଲ ବାଗ (୨୦) ଘରୁ ସେ କଣ୍ଟାବାଞ୍ଜି ଅଭିମୁଖେ ଯାଇଥିବା କିଛି ଲୋକ କହୁଥିବା ବେଳେ ଏଯାଏଁ ତାଙ୍କ କୌଣସି ପତ୍ତା ମିଳିନାହିଁ। ଖୋଜି ଖୋଜି ପରିବାର ଲୋକେ ମଧ ନୟାନ୍ତ ହେଲେଣି। ଏନେଇ ପରିବାର ପକ୍ଷରୁ ବେଲପଡା ଥାନାରେ ଏକ ନିଖୋଜ ମାମଲା ଦାୟର କରାଯାଇଥିବା ଜଣାପଡ଼ିଛି। ଯଦି ଏହି ଯୁବକଙ୍କୁ କୌଣସି ବ୍ୟକ୍ତି ଦେଖିଲେ ମୋ ନଂ ୯୯୩୮୨୦୧୫୦୪ ରେ ସୂଚନା ଦେବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

# ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି

ବଲାଙ୍ଗିର,୮ ।୬(ସମିସ): ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ-ଅଭିଯୋଗ ଶୁଣାଣି ସଇଁନ୍ତଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ବଲାଙ୍ଗିର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଗୌରଓ ଶିୱାଜୀ ଇସଲୱାର ଉପସ୍ଥିତ ରହି ୧୦୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୭୫ଟି ବ୍ୟକ୍ତିଗତ ଅଭିଯୋଗ ଓ ୨୭ଟି ସାମୂହିକ ଅଭିଯୋଗ ରହିଥିଲା। ଜନସାଧାରଣଙ୍କ ଦ୍ୱାରା ଆଗତ ୨୮ଟି ମାମଲାର ଅଭିଯୋଗ ଓ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ଅନୁଧ୍ୟାନ କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟସୀମାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ଫଇସଲା ସ୍ଥିତି ସମ୍ପର୍କରେ ମଧ ଜିଲ୍ଲାପାଳ ସମୀକ୍ଷା କରିଥିଲେ ଏବଂ ଅବଶିଷ୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପଚନ୍ଦ୍ର ମହାନ୍ତି, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନାଭୋଇଙ୍କ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।



### ଭଟପାଲି ମାୟାବତୀ ନଦୀରେ ନିମ୍ନମାନର ସେତୁ କାମ

# କଳଙ୍କିଲଗା ରଡ୍‌ରେ ସେତୁ କାମ

ପାଟଣାଗଡ଼,୮ ।୬(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତମିଆଁ ପଞ୍ଚାୟତ ଅଧୀନ ଭଟପାଲି ମାୟାବତୀ ନଦୀରେ ସେତୁ ନିର୍ମାଣ କାମ ଚାଲିଛି। ୨ ବର୍ଷ ହେଲା ଏହି ସେତୁ କାମ ଚାଲିଥିଲେ ହେଁ ମନ୍ଥର ଗତିରେ ଚାଲିଛି। ଏଥିସହ ରାତି ଅଧିଆ କାମ ଚାଲୁଛି। କଳଙ୍କିଲଗା ରଡ୍ ଦେଇ ସେତୁ ନିର୍ମାଣ ହେଉଛି। ଶହ ଶହ କ୍ୱିଣ୍ଟାଲ କଳଙ୍କିଲଗା ରଡ୍ ସେତୁ କାମ ପାଇଁ ଗଚ୍ଛିତ ରଖାଯାଇଛି। ତେବେ ଠିକାଦାର ଜଣକ ନିମ୍ନମାନର କଳଙ୍କିଲଗା ରଡ୍ କମ୍ ମୂଲ୍ୟରେ ଆଣି ସେତୁ କାମରେ ଲଗାବା ଦ୍ୱାରା କାମର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ତେବେ ପରୋକ୍ଷରେ ଏହି ନିମ୍ନମାନର ସେତୁ କାମକୁ ବିଭାଗୀୟସମର୍ଥନରହିଥିବାଅଭିଯୋଗଉଠିଛି। ସୂଚନାଯୋଗ୍ୟ, ଅତୀତରେ ତମିଆଁ ମୁଦଲସର ସେତୁ ନିମ୍ନମାନର କାମ ଯୋଗୁଁ ଭୁଶୁଡି ପଡିବାରୁ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସରକାର ସହ ବିଭାଗ ମଧ ବଦନାମ ହୋଇଥିଲା। ସେ ସମୟରେ ତତ୍କାଳୀନ ଅଧିକ୍ଷଣ ଯନ୍ତ୍ରୀ ନିଲମ୍ବିତ ହେବା ସହ ଠିକସଂସ୍ଥା କଳା ତାଲିକାଭୁକ୍ତ ହୋଇଥିଲା। ସେହି ଘଟଣାରୁ ମଧ ବିଭାଗର ଚେତା ପଶିନି। ଜଳ ଜଳ ହୋଇ ଦିଶୁଥିବା ନିମ୍ନମାନର କାମକୁ ବିଭାଗର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସମର୍ଥନ ପୁଣି ଏକ ସେତୁ ଭୁଶୁଡିବା ଆଶଙ୍କା ସୃଷ୍ଟି କରିଛି।



# ଲୁହୁରେନପାଲି ଗାଁରେ ସମସ୍ୟା ଶୁଣିଲେ ନରସିଂହ



ବଲାଙ୍ଗିର,୮ ।୬(ସମିସ): ଯେଉଁ ଗାଁକୁ ଗଲେ ସେଠି ମାଳମାଳ ଅଭିଯୋଗ। ତେଣୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମ୍ବେଦନଶୀଳ ହୁଅନ୍ତୁ। ସହରରୁ ଗାଁରେ ଅନେକ ସମସ୍ୟା ସବୁକୁ ଯତ୍ନବାନ ହୋଇ ଲୋକଙ୍କର ଅସୁବିଧା ଦୂରକରନ୍ତୁ ବୋଲି ଦେଓଗାଁ ବ୍ଲକ୍ ଉଡାର ପଞ୍ଚାୟତର ଲୁହୁରେନପାଲିଠାରେ ଲୋକଙ୍କ ସମସ୍ୟା ବାବଦରେ ଆଲୋଚନା କରି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି। ଗାଁରେ ଥିବା ବିଜୁଳି ଖୁଣ୍ଟ ଗୁଡିକରେ ଲାଇଟ ଜଳୁନାହିଁ, ସେ ସବୁର ଶୀଘ୍ର ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ କଥା ହୋଇଥିଲେ। ଏହାସହ ହିତାଧିକାରୀ ଆଜକୁ ତିନିମାସ ହେବ ଭତ୍ତା ପାଇନାହାନ୍ତି। ଗାଁରେ ଅନେକ ଲୋକ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କର ନାମ କାହିଁକି ଭତ୍ତାରେ ସାମିଲ ହୋଇନାହିଁ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ। ଗାଁରେ ଡ୍ରେନେଜ ହୋଇପାରୁ ନ ଥିବାରୁ ବହୁତ ଅସୁବିଧା ହେଉଛି। ତେଣୁ ବ୍ଲକ ପ୍ରଶାସନ ତୁରନ୍ତ ସେଠାରେ ଡ୍ରେନେଜ ବ୍ୟବସ୍ଥା କରୁ ବୋଲି ଶ୍ରୀ ମିଶ୍ର ଦେଓଗାଁ ବ୍ଲକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହି ଆଲୋଚନାବେଳେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବ୍ଲକ କଂଗ୍ରେସ ସଭାପତି ରାମଜୀ ,ଚୌଧୁରି, ପପୁ ପାତ୍ର, ଅଗ୍ନି ନନ୍ଦ, ବିକାଶ ବିଶ୍ୱାଳ, ଶୁଶାନ୍ତ ସାହୁ, ଗୋବର୍ଦ୍ଧନ ନନ୍ଦ, ଲିଟନ ହୋତା, ଜୟଲାଲ ନନ୍ଦ ଓ ଅସୀତ ମିଶ୍ରଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଶିଳାନ୍ୟାସ



ବଲାଙ୍ଗିର,୮ ।୬(ସମିସ): ସିଲେଟପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲ୍ଲାପାଳ ଶିବାଜୀ ଇସଲୱାର, ପୁଇଁନ୍ତଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମଣୀ ପୁରୋହିତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସଦଙ୍କ ପ୍ରତିନିଧି ରାଜ କିଶୋର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପ୍ରଧାନ, ଆଟଗାଁ ସରପଞ୍ଚ ସାଲିନି ସେଠ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଗୀତାଞ୍ଜଳି ସାହୁ, ଶିକ୍ଷାବିତ୍ ହରିଶ୍ଚନ୍ଦ୍ର ସାହୁ ଓ ଆଟଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜ୍ୟୋତ୍ସ୍ନା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଯୁବରାଜ ନାଏକ ସଭାପତିତ୍ୱ କରିଥିଲେ।



ସେହିପରି ପୁଇଁତଳା ବ୍ଲକ୍ ମଲମୁଣ୍ଡା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ରାଜେନ୍ଦ୍ର ବିଜୟ ସାହୁ, ଜିଲ୍ଲା ପରିଷଦ ସଦସ୍ୟ କୁମରମଣି ସେଠ, ସ୍ଥାନୀୟ ସରପଞ୍ଚ ବିଷ୍ଣୁ ପ୍ରସାଦ ପଟେଲ, ସମିତିସଭ୍ୟ ସତ୍ୟାନନ୍ଦ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦଲାଲ ସେଠ, ପୁଇଁତଳା ବ୍ଲକ ଶିକ୍ଷାଧିକାରୀ ରତ୍ନମୟୀ ପୁରୋହିତ ଓ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ନୀଳମଣି ପଟେଲ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

**ମୁରିବାହାଲ :** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ମାଲିଶିରା ପଞ୍ଚାୟତ ଦେଶିଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ ତଥା ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଦେସିଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁଭାରମ୍ଭ ହୋଇଯାଇଛି। ତହସିଲଦାର ଜଗଦିଶ କର୍ତ୍ତାମୀ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଏବିଇଓ କୋଦଣ୍ଡଧର ଭୋଇ, ମାଲିଶିରା ସରପଞ୍ଚ ଦେବରାଜ ପାତ୍ର, ହଳଦୀ ମଣ୍ଡଳ ସଭାପତି ସୁବାସ ପୋଢ଼, ମାଲିଶିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ଟାକ୍ରି, ବିଟାବନ୍ଧ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲକ୍ଷପତି ହରପାଲ, ଦେଶିଲ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଘୁନାଥ ତାଣ୍ଡି ଦେଶିଲ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ରକ୍ତଦାନ ଶିବିରରେ ବିଶେଷ ମହିଳାଙ୍କ ସହଭାଗିତା

କଣ୍ଟାବାଞ୍ଜି,୮ ।୬(ସମିସ): ଅଖିଳଭାରତୀୟ ମାରବାଡ଼ି ଯୁବାମଞ୍ଚ ପ୍ରଗତି ଶାଖା ଏବଂ ମାରବାଡ଼ି ମହିଳା ସମିତି ପକ୍ଷରୁ ଏକ ରକ୍ତଦାନ ଶିବିର କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତଭଣ୍ଡାରରେ ଆୟୋଜିତ କରିଥିଲେ। ଏହି ଶିବିରର ସଂଯୋଜକ ଯୁବାମୋହନ ସୋନି ଥିବାବେଳେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବା ମଞ୍ଚ ସଭାପତି ଶିବଚନ୍ଦ ଅଗ୍ରୱାଲ, ସମ୍ପାଦକ ଚିରଗ ଅଗ୍ରୱାଲ, ପ୍ରଗତି ଶାଖା ଅଧ୍ୟକ୍ଷା ରୁଚି ଖଣ୍ଡଲବାଲ୍, ପୂଜା ଅଗ୍ରୱାଲ, ମହିଳା ସମିତି ଅଧ୍ୟକ୍ଷା ପୁନମ ଖଣ୍ଡଲବାଲ୍, ସମ୍ପାଦିକା ଅନିତା ଡାଲମିଆ ପ୍ରମୁଖ ସହଯୋଗ କରିଥିଲେ। ଏହିଶିବିରରେ ବିଭିନ୍ନ ସମୟରେ ତଥା ନିରନ୍ତର ରକ୍ତଦାନ କରି ସେବା କରୁଥିବା ସଂସ୍ଥା ବିକାଶ ଶାଖା, ତେରାପନ୍ଥ, ପ୍ରେସ୍ କ୍ଲବ, ମା' ଦ୍ୱାରସନୀ କ୍ଲବ, ସାଇଭାଇ କ୍ଲବ, ସାମ୍ବାଦିକ ସଂଘ, ଅଲ୍‌ଇଣ୍ଡିଆ ମୋବାଇଲ ବିକ୍ରେତା ସଂଘ, ରାମ ସେନା, ଅଟୋ ୟୁନିୟନକୁ ସମ୍ମାନିତ କରାଯାଇଥିଲା।



# ଏସଆଇଏଚ୍‌ଏମ୍‌ରେ ନାମ ଲେଖାଇଲେ ୩ ଛାତ୍ରଛାତ୍ରୀ

ବଲାଙ୍ଗିର,୮ ।୬(ସମିସ):ବଲାଙ୍ଗିର ଜିଲ୍ଲା ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନଠାରେ ୬ ମାସ ସାର୍ଟିଫିକେଟ କୋର୍ସ ପାଠ ପଢ଼ି ଶୀଘ୍ର ନିଯୁକ୍ତି ମିଳିବା ପାଇଁ ପିତୃମାତୃହୀନ ଛାତ୍ରଛାତ୍ରୀଙ୍କୁ ସରକାଙ୍କଦ୍ୱାରା ଯଶୋଦା ଯୋଜନା ମାଧ୍ୟମରେ ନାମ ଲେଖାଇବାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତିଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ସ୍ନେହା ଜେନା ଓ ରୋହନ ସେଲମାଙ୍କ ନାମ ଲେଖାଯାଇଛି। ଏହି ଛାତ୍ରଛାତ୍ରୀମାନଙ୍କୁ ଏସ୍‌ଆଇଏଚଏମ୍‌ର ଅଧ୍ୟକ୍ଷ ଡ. ଏକନାଥ ଉତ୍ସାହିତ କରିଥିଲେ। ୬ ମାସକୋର୍ସ ଶେଷହେବା ପୂର୍ବରୁ କ୍ୟାମ୍ପସ ନିଯୁକ୍ତି ନିଶ୍ଚିତ ବୋଲି କହିଛନ୍ତି।



## ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ସ୍ୱତନ୍ତ୍ର ସାଧାରଣ ସଭା

# ସଂକୀର୍ତ୍ତନରେ ଅପସଂସ୍କୃତି ଗ୍ରହଣୀୟ ନୁହେଁ

ବଲାଙ୍ଗିର,୮ ।୬(ସମିସ): ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ଏକ ସ୍ୱତନ୍ତ୍ର ସାଧାରଣ ସଭା ସଦାଇପାଲି ପଲ୍ଲିଶ୍ରୀବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନରେ ଅପସଂସ୍କୃତି ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ ପାଇଛି। ସଭାରେ ପରିଷଦର ଉପ-ସଭାପତି ଲୋକନାଥ ମିଶ୍ର ସଭାପତିତ୍ୱ କରିଥିଲେ। ସଂକୀର୍ତ୍ତନ କଳାକାରଙ୍କୁ ମାନ୍ୟତା ଦେବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଅବହେଳା କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ପୁନଶ୍ଚ ସଂକୀର୍ତ୍ତନକୁ ଅବହେଳା କରୁଥିବାରୁ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ସଭାପତି ବାବା ପଞ୍ଚଦେବଙ୍କ ନେତୃତ୍ୱରେ ସରକାରଙ୍କଠାରେ ପ୍ରତିବାଦ କରୁଥିବାରୁ ସଭାରେ ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଛି। ଭବିଷ୍ୟତରେ ଯଦି ଉଚିତ ନ୍ୟାୟ ନ ମିଳେ ବାବା ପଞ୍ଚଦେବଙ୍କ ନେତୃତ୍ୱରେ ପରିଷଦ ରାସ୍ତାକୁ ଆସି ଆନ୍ଦୋଳନ କରିବା ପାଇଁ ସରକାରଙ୍କୁ ଚେତାବନୀ ଦେଇଛି। ସମ୍ବଲପୁର ଜିଲ୍ଲା ସଂପାଦକ ସନ୍ତୋଷ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଭାରୀ ରାଧେକୃଷ୍ଣ ପଣ୍ଡା ସମସ୍ତେ ଏକ ହୋଇ ସଂକୀର୍ତ୍ତନର ପୂର୍ବ ପରମ୍ପରାକୁ ବଞ୍ଚାଇବା ପାଇଁ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ସଦସ୍ୟ ରାଧାକାନ୍ତ ପାଣିଗ୍ରାହୀ ଏବଂ ବିନିକା ବ୍ଲକ୍ ସଂଯୋଜିକା ସବିତା ପାଣିଗ୍ରାହୀ ସଂକୀର୍ତ୍ତନରେ ଅପସଂସ୍କୃତି ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ କରିଥିଲେ। ପରିଷଦର ସମ୍ପାଦକ ମାନଭଞ୍ଜନ ନାୟକ ସମସ୍ତେ ତାଙ୍କୁ ସହଯୋଗ କଲେ ପରିଷଦକୁ ବହୁ ଆଗକୁ ନେଇ ସଂକୀର୍ତ୍ତନ ପରମ୍ପରା ବଜାୟ ରଖି ପାରିବେ ବୋଲି କହିଥିଲେ। ଆଲୋଚନାରେ ମୁଖ୍ୟ ଉପଦେଷ୍ଟା ବଲାଙ୍ଗିରର ଡ. ଶ୍ରୀକର ମିଶ୍ର, ସୋନପୁରର ବରିଷ୍ଠ ସଦସ୍ୟ ସନ୍ତୋଷ ସାହୁ, ଉପଦେଷ୍ଟା କରମଚାନ୍ଦ ମହାନ୍ତି, ବରଗଡର ଦୁର୍ଯ୍ୟୋଧନ ଛନ୍ଦ, ସମ୍ବଲପୁରର କୃଷ୍ଣଚନ୍ଦ୍ର ବଡେଇ, କଳାହାଣ୍ଡିର ଲାବନ୍ୟ ସ୍ୱାଇଁ, ଧନଞ୍ଜୟ ବାରିକ, ସହ କୋଷାଧ୍ୟକ୍ଷ ଅରୁଣ ସାହୁ, ବଲାଙ୍ଗିରର ସଂଯୋଜକ ଭରତ ସାହୁ ଉପସ୍ଥି ଥିଲେ। ପରିଷଦର ସଂଯୋଜକ ତୁଷାର ବାରିକ ଧନ୍ୟବାଦ ଦେଇଥିଲେ।



## ଏମ୍‌ଭି କନଷ୍ଟେବଲ ଅଭିଷେକଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ପୁଲିସ ଘରକୁ ପେଟ୍ରୋଲ୍ ଗଲା କେମିତି?

ବ୍ରହ୍ମପୁର,୮।୬(ସମିସ)

ବୋତଲ କିମ୍ବା ଜାରରେ ପେଟ୍ରୋଲ ନେବା ଉପରେ କଟକଣା ଜାରି କରିଛନ୍ତି ରାଜ୍ୟ ସରକାର। ଅବଶ୍ୟ ପେଟ୍ରୋଲ ଢାଳି ଆତ୍ମାହୂତି ଓ ଉଦ୍ୟମ ଭଳି ଏକାଧିକ ଘଟଣା ନଜରକୁ ଆସିବା ପରେ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅନେକ ପ୍ରଶ୍ନ। ଏଭଳି ପରିସ୍ଥିତିରେ ଗତ ୫ତାରିଖରେ ସ୍ଥାନୀୟ ବିଜିପୁର ପୁଲିସ କଲୋନୀରେ କନଷ୍ଟେବଲ ଅଭିଷେକ ମୃଦୁଙ୍ଗିଆଙ୍କ ଆତ୍ମହତ୍ୟା ଉଦ୍ୟମ ହେଉ ଅଥବା ତାଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ ଅଭିଯୋଗ ଭଳି ଘଟଣା ହେଉ। ଏଠାରେ ଘରକୁ ଜାର ଅଥବା ବୋତଲରେ ପେଟ୍ରୋଲ ଆସିଲା କେଉଁଠାରୁ ବୋଲି ପ୍ରଶ୍ନ ଉଠିଛି। ଗୁରୁତର ଅଭିଷେକ ଏମକେସିଜି ମେଡିକାଲରେ ଚିକିତ୍ସାଧିନ ଥିବା ସମୟରେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦେଇଥିବା ବୟାନ ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି ସେଥିରୁ ସ୍ପଷ୍ଟ ଜଣାପଡୁଛି। ଅଭିଷେକଙ୍କ ଉପରେ ତାଙ୍କ ପତ୍ନୀ ଓ ଶଳା ପୂର୍ବ ଯୋଜନା ମୁତାବକ ପେଟ୍ରୋଲ ଢାଳି ପରେ ଦିଆସିଲି ଲଗାଇ ଦେଇଥିଲେ ବୋଲି ସେ ନିଜ ବୟାନରେ କହିଛନ୍ତି। ଫଳରେ ପେଟ୍ରୋଲ ପମ୍ପରେ ଜାର କିମ୍ବା ବୋତଲରେ ପେଟ୍ରୋଲ ନେବା ଉପରେ କଟକଣା ଥିବା ବେଳେ ଯଦି ଅଭିଷେକଙ୍କ କନଷ୍ଟେବଳ ପତ୍ନୀ ସନ୍ଧ୍ୟାଙ୍କ ଘରେ ବୋତଲ ଅଥବା ଜାରରେ ପେଟ୍ରୋଲ ଗଚ୍ଛିତ ଥିଲା ତାହାହେଲେ ଏହା ଏକ ଗର୍ହିତ ଅପରାଧ। ସେମାନେ ପେଟ୍ରୋଲ କେଉଁ ପମ୍ପରୁ ଆଣିଥିଲେ ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ।

**ତଦନ୍ତ ହେବକି ଦିଗହରା, ଉଠିଲାଣି ପ୍ରଶ୍ନ? ସଂକଟାପନ୍ନ ସ୍ଥିତିରେ ଅଭିଷେକ**

ବର୍ତ୍ତମାନ ସଙ୍କଟାପନ୍ନ ଅବସ୍ଥାରେ ଅଭିଷେକ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ପୁଲିସ ଅଭିଷେକଙ୍କ ଅଭିଯୋଗ ଆଧାରରେ ତାଙ୍କ ପତ୍ନୀ ସନ୍ଧ୍ୟା ଓ ଶାଳାଙ୍କ ବୟାନ ରେକର୍ଡ କରିଛି। ଘଟଣାର ସତ୍ୟାସତ୍ୟ ଉନ୍ମୋଚିତ କରିବାକୁ ଯାଇ ତନାଘନା ଚଳାଇଥିବା ବେଳେ ଆବଶ୍ୟକ ସ୍ଥଳେ ପଲିଗ୍ରାଫ ଟେଷ୍ଟ ସହ କ୍ରାଇମବ୍ରାଞ୍ଚର ସହାୟତା ଲୋଡାଯିବ ବୋଲି ମଧ୍ୟ ବ୍ରହ୍ମପୁର ଏସପି ସୂଚନା ଦେଇଥିଲେ। ତେବେ ଅଭିଷେକଙ୍କ ଗୁରୁତର ପଛରେ ରହସ୍ୟ ଉନ୍ମୋଚନ ସହିତ ପେଟ୍ରୋଲ କେଉଁଠୁ ଆସିଲା ସେନେଇ ମଧ୍ୟ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଦୁର୍ଘଟଣାରେ ଯୁବତୀ ମୃତ; ହତ୍ୟା ମାମଲା ରୁଜୁ

ବ୍ରହ୍ମପୁର,୮।୬ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଓଭରବ୍ରିଜ ଉପରେ ଗତକାଲି ରାତିରେ ଏକ ଦୁର୍ଘଟଣା ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ବୋରିଗାଁର ଅମ୍ବିକା ସ୍ୱାଇଁ। ତେବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୁଲିସ ଏକ ହତ୍ୟାମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଅମ୍ବିକା ବ୍ରହ୍ମପୁରରେ ରହି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଗତକାଲି ସନ୍ଧ୍ୟାରେ ସେ ନିଜ ପୁରୁଷ ସାଙ୍ଗ ସହିତ ବାଇକରେ ବସି ???ଗୋପାଳପୁର ଯାଇଥିଲେ। ସେଠାରୁ ରାତିରେ ଫେରିବା ବେଳେ ଆଙ୍କୁଲି ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଥିଲା। ସେଥିରେ ଅମ୍ବିକା ଓ ତାଙ୍କ ସାଙ୍ଗ ଗୁରୁତର ହୋଇ ପଡିଥିଲେ। ଉଭୟଙ୍କୁ ଏକ କାର ଯୋଗେ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମ୍ବିକାଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ସେପଟେ ପୁରୁଷ ସାଙ୍ଗଙ୍କୁ ପୁଲିସ ଘଟଣା ଭିତରେ ପଚରାଉଚରା କରୁଥିବା ଜଣାପଡିଛି । ବୈଦ୍ୟନାଥପୁର ଥାନା ପୁଲିସ ଅମ୍ବିକାଙ୍କ ଶବ ଜବତ କରି ବ୍ୟବେଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଛି।

● ମହେନ୍ଦ୍ରଗିରିରୁ ଫେରିବା ବେଳେ ଦୁର୍ଘଟଣା ଘଟଣା

## ଏମକେସିଜିରେ ଚିକିତ୍ସିତ ହେଉଛନ୍ତି ଆହତ, ଭେଟିଲେ ବିଧାୟକ

ବ୍ରହ୍ମପୁର,୮।୬(ସମିସ): ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବାଟରେ ବ୍ରେକ ଫେଲ ହେବାରୁ ରବିବାର ରାତିରେ ଏକ ପିକଅପ୍ ଓଲଟି ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏମାନେ ସମସ୍ତେ ଚିକିଟି ଅଞ୍ଚଳର। ଆହତ ପରବର୍ତ୍ତୀ ସମୟରେ ଏମାନଙ୍କୁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଅନେକ ସୁସ୍ଥ ହୋଇଥିବା ବେଳେ ସମ୍ପ୍ରତି ୧୦ରୁ ଉର୍ଦ୍ଧ୍ୱ ଆହତଙ୍କ ଚିକିତ୍ସା ଜାରି ରହିଛି। ସୋମବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏମକେସିଜିରେ ଆହତଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଉତ୍ତମ ଚିକିତ୍ସା ନିମନ୍ତେ ଡ଼ାକ୍ତରୀ ଟିମ୍ ସହ ଆଲୋଚନା କରିଥିଲେ। ଅପରପକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ମହେନ୍ଦ୍ରଗିରିରୁ ଫେରିବା ବେଳେ ଅଣ୍ଡଅଣ୍ଡା ନିକଟରେ ଦୁର୍ଘଟଣା ଘଟିଛି। ଆହତମାନେ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି।

## ଦୋକାନରୁ ଗହଣା ଚୋରି; କର୍ମଚାରୀ ଗିରଫ

ବ୍ରହ୍ମପୁର,୮।୬(ସମିସ): ସୁନା ଗହଣା ମରାମତି ଦୋକାନର ସୁନା ଚୋରି ହୋଇଥିଲା। ଦୋକାନ ମାଲିକ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ତଥା ଉକ୍ତ ଦୋକାନରେ କାରିଗର ଭାବେ କାମ କରୁଥିବା କେ.ସୀମାଞ୍ଚଳ ଆଚାରୀ((୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୪୦. ୦୩୦ ଗ୍ରାମ ସୁନା ଜବତ କରିଛି। ସୂଚନାଯୋଗ୍ୟ ଯେ, ଶ୍ରୀରାମନଗରର ଜଗନାଥ ନଗରରେ ରହୁଥିବା ଶ୍ରୀନିବାସ ରାଓଙ୍କ ଚନ୍ଦ୍ରମା ସାହିରେ ସୁନା ଓ ରୁପା ଅଳଙ୍କାର ମରାମତି ପାଇଁ ଏକ ଦୋକାନ ଅଛି। ସେଠାରେ ସୀମାଞ୍ଚଳ ଆଚାରୀ କାରିଗର ଭାବେ କାମ କରୁଥିଲେ। ଗତ ମଇ ୧୧ ତାରିଖ ଅପରାହ୍ନରେ ମାଲିକ ଶ୍ରୀନିବାସ ଖାଇବା ପାଇଁ ଘରକୁ ଯାଇଥିଲେ। ସେତେବେଳେ ଉକ୍ତ କାରିଗର ଦୋକାନରେ ଥିଲେ। ସନ୍ଧ୍ୟା ୫ଟା'ବେଳେ ଶ୍ରୀନିବାସ ଦୋକାନ ଫେରି ଦେଖିବା ବେଳେ ଦୋକାନ ବାହାର ପଟୁ ତାଲା ପଡିଛି। ସେ ସୀମାଞ୍ଚଳଙ୍କ ଫୋନ କରିବା ବେଳେ ତାଙ୍କ ଫୋନ ବନ୍ଦ ରହିଥିଲା। ପରେ ସେ ଘରକୁ ଯାଇ ଦୋକାନରେ ପଡିଥିବା ତାଲାର ଡୁପ୍ଲିକେଟ ଚାବି କାଠି ଆଣି ତାଲା ଖୋଲିଥିଲେ। ଗ୍ରାହକ ମରାମତି ପାଇଁ ଦେଇଥିବା ୪୫ ଗ୍ରାମର ସୁନା ଅଳଙ୍କାର ସେଠାରୁ ଗାୟବ ଥିଲା। ବହୁ ଖୋଜାଖୋଜି ପରେ ଉକ୍ତ କାରିଗର ପତ୍ତା ନମିଳିବାରୁ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୁଲିସ ଏସଂକ୍ରାନ୍ତରୀଙ୍କ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିଥିଲା। ତାଙ୍କ ମୋବାଇଲ ଟ୍ରାକିଂ ଜରି ରଖିଥିଲା। ଶେଷରେ ରବିବାର ସନ୍ଧ୍ୟାରେ ପୋଲିସ ତାଙ୍କୁ ଗିରଫ କରିବା ସହ ଚୋରି ସୁନା ଜବତ କରିଥିଲା। ସୋମବାର ଅଭିଯୋଗକାରୀ ଶ୍ରୀନିବାସଙ୍କୁ ଉକ୍ତ ସୁନା ପୁଲିସ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।



## ପାଠାଗାର ଉଦ୍‌ଘାଟନ କଲେ ବିଧାୟକ



ବ୍ରହ୍ମପୁର,୮।୬(ସମିସ): ବ୍ରହ୍ମପୁର ମହାନଗର ନିଗମର ୩୫ନଂ ୱାଡର୍ ସ୍ଥିତ ସିଦ୍ଧାର୍ଥ ନଗରଠାରେ ବିଏମସି ଦ୍ୱାରା ନିର୍ମିତ ପାଠାଗାରକୁ ବିଧାୟକ କେ ଅନୀଲ କୁମାର ଉଦଘାଟନ କରିଛନ୍ତି। ଏହି ସମୟରେ ମେୟର ସଂଘମିତ୍ରା ଦଳେଇ, କମିଶନର ଏ ସସ୍ୟା ରେଡ୍ଡୀ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, କର୍ପୋରେଟର ସମୀର ମିଶ୍ର ଉପସ୍ଥିତ ଥିଲେ। ସେହିଭଳି ଶିକ୍ଷାବିତ ମନ୍ମଥ ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଲକ୍ଷ୍ୟ ନିକେତନରେ ଏସଆଇଆର୍ ସଚେତନତା

ବ୍ରହ୍ମପୁର,୮।୬(ସମିସ): ଗଞ୍ଜାମ ଲକ୍ଷ୍ୟ ନିକେତନ ପରିସରରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' (ଏସଆଇଆର୍) ୨୦୨୬ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ସହ ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ ପ୍ରକ୍ରିୟା ଉପରେ ସିଧାସଳଖ ଆଲୋଚନା କରିଥିଲେ। ଆଗାମୀ ନିର୍ବାଚନ ପରିଚାଳନା ଏବଂ ଏସଆଇଆର୍ ୨୦୨୬କୁ ସଫଳ କରିବାରେ ଯୁବ ସମାଜ ତଥା ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥାନୀୟ ଅଞ୍ଚଳରେ ଭୋଟର ସଚେତନତାର ବାର୍ତ୍ତା ବାହକ (ଅମ୍ବାସଡର) ସାଜିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ସମୟରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ ସହଯୋଗ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ "ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' ପ୍ରକ୍ରିୟାର ସାମ୍ବିଧାନିକ




ବ୍ୟବସ୍ଥା, ଆଇନଗତ ଆଭିମୁଖ୍ୟ ଏବଂ ସମ୍ପୃକ୍ତ ନିର୍ବାଚନ ଆଇନ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେଣ୍ଟେସନ୍) ପ୍ରଦାନ କରାଯାଇଥିଲା। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସଠିକ୍, ସ୍ୱଚ୍ଛ ତଥା ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସମସ୍ତଙ୍କ ସହଭାଗିତାକୁ ନିଶ୍ଚିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଭାଗ ନେଇଥିଲେ। ଆଗାମୀ ଦିନରେ ଏହି ଜନସଚେତନତା ଅଭିଯାନକୁ ବ୍ୟାପକ କରିବା ସହ ଏସଆଇଆର ୨୦୨୬ର ସଫଳତା ପାଇଁ ସେମାନେ ନିଜର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

**ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗ**

## ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ



ବ୍ରହ୍ମପୁର,୮।୬(ସମିସ): ନୀଳକଣ୍ଠନଗର ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ବିଭାଗର ପ୍ରାୟ ୪୦୦ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ ଗତ ତିନିଦିନ ଧରି ଚାଲିଥିବା ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ଉଚ୍ଚ ମାଧ୍ୟମିକ, ମାଧ୍ୟମିକ ବିଭାଗ ଓ କାର୍ଯ୍ୟାଳୟ ସହାୟକ ବିଭାଗର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିକାଶ ସମିତି ଓଡିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗର ସଂଯୋଜକ ପ୍ରକାଶ ତ୍ରିପାଠୀ ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ସଭାପତିତ୍ୱ କରି ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗର ସଭାପତି ଡଃ. ତାରାପ୍ରସାଦ ଦାଶ। ପ୍ରାରମ୍ଭରେ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗର ସମ୍ପାଦକ ଦୀପକ ମହାରଣା ସାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଉଚ୍ଚମାଧ୍ୟମିକ ବିଭାଗ ସ୍ତରର ବରିଷ୍ଠ ଆଚାର୍ଯ୍ୟ ସରାଜ୍ୟ ମାଝି ବୃତ୍ତକଥନ କରିଥିବା ବେଳେ ଅଖିଳଭାରତୀୟ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । ଶିକ୍ଷାବିକାଶ ସମିତି ଓଡିଶାଙ୍କ ସଭାପତି ଡଃ. କିଶୋର ଚନ୍ଦ୍ର ମହାନ୍ତି ଆଶୀର୍ବଚନ ପ୍ରଦାନ କରିଥିଲେ। କର୍ଯ୍ୟକ୍ରମର ଅନ୍ତିମ ଚରଣରେ ଉଚ୍ଚମାଧ୍ୟମିକ ବିଭାଗର ଶୈକ୍ଷିକ ସଂଯୋଜକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ମିଶ୍ର କର୍ଯ୍ୟଶାଳାର ସୂଚାନ ପ୍ରଦାନ କରିଥିଲେ। ପରିଶେଷରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଏବଂ ଇଂ. ମମତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋଷାଣୀନୂଆଗାଁ ପରିଚାଳନା ସମିତିର ସମ୍ପାଦକ ପ୍ରକାଶ ପାତ୍ର, ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା, ସଂକୁଳ ପ୍ରମୁଖ ଦୀଲ୍ଲପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଥମ ରାଜ୍ୟସ୍ତରୀୟ 'ସିଏମ ଟ୍ରଫି ୨୦୨୬' କବାଡ଼ି ଚାମ୍ପିଅନସିପ**

## ବାଳିକାରେ ଗଞ୍ଜାମ ଓ ବାଳକରେ ବାଲେଶ୍ୱର ଫାଇନାଲକୁ ପ୍ରବେଶ



ବ୍ରହ୍ମପୁର,୮।୬(ସମିସ)

ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିଅମରେ ୧୬ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ପ୍ରଥମ ସିଏମ କପ୍ କବାଡି ଚାମ୍ପିୟନସିପ ସେମିଫାଇନାଲ ଆୟୋଜିତ ହୋଇଯାଇଛି। ଏହି ମ୍ୟାଚରେ ଉଭୟ ଅନ୍ତଃ ୧୬ବର୍ଷୀୟ ବାଳକ ଓ ବାଳିକା ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହା ୪ଗୋଟି ଜୋନରେ ଖେଳା ଯାଇଥିଲା। ବ୍ରହ୍ମପୁର ଜୋନର ବାଳକ ବର୍ଗରେ ସୁନ୍ଦରଗଡ଼, ବାଲେଶ୍ୱର, ନୟାଗଡ ଓ ଗଞ୍ଜାମ ଦଳ ସେମିଫାଇନଲରେ ପ୍ରବେଶ କରିଥିଲେ। ସେହିଭଳି ବାଳିକା ବର୍ଗରେ ସମ୍ବଲପୁର, ପୁରୀ, ଅନୁଗୁଳ ଓ ଗଞ୍ଜାମ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଆଜି ଅନୁଷ୍ଠିତ ବାଳିକା ବର୍ଗର ପ୍ରଥମ ସେମିଫାଇନାଲର ମ୍ୟାଚ ଗଞ୍ଜାମ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ଗଞ୍ଜାମ ବାଳିକା ଦଳ ପ୍ରତିପକ୍ଷ ସମ୍ବଲପୁର ଦଳକୁ (୫୩-୨୪) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସେହିଭଳି ଆଜି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ବାଳକ ବର୍ଗରେ ବାଲେଶ୍ୱର ଓ ନୟାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଦଳ ପ୍ରତିପକ୍ଷ ନୟାଗଡକୁ (୬୮-୪୦) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛି। ଏଥିରେ ପୃଥ୍ୱୀରାଜ ପଟ୍ଟନାୟକ ଓଡିଶା କବାଡି ସଙ୍ଘର ସଦସ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଓ ଓଡିଶା ଓଲମ୍ପିକ ସଙ୍ଘର ଯୁଗ୍ମ ସମ୍ପାଦକ ଜେ. କାମେଶ୍ୱର ରାଓ, କେଦାରନାଥ ଚୌଧୁରୀ, ଦୁର୍ଗା ପଟ୍ଟନାୟକ, ଡ଼ି.ଡ଼ି ଗନ୍ତାୟତ, ଡ଼ି. ବାବୁ ରାଓ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା, ବିଜୟ କୁମାର ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ସୀତାରାମ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା କାଲି ବାଳକ ବିଭାଗରେ ସୁନ୍ଦରଗଡ ଓ ଗଞ୍ଜାମ ଏବଂ ବାଳିକା ବିଭାଗର ଦ୍ୱିତୀୟ ସେମିଫାଇନାଲ ଅନୁଗୁଳ ଓ ପୁରୀ ମଧ୍ୟରେ ହେବ। ଆସନ୍ତା ୧୦ତାରିଖରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ତଥା ଗଞ୍ଜାମ କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

**ବାଳକ ବିଭାଗରେ ସୁନ୍ଦରଗଡ଼-ଗଞ୍ଜାମ, ବାଳିକାରେ ଅନୁଗୁଳ-ପୁରୀ ସେମିଫାଇନାଲ ଆଜି**

## ଜାତୀୟ କର୍କଟ ବିଜୟୀ ଦିବସ

ବ୍ରହ୍ମପୁର,୮।୬(ସମିସ): ଜାତୀୟନ୍ୟାସନାଲକ୍ୟାନସରସର୍ଭାଇଭର ଦିବସରେ ଏହି ବାର୍ତ୍ତା ରଖିଛନ୍ତି ମୁଖ କର୍କଟ ରୋଗୀ ତଥା କ୍ରାନ୍ତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ ଦେବାନନ୍ଦ ଦାଶ। ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରେକ୍ଷାଳୟ ଠାରେ କ୍ରାନ୍ତି ତରଫରୁ ଆୟୋଜିତ ଜାତୀୟ କର୍କଟ ବିଜୟୀ ଦିବସରେ ଅନେକ କର୍କଟ ବିଜୟୀ ଯୋଦ୍ଧା ମାନଙ୍କୁ ସମ୍ମାନୀତ କରାଯିବା ସହ କ୍ୟାନସର ପୀଡିତଙ୍କ ମୁହଁରେ ହସ ଫୁଟାଇବାକୁ ନିଆରା ପ୍ରୟାସ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୁପେ ଏମ୍.କେ.ସି.ଜି ମେଡିକାଲ କଲେଜ ଓ ହସପିଟାଲର ଚେଷ୍ଟ ଓ ଟିବି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ପ୍ରୀୟଜିତ୍ ଜେନା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ରୂପେ ବ୍ରହ୍ମପୁର ଡେଣ୍ଟାଲ କ୍ଲିନିକ୍ ଡାକ୍ତର ଦେବ୍ୟାନୀ ଦେବ, ଯୁବ ବ୍ୟବସାୟୀ ତଥା ସମାଜସେବୀ କେ.ରାଜ କୁମାର ସେନାପତି, ୟୁ ଆଇ ଏସ କ୍ୟାନ୍ସର ଫାଉଣ୍ଡେସନର ଟ୍ରଷ୍ଟି ରାଜାରାମ ପାଢୀ,ଏମ୍.କେ.ସି.ଜି ମେଡିକାଲ କଲେଜ ଓ ହସପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ାକ୍ତର ପି.ଶ୍ରୀଲେଖା ଓ ବସନ୍ତ କୁମାର ଶତପଥୀ ଦାସ ଯୋଗଦେଇ କର୍କଟ ରୋଗର ବିଭିନ୍ନ ଚିକିତ୍ସା ପଦ୍ଧତି ଉପରେ ଟିକିନିଖି ବୁଝାଇଥିଲେ। ଏ ପରିପେକ୍ଷିରେ ବ୍ରହ୍ମପୁର ସମର ଫେଷ୍ଟିଭାଲ ନାମରେ ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର ୩୦୦ ଜଣ ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରାନ୍ତି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ଚର୍ଚ୍ଚିକା ଦାଶ, ଅନିଲ କୁମାର ସେଠୀ, ପରମାନନ୍ଦ ପଣ୍ଡା, ଧନଞ୍ଜୟ ପାଣିଗ୍ରାହୀ, ମାନସ ରଥ, ଅରୁଣ ପଟ୍ଟନାୟକ, ଚିନ୍ମୟାନନ୍ଦ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।




**ପୀତବାସ ପଣ୍ଡା ହତ୍ୟା ମାମଲା**

## ପୂର୍ବତନ ବିଧାୟକ ବିକ୍ରମ ଓ ସୁନୀଲ ହୋତାଙ୍କ ଡିସଚାର୍ଜ ପିଟିସନର ଶୁଣାଣି

ବ୍ରହ୍ମପୁର,୮।୬(ସମିସ)

ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ବିବଶ୍ୱତ ଗୌତମଙ୍କ କୋର୍ଟରେ ଶୁଣାଣି ହୋଇଛି। ଘଟଣାରେ ଗିରଫ ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜାମୀନରେ ଥିବା ରାଜେନ୍ଦ୍ର ସାହୁ କୋର୍ଟରେ ହାଜର ହୋଇଥିଲେ। ସେପଟେ ଅନ୍ୟତମ ଅଭିଯୁକ୍ତ ତଥା ସୁନୀଲ ହୋତାଙ୍କ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ହୋଇଥିଲା। ପରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଦାଖଲ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ହୋଇଥିଲା। ତେବେ ଶୁଣାଣି ସମ୍ପୂର୍ଣ୍ଣ ନହେବାରୁ ଆସନ୍ତା କାଲି ମଙ୍ଗଳବାର ପୁଣି ବିକ୍ରମଙ୍କ ଡିସଚାର୍ଜ ପିଟିସନ ସମେତ ଅନ୍ୟ ଅଭିଯୁକ୍ତ କୁନ୍ଦନ କୁମାର, ବିପିନ ସ୍ୱାଇଁ, ଶିଶୁପାଳ ପାଶୱାନ, ସୀମାଞ୍ଚଳ ନାୟକ, ମଦନ ଦଳେଇ ଓ ରାଜେନ୍ଦ୍ର ସାହୁଙ୍କ ପକ୍ଷରୁ ଦାଖଲ ଡିସଚାର୍ଜ ପିଟିସନ ଉପରେ ଅସ୍ତ୍ରୋପଚାର ପାଇଁ ସେ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସରଞ୍ଜାମର ଅଭାବ ଓ ଅନ୍ୟାନ୍ୟ କାରଣରୁ ଅସ୍ତ୍ରୋପଚାରରେ ବିଳମ୍ବ ଘଟିଛି। ସେହିଭଳି ପିତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଅକ୍ଟୋବର ୬ତାରିଖରେ ହୋଇଥିବା ବେଳେ ପିଣ୍ଟୁ ଦାଶଙ୍କୁ ତାଙ୍କ ଗୋଷାଣିନୂଆଗାଁ ସ୍ଥିତ ବାସଭବନରୁ ପୁଲିସ ୨୦ତାରିଖରେ ଉଠାଇ ଆଣିଥିଲା। ଏବଂ ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ କାଳ ବେନିୟମ ଭାବେ ଅଟକ ରଖିବା ପରେ ୨୨ତାରିଖରେ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ଏନେଇ ପିଣ୍ଟୁଙ୍କ ଘରେ ଥିବା ସିସିଟିଭି ଫୁଟେଜର ନକଲ ଦାଖଲ ସହିତ ପୁଲିସର ବେନିୟମ ଅଟକ ଓ ଗିରଫଦାରୀକୁ ଚାଲେଞ୍ଜ କରି ପିଣ୍ଟ ଦାଶ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହି ପିଟିସନର ଶୁଣାଣି ମଧ୍ୟ

■ ପିଣ୍ଟୁଙ୍କୁ ବେନିୟମ ଅଟକ ଏବଂ ମଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆବେଦନର ଶୁଣାଣି ୧୧ରେ

■ ବିକ୍ରମଙ୍କ ସମେତ ଅନ୍ୟ ୬ଜଣ ଅଭିଯୁକ୍ତଙ୍କ ଡିସଚାର୍ଜ ଉପରେ ଆଜି ହେବ ଶୁଣାଣି

ଆଇନଜୀବୀ ମଦନ ଦଳେଇ ସ୍ୱାସ୍ଥ୍ୟଗତ କାରଣରୁ କୋର୍ଟରେ ଅନୁପସ୍ଥିତ ଥିଲେ। ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ସୁରକ୍ଷା କାରଣରୁ ଫୁଲବାଣୀ ଜେଲରେ ଥିବାରୁ ସେ ଫୁଲବାଣୀ ଜେଲରୁ ଏବଂ ଅନ୍ୟ ଗିରଫ ସମସ୍ତ ୧୩ଜଣ ଅଭିଯୁକ୍ତ ଭର୍ଚୁଆଲ ବା ଆଭାସି ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ। କୋର୍ଟରେ ପ୍ରଥମେ ହତ୍ୟାକାଣ୍ଡର ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ଆସନ୍ତା ୧୧ତାରିଖରେ ଆଇନଜୀବୀ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ପିଟିସନ ଉପରେ ଶୁଣାଣି ହେବାକୁ ଥିବା ବେଳେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଗିରଫକୁ ଚାଲେଞ୍ଜ କରି ଦାଖଲ ଅନ୍ୟ ଏକ ପିଟିସନ ଉପରେ ମଧ୍ୟ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି। ପ୍ରକାଶ ଯୋଗ୍ୟ ଯେ' ଆଇନଜୀବୀ ମଦନ ଦଳେଇଙ୍କ ଗୋଡରେ ଆସନ୍ତା ୧୧ତାରିଖରେ ହେବ ବୋଲି ଜଣାପଡିଛି। ସରକାରଙ୍କ ପକ୍ଷରୁ ନିୟୋଜିତ ସ୍ୱତନ୍ତ୍ର ପିପି କାଳୀ ପ୍ରସାଦ ମିଶ୍ର ଏବଂ ପ୍ରତିପକ୍ଷ ବା ଅଭିଯୁକ୍ତଙ୍କ ପକ୍ଷରୁ ଯଥାକ୍ରମେ କପିଳେଶ୍ୱର ପଟ୍ଟନାୟକ, କୁମାରକାନ୍ତ ବେହେରା, ଜଗନ୍ନାଥ ମିଶ୍ର, କୃଷ୍ଣ ପଟ୍ଟନାୟକ, ଶୈଳଜା ଦାସ, ଚକ୍ରପାଣି ନାହକ, ଆଶ୍ରିତ ବେହେରା, ନାରାୟଣ ପ୍ରଧାନ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପ୍ରମୁଖ ମକଦ୍ଦମା ପରିଚାଳନା କରୁଥିଲେ।

## ହାଇକୋର୍ଟରେ ପିଣ୍ଟୁଙ୍କ ଜାମିନ ଆବେଦନର ଶୁଣାଣି ଆଜି

ବ୍ରହ୍ମପୁର,୮/୬(ସମିସ); ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ମଙ୍ଗଳବାର ଦିନ ହେବ। ହାଇକୋର୍ଟ ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ଏହି ଜାମିନ ଆବେଦନ ଶୁଣାଣି ହେବ। ପିଣ୍ଟୁଙ୍କ ଜାମିନ ପିଟିସନର ଶୁଣାଣି ହାଇକୋର୍ଟରେ ପ୍ରଥମେ ମାର୍ଚ୍ଚ ୫ପରେ ୯ତାରିଖ ପୁଣି ୧୬ ଏବଂ ମାର୍ଚ୍ଚ ୨୫ତାରିଖରେ ରହିଥିଲା। ୨୫ତାରିଖରେ କୋର୍ଟ ପୁଣି ଜୁନ ୯ତାରିଖକୁ ଧାର୍ଯ୍ୟ କରିଥିଲେ। ପୂର୍ବରୁ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଏହି ଜାମିନ ଆବେଦନର ଶୁଣାଣି ହେଉଥିବା ବେଳେ ବର୍ତ୍ତମାନ ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ଏହି ଶୁଣାଣି ହେବ ବୋଲି ଜଣାପଡିଛି।

ମଙ୍ଗଳବାର ହାଇକୋର୍ଟରେ ପିଣ୍ଟୁଙ୍କ ଜାମିନ ଆବେଦନ ଶୁଣାଣି ରହିଛି। ଏହି ଶୁଣାଣି ଉପରେ ରହିଛି ସମସ୍ତଙ୍କର ନଜର। ସୂଚନା ଯୋଗ୍ୟ ଯେ, ଗତ ୨୦୨୫ମସିହା ଅକ୍ଟୋବର ୬ତାରିଖ ତଥା କୁମାରପୂର୍ଣ୍ଣିମା ରାତିରେ ଆଇନଜୀବୀ ପିତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ବାସଭବନ ନିକଟରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୪ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀଭାବେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ବନ୍ଦୀ ଭାବେ ରହିଛନ୍ତି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁ ଜାମିନ ପାଇ ଜେଲରୁ ମୁକୁଳିଛି। ସେପଟେ ଅଭିଯୁକ୍ତ ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ,ବିକ୍ରମ କୁମାର ପଣ୍ଡା ଓ ମଦନ ମୋହନ ଦଳାଇ, ଯୋଗେନ୍ଦ୍ର ରାଉତ ଓରଫ ଯୋଗୀ, ବିପିନ ସ୍ୱାଇଁ, ସୁନିଲ କୁମାର ହୋତା, କାଳୁ ଚରଣ ଭୂୟାଁ ଆଦି ୭ଜଣ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ମଦନ, ଯୋଗୀ, ବିପିନ ଓ ସୁନିଲ ଆଦି ୪ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୯ତାରିଖରେ ଥିବାବେଳେ ପିଣ୍ଟୁଙ୍କର ଆଜି ଅର୍ଥାତ ମଙ୍ଗଳବାର ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାପଡିଛି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୦ଟି ଅଭିଯୋଗର ତୁରନ୍ତ ସମାଧାନ

କେନ୍ଦ୍ରାପଡ଼ା,୮।୬(ସମିସ)



ଜନସାଧାରଣଙ୍କ ସମସ୍ୟାର ଦ୍ରୁତ ସମାଧାନ ଓ ପ୍ରଶାସନିକ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରୁ ୧୦ଟିର ତୁରନ୍ତ ସମାଧାନ ହୋଇଥିବା ଜଣାପଡ଼ିଛି।

ଆଜି ଶିବିରରେ ୧୦୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରେ ୮୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରେ ପାନୀୟଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଓ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ସମସ୍ୟା ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୦ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବାବେଳେ ୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୩୨ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା, ଡେପୁଟି କଲେକ୍ଟର ସରୋଜ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।

## ବିଜେଡିର ନାରୀ ଅଧିକାର ସୁରକ୍ଷା ଅଭିଯାନ

ଡେରାବିଶ, ୮।୬(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ୍ ଚାନ୍ଦୋଳ ବଜାରରେ ଆଜି ଅପରାହ୍ନରେ ପାଟକୁରା ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ନାରୀ ଅଧିକାର ସୁରକ୍ଷା ଅଭିଯାନ ନିମନ୍ତେ ମହିଳାଙ୍କ ରାଲି ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ୍ ବିଜେଡିର ବରିଷ୍ଠ ମହିଳା ନେତ୍ରୀ ନମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅତିଥି ଭାବେ ଜିଲ୍ଲା ମହିଳା ବିଜେଡି



ସଭାନେତ୍ରୀ ସରିତା ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରାଜ୍ୟ ବିଜେଡି ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସରକାରରେ ନାରୀ ସବୁଠାରୁ ଅଧିକ ଅସୁରକ୍ଷିତ ହୋଇପଡ଼ିଥିବା ପ୍ରକାଶ କରିଥିଲେ। ବର୍ତ୍ତମାନର ସରକାର ବିଭିନ୍ନ ଯୋଜନାରେ ମହିଳାଙ୍କ ନିମନ୍ତେ ୩୩% ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିପାରି ନ ଥିବାବେଳେ ଏବେ ସମାଜରେ ବହୁ ସଂଖ୍ୟାରେ ନାରୀ ନିର୍ଯାତନା ବଢ଼ିଚାଲିଥିବା ସେମାନେ କହିଥିଲେ। ସରକାରଙ୍କ ଏହି ଅସାରତାକୁ ପ୍ରକାଶ କରିବା ଓ ନାରୀମାନଙ୍କୁ ସମାଜରେ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ହଜାର ହଜାର ମହିଳାଙ୍କ ଏକ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ହଜାର ହଜାର ମହିଳା ହାତରେ ନାରୀ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ସରକାରଙ୍କ ବିଫଳ ଯୋଜନା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଚାନ୍ଦୋଳ ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ଦେବରାଜ ମହାପାତ୍ର, ପଲେଇ ସରପଞ୍ଚ ଅକ୍ଷୟ ସାହୁ, କାଉପଡ଼ା ସରପଞ୍ଚ ପ୍ରତାପ ବେହେରା, ଇନ୍ଦାଳୋ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ଦାନପୁର ସମିତିସଭ୍ୟା ପ୍ରିୟତମା ଦାଶ, ପଲେଇ ସମିତିସଭ୍ୟା ତୃପ୍ତିମୟୀ ଜେନା, ନାରୀନେତ୍ରୀ ପ୍ରତିଭା ବାରିକ, ସସ୍ମିତା ମହାନ୍ତି, ମୋନାଲିସା ମଲିକ, ହରପ୍ରିୟା ପରିଡ଼ା, କବିତା ମହାନ୍ତି, ଅନ୍ନପୂର୍ଣ୍ଣା ମହାନ୍ତି, ଦୀପ୍ତିମୟୀ ସାମଲ, ମମତାମଞ୍ଜରୀ ସାମଲ, ସସ୍ମିତା ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ୧୦୧ ଅଭିଯୋଗ, ତୁରନ୍ତ ସମାଧାନ ମାତ୍ର ୧୦

କେନ୍ଦ୍ରାପଡ଼ା, ୮।୬(ସମିସ): ଜନସାଧାରଣଙ୍କ ସମସ୍ୟାର ଦ୍ରୁତ ସମାଧାନ ଉଦ୍ଦେଶ୍ୟରେ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛି। ସୋମବାର ଅନୁଷ୍ଠିତ ଶିବିରରେ ୧୦୧ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିରୁ କେବଳ ୧୦ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ଅର୍ଥାତ୍ ପଞ୍ଜିକୃତ ଅଭିଯୋଗର ପ୍ରାୟ ୯୦ ପ୍ରତିଶତରୁ ଅଧିକ ଏବେ ବି ସମାଧାନ ଅପେକ୍ଷାରେ ରହିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ପାନୀୟଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, ବିଦ୍ୟୁତ, ରାସ୍ତାଘାଟ, ରାଜସ୍ୱ ଓ ସରକାରୀ କଲ୍ୟାଣ ଯୋଜନା ସମ୍ପର୍କିତ ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତେବେ ଏତେ ସଂଖ୍ୟକ ଅଭିଯୋଗ ମଧ୍ୟରୁ ଅଳ୍ପ ସଂଖ୍ୟକ ମାମଲାର ତୁରନ୍ତ ସମାଧାନ ହୋଇଥିବାରୁ ଅଭିଯୋଗ ଶୁଣାଣିର ଫଳପ୍ରସୂତାକୁ ନେଇ ପ୍ରଶ୍ନ ଉଠିଛି। ସାଧାରଣ ଲୋକ ଅଭିଯୋଗ ଶୁଣାଣି ଶିବିରକୁ କେବଳ ଆବେଦନ ଦେବାର ମଞ୍ଚ ଭାବେ ନୁହେଁ, ବରଂ ନିଜ ସମସ୍ୟାର ଆଶୁ ସମାଧାନ ପାଇଁ ଏକ ଆଶାର କେନ୍ଦ୍ର ଭାବେ ଦେଖୁଛନ୍ତି। କିନ୍ତୁ ପ୍ରତି ଶିବିରରେ ଅଭିଯୋଗ ସଂଖ୍ୟା ବଢ଼ୁଥିବାବେଳେ ସମାଧାନ ହାର ସେହି ଅନୁପାତରେ ବୃଦ୍ଧି ପାଉ ନ ଥିବାରୁ ପ୍ରଶାସନିକ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏଭଳି ସ୍ଥିତି ମଧ୍ୟରେ ସମ୍ପ୍ରତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ

**● ସମାଧାନ ଅପେକ୍ଷାରେ ଅଧିକାଂଶ ଅଭିଯୋଗ**
**● ଲୋକଙ୍କ ଆଶା ଓ ବାସ୍ତବତା ମଧ୍ୟରେ ବଢ଼ୁଛି ବ୍ୟବଧାନ**

ଘଟିଥିବା ଶ୍ରୀଚନ୍ଦନ ଦାସଙ୍କ ମୃତ୍ୟୁ ଘଟଣାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଘଟଣାର ଚାରିଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବାରୁ ବିଭିନ୍ନ ପ୍ରଶ୍ନ ଉଠିଛି। ଅଭିଯୋଗକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବାରୁ ମାନସିକ ଚାପରେ ଉକ୍ତ ଯୁବକ ଚରମ ପଦକ୍ଷେପ ନେଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ତେବେ ଘଟଣାର ପ୍ରକୃତ କାରଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ସାମ୍ନାକୁ ଆସିନାହିଁ। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗର ଶୀଘ୍ର ଓ ସ୍ୱଚ୍ଛ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ତାହାର ବାସ୍ତବ ପ୍ରତିଫଳ କେତେ ମିଳୁଛି, ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପ୍ରତି ସୋମବାର ଜିଲ୍ଲା ସଦର ଓ ପର୍ଯ୍ୟାୟକ୍ରମେ ବ୍ଲକ ସ୍ତରରେ ଆୟୋଜିତ ହେଉଥିବା ଏହି ଶୁଣାଣି ଶିବିର ଯଦି ପ୍ରକୃତରେ ଜନସାଧାରଣଙ୍କ ସମସ୍ୟାର ଆଶୁ ସମାଧାନର ମାଧ୍ୟମ ହେବାକୁ ଚାହୁଁଛି, ତେବେ କେବଳ ଅଭିଯୋଗ ପଞ୍ଜୀକରଣ ନୁହେଁ, ବରଂ ତାହାର ସମୟବଦ୍ଧ ଓ ପ୍ରଭାବୀ ସମାଧାନ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ବିଦ୍ୟୁତ୍ ତାର ଛିଣ୍ଡି ୬ ଗୋରୁ ମୃତ

ରାଜନଗର,୮।୬(ସମିସ): ଆଜି ଅପରାହ୍ନରେ ବିଦ୍ୟୁତ୍ ତାର ଛିଣ୍ଡି ୬ ଗୋରୁଙ୍କ ଜୀବନ ଯାଇଛି। ବିଦ୍ୟୁତ୍ ବିଭାଗର ଅପାରଗତା ପାଇଁ ଏପରି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ୬ ଗୋରୁଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଅଳ୍ପକେ ଦୁଇଜଣ ମହିଳା ଓ ଦୁଇଜଣ ଶିଶୁ ବଞ୍ଚିଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗର ବ୍ଲକ୍ କୃଷ୍ଣନଗର ପଞ୍ଚାୟତ ସୁବର୍ଣ୍ଣପୁର ଗାଁ ନିକଟ ବିଲରେ ସୁବର୍ଣ୍ଣପୁର, ବାଘୁଆ, କୃଷ୍ଣନଗର ଗ୍ରାମର ୧୫୦ରୁ ଅଧିକ ଗୋରୁ ଚରୁଥିଲେ। ହଠାତ ଦିନ ପ୍ରାୟ ୧୦ ଘଟିକା ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ସେହି ବାଟ ଦେଇଯାଉଥିବା ଦୁଇଜଣ ମହିଳା ଓ ଦୁଇଜଣ ଶିଶୁ ଅଳ୍ପକେ ବର୍ତ୍ତିଯାଇଥିଲେ। ମାତ୍ର ତାର ତଳେ ଚରୁଥିବା ଗୋରୁ ପଲ ଉପରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ବାଘୁଆର ଦାମମଣ୍ଡଳ, କୃଷ୍ଣନଗରର ଗଣେଶ



ଚନ୍ଦ୍ର ମଣ୍ଡଳ, ବିଧାନ ଚନ୍ଦ୍ର ମଣ୍ଡଳଙ୍କ ସମେତ ୬ ଜଣଙ୍କ ୬ଟି ଗୋରୁ ଘଟଣାସ୍ଥଳରେ ଚିତ୍କାର କରି ଟଳି ପଡିଥିଲେ। ଅନ୍ୟ ଗୋରୁ ରଡ଼ି ମାରି ଗୋଟିଏ କିଲୋମିଟର ଦୂରକୁ ଦୌଡ଼ି ଚାଲିଯାଇଥିଲେ। ଛିଣ୍ଡିଥିବା ତାର ଖୁଣ୍ଟରୁ ଛିଣ୍ଡି ତଳେ ଓହଳି ରହିଥିଲା। ଭାରତୀ ରାୟ କହିଛନ୍ତି, ସେହି ବାଟ ଦେଇ ଘରକୁ ଫେରୁଥିଲି। ମୋ' ସହିତ ଆଉ ଜଣେ ମହିଳା ଓ ଦୁଇଜଣ ଶିଶୁ ମଧ୍ୟ ଆସୁଥିଲେ। ଆମଠାରୁ ୧୦ ଫୁଟ ଦୂରରେ ତାର ଛିଣ୍ଡି ପଡିଥିଲା। ଆମେ ଲୋକଙ୍କୁ ଡାକିବା ସହିତ ବିଦ୍ୟୁତ କାଟିବାକୁ କହିଥିଲୁ। ବିଦ୍ୟୁତ କାଟିବା ଭିତରେ ୬ଟି ଗୋରୁ ମୃତ୍ୟୁବରଣ କରି ସାରିଥିଲେ। ଅନ୍ୟ ୨ଟି ଗୋରୁ ମଧ୍ୟ ବିଦ୍ୟୁତ୍ ଆଘାତରେ ଆହତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟପ୍ରସାଦ ସାହୁଙ୍କୁ ପଚାରିବାରୁ ଆମେ ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଜଣାଇଛୁ। ବିଭାଗକୁ ରିପୋର୍ଟ ଦେଇଛୁ। ବ୍ୟବଚ୍ଛେଦ ରିପୋର୍ଟ ଓ ଆମ ବିଭାଗର ଇଲେକ୍ଟ୍ରିକାଲ ଇନ୍ସପେକ୍ଟରଙ୍କ ରିପୋର୍ଟ ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି।

### ● ବିରାଡ଼ିଆ ଗ୍ରାମରେ ପାନୀୟଜଳ ସଙ୍କଟ

## ବିଡିଓଙ୍କୁ ଭେଟି ଗୁହାରିକଲେ ୩୫ ପରିବାର

ରାଜକନିକା,୮।୬(ସମିସ): ପିଇବା ପାଣି ଟୋପେ ପାଇଁ ଦୁଇବର୍ଷ ଧରି ଡହଳବିକଳ ହେଲେଣି ୩୫ ପରିବାର। ରାଜକନିକା ବ୍ଲକର ନଦୀପାଖ ଗାଁ ବିରାଡିଆରେ ପିଇବା ପାଣି ପାଇଁ ଲୋକେ ହୀନସ୍ତା ଭୋଗୁଛନ୍ତି। ଗାଁର ଲୋକସଂଖ୍ୟା ୭ ଶହ ହୋଇଥିବାବେଳେ ୩ଟି ନଳକୂପ ରହିଛି। ସେଥିମଧ୍ୟରୁ ଦୁଇଟି ଅଚଳ ଅବସ୍ଥାରେ ଥାଇ ଗୋଟିକରୁ ଅଳ୍ପ ପାଣି ଆସୁଥିବାବେଳେ ଅନ୍ୟଟି ସମ୍ପୂର୍ଣ୍ଣ ଗୋଳିଆ ଓ ଲୁହାଗୁଣ୍ଡ ମିଶା ପାଣି ଆସୁଛି। ଆଜି ଗ୍ରାମର ୩୫ ପରିବାର ରାଜକନିକା ବିଡିଓଙ୍କୁ ଭେଟି ପାଣି କଷ୍ଟ ସମ୍ପର୍କରେ ଗୁହାରୀ କରିଥିଲେ। ବିଡିଓ ସବୁଦିନ ଆସୁଥିବା ଏଭଳି ଅଭିଯୋଗ ଶୁଣି



ଶୁଣି ସେଇ ଏକା ଉତ୍ତର ଆମେ ଦେଖୁଛୁ କହି ସମସ୍ୟା ଟାଳିବା ପାଇଁ ଚେଷ୍ଟା କରୁଛନ୍ତି। ଭୂତଳ ଜଳ କମି ରାଜକନିକା ବ୍ଲକରେ ପିଇବା ପାଣି ପାଇଁ ବଢ଼ୁଥିବା ସମସ୍ୟା ଶୁଣି ପ୍ରଶାସନ ନାଚାର ଅବସ୍ଥାରେ ଥାଇ କେବଳ ବର୍ଷା ଦିନକୁ ଅପେକ୍ଷା କରିଛି ବୋଲି ଯୁବନେତା ମନୋଜ ରାଉତ କହିଛନ୍ତି। ଆଜି ତାଙ୍କ ନେତୃତ୍ୱରେ କାଟଣାବଣିଆ ପଞ୍ଚାୟତର ୧୫ ଜଣ ମହିଳା ପିଇବା ପାଣି ପାଇଁ ବିଡିଓଙ୍କୁ ଭେଟିବା ପରେ ଆସନ୍ତା ଦୁଇଦିନ ଭିତରେ ସମସ୍ୟା ଥିବା ନଳକୂପର ୱାସ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରାଜକନିକାରେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ନେଇ ସାରିଥିବାବେଳେ ପ୍ରଶାସନ ବାସ୍ତବ କଥା ଲୁଚାଇ ଲୋକଙ୍କୁ ବର୍ଷା ଦିନ ହେଲେ ସ୍ୱାଭାବିକ ଭାବେ ପାନୀୟଜଳ ସଙ୍କଟ ଦୂର ହେବାକୁ ମିଛ ନାଟକ କରୁଛି ବୋଲି ଆଜି ବ୍ଲକକୁ ଅଭିଯୋଗ ନେଇ ଆସିଥିବା ଝରଣା ବେହେରା, ଭଗବତୀ ରାଉତ, ପ୍ରମିଳା ରାଉତ ଅଭିଯୋଗ କରିଛନ୍ତି।

## ସମ୍ରାଟ ଜେନା ମେଘାଳୟ କଂଗ୍ରେସର ଯୁବ ପ୍ରଭାରୀ



ପଟ୍ଟାମୁଣ୍ଡାଇ, ୮।୬(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବନେତା ଜାତୀୟ ଯୁବ କଂଗ୍ରେସ ସମ୍ପାଦକ ଭାବେ ମେଘାଳୟ ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି। ପଟ୍ଟାମୁଣ୍ଡାଇ କଲେଜରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ସମ୍ରାଟ କେଶରୀ ଜେନା ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ସମ୍ପ୍ରତି ସେ ପଟ୍ଟାମୁଣ୍ଡାଇ ପୌର ପରିଷଦର କାଉନସିଲର ଭାବେ ଜନସେବାରେ ନିୟୋଜିତ। ତାଙ୍କୁ ବିହାର ସହିତ ମେଘାଳୟ ପ୍ରଦେଶ ଯୁବ କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ଶ୍ରୀ ଜେନା ରାଜସ୍ଥାନ, ଛତିଶଗଡ଼ ଭଳି ବିଭିନ୍ନ ରାଜ୍ୟରେ ଯୁବ କଂଗ୍ରେସ ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ନିଜର ସାଙ୍ଗଠନିକ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତାଙ୍କର ନୂତନ ନିଯୁକ୍ତି ପାଇଁ ଶ୍ରୀ ଜେନା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଉଦୟ ଭାନୁ ଚିବ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ● ତିଖିରୀ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

## ଗ୍ରାମବାସୀଙ୍କ ବିକ୍ଷୋଭ, ବିଡିଓଙ୍କୁ ଦାବିପତ୍ର

ମହାକାଳପଡ଼ା,୮।୬(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରୀ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗକୁ ନେଇ ସୋମବାର ଗ୍ରାମବାସୀ ବିକ୍ଷୋଭ କରିବା ସହ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ବାଲିସୁଆଁ, ଧନିଆଁପଡ଼ା ଓ ତିଖିରୀ ଗ୍ରାମର ବହୁ ସଂଖ୍ୟକ ଲୋକ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଥିବା ନେଇ ସରପଞ୍ଚଙ୍କ ବିରୋଧରେ ନାରାବାଜି କରିବା ସହ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ପ୍ରସଙ୍ଗରେ ବିଡିଓ ରବିନାରାୟଣ ଆଚାର୍ଯ୍ୟ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତର ସହ ନିଆଯାଇଛି ଓ ଘଟଣାର ଯାଞ୍ଚ କରାଯିବ। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତିଖିରୀ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ଏହି ବିବାଦ ଏବେ ସ୍ଥାନୀୟ ରାଜନୀତିରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।

### ଡେରାବିଶରେ କାଳବୈଶାଖୀ ତାଣ୍ଡବ

## ବଜ୍ରପାତରେ ପୋଡ଼ିଗଲା ଘରର ବିଦ୍ୟୁତ୍ ସରଞ୍ଜାମ

ଡେରାବିଶ,୮।୬(ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳରେ ଆଜି ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ଘଡ଼ଘଡ଼ି ସହ କୁଆପଥର ବର୍ଷା ସାଙ୍ଗକୁ ପବନର ବେଗ ଏତେ ଜୋରରେ ଥିଲା ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବଡ଼ ବଡ଼ ଗଛ ଉପୁଡ଼ିବା ସହ ବହୁ ସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। କେତେକ ଗ୍ରାମରେ ଛାତ ଉପରେ ଗଛ ପଡ଼ିବା ସହ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର ଗ୍ରାମଦେବତୀଙ୍କ ଗେଟ୍ ଭାଙ୍ଗିଯାଇଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ଛାତ ଉପରେ ଏକ ବଡ଼ଗଛ ଭାଙ୍ଗିପଡ଼ିଥିବା ନେଇ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ କହିଛନ୍ତି। ସେହିପରି ଚାଟରାଶାସନର ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି, ତାଙ୍କ ଘର ସମ୍ମୁଖରେ ଯାଇଥିବା ରାସ୍ତାରେ ହଠାତ୍ ବଜ୍ରପାତ ହୋଇ ନିଆଁ ଜଳିଉଠିଥିଲା। ଘର ଭିତରର ସମସ୍ତ ବିଦ୍ୟୁତ୍ ସରଞ୍ଜାମ ପୋଡ଼ି ନଷ୍ଟ ହୋଇଯାଇଛି। ଏହି କାଳବୈଶାଖୀ ପ୍ରଭାବରେ ଗୋଲରାହାଟ, ବାଲିଆ, ଚାଟରାଚକଡ଼ା, କୁରୁଜଙ୍ଗା ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କେତେକ ଗ୍ରାମରେ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାସ୍ତାରେ ପଡ଼ିଥିବା ଗଛକୁ ସଫା କରିବାକୁ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରୟାସ ଜାରି ରଖିଛନ୍ତି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଉପରୋକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି।

## ରାଜକନିକା ସଦରର ଦୁଇ ପେଟ୍ରୋଲ ଟାଙ୍କି ବନ୍ଦ



ରାଜକନିକା, ୮।୬(ସମିସ): ତୈଳ ସଙ୍କଟ ଅଭାବ ଆଳରେ ରାଜକନିକା ସଦରର ଦୁଇ ପେଟ୍ରୋଲ ଟାଙ୍କି ବନ୍ଦ ରହିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭାରତ ପେଟ୍ରୋଲିୟମର କଣ୍ଟପଡା ବଜାର ଓ ତରାସ ଛକର ଇଣ୍ଡିଆନ ଅଏଲ ଟାଙ୍କି ବନ୍ଦ ରହିବାରୁ ଗ୍ରାହକ ହଇରାଣ ହେଉଛନ୍ତି। କଣ୍ଟପଡା ବଜାର ଟାଙ୍କି ୫ ଦିନ ହେବ ବନ୍ଦ ରହିଥିବାବେଳେ ଦୁଇଦିନ ହେବ ତରାସ ଛକର ଟାଙ୍କି ବନ୍ଦ ରହିଛି। ସବୁଠି ପେଟ୍ରୋଲ ପମ୍ପ ଖୋଲା ରହିଥିବାବେଳେ ଏହି ଦୁଇ ପମ୍ପର ମାଲିକ ଉଦ୍ଦେଶ୍ୟମୂଳକ ଭାବେ ପମ୍ପ ବନ୍ଦ ରଖିଥିବା ସ୍ଥାନୀୟ ଲୋକେ କହିଛନ୍ତି। ପମ୍ପ ବନ୍ଦ ରହିବା ସମ୍ପର୍କରେ ଉଭୟ ଟାଙ୍କିର ମାଲିକ କିମ୍ବା ତାଙ୍କ ମ୍ୟାନେଜରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିନାହିଁ। ଏଥିପ୍ରତି ଯୋଗାଣ ବିଭାଗ ଓ ପ୍ରଶାସନ ନଜର ଦେବାକୁ ଦାବି ହୋଇଛି।

## ଖଡ଼ିଅଣ୍ଟା ଗ୍ରାମରେ ପାନୀୟଜଳ ସଙ୍କଟ

ପଟ୍ଟାମୁଣ୍ଡାଇ,୮।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡ଼ିଅଣ୍ଟା ପଞ୍ଚାୟତ ଦଳିତ ସାହିରେ ପାନୀୟଜଳ ସଂକଟ ଦେଖାଦେଇଛି। ବସ୍ତିରେ ପ୍ରାୟ ୩୦୦ ଲୋକ ବସବାସ କରୁଛନ୍ତି। ଏଠାରେ ପିଇବା ପାଣି ପାଇଁ ୨ଟି ନଳକୂପ ଥିଲେ ମଧ୍ୟ ଅଚଳ ହୋଇପଡ଼ିଥିବାରୁ ପାନୀୟଜଳ ସଙ୍କଟ ଦେଖାଦେଇଛି। ଲୋକମାନେ ବାଧ୍ୟ ହୋଇ ଗୋବରୀ ନଦୀ ଚୁଆ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଗୋବରୀ ନଦୀ ଶୁଖିଯିବାରୁ ଦଳିତ ବସ୍ତି ଲୋକ ୨କିମି ଦୂର ଚାଲି ଚାଲି ଯାଇ ଆମ୍ବେର ଓ ଖଡିଅଣ୍ଟା ଗ୍ରାମରୁ ପାନୀୟଜଳ ସଂଗ୍ରହ କରୁଛନ୍ତି। ପାନୀୟଜଳ ସଂକଟ ଦୂର କରିବା ଦାବିରେ ଖଡ଼ିଅଣ୍ଟା ଦଳିତ ସାହିର ସୋମନାଥ ମଲିକ, ଶରତ ମଲିକ, ନାଲୁ ମଲିକ, କୁଞ୍ଜ ମଲିକ, ତଅପୋଇ ମଲିକ, ଚନ୍ଦ୍ରଭାନୁ ମଲିକ, ଉମାକାନ୍ତ ମଲିକ, ଟୁକୁନା ମଲିକ, ବାଦଲ ମଲିକ, ପବିତ୍ର ମଲିକ ପ୍ରମୁଖ ପଟ୍ଟାମୁଣ୍ଡାଇ ବ୍ଲକ ଅଫିସ ଆସି ବିଡିଓ ଶୀତଲ ଅଗ୍ରୱାଲଙ୍କୁ ସାକ୍ଷାତ କରି ତୁରନ୍ତ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବିଡିଓ ୨ ଦିନ ମଧ୍ୟରେ ପାନୀୟଜଳ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଯୁବକଙ୍କ ମୃତଦେହ ଜବତ

ଡେରାବିଶ, ୮।୬(ସମିସ): ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମ ନିକଟରେ ଆଜି ସକାଳେ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ୍ ଜବତ କରିଛି। ମୃତ ଯୁବକ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଶଶୀଶେଖର ପଣ୍ଡା (୫୦)। ଆଜି ସକାଳେ ଗ୍ରାମ ଛକ ନିକଟରେ ଏକ ଅଚିହ୍ନା ମୃତଦେହ ଦେଖି ଗ୍ରାମବାସୀ ଡେରାବିଶ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରିବା ସହ ମୃତକଙ୍କ ନିକଟରେ ପଡ଼ିଥିବା ବାଇକ ଓ ପାଖରେ ପଡ଼ିଥିବା ମୋବାଇଲ୍‌କୁ ଜବତ କରିଛି। ଯୁବକଙ୍କ ସାର୍ଟ ପକେଟରେ ଥିବା ପରିଚୟପତ୍ରରୁ ମୃତକ ଜଣକ ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ ଓ ତାଙ୍କ ଘର ଜଗତସିଂହପୁର ଜିଲ୍ଲା ଅଞ୍ଚଳରେ ବୋଲି ଜଣାପଡ଼ିଥିଲା। ଖବର ପାଇ ପରିବାର ଲୋକ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ଶବ ହସ୍ତାନ୍ତର କରାଯାଇଛି। ମୃତ ଶଶିଶେଖରଙ୍କୁ କେହି ହତ୍ୟା କରି ନୀଳକଣ୍ଠପୁରଠାରେ ପକାଇ ଦେଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

## ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ତାଲିମ

ପଞ୍ଚୁପାଣ୍ଡବ,୮।୬(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଏଲଇଡି ଟିଭି ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି। ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡେରାବିଶ ସ୍ୱାସ୍ଥ୍ୟ ବିଭାଗର ନେତୁଆ ସେକ୍ସନ ପକ୍ଷରୁ ପ୍ରାୟ ୧୩୬ ଜଣ ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏକା ସଙ୍ଗରେ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ଶିବିରରେ ମାତୃ ମୃତ୍ୟୁ ହାର ହ୍ରାସ, ସୁରକ୍ଷିତ ପ୍ରସବ, ପ୍ରସୂତୀ ପୂର୍ବ ଓ ପରବର୍ତ୍ତୀ ଯତ୍ନ, ମାତୃ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ଉନ୍ନତି ପାଇଁ ଏଭଳି କ୍ଷମତା ବୃଦ୍ଧି ମୂଳକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ତାଲିମରୁ ଜଣାପଡ଼ିଛି। ଏହି ତାଲିମ ଶିବିର ଗତ ଶନିବାର ଓ ସୋମବାର ତାଲିମ ଦିଆଯାଇଥିଲା ଓ ୧୧ ତାରିଖରେ ଶେଷ ହେବ। ଏହି ଶିବିରରେ ନେତୁଆ ସେକ୍ସନର ସମସ୍ତ ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଅନାବାଦି ଜମିକୁ ନେଇ ହାତାହାତି, ୩ କୋର୍ଟ ଚାଲାଣ

ମହାକାଳପଡ଼ା,୮।୬(ସମିସ): ଅନାବାଦି ଜାଗାକୁ କେନ୍ଦ୍ର କରି ତୁମୁଳକାଣ୍ଡ ଘଟିଛି। ଘଟଣାରେ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଥିବାବେଳେ ୩ ଜଣଙ୍କୁ ଅଦାଲତକୁ ପଠାଇ ଦିଆଯାଇଛି। ମହାକାଳପଡ଼ା ଥାନା ଅଧୀନସ୍ଥ ରାୟଗଡ଼ା ଗ୍ରାମରେ ଅନାବାଦି ଜମି ବିବାଦକୁ ନେଇ ଦାଦା-ପୁତୁରାଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏହି ଆକ୍ରମଣରେ ୬ ଜଣ ସାମିଲ୍ ଥିବାବେଳେ ତିନିଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ମହାକାଳପଡ଼ା ଥାନାରେ ପୃଥକ ପୃଥକ ଅଭିଯୋଗ ଦାଖଲ ହେବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ଚନ୍ଦ୍ରମଣି ନାୟକ, ମାନସ ନାୟକ (୨୦) ଓ କାଜଲ ନାୟକଙ୍କୁ ଅଟକ ରଖିବା ପରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବଜ୍ରପାତରେ ମୃତକଙ୍କ ପରିବାରକୁ ଭେଟିଲେ ସମାଜସେବୀ

ମହାକାଳପଡ଼ା, ୮।୬(ସମିସ): ତେରଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡାବନ୍ଧ ଗ୍ରାମର ବାସିନ୍ଦା ବାସୁଦେବ ଦାସଙ୍କ ବିଲରେ ମଇଁଷି ଚଳାଉଥିବାବେଳେ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ଖବର ପାଇ ମହାକାଳପଡ଼ାର ଯୁବନେତା ତଥା ସମାଜସେବୀ ଚିତ୍ତରଞ୍ଜନ ଦାସ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଶ୍ରୀ ଦାସ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନ ଦେଇଛନ୍ତି। ସେ ଚିକିତ୍ସା ସହାୟତା ହେଉ କି ଅନ୍ୟକୌଣସି ଜନସାଧାରଣଙ୍କ ସମସ୍ୟା, ସବୁବେଳେ ସେମାନଙ୍କ ପାଖରେ ଠିଆ ହୋଇ ସହଯୋଗର ହାତ ବଢ଼ାଇ ଆସୁଛନ୍ତି।

## କର୍କଟ ପୀଡ଼ିତାଙ୍କୁ ସହାୟତା

ଡେରାବିଶ, ୮।୬(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣଶାସନ ଗ୍ରାମର ମମତା ଦାଶ ଦୀର୍ଘ ୭ ବର୍ଷ ହେଲା କର୍କଟ ରୋଗରେ ପୀଡ଼ିତା ଥାଇ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଜୟ ଜଗନ୍ନାଥ ସୋସିଆଲ୍ ଗ୍ରୁପ ପକ୍ଷରୁ ସଦସ୍ୟମାନେ ଅର୍ଥ ସଂଗ୍ରହ କରି ମମତାଙ୍କ ଘରେ ପହଞ୍ଚି ଉନ୍ନତମାନର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିଛନ୍ତି। ଏହି ଗ୍ରୁପର ସଦସ୍ୟ ମଧୁସୂଦନ ଘଡ଼େଇ, ରଘୁନାଥ ସାହୁ, ଦିଲ୍ଲୀପ ମହାନ୍ତି, ରତ୍ନାକର ପରିଡ଼ା, ରଞ୍ଜନ ମହାନ୍ତି, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଗୌରାଙ୍ଗ ସେଠୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ୮ ଅଭିଯୁକ୍ତ ଗିରଫ; ଲୁହା ରଡ୍, ଠେଙ୍ଗା ଓ ବୋଲେରୋ ଜବତ

କେନ୍ଦ୍ରାପଡ଼ା,୮।୬(ସମିସ)

ବହୁଚର୍ଚ୍ଚିତ ଗୌରାଙ୍ଗ ସେଠୀ ଓରଫ ନୃସିଂହ ସେଠୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି କେନ୍ଦ୍ରାପଡ଼ା ପୁଲିସ। ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା (ବାଟିପଡ଼ା) ଗ୍ରାମର ଗୌରାଙ୍ଗଙ୍କୁ ଅପହରଣ ପରେ ନିର୍ମମ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବାବେଳେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ନେଇ ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏ ଘଟଣାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ହତ୍ୟାକାଣ୍ଡରେ ଆହୁରି କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ଏସ୍‌ପି ସିଦ୍ଧାର୍ଥ କାଟାରିଆ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗାଡ଼ି କାଚ ଭାଙ୍ଗିବା ଘଟଣାକୁ କେନ୍ଦ୍ର କରି ଗତ ମେ ୨୭ ତାରିଖ ସନ୍ଧ୍ୟାରେ ଗୌରାଙ୍ଗଙ୍କୁ ମାଡ଼ ମାରିବା ପରେ ଅଭିଯୁକ୍ତମାନେ ଅପହରଣ କରି ନେଇଥିଲେ। ପରଦିନ ସକାଳେ ପ୍ରକାଶ ପାଣ୍ଡବ ତାଙ୍କ ଗାଡ଼ିର କାଚ ଭାଙ୍ଗିବା ଓ ଧମକ ଦେବା ନେଇ ଗୌରାଙ୍ଗଙ୍କ ପିତା ଅରୁଣ ସେଠୀଙ୍କୁ ଫୋନ୍ କରି ଜଣାଇଥିଲେ। ସନ୍ଧ୍ୟାରେ ସମାଧାନ ହେବ ବୋଲି କହି ଅରୁଣ ସେଠୀ କାମକୁ ଚାଲିଯାଇଥିଲେ। ଘରକୁ ଫେରିବା ପରେ ପୁଅ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ବ୍ରାହ୍ମଣୀ ନଦୀପଠାରେ

**● ପ୍ରମାଣ ଲୁଚାଇବାକୁ ଜଙ୍ଗଲରେ ଫିଙ୍ଗିଦେଇଥିଲେ ମୃତଦେହ**
**● ଆଉ ୫ ଜଣ ସମ୍ପୃକ୍ତ ଅଛନ୍ତି**

ଗାଧୋଉଥିବାବେଳେ ଗୌରାଙ୍ଗଙ୍କୁ କିଛି ବ୍ୟକ୍ତି ଉଠାଇ ନେଇଥିଲେ। ହାତ ଓ ଗୋଡ଼ ବାନ୍ଧି ତାଙ୍କୁ ନିର୍ମମ ଭାବେ ଆକ୍ରମଣ କରାଯାଇଥିବାବେଳେ ଘଟଣାର କିଛି ଭିଡିଓ କ୍ଲିପ୍ ମଧ୍ୟ ପୁଲିସ ହାତରେ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଲାଲ ରଙ୍ଗର ବୋଲେରୋ ଗାଡ଼ିରେ ଅନ୍ୟତ୍ର ନିଆଯାଇ ପୁଣିଥରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ସମୟରେ ପାଣି ପାଇଁ ଗୌରାଙ୍ଗ କାକୁତିମିନତି କରୁଥିବା ଭିଡିଓ କ୍ଲିପ୍ ମଧ୍ୟ ପୁଲିସ ହାତରେ ଲାଗିଥିବା ଜଣାପଡ଼ିଛି। ହତ୍ୟା ପରେ ଅଭିଯୁକ୍ତମାନେ ମୃତଦେହକୁ ଆଳି ଥାନା ଅଞ୍ଚଳର ପେତପଡ଼ା ପଞ୍ଚାୟତ ବାରମାଣିଆ ଭେଡ଼ା ନିକଟ ଜଙ୍ଗଲରେ ଫିଙ୍ଗି ଦେଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବା ପୁଲିସ କହିଛି। ଗତ ଜୁନ୍ ୭ ତାରିଖରେ ବାରମାଣିଆ ଭେଡ଼ା ଅଞ୍ଚଳରୁ ପୁଲିସ ଗୌରାଙ୍ଗଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ଡିଏନଏ ପରୀକ୍ଷା ପାଇଁ ମୃତଦେହକୁ କଟକ ଫରେନ୍ସିକ୍ ମେଡିସିନ୍ ଆଣ୍ଡ ଟେକ୍ନୋଲୋଜି ବିଭାଗକୁ ପଠାଯାଇଥିଲା। ପ୍ରଥମେ ପ୍ରତାପ ମହାକୁଡ଼ଙ୍କୁ ଗତ ଜୁନ୍ ୩ ତାରିଖରେ ଗିରଫ କରାଯାଇଥିବାବେଳେ ରବିବାର ଅନ୍ୟ ୭ ଜଣ ଅଭିଯୁକ୍ତ ମନୋଜ ସାହୁ ଓରଫ ମନିଆ, ନଳିନୀକାନ୍ତ ସାହୁ ଓରଫ ବାୟା ସାହୁ, ସଞ୍ଜୟ କବି ଓରଫ ବିକି, ବବଲୁ ଦାସ, ବବଲୁ ମହାକୁଡ଼, ଲିପୁ ମହାକୁଡ଼ ଓ ଟୁଟୁନି ମହାକୁଡ଼ ଓରଫ ପ୍ରେମୋଜ ମହାକୁଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ ଗାଡ଼ି, ରକ୍ତଲଗା କୃତ୍ରିମ ଘାସ ମ୍ୟାଟ୍, ଲୁହା ରଡ୍, ବାଉଁଶ ଠେଙ୍ଗା, ୭ଟି ମୋବାଇଲ ଫୋନ୍ ଓ ଭଙ୍ଗା କାଚ ବୋତଲ ଜବତ କରିଛି। ଏସ୍‌ପି ସିଦ୍ଧାର୍ଥ କଟାରିଆ ସାମ୍ବାଦିକ ସମ୍ମିଳନୀରେ ଘଟଣାରେ ଆହୁରି ୫ ଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ତଦନ୍ତ ଆଗକୁ ବଢ଼ିବା ସହ ଆହୁରି ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି ବୋଲି କହିଛନ୍ତି।

# ଅଧାରୁ ଅଧିକ ମତଦାତାଙ୍କୁ ଏସ୍ଆଇଆର୍ ଫର୍ମ ବଣ୍ଟନ

ଜଗତସିଂହପୁର,୮।୬(ସମିସ)

ଜଗତସିଂହପୁର ଜିଲ୍ଲାରେ ଚଳିତ ବର୍ଷ ମେ' ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକ ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ଏବଂ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ବୁଥସ୍ତରୀୟ ଏଜେଣ୍ଟ, ସ୍ୱେଚ୍ଛାସେବୀମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓ ମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ ୯,୬୪,୩୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୮ ଜୁନ୍ ୨୦୨୬ ସୁଦ୍ଧା ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୬,୪୯,୬୫୮ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୬୭.୩୭ ପ୍ରତିଶତ ମତଦାତାଙ୍କ ଫର୍ମ ବଣ୍ଟନ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ୧୦୧ ପାରାଦୀପରେ ୧୫୧୪୫୮(୬୯.୦୯ ପ୍ରତିଶତ), ୧୦୨ ତିର୍ତ୍ତୋଲରେ ୧୭୫୯୪୫(୬୯.୪୩ ପ୍ରତିଶତ), ୧୦୩ ବାଲିକୁଦା-ଏରସମାରେ ୧୬୧୨୭୪(୫୯.୪୫ ପ୍ରତିଶତ), ୧୦୪ ଜଗତସିଂହପୁରରେ ୧୬୦୯୮୧ (୭୩.୦୫ ପ୍ରତିଶତ) ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଜେ. ସୋନାଲ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଜୁନ୍ ୨୮ ଯାଏଁ ଏହି ଫର୍ମପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ। ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/ନାଉଗାଁ,୮।୬(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୭ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ଟି, ଆବାସ ଯୋଜନା ସମ୍ପର୍କୀୟ ୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ଭତ୍ତା ପାଇବା ପାଇଁ ୩ଟି, ପୁଲିସ୍ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନାଉଗାଁ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଧୋବେଇ ଗାଁ ମୌଳିକ ସୁବିଧାରୁ ବଞ୍ଚିତ



ଏରସମା,୮।୬(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତର ଧୋବେଇ ଗାଁ ଆଜି ମଧ୍ୟ ବହୁ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ପ୍ରାୟ ୫୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ବାସ କରୁଥିବା ଲୋକମାନେ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ଲୋ-ଭୋଲଟେଜ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି। ଏହା ଯୋଗୁଁ ବିଦ୍ୟୁତ ଉପକରଣ ଠିକ୍ ଭାବରେ ଚାଲୁନଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଦୈନନ୍ଦିନ ଜୀବନ ମଧ୍ୟ ବ୍ୟାହତ ହେଉଛି। ଗ୍ରୀଷ୍ମ ଋତୁରେ ପରିସ୍ଥିତି ଆହୁରି ଜଟିଳ ହୋଇପଡୁଛି। ସେହିପରି ଗାଁରେ ଏପର୍ଯ୍ୟନ୍ତ ଏକ ସ୍ଥାୟୀ ମଶାଣି ଘର ନଥିବାରୁ ମୃତଦେହ ସତ୍କାର ସମୟରେ ପରିବାର ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଶାଣିକୁ ଯିବା ପାଇଁ ଉପଯୁକ୍ତ ରାସ୍ତା ନଥିବାରୁ ବର୍ଷା ଦିନରେ ଏହି ସମସ୍ୟା ଅଧିକ ଗୁରୁତର ରୂପ ନେଉଛି। ଧୋବେଇ ଗାଁରେ ଥିବା ବାତ୍ୟା ଆଶ୍ରୟସ୍ଥଳ ମଧ୍ୟ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡ଼ିରହିଛି। ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବାତ୍ୟା ଓ ବନ୍ୟା ସମୟରେ ଏହା ଲୋକଙ୍କ ପାଇଁ ଜୀବନ ରକ୍ଷାକାରୀ କେନ୍ଦ୍ର ହେବା କଥା। କିନ୍ତୁ ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଲୋ-ଭୋଲଟେଜ ସମସ୍ୟାର ସମାଧାନ, ମଶାଣି ଘର ଓ ମଶାଣି ରାସ୍ତା ନିର୍ମାଣ, ଏବଂ ବାତ୍ୟା ଆଶ୍ରୟସ୍ଥଳର ତୁରନ୍ତ ମରାମତି ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗ୍ରାମର ବିକାଶ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନେଇ ପ୍ରଶାସନ ପଦକ୍ଷେପ ନେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ରଖିଛନ୍ତି।

# ଶଶୁର ଘର ଗ୍ରାମରେ ଜ୍ୱାଇଁର ଆତ୍ମହତ୍ୟା

ନାଉଗାଁ,୮।୬(ସମିସ): ନାଉଗାଁ ଥାନା ଅଧୀନ ବାଂଶ ଗ୍ରାମରେ ଜ୍ୱାଇଁର ଆତ୍ମହତ୍ୟା ଘଟଣାରେ କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ ନାଉଗାଁ ଥାନା ଅଞ୍ଚଳର ବାଂଶ ଗ୍ରାମର ଜ୍ୱାଇଁ ତଥା ବାଲିକୁଦା ଥାନା ଅଞ୍ଚଳର ବଡ଼ ବଳଙ୍ଗ ଗ୍ରାମର ନିବାସୀ ବିନୋଦ ଦାସ (୫୧) ନିଜ ଶଶୁର ଘର ଗ୍ରାମ ବାଂଶ ଗ୍ରାମରେ ଦୀର୍ଘ ବର୍ଷ ହେବ ରହି ଆସୁଥିଲେ। ସେ ରଘୁନାଥପୁର ବିଡିଓଙ୍କ ସରକାରୀ ଡ୍ରାଇଭର ଭାବେ ଦୀର୍ଘ ବର୍ଷ ହେବ ମଧ୍ୟ କାର୍ଯ୍ୟ କରି ଆସୁଥିଲେ। ହେଲେ ଆଜି ଅପରାହ୍ନ ସମୟରେ ପାରିବାରିକ କଳହ କିମ୍ବା ଅନ୍ୟ କିଛି କାରଣକୁ କେନ୍ଦ୍ର କରି ଶଶୁର ଘର ପାଖରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଉଦ୍ୟମ କରୁଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟପଟେ ଏହି ଘଟଣା ସମ୍ବନ୍ଧରେ ନାଉଗାଁ ପୁଲିସ ସୂଚନା ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟ ମାମଲା ୧୧/୨୬ ଦାୟର କରି ଘଟଣାର ପ୍ରାଥମିକ ତଦନ୍ତ କରିଥିବା ନେଇ ଥାନା ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ପ୍ରକାଶ କରିଛନ୍ତି।

# ୨୫ ଲି. ଦେଶୀ ମଦ ଜବତ; ଜଣେ ଗିରଫ



ନାଉଗାଁ,୮।୬(ସମିସ): ନାଉଗାଁ ଥାନା ପୁଲିସ ଗଙ୍ଗଦା ଗୋବରୀକୂଳ ନିକଟରେ ଚଢ଼ଉ କରି ୨୫ ଲିଟରରୁ ଊର୍ଦ୍ଧ୍ୱ ଚୋରା ଦେଶୀ ମଦ ଜବତ କରିବା ସହ ଏହି ଘଟଣାରେ ଅଭିଯୁକ୍ତ ବେପାରୀକୁ ଗିରଫ କରିଛି। ସୂଚନା ମୁତାବକ ଆଜି ମଧ୍ୟାହ୍ନ ସମୟରେ ନାଉଗାଁ ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇ ଗଙ୍ଗଦା ଗୋବରୀକୂଳ ନିକଟରେ ଚୋରା ଦେଶୀ ମଦ କାରବାର ହେଉଥିବା ସମୟରେ ଅତର୍କିତ ଭାବେ ଚଢ଼ଉ କରିଥିଲେ। ସେଠାରୁ ୨୫ ଲି.ରୁ ଊର୍ଦ୍ଧ୍ୱ ଚୋରା ଦେଶୀ ମଦ ଜବତ କରିବା ସହିତ ଏହି କାରବାରରେ ସମ୍ପୃକ୍ତ ଥିବା ବାଲିକୁଦା ଥାନା ଅଞ୍ଚଳର ଆଙ୍କୋ ଗ୍ରାମର ଅଙ୍କୁର ଚନ୍ଦ୍ର ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରିଥିଲେ। ଏହି ଚୋରା ମଦ ବ୍ୟବସାୟରେ ବ୍ୟବହୃତ ହେଉଥିବା ଏକ ସ୍କୁଟିକୁ ମଧ୍ୟ ପୁଲିସ ଜବତ କରିଛି। ଅନ୍ୟପଟେ ଅବକାରୀ ଆଇନ୍ ବଳରେ ୧୫୩/୨୫ ଦାୟର କରି ଅଭିଯୁକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଉଥିବା ନେଇ ଥାନା ନାଉଗାଁ ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

# ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିବେଶ ଦିବସ




ଜଗତସିଂହପୁର,୮।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଭୂପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ହାଟବଜାର ସ୍ଥିତ ଶିଶୁ ଆଶ୍ରମଠାରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ବନ ବିଭାଗର ସହଯୋଗ କ୍ରମେ ଶିଶୁ ଆଶ୍ରମ ପରିସରରେ ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା ଏବଂ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାଜଜ ବିଭୂପ୍ରସାଦ ପଣ୍ଡା ବୃକ୍ଷଠାରୁ ମିଳୁଥିବା ବିଭିନ୍ନ ଉପକାରକୁ ଉଦାହରଣ ମାଧ୍ୟମରେ ବିସ୍ତୃତ ଭାବରେ ଅଲୋଚନା କରିଥିଲେ। ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ସ୍ୱାଇଁ ନିଜର ଅଭିଭାଷଣରେ କହିଥିଲେ ଯେ ଯେଉଁ ପରିମାଣରେ ବୃକ୍ଷ କଟାଯାଉଛି ପରିବେଶ ଆସନ୍ତୁଳନ ହେବାର ଆଶଙ୍କା ରହିଛି ତେଣୁ ବୃକ୍ଷରୋପଣ କରାଯିବ ଉଚିତ। ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳାଇ, ସିଜିଏମ୍ ନରୋତ୍ତମ ସେଠୀ, ସବଜଜ ରାକେଶ ମୁଦୁଲି, ଜେଏମ୍ଏଫ୍ସି ଅଙ୍କିତ ଦେଓ୍ୱଗନ, ଜଗତସିଂହପୁର ଓକିଲ ସଂଘ ସମ୍ପାଦକ ସରୋଜ ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏବଂ ପିଲାମାନେ ଉପସ୍ଥିତ ଥିଲେ। ପରିଶେଷରେ ଶିଶୁ ଆଶ୍ରମର ଅଧିକ୍ଷକ ଧନ୍ୟବାଦ ଅର୍ପଣ କରଥିଲେ।

# ସମାଜସେବୀଙ୍କ ସ୍ମୃତି ସଭା

ପାରାଦୀପ,୮।୬(ସମିସ): ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଅନୁଗାମୀ ସମାଜସେବୀ ଓ ଶିକ୍ଷାବିତ୍ ନରେନ୍ଦ୍ର କୁମାର ନନ୍ଦଙ୍କ ସ୍ମୃତିରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାମାଗୋଳ ସ୍ଥିତ କୁଜଙ୍ଗ ଶାଖା ସଂଘ ମନ୍ଦିର ପରିସରରେ କୁଜଙ୍ଗ ସାରସ୍ୱତ ସଂଘ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସାରସ୍ୱତ ସଂଘର ପୂର୍ବତନ ସମ୍ପାଦକଙ୍କ ବ୍ରହ୍ମାନନ୍ଦ ବେହେରା ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବକ୍ତାମାନେ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ଉପସ୍ଥିତ ସମସ୍ତେ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍ଗତି କାମନା କରିଥିଲେ। ଶେଷରେ ଦିବଙ୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଜିଲ୍ଲା ସଂଘର ସଭାପତି ବୀରକିଶୋର ବାରିକ, କେନ୍ଦ୍ର ସେବକ ସଂଘର ସଭାପତି ସୁଧୀର କୁମାର ଲେଙ୍କା, ଜିଲ୍ଲା ସଂଘର ସହ-ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅମରନାଥ ପରିଡ଼ା, ଭକ୍ତ ବଟକୃଷ୍ଣ ସ୍ୱାମୀ, ଶରତ କୁମାର ମିଶ୍ର, ଅଶୋକ ମିଶ୍ର, ସୁବାସ ପଲେଇ, ନୀଳମଣି ପାଣି, ରଶ୍ମି ରଞ୍ଜନ ମିଶ୍ର, ପ୍ରଭୁଚରଣ ସାହୁ, ପୂର୍ଣ୍ଣ ଚୈତନ୍ୟ ନନ୍ଦ, ଶକ୍ତି ଚୈତନ୍ୟ ନନ୍ଦ, କେନ୍ଦ୍ର ମହିଳା ସଂଘର ସଦସ୍ୟା ସୁଧାଂଶୁବାଳା ବେହେରା, କୁଜଙ୍ଗ ମହିଳା ସଂଘର ସଭାପତି ସ୍ୱର୍ଣ୍ଣପ୍ରଭା ନନ୍ଦ, କୁଜଙ୍ଗ ସଂଘର ସଭାପତି ହରିହର ସାହୁ, ପୂର୍ବତନ ସଭାପତି ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରଙ୍ଗିଆଗଡ଼ରେ ଆମ୍ବେଦକର କୋଠଘର ଉଦ୍ଘାଟିତ



ପାରାଦୀପ,୮।୬(ସମିସ): ପାରାଦୀପ ଗଡ ଗ୍ରାମ ପଞ୍ଚାୟତର ରଙ୍ଗିଆଗଡ଼ ଠାରେ ନୂତନ ଭାବେ ନିର୍ମିତ ବାବାସାହେବ୍ ଆମ୍ବେଦକର କୋଠ ଘରକୁ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଉଦ୍ଘାଟନ କରିଛନ୍ତି। ଦୀର୍ଘ ବର୍ଷ ହେବ ଉକ୍ତ ଗ୍ରାମର ଯୁବକ ମାନେ ବାବାସାହେବ୍ ଆମ୍ବେଦକରଙ୍କ ନାମରେ ଏକ କୋଠ ଘର ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଗତ କିଛି ମାସ ପୂର୍ବରୁ ଉକ୍ତ ଗ୍ରାମର ଯୁବକମାନେ ସରପଞ୍ଚ ସସ୍ମିତା ବେହେରାଙ୍କୁ ଭେଟି ଏହାର ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଫଳରେ ସରପଞ୍ଚ ଏହାର ନିର୍ମାଣ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଅନୁଦାନ ପ୍ରଦାନ ପରେ ଯୁବକ ମାନେ ନିଜ ଶ୍ରମ ରେ ଦିନ ରାତି ଲାଗି ଏକ ସୁନ୍ଦର କୋଠ ଘର ନିର୍ମାଣ କରିବା ପରେ ଆଜି ଏହାର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ନିରଞ୍ଜନ ପରିଡ଼ା, ଅଞ୍ଜନ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, ଶୁଭେନ୍ଦୁ ମଲ୍ଲିକ, ମଳୟ ବେହେରା, ଜଗନ୍ନାଥ ମଲ୍ଲିକ, ହରିହର ମଲ୍ଲିକ, ଶୁକଦେବ ମଲ୍ଲିକ, ସଦାନନ୍ଦ ମଲ୍ଲିକ, ସାଗର ମଲ୍ଲିକ, ଶିଶିର ମଲ୍ଲିକ, ବିକାଶ ମଲ୍ଲିକ,ବିଚିତ୍ର ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ପ୍ରଭାତ ସାହୁ ପ୍ରମୁଖ ଯୋଗଦେଥିଲେ।

# ଏଏମ୍ଏନ୍ଏସ୍ ଇଣ୍ଡିଆର ନୂତନ ଅଧ୍ୟୟନ ଓ ବିକାଶ କେନ୍ଦ୍ର




ପାରାଦୀପ,୮।୬(ସମିସ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ପାରାଦୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର ତଥା ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ଉଦ୍ଘାଟିତ ହୋଇଯାଇଛି। ଏହି କେନ୍ଦ୍ର ଏହାର କର୍ମଚାରୀ ମାନଙ୍କର ଦକ୍ଷତା ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବା ସହିତ ଏଏମ୍/ଏନଏସ୍ ଇଣ୍ଡିଆର ବିକାଶର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ରରେ ୧୨୦ ଜଣଙ୍କ ପାଇଁ ବସିବା କ୍ଷମତା ରହିଛି। ଏହି କେନ୍ଦ୍ରକୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଅର୍ଥ ବିଭାଗ ନିର୍ଦ୍ଦେଶକ ଭାଇସ୍ ପ୍ରେସିଡେଣ୍ଟ ଅମିତ ହରଲାଲକା ଏବଂ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ପ୍ରକଳ୍ପ (ପୂର୍ବ) ବିଭାଗ ମୁଖ୍ୟ କେଏ ଚୌଧୁରୀ, ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟ ଡ. ଦେବବ୍ରତ ଦାଶ, ଓଡ଼ିଶା ଅପରେସନ୍ସର ମୁଖ୍ୟ ୟୁଏସ୍ଆର୍ ରାଜୁ, ପ୍ରକଳ୍ପ (ଓଡ଼ିଶା) ବିଭାଗ ମୁଖ୍ୟ ଘନଶ୍ୟାମ ପରିଡ଼ା ଏବଂ ମାଇନିଂ ଅପରେସନ୍ସ ଆଣ୍ଡ ଡେଭଲପମେଣ୍ଟ ବିଭାଗ ମୁଖ୍ୟ ଲକ୍ଷ୍ମଣ ଶେଖାୱତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉଦ୍ଘାଟନ ପରେ ଆୟୋଜିତ ଏକ ପୁରସ୍କାର ଓ ସ୍ୱୀକୃତି ସମାରୋହରେ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସମାଜସେବୀ ପବିତ୍ର ମୋହନ ମିଶ୍ରଙ୍କ ସ୍ମୃତିସଭା



କୁଜଙ୍ଗ,୮।୬(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତର ବିଶିଷ୍ଟ ସମାଜସେବୀ ପବିତ୍ର ମୋହନ ମିଶ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ଆଜି ସ୍ଥାନୀୟ ଗରେଇ ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁଚରଣ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଜ୍ୟୋତିର୍ବିତ୍ ଡ. ଅରୁଣ କୁମାର ପାଣି, ବରିଷ୍ଠ ବୁଦ୍ଧିଜୀବୀ ଶ୍ରୀବଲ୍ଲଭ କର, ନାରୀନେତ୍ରୀ ମନୋରମା ଖଟୁଆ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ ଦାସ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ରାଜକିଶୋର ଦାଶ, ବରିଷ୍ଠ ସାମ୍ବାଦିକ ଚିତ୍ତ ସ୍ୱାଇଁ, ଦିଗାମ୍ବର ରାଉତ, ଭାବଗ୍ରାହୀ ମିଶ୍ର, ଅମିୟ ପାଳ, ସୁଶୀଲ କୁମାର ମହାପାତ୍ର, ବରିଷ୍ଠ ଶିକ୍ଷକ ନିରଞ୍ଜନ ନାୟକ, ପଣ୍ଡିତ ଅଭୟ ଦାସ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବାବୁରାମ ଚୌଧୁରୀ, ରବୀନ୍ଦ୍ର ନାଥ ଚୌଧୁରୀ, ଅଜୟ କୁମାର ଆଚାର୍ଯ୍ୟ, ଧ୍ରୁବଚନ୍ଦ୍ର ସେନାପତି, ନଳିନୀ ପ୍ରଭା ସାହୁ, ଗରେଇ ଦୀପ୍ତିରେଖା ଲେଙ୍କା, ସାରଦା ପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପବିତ୍ର ମିଶ୍ରଙ୍କ ସ୍ମୃତିରେ ଏକ ପାଠାଗାର ପ୍ରତିଷ୍ଠା ପାଇଁ ସାମୂହିକ ନିଷ୍ପତି ହେବା ସହ ଶେଷରେ ସ୍ମୃତିପତ୍ରିକା ଉନ୍ମୋଚିତ ହୋଇଥିଲା। ପବିତ୍ର ମୋହନ ମିଶ୍ରଙ୍କୁ ମରୋଣତ୍ତର ଭାବେ ସ୍ଥାନୀୟ ମହାବୀର ଯୁବକ ସଙ୍ଘ ତରଫରୁ ଏକ ସମ୍ମାନ ସନନ୍ଦ ପ୍ରଦାନ କରାଯାଇଥିଲା। ଏହି ସନନ୍ଦଟିକୁ ତାଙ୍କ ପୁତ୍ର ଦେବୀପ୍ରସାଦ ଗ୍ରହଣ କରିଥିଲେ। ସାନ ଭାଇ ତପନ କୁମାର ମିଶ୍ର କବିତା ପାଠ କରିଥିଲେ।

## ବୋମାମାଡ଼କୁ ନେଇ ପାରାଦୀପରେ ତେଜିଲା ରାଜନୀତି

# ଘଟଣାର ରାଜନୀତିକରଣ କରାଯାଉଛି: ବାପି ସର୍ଖେଲ

ପାରାଦୀପ, ୮।୬(ସମିସ)




ଗତ ୩୦ ତାରିଖରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘରେ ବୋମାମାଡ଼ ଘଟଣାକୁ ନେଇ ସରଗରମ ହୋଇଛି ରାଜନୀତି। ଗତକାଲି ବିଜେଡି, ବିଜେପି, କଂଗ୍ରେସ, ସିପିଏମ୍ ଆଦି ୪ ରାଜନୈତିକ ଦଳ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିବା ବେଳେ ଆଜି ଶ୍ରମିକ ନେତା ବାପି ସର୍ଖେଲ ମଧ୍ୟ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ଘଟଣାର ରାଜନୀତିକରଣ କରାଯାଉଛି ଓ ତାଙ୍କୁ ଏହି ମାମଲାକୁ ଜବରଦସ୍ତ ଟାଣିବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ବୋମାମାଡ଼ ଘଟଣା ଏକ ସୁଚିନ୍ତିତ ଅପରାଧ ବୋଲି ମନେ କରାଯାଉଥିଲା। ମାତ୍ର ଗତକାଲି ବିଭିନ୍ନ ରାଜନୈତିକ ଦଳର ମେଳି ଦେଖିବା ପରେ ଏହା ଏକ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ମନେ ହେଉଛି। କିଛି ଲୋକ ନିଜ ମୁଣ୍ଡରୁ କଳଙ୍କ ଲିଭାଇବାକୁ କିଛି ଅପରାଧୀଙ୍କୁ ମୋହରା କରି ଏହି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ଅଦାଲତରେ ୧୧୦ ବିଏନ୍ଏସ୍ ଲାଗିଥିବା ଅପରାଧିକ ତତ୍ତ୍ୱମାନଙ୍କୁ ଏକତ୍ର କରାଇ ଥାନା ଘେରଉ କରାଇବା ଘଟଣାରୁ ଏହା ପ୍ରମାଣିତ ହେଉଛି। ଏହା ସହିତ ସମସ୍ତେ ମିଳିତ ଭାବରେ ନିଶାଣ କରି ତାଙ୍କ (ବାପି ସର୍ଖେଲ) ପ୍ରତି ରହିଥିବା ଭୟକୁ ସୂଚାଇଛନ୍ତି। ଯେଉଁମାନଙ୍କୁ ପୁଲିସ ପ୍ରଶାସନ ଓ ଉପଜିଲ୍ଲାପାଳ ଅଭ୍ୟାସଗତ ଅପରାଧୀ ଦର୍ଶାଇ ସେମାନଙ୍କ ଉପରେ ନଜର ରଖିବାକୁ କହିଥିଲେ, ସେମାନେ ଥାନା ଆଗରେ ମେଳି କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ସର୍ଖେଲ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପାରାଦୀପ ଆଦର୍ଶ ଥାନାରେ ୬ଟି, କୁଜଙ୍ଗ ଥାନାରେ ୨ଟି ଓ ଅଭୟଚାନ୍ଦପୁର ଥାନାରେ ୬ଟି; ଏହିଭଳି ମୋଟ ୧୪ଟି ସଙ୍ଗୀନ ମାମଲା ଥିବା ବେଳେ ସେ ଥାନା ଆଗରେ କିପରି ମେଳି କଲେ? ସେହିଭଳି ଅନ୍ୟଜଣେ ବ୍ୟକ୍ତିଙ୍କ ନାମରେ ମୋଟ ୧୫ଟି ମାମଲା ରହିଛି। ଏଭଳି ଅପରାଧୀଙ୍କ ସହିତ ମିଶି ଯୋଗ୍ୟ ବାପାର ଅଯୋଗ୍ୟ ପୁଅ ଓ କିଛି କଂଗ୍ରେସ ନେତା ମିଳିତ ଭାବେ ଏ ମାମଲା ଭିତରକୁ ମୋତେ ଟାଣିବାକୁ ହୀନ ଷଡ଼ଯନ୍ତ୍ର କରୁଛନ୍ତି। ପୁଲିସ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ମୋର ଭରସା ଅଛି। ପୁଲିସ ନିରପେକ୍ଷ ଭାବେ ଷଡ଼ଯନ୍ତ୍ରକାରୀଙ୍କୁ ସାମ୍ନାକୁ ଆଣିବ। ପୁଲିସକୁ ତଦନ୍ତରେ ସମସ୍ତ ସହଯୋଗ କରିବି ବୋଲି ଶ୍ରୀ ସର୍ଖେଲ କହିଛନ୍ତି।

## ନାନ୍ଦୀମୁଖର ଅନ୍ତଃସ୍ୱର ପୁସ୍ତକର ଲୋକାର୍ପଣ



ଭଦ୍ରକ,୮।୬(ସମିସ): ପ୍ରତ୍ୟେକ ପୁସ୍ତକର ମୁଖବନ୍ଧ ଠିକ୍ ବିବାହ ଉତ୍ସବର ନାନ୍ଦୀମୁଖ ଭଳି। ପତ୍ରିକା ବା ଯେ କୌଣସି ବହିର ସମ୍ପାଦକୀୟ ମୁଖବନ୍ଧଗୁଡ଼ିକ ବେଶ୍ ଚିନ୍ତା ଓ ଚେତନା ଉଦ୍ରେକକାରୀ ସାରସ୍ୱତ ପ୍ରସଙ୍ଗର ଅବତାରଣା କରିଥାଏ। ସେ ଦୃଷ୍ଟିରୁ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଂକଳିତ ଗଦ୍ୟ ସଂକଳନ ନାନ୍ଦୀମୁଖର ଅନ୍ତଃସ୍ୱର ସାରସ୍ୱତ ଜଗତକୁ ଏକ ଭିନ୍ନ ଅବଦାନ ବୋଲି ପ୍ରେମ ପୃଥିବୀ ପରିବାର ଓ ଟାଇମ୍‌ପାସ୍ ପକ୍ଷରୁ ଆୟୋଜିତ ପୁସ୍ତକ ପର୍ବରେ ମତ ପ୍ରକାଶ ପାଇଛି। ଆରଡ଼ିଛକ ସ୍ଥିତ ପ୍ରେମନଗରଠାରେ ଆୟୋଜିତ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରାବନ୍ଧିକ ଡ. ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା, ସାହିତ୍ୟାନୁରାଗୀ କର୍ଣ୍ଣେଲ ଶରତ ମହାପାତ୍ର ସମ୍ମାନିତ ବକ୍ତା, ଡ. ପ୍ରମୋଦ କୁମାର ନାୟକ ସମୀକ୍ଷକ ଭାବେ ଯୋଗଦେଇଥିଲେ। ଟାଇମ୍‌ପାସ୍‌ର ପ୍ରକାଶକ ତଥା ଲେଖକ ସରୋଜ ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ସ୍ୱାଗତ ସମ୍ଭାଷଣ ଏବଂ କବୟିତ୍ରୀ ସଂଯୁକ୍ତା ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନାନ୍ଦୀମୁଖର ଅନ୍ତଃସ୍ୱର ସହ ପ୍ରେମ ପୃଥିବୀର ୨୦୨୬ ବିଶେଷାଙ୍କ ଲୋକାର୍ପିତ ହେବା ସହ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଭବ୍ୟ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡ. ଶଶଧର ଦାସ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପ୍ରଫେସର ବାସୁଦେବ ବାରିକ, ଡ. ଗୋଲକ ବିହାରୀ ସାହୁ, ଡ. ରାମଚନ୍ଦ୍ର ପଣ୍ଡା ପ୍ରମୁଖ ପ୍ରକାଶିତ ପୁସ୍ତକ ଓ ଲେଖକଙ୍କୁ ସୁମନାସ ଜଣାଇଥିଲେ। ଶେଷରେ ଅଭିଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅନ୍ନପୂର୍ଣ୍ଣା ପଣ୍ଡା, ଅବିନାଶ ପଣ୍ଡା, ବିଜୟ କୁମାର ବହଳି, ଯୋଗ୍ୟଶ୍ରୀ ସାମଲ, ବାଦଲ ମହାପାତ୍ର ଓ ଅନୁରାଧା ପଣ୍ଡା ପ୍ରମୁଖ ସଭା ପରିଚାଳନା କରିଥିଲେ।

## ପଣ୍ଡିତ ପିତାମ୍ବର ଦାସଙ୍କ ଦ୍ୱାଦଶାହ ଓ ସ୍ମୃତିସଭା



ତିହିଡ଼ି,୮।୬(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ନୂଆନନ୍ଦ ପଞ୍ଚାୟତର ଜଣେ ପରମ ଆଧ୍ୟାତ୍ମିକବାଦୀ ସାଧକ, ପଣ୍ଡିତ ସମସ୍ତଙ୍କର ପ୍ରିୟ ଶ୍ରଦ୍ଧେୟ ପିତାମ୍ବର ଦାସ। ସୋମବାର ତାଙ୍କର ଦ୍ୱାଦଶାହ ଓ ସ୍ମୃତିସଭା ଅବସରରେ ତାଙ୍କର ସ୍ମୃତିଚାରଣ କରାଯାଇଛି। "ଏ ମାଟିରୁ ଶରୀର ଚାଲିଯାଏ ସତ, କିନ୍ତୁ ଜଣେ ସାଧକର ସାଧନା, ତାଙ୍କର ଆଧ୍ୟାତ୍ମିକ ଚେତନା ଏବଂ ସତ୍‌କର୍ମ ସଦାସର୍ବଦା ଅମର ହୋଇ ରହିଥାଏ। ପିତାମ୍ବର ବାବୁ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏହି ଅଞ୍ଚଳର ଆଧ୍ୟାତ୍ମିକତାର ଏକ ଜାଜ୍ୱଲ୍ୟମାନ ପ୍ରଦୀପ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ସ୍ମୃତିଚାରଣ ସଭାରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମଞ୍ଚାସୀନ ହୋଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଏହି ସ୍ମୃତିସଭାର ଶୁଭାରମ୍ଭ କରିଥିଲେ। ସେହି ମହାନ୍ ଆତ୍ମାର ସଦ୍‌ଗତି ଏବଂ ବୈକୁଣ୍ଠପ୍ରାପ୍ତି ନିମନ୍ତେ ସଭାଗୃହରେ ଉପସ୍ଥିତ ସମସ୍ତ ସଜ୍ଜନମଣ୍ଡଳୀ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିଥିଲେ। ନୂଆନନ୍ଦ ଗ୍ରାମ ପଞ୍ଚାୟତ ମାଟିରେ ଜନ୍ମିତ ପିତାମ୍ବର ଦାସ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ଜଣେ ବିଜ୍ଞ କାଳୀ ସାଧକ, ଧର୍ମପରାୟଣ ତଥା ସମାଜବୃତ୍ତି ସମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେ ସୁପରିଚିତ ଥିଲେ। ଜୀବନରେ ମୂଲ୍ୟବୋଧ କେମିତି ରକ୍ଷା କରାଯାଏ ଏବଂ ସମାଜସେବାରେ ନିଜକୁ କେମିତି ଉତ୍ସର୍ଗ କରାଯାଏ, ତାହା ତାଙ୍କ ଜୀବନୀରୁ ଶିଖିବାକୁ ମିଳେ। ତାଙ୍କର ଶୂନ୍ୟସ୍ଥାନ ପୂରଣ ହେବା ଅସମ୍ଭବ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ତିହିଡ଼ି ବିଜେଡି ବ୍ଲକ୍ ସଭାପତି ସୁରେନ୍ଦ୍ର ନାୟକ, ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ବିଜେଡି ନେତା ଡ. ସଞ୍ଜୟ କୁମାର ଦାସ, ପୂର୍ବତନ ତିହିଡ଼ି ବ୍ଲକ୍ ଚେୟାରମ୍ୟାନ ବିଦ୍ୟୁତ୍‌ଲତା ନାୟକ, ସଂଗ୍ରାମ ଦାସ, ଯୁବ ସାମ୍ବାଦିକ ଯଯାତି କେଶରୀ ଦାସ, ପୂର୍ବତନ ସରପଞ୍ଚ ଶରତ ମଲ୍ଲିକ, କୀର୍ତ୍ତନ ରାଉତ, ବିଷ୍ଣୁ କହଁର, ବିଜୟ କୁମାର ସେଠୀ, ସରପଞ୍ଚ ନିହାରିକା ବିଶ୍ୱାଳ, ତାପସ ବେହେରା, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ଧର୍ମାନନ୍ଦ ବେହେରା, ଅମର ସେନାପତି, ଭକ୍ତ ହରି ମଳିକ, ବିଶ୍ୱଜିତ୍ ବେହେରା, ଅନିରୁଦ୍ଧ ବାରିକ, ରଘୁନାଥ ମଳିକ, ଦଳିତ କେଶରୀ ଦାସ, ସଙ୍ଗୀତ ଶିକ୍ଷକ ରାମାନୁଜ ଦାଶ ପ୍ରମୁଖ ଏହି ସ୍ମୃତିସଭାରେ ଯୋଗଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ବନ୍ତ/ଆଗରପଡ଼ା,୮।୬(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୬୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୭ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୩ଟି ଅଭିଯୋଗ ରହିଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୩ ଜଣ ଅଭିଯୋଗକାରୀଙ୍କୁ ମୋଟ ୯ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ୍ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### କାଦବରାଙ୍ଗ ହାଇସ୍କୁଲରେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ଶିକ୍ଷା ବର୍ଷର ପାଠପଢ଼ା

# ଯୁକ୍ତ ୨ ମାନ୍ୟତା; ଶ୍ରେଣୀଗୃହ ସମସ୍ୟାର ସମାଧାନ ହେଉନି

ବନ୍ତ/ଆଗରପଡ଼ା,୮।୬(ସମିସ)




ଆଉ ମାତ୍ର କିଛି ଦିନ ପରେ ଆରମ୍ଭ ହେବ ଆଉ ଏକ ନୂତନ ଶିକ୍ଷା ବର୍ଷର ପାଠପଢ଼ା। କିନ୍ତୁ ଯୁକ୍ତ ୨ ମାନ୍ୟତାପ୍ରାପ୍ତ ହାଇସ୍କୁଲରେ ପିଲାଙ୍କ ଶୈକ୍ଷିକ ବାତାବରଣରେ କୌଣସି ପରିବର୍ତ୍ତନ ହୋଇପାରିଲା ନାହିଁ କି ଶ୍ରେଣୀଗୃହ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ନୋଡାଲ ହାଇସ୍କୁଲଠାରେ। ଗୃହ ସମସ୍ୟା ଯୋଗୁଁ ଯୁକ୍ତ ୨ରେ ପାଠପଢ଼ାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ଦେଖାଦେଇଛି।

ବନ୍ତ ବ୍ଲକ୍ କାଦବରାଙ୍ଗ ନୋଡାଲ ହାଇସ୍କୁଲ ଯୁକ୍ତ ୨ ମାନ୍ୟତା ପାଇବା ପରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ୭୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ୨ କଳାରେ ଓଡ଼ିଆ, ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଏବଂ ତର୍କ ଶାସ୍ତ୍ର ଆଦି ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିଲେ। ଉକ୍ତ ୭୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ ଜଣ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇ ଯୁକ୍ତ ଦୁଇ କଳା ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୧ ଜଣ ପରୀକ୍ଷା ଦେଇଥିଲେ। ସଦ୍ୟ ପ୍ରକାଶିତ ଫଳାଫଳ ଅନୁଯାୟୀ, ୨୨ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ କିରଣମୟୀ ପରିଡ଼ା ସର୍ବୋଚ୍ଚ ୫୧୨ ନମ୍ବର ରଖି ଶୀର୍ଷ ସ୍ଥାନ ଗ୍ରହଣ କରିଛନ୍ତି। ସେହିପରି ୨ୟ ଶ୍ରେଣୀରେ ମୋଟ୍ ୧୭ଜଣ ଓ ୩ୟ ଶ୍ରେଣୀରେ ୧୯ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ପ୍ରଥମ ଥର ପରୀକ୍ଷା ଦେଇ ସଫଳତାର ସ୍ୱାଦ ଚାଖିଥିବା ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ୭୮ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ଜଣାପଡ଼ିଛି। ତେଣୁ ୨୦୨୬-୨୭ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ଯାଉଥିବାବେଳେ ବିଦ୍ୟାଳୟରେ ଶିକ୍ଷାଲାଭ କ୍ଷେତ୍ରରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ପାଲଟିଛି। ଛାତ୍ରଛାତ୍ରୀ କିପରି ଉତ୍ତମ ଶିକ୍ଷାଲାଭ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରେଣୀଗୃହ ସମସ୍ୟାକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିବା ପରେ ଗତ ବର୍ଷ ଅଗଷ୍ଟ ମାସରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପର୍ଯ୍ୟାଲୋଚନା ପରେ ଗୃହ ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଇତି ମଧ୍ୟରେ ୨ ବର୍ଷ ବିତିବାକୁ ବସିଥିବାବେଳେ ଏହା କେବଳ କାଗଜକଲମରେ ସୀମିତ ରହିଯାଇଥିବା ବେଳେ ବ୍ଲକ୍‌ରେ ଘୋଷିତ ହୋଇଥିବା ୨ଟି ବିଦ୍ୟାଳୟ ମଧ୍ୟରୁ ଉକ୍ତ ବିଦ୍ୟାଳୟ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ(ପିଏମ୍‌ଶ୍ରୀ)ରେ ପରିଚାଳିତ ହେଉଛି।

କାଦବରାଙ୍ଗ ହାଇସ୍କୁଲରେ ୧ମରୁ ୧୦ମ ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ୧୯୬୫ ମସିହାରେ ପ୍ରତିଷ୍ଠିତ ଉକ୍ତ ହାଇସ୍କୁଲଟି ବ୍ଲକ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଶିକ୍ଷାର ମାନବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ରେ ପ୍ରଥମ ସ୍ଥାନ ମଧ୍ୟ ଉକ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ଅକ୍ତିଆର କରିପାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ସବୁ ଥାଇ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ପାଲଟିଥିବା ଜଣାପଡ଼ିଛି। ଶ୍ରେଣୀଗୃହ ଅଭାବରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀଗୃହରେ ଶିକ୍ଷାଲାଭ କରୁଛନ୍ତି। ସେହିପରି ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାଙ୍କ ସଂଖ୍ୟା ଅନୁଯାୟୀ, ଶ୍ରେଣୀଗୃହର ଅଭାବ ମଧ୍ୟ ପରିଲକ୍ଷିତ ହୋଇଛି। ଶ୍ରେଣୀଗୃହ ଅଭାବରୁ ବିଭାଗ ବଣ୍ଟନ ମଧ୍ୟ ସୂଚାରୁରୂପେ କରାଯାଇପାରୁ ନ ଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ପିଏମ୍‌ଶ୍ରୀ ଯୋଜନାରେ ଉକ୍ତ ହାଇସ୍କୁଲଟି ଅନ୍ତର୍ଭୁକ୍ତ ହୋଇଥିବାରୁ ୧ମରୁ ୧୦ମ ଶ୍ରେଣୀ ପିଲାଙ୍କ ଶ୍ରେଣୀଗୃହ ସମସ୍ୟାର ସମାଧାନ ହେବାକୁ ଯାଉଥିବାବେଳେ ଯୁକ୍ତ ୨ ପିଲାଙ୍କ ଶୈକ୍ଷିକ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇପାରିନାହିଁ। ତେଣୁ ଯୁକ୍ତ ୨ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଆଉ ଏକ ନୂତନ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହେବା ଆଗରୁ ଏଠାରେ ଲାଗି ରହିଥିବା ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

## ଉଭୟ ବାଳକ ଓ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ବିଜୟୀ

ଭଦ୍ରକ,୮।୬(ସମିସ): ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଗତ ୭ ତାରିଖ ସନ୍ଧ୍ୟାରେ ଭଦ୍ରକ କଲେଜ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜୋନ୍ ୩ ଅନ୍ତର୍ଗତ ଫାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨୧ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭାବେ ସିଏମ୍ ଟ୍ରଫିର ଭୂମିକାକୁ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଚାମ୍ପିଅନ ଦଳ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମି ଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଛନ୍ତି। ପ୍ରତିଯୋଗିତାର ସଫଳ ଆୟୋଜନରେ ଜିଲ୍ଲା ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ଏବଂ ପୌରପାଳିକାର ସହଯୋଗ ପାଇଁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ ସଂଘର ସମ୍ପାଦକ ଧୀରେନ ପଲେଇଙ୍କ ସମେତ ଉପେନ୍ଦ୍ର ବାରିକ, ଅତିଶ ବେହେରା, ବ୍ରଜକିଶୋର ଜେନା, ରବିନାରାୟଣ ପାଣିଗ୍ରାହୀ, ତୁଷାର ଦାସ, ପାର୍ଥସାରଥୀ ରାୟ, ସୁଦାମ ନାୟକ, ରବିନାରାୟଣ ଓଝା, ମନୋଜ ସାହୁ, ସୋମନାଥ ସାହୁ, କେ.ଭି. ପ୍ରସାଦ, ମହମ୍ମଦ ତାହିର ଖାନ, ନୟନଜ୍ୟୋତି ଖଟୁଆ, ସଞ୍ଜୀବ ଦାସ, ପ୍ରଦୀପ ବିଶ୍ୱାଳ, ଶମ୍ଭୁନାଥ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




## ରାଢ଼ୋ କେନାଲ ପୋଲ ନିର୍ମାଣ ଦାବି



ବାରିକପୁର,୮।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢ଼ୋ କେନାଲ ପୋଲ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ସୂଚନା ମୁତାବକ, ୩ ନମ୍ବର ଏ' କେନାଲର ମଣାଗଡ଼ିଆ ନିକଟରେ ଏକ ପୁରାତନ ଭଗ୍ନ ପୋଲ ରହିଛି। ଚାଷୀମାନଙ୍କ ଯାତାୟାତ ପାଇଁ ଦୀର୍ଘ ବର୍ଷ ପୂର୍ବରୁ କେବଳ ଇଟାରେ ଏହି ପାଦଚଲା ପୋଲଟି ନିର୍ମିତ ହୋଇଥିଲା। ରାଢ଼ୋ ତଥା ଆଖପାଖ ଗ୍ରାମର ଶହଶହ ଚାଷୀ ଚାଷ ସମୟରେ ଏହି ପୋଲ ଦେଇ ଯାତାୟାତ କରିଥା'ନ୍ତି। କିଛି ବର୍ଷ ହେବ କ୍ଷୁଦ୍ର ପୋଲଟି ଅତି ବିପଦପୂର୍ଣ୍ଣ ଭାବେ ରହିଥିବାବେଳେ ଏହା ମଧ୍ୟରେ ବିଷଧର ସରୀସୃପ ବାସ କରୁଛନ୍ତି। ବର୍ଷାଦିନେ ଏହା ଉପରେ ଚାଷୀମାନେ ଯିବାଆସିବା ପାଇଁ ଆଉ ସୁରକ୍ଷିତ ମଣୁନାହାନ୍ତି। ଭଗ୍ନ ପୋଲ ପାଇଁ କେନାଲ ଉପର ମୁଣ୍ଡରୁ ଆସୁଥିବା ପାଣି ମଧ୍ୟ ସଠିକ୍ ଭାବେ ତଳ ମୁଣ୍ଡରେ ପହଞ୍ଚିପାରୁ ନାହିଁ। ଚାଷ ସମୟରେ ଟ୍ରାକ୍ଟର ଓ ଶସ୍ୟ ଅମଳ ସମୟରେ ଛୋଟମୋଟ ଯାନ ପୋଲ ଉପରେ ଯିବା ସମ୍ଭବ ହେଉନାହିଁ। ତେଣୁ ଏଠାରେ ଏକ ନୂତନ ପାଦଚଲା ପୋଲ ନିର୍ମାଣ ପାଇଁ ଲୋକେ ଜଳସମ୍ପଦ ବିଭାଗ ନିକଟରେ ଦାବି କରିଛନ୍ତି।

### ● ବିଦ୍ୟୁତ୍ ତାର ଚୋରି ଗ୍ୟାଙ୍ଗ୍‌କୁ ବାନ୍ଧିଲା ପୁଲିସ

## ବିପୁଳ ପରିମାଣର ତାର ସହିତ ଦୁଇ ଗାଡ଼ି ଜବତ; ୪ ଗିରଫ

ବାସୁଦେବପୁର,୮।୬(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୁଲିସକୁ ବଡ଼ ସଫଳତା ମିଳିଛି। ଚତୁରତାର ସହିତ ବିଲ ମଝିରୁ ଇଲେଭେନ କେଭି ବିଦ୍ୟୁତ୍ ତାର କାଟି ଚମ୍ପଟ ମାରୁଥିବାବେଳେ ବିଲ ମଝିରେ ମାଡ଼ିବସିଛି ବାସୁଦେବପୁର ପୁଲିସ। ଦୁଇ ତାର ଚୋରଙ୍କୁ ଧରିଥିବାବେଳେ ଦୁଇ କବାଡ଼ିଆଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ପାଖରୁ ବିପୁଳ ପରିମାଣର ବିଦ୍ୟୁତ୍ ତାର, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଓ ଗୋଟିଏ ଡାଲା ଅଟୋକୁ ପୁଲିସ୍ ଜବତ କରିଛି।

ପ୍ରକାଶ ଯେ, ବାସୁଦେବପୁର ଅଞ୍ଚଳରେ ଏଲ୍‌ଟି ଓ ଇଲେଭେନ କେଭି ତାର ବିଭିନ୍ନ ସମୟରେ ଚୋରି ହେଉଥିବାର ଅଭିଯୋଗ ହେଉଥିଲା। ପଦ୍ମପୁର ଗ୍ରାମର କୃଷ୍ଣଚନ୍ଦ୍ର ଧୂପାଳ ବିଦ୍ୟୁତ୍ ଠିକାଦାର ତାର ଚୋରି ହେଉଥିବାର ଲିଖିତ ଅଭିଯୋଗ କରିଥିଲେ। ଉଠ ଜଳସେଚନ ବିଭାଗ ଅଧୀନରେ ଠିକାଦାର ଶୁଭେନ୍ଦୁ ପଣ୍ଡାଙ୍କ ଘରେ ରହି ସାମଗ୍ରୀ ରଖି ବିଦ୍ୟୁତ୍ ବିଭାଗର ନିର୍ମାଣ କାର୍ଯ୍ୟ କରୁଥିଲେ। ଗତ ୨ ତାରିଖ ରାତିରେ ତାଙ୍କ କର୍ମଚାରୀମାନେ ଶୋଇଥିବା ସମୟରେ ଘରୁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୧୧ କେଭି ବିଦ୍ୟୁତ୍ ତାର ୨ ବଣ୍ଡଲ ଚୋରି କରିଥିବା ଅଭିଯୋଗ କରିଥିଲେ। ବାସୁଦେବପୁର ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳର ଶଙ୍କୁରୁ ମଳିକ, ଅନିଲ ମହାଳିକଙ୍କୁ ଧରିବା ପରେ ଚୋରି ମାନିବା ସହ ଚୋରି ତାର ବିକ୍ରି କରିଥିବାର ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ସୂଚନା ପାଇ ଧାମରା ରାସ୍ତା ତେନ୍ତୁଳିଆ ଛକରେ ଥିବା ଏକ ବେଆଇନ କବାଡ଼ିଆ ଗୋଦାମରେ ଚଢ଼ଉ କରି ମାଲିକ ଏମ୍‌ଡି କାଜିମ୍ ଖାଁ ଏବଂ ପୁରୁଣା ବଜାର ଥାନା ଅଧୀନ ପଠାଣମହଲା ଗାଁର କବାଡ଼ିଆ ଗୋଦାମର ମାଲିକ ସେକ୍ ଅବ୍‌ଦୁଲ ରେହେମାନଙ୍କୁ ଗିରଫ କରିଥିଲେ। ୨ କ୍ୱିଣ୍ଟାଲ ୫୭ କେଜି ବିଦ୍ୟୁତ୍ ତାର ସହିତ ଚୋରିରେ ବ୍ୟବହୃତ ଏକ ପିକ୍‌ଅପ୍ ଭ୍ୟାନ୍ ଓ ଗୋଟିଏ ଡାଲା ଓଟୋକୁ ପୁଲିସ ଜବତ କରିଛି। ବର୍ଷ ବର୍ଷ ଧରି ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ରାତିରେ ବିଦ୍ୟୁତ୍ ତାର ଚୋରି କରି ଗାଡ଼ି ଯୋଗେ ବାସୁଦେବପୁର ଏବଂ ଭଦ୍ରକର ବିଭିନ୍ନ କବାଡ଼ିଆ ଗୋଦାମରେ ଏମାନେ ବିକ୍ରି କରୁଥିଲେ। ତାର ଚୋରି ଘଟଣାରେ ସମ୍ପୃକ୍ତ ଆଉ ୧୦ ଜଣ ଫେରାର୍ ଥିବାବେଳେ ପୁଲିସ ତଦନ୍ତ ଜାରି ରହିଛି ବୋଲି ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଜଲ୍‌ସା ଓ ଫାତେହାରେ ଯୋଗଦେଲେ ମସ୍ତାନ୍-ଏ ମିଲ୍ଲତ



ଧାମନଗର,୮।୬(ସମିସ): ଧାମନଗରସ୍ଥିତ ଖାନ୍‌କା ସରିଫ ପୀରବାବା ହଜରତ୍ ମୁଜାହିଦ-ଏ-ମିଲ୍ଲତଙ୍କ ସାନ ନାତି ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍) ବିଭିନ୍ନ ଅଞ୍ଚଳ ଓ ସାହିବସ୍ତି ଜଲସା ଓ ଫାତେହା କାର୍ଯ୍ୟକ୍ରମରେ ସାମିଲ୍ ହେଉଥିବାବେଳେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ସନ୍ଧ୍ୟାରେ ସହରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଅଧୀନ କାଜି ମହଲା ଛକଠାରେ ଏକ ଜଲସା ଓ ଫାତେହା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ରବିବାର ସନ୍ଧ୍ୟାରେ ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ ପଠାଣ ମହଲା ଗ୍ରାମସ୍ଥିତ ବଡ଼େଖାନ ଗାଜିବାବାଙ୍କ ଆସ୍ଥାନ ନିକଟରେ ଏକ ଜଲସାରେ ଯୋଗଦେଇଥିଲେ। ଉଭୟ ସ୍ଥାନରେ ଭକ୍ତ ଓ ଶ୍ରଦ୍ଧାଳୁ ଗ୍ରାମର ମୁରବିଙ୍କ ତରଫରୁ (ମସ୍ତାନ-ଏ ମିଲ୍ଲତ୍)ଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ଜଲସା କାର୍ଯ୍ୟକ୍ରମରେ ମୌଲାନା, କବି, ସାଏର ପ୍ରମୁଖଙ୍କ ଦ୍ୱାରା ଜଲସା ଓ ନାତ ସରିଫ ଅନୁଷ୍ଠିତ ହୋଇ ଫାତେହା ପରେ ଲଙ୍ଗର ବଣ୍ଟନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ପୀରବାବାଙ୍କ ବଡ଼ ନାତୁଣୀ ଜ୍ୱାଇଁ ଏମ୍‌ଡି ଫଜଲେ ବାରି, ସେକ୍ ଆବେଦିନ, ସେକ୍ ହଲିମ, ସେକ୍ ଜାଫର ଅଲ୍ଲୀ, ସେକ୍ ନେଜାମୁଦ୍ଦିନ, ସେକ୍ ମକ୍‌ଦୁମ, ଏମ୍‌ଡି ଇଲାମୁଦ୍ଦିନ, ସେକ୍ ମୋହିଉଦ୍ଦିନ, ସେକ୍ ଇବ୍ରାହିମ, ମୀର୍ ଇସ୍‌ଲାମ, ମୀର ମୁରତୁଜା, ସେକ୍ କାଦର, ସେକ୍ ସିରାଜଙ୍କ ସମେତ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କାଜି ମହଲାଠାରେ ସେକ୍ ମୁକ୍ତାର ଅହେମ୍ମଦ, ମୀର୍ ଖୁର୍‌ସିଦ, ସେକ୍ ଆସରାର ଅହେମ୍ମଦ, ସେକ୍ ନାଜିର, ମୀର୍ ଫାରୁକ ଓ ଅନ୍ୟ ଯୁବକ ସହଯୋଗ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ପଠାଣ ମହଲା ଓ ଆଖପାଖ ଗ୍ରାମର ମୁରବି ଯୋଗ ଦେଇଥିବା ବେଳେ ସେକ୍ ହୋସେନ, ସେକ୍ ଜୁଲୋ, ସେକ୍ ଅବ୍‌ଦୁଲ କାଦିର, ମୁକ୍ତାର ଖାଁ, ସେକ୍ ଇକ୍‌ବାଲ, ସେକ୍ ମେରାଜ, ସେକ୍ ଫରୋ, ସେକ୍ ତାଜୋଙ୍କ ସମେତ ଗ୍ରାମର ବହୁ ଯୁବକ ଏଥିରେ ସହଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ପୀରବାବାଙ୍କ ସାନ ନାତି ଆଲ୍‌ହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍) ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାରୁ ସ୍ଥାନୀୟ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ ସହିତ ବିପୁଳ ସଂଖ୍ୟାରେ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି।

### ଭଦ୍ରକରେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଉଲ୍ଲେଖନୀୟ ଅଗ୍ରଗତି

# ୮୪.୭୪ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ସମ୍ପୂର୍ଣ୍ଣ

ଭଦ୍ରକ,୮।୬(ସମିସ)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ସମୁଦାୟ ୧କୋଟି ୯୮ଲକ୍ଷ ୯୭ହଜାର ୩୩୧ ଜଣ ଅର୍ଥାତ୍ ମୋଟ୍ ଭୋଟର ୫୯.୫୭ ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି। ଜିଲ୍ଲାରେ ମୋଟ ୧୨ ଲକ୍ଷ ୮୪ ହଜାର ୬୧୮ ଜଣ ମତଦାତା ଥିବାବେଳେ ସେମାନଙ୍କ ମଧ୍ୟରୁ ୮୪.୭୪ ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସଫଳ ରୂପାୟଣ ନିମନ୍ତେ ଭଦ୍ରକ ଜିଲ୍ଲାର ୪୫-ବାସୁଦେବପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିହିଡ଼ି ବ୍ଲକ୍‌ର ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ ଇଆରଓ ତଥା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ। ପରିଦର୍ଶନ ସମୟରେ ସେ ବୁଥ୍‌ସ୍ତରରେ ଚାଲିଥିବା ଫର୍ମ ବଣ୍ଟନ, ମତଦାତାଙ୍କ ସହ ସମନ୍ୱୟ ଏବଂ ବିଏଲ୍‌ଓମାନଙ୍କ ଦ୍ୱାରା କରାଯାଉଥିବା ଘରକୁ ଘର ସଚେତନତା ଓ ତଥ୍ୟ ସଂଗ୍ରହ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ଯୋଗ୍ୟ ମତଦାତାଙ୍କ ନିକଟରେ ପହଞ୍ଚି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହ ମତଦାତାମାନଙ୍କୁ ସହଯୋଗ କରିବାକୁ ସେ ସମ୍ପୃକ୍ତ ଅଧିକାରୀ ଓ ବିଏଲ୍‌ଓମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ମତଦାତାଙ୍କ ନିକଟରେ ମଧ୍ୟ ଶୀଘ୍ର ଫର୍ମ ପହଞ୍ଚାଇବା ସହ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ତ ଫର୍ମ ସଂଗ୍ରହ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ଜିଲ୍ଲା ପ୍ରଶାସନ ସମସ୍ତ ଯୋଗ୍ୟ ମତଦାତାଙ୍କୁ ବିଏଲ୍‌ଓଙ୍କୁ ସହଯୋଗ କରିବା, ପରିଗଣନା ଫର୍ମ ଯଥାଶୀଘ୍ର ପୂରଣ କରି ଦାଖଲ କରିବା ଏବଂ ନିଜର ନାମ ଭୋଟର ତାଲିକାରେ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି। ମତଦାତାମାନେ ଚାହିଁଲେ ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ଫର୍ମ ଦାଖଲ କରିପାରିବେ। ଭୋଟର ତାଲିକାରେ ନାମ ସାମିଲ୍, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ୍ ନମ୍ବର ୧୯୫୦କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ।

### କାର୍ଯ୍ୟକ୍ରମର ସଫଳ ରୂପାୟଣ ନିମନ୍ତେ ତିହିଡ଼ି ବ୍ଲକ୍‌ର ବିଭିନ୍ନ ବୁଥ୍ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ



## କନ୍ତିଓକାଟେଣୀ ଗ୍ରାମରେ ବାଦିପାଲା



କାମାକ୍ଷାନଗର,୮।୬(ସମିସ): କାମାକ୍ଷାନଗର ବ୍ଲକ କନ୍ତିଓକାଟେଣୀ ଗ୍ରାମରେ ୮୩ତମ ବାଦିପାଲା ଅନୁଷ୍ଠିତ ହୋଇଛି। ୫ଦିନ ଧରି ପାଲା ଆୟୋଜିତ ହେଉଛି। ଜ୍ଞାନସାଗର ଶିଶିର କୁମାର ପାଢ଼ୀ ଓ ଗାୟକ ପୀୟୂଷ ବିଶ୍ୱନାଥ ସ୍ୱାଇଁ ପାଲା ପରିବେଷଣ କରିଥିଲେ। ପାଲା କମିଟି ସଭାପତି ଅଲେଖ ପ୍ରସାଦ ସାହୁ, ସମ୍ପାଦକ ଉତ୍ସବ ନାୟକ, ଅହିଂସା ସେବା ସଦନର ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଅଶେଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅବନୀ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକ ସଙ୍ଘ ପକ୍ଷରୁ ଜଳଛତ୍ର



ଗଁଦିଆ,୮।୬(ସମିସ): ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ ପକ୍ଷରୁ ଜଳଛତ୍ର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଗଁଦିଆ ସହକାରୀ କୃଷି ଅଧିକାରିଣୀ ମିନତି ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଓ କାବରା ଗ୍ରାମ୍ୟ କୃଷି କର୍ମଚାରୀ ଝରଣା ମୁଣ୍ଡା ଯୋଗଦେଇଥିଲେ। ଯୁବକ ସଂଘର ସ୍ମୃତିରଞ୍ଜନ ନାୟକ, ପ୍ରକୃତିବନ୍ଧୁ ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମହାନ୍ତି, ତ୍ରିଲୋଚନ ନାୟକ, ସଞ୍ଜୟ କୁମାର ଜେନା, ଯୁବକ ସଙ୍ଘ ସଭାପତି ମନୋଜ କୁମାର ସେଠୀ ଓ ଆବାହକ ଆଇନଜୀବୀ ଜ୍ଞାନରଞ୍ଜନ ରାଉତ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ଢେଙ୍କାନାଳ,୮।୬(ସମିସ): ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତ ପର୍ବତୀୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ସଦର ଏବିଇଓ ଭଗବାନ ବେହେରା, ସମ୍ମାନିତ ଅତିଥି ଭାବେ ଶଙ୍କରପୁର ସରପଞ୍ଚ ରବୀନ୍ଦ୍ର କୁମାର ରାଉତ, ସିଆରସିସି କାମଦେବ ପ୍ରଧାନ, ପ୍ରଧାନଶିକ୍ଷକ ଗଣେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ସ୍ମୃତିମୟୀ ସାହୁ ଓ ବିଷ୍ଣୁପ୍ରିୟା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ନବକିଶୋର ରାଉତ ଓ ରାଜନୀକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଶ୍ରୀ ନାଗନାଥେଶ୍ୱରଙ୍କ ନିର୍ବନ୍ଧ ସମ୍ପନ୍ନ

ଢେଙ୍କାନାଳ,୮।୬(ସମିସ): ସଦର ବ୍ଲକ୍ ବଣସିଂହ ଓ ଚାଉଳିଆ ପଞ୍ଚାୟତ ବଡ଼ ନାଗନା ସ୍ଥିତ ଉତ୍କଳର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱରଙ୍କ ବିବାହ ନିମନ୍ତେ ବୈଦିକ ରୀତିରେ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଛି। ବର ପିତା ମାତା ଭାବେ ଢେଙ୍କାନାଳ ସହର ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର ଏବଂ ତାଙ୍କ ପତ୍ନୀ ନୀରେଶା ପାତ୍ର ଓ କନ୍ୟା ପିତା ଭାବେ ବରିଷ୍ଠ ଆଇନଜିବୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ତାଙ୍କ ପତ୍ନୀ ପ୍ରବୀଣା ନନ୍ଦ ଦାୟିତ୍ୱ ଗ୍ରହଣ କରି ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବୈଦିକ ରୀତିରେ ଠାକୁରଙ୍କ ନୀତି କାନ୍ତି କରାଯାଇ ବିବାହ କାର୍ଯ୍ୟ ଆନନ୍ଦ ଓ ନିଷ୍ଠାର ସହିତ ପାଳନ କରିବା ନିମନ୍ତେ ସଂକଳ୍ପ କରିଥିଲେ। ଶୀତଳ ଷଷ୍ଠୀ ଦିନ ପାରମ୍ପରିକ ରୀତିରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ନିର୍ବନ୍ଧ କାର୍ଯ୍ୟ ବେଳେ ଅନୁଷ୍ଠାନ ସଭାପତି ସୁଦାମ ଚରଣ ସାହୁ, ସମ୍ପାଦକ ଅଶୋକ ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଅବନୀ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ହୋତା, ସଂଯୁକ୍ତା ହୋତା, ସର୍ବେଶ୍ୱର ବ୍ରହ୍ମ, ବିକାଶ କୁମାର ରଥ ଓ ସବ୍ୟଶାଚି ପାଣି ପ୍ରମୁଖ ଉପସ୍ଥିତ ଥିଲେ।



## କିଏ କହୁଛି ସତ?
# ବ୍ଲାଷ୍ଟିଂକୁ ନେଇ ଖଣି ଅଧିକାରୀ ଓ ପୁଲିସର ଭିନ୍ନ ମତ

ଢେଙ୍କାନାଳ/ଗଁଦିଆ,୮।୬(ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଳପ୍ରସାଦ ଥାନା କଷ୍ଟିପାଳଠାରେ ଥିବା ଜଗବନ୍ଧୁ ଷ୍ଟୋନ କ୍ରସରରେ ବିସ୍ଫୋରଣ ଘଟି ଜଣେ ଶ୍ରମିକଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ପୁଲିସ ବାରମ୍ବାର ଖଣି ମାଲିକଙ୍କୁ ସୁରକ୍ଷା ଦେବାକୁ ଭିନ୍ନ ଭିନ୍ନ ମେସେଜ ପୋଷ୍ଟ କରୁଥିବାବେଳେ ଶ୍ରମିକଙ୍କ ମୃତଦେହ କଟକରେ ବ୍ୟବଚ୍ଛେଦ କରିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଏହି ମୃତ୍ୟୁ ବଜ୍ରପାତଜନିତ ବୋଲି ତଦନ୍ତକାରୀ ଅଧିକାରୀ କହୁଥିବା ବେଳେ କିଏ ସତ କହୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



କଷ୍ଟିପାଳରେ ଜଗବନ୍ଧୁ ଷ୍ଟୋନ କ୍ରସରରେ ରବିବାର ଅପରାହ୍ନରେ ବିସ୍ଫୋରଣ ଘଟି ଯାଜପୁର ଜିଲ୍ଲା ଜେନାପୁର ଥାନା ଡାଙ୍କୁଣିଆ ଅଞ୍ଜିରା ଗ୍ରାମର ଗୋପାଳ ବାର୍ଲା (୨୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ୫ରୁ ଅଧିକ ଶ୍ରମିକ ଆହତ ହୋଇଥିଲେ। ନିହଳପ୍ରସାଦ ଥାନା ନିହଳପ୍ରସାଦ ଗ୍ରାମର ଜଗବନ୍ଧୁ ସେଠୀ ଓରଫ ମନୁ (୩୬) ଓ ଯାଜପୁର ଜେନାପୁର ଡାଙ୍କୁଣିଆ ଗ୍ରାମର ଅର୍ଜୁନ ବାଦରା (୨୫)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଘଟଣାକୁ ନେଇ

### ଢେଙ୍କାନାଳ ବଦଳରେ କଟକରେ ହେଲା ବ୍ୟବଚ୍ଛେଦ

ସ୍ୱର୍ଗତ ଗୋପାଳ ବାର୍ଲାଙ୍କ ପତ୍ନୀ ଜଙ୍ଗା ପୂର୍ତ୍ତି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଜଗବନ୍ଧୁ କ୍ରସର ନାମରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ଜଗବନ୍ଧୁ ମୁଦୁଲିଙ୍କ ପୁଅ ସୁନୀଲ ମୁଦୁଲି ଏବଂ ଅନୁଗୋଳ ଜିଲ୍ଲା ନାଲକୋ ଥାନା କାଣ୍ଡସର ଗ୍ରାମର ସାଇଟ ଇନଚାର୍ଜ ପୀତବାସ ସାହୁଙ୍କ ପୁଅ ଚନ୍ଦନ କୁମାର ସାହୁଙ୍କ ନାମରେ ମାମଲା ରୁଜୁ କରିଛି। ରବିବାର ନିହଳପ୍ରସାଦ ଥାନାଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ। ଘଟଣାସ୍ଥଳକୁ ପୁଲିସ କର୍ଡନ କରି ରଖିଥିବା ବେଳେ ଡିଏଫଏସଏଲ ଓ ବମ ସ୍କ୍ୱାଡ୍‌କୁ ପରୀକ୍ଷା ପାଇଁ ଦାୟିତ୍ୱ ଦିଆଯାଇଛି। ସେହିପରି ତହସିଲଦାର ଏବଂ ଖଣି ଅଧିକାରୀ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ତେବେ ଏହି ଘଟଣା ବ୍ଲାଷ୍ଟିଂ ଯୋଗୁ ହୋଇନାହିଁ ବୋଲି ତଦନ୍ତ ଅଧିକାରୀ ପ୍ରକାଶ କରିଛନ୍ତି। ଖଣିର ଲାଇସେନ୍ସ ଏବଂ ବ୍ଲାଷ୍ଟିଂ ଅନୁମତି ଅଛି ବୋଲି ପୁଲିସ ବାରମ୍ବାର ମେସେଜ ଦେବା ଏବଂ ଏଭଳି ତତ୍ପରତାକୁ ନେଇ ପୁଲିସ ଉପରେ ସନ୍ଦେହ ଉପୁଜିଛି।

## ଜିଲ୍ଲା ପ୍ରଶାସନ, ଓରମାସ୍ ପକ୍ଷରୁ ଆମ୍ବମେଳା ଉଦ୍‌ଘାଟିତ



ଢେଙ୍କାନାଳ,୮।୬(ସମିସ): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଷ୍ଟାଡିୟମ ନିକଟରେ ଜିଲ୍ଲା ପ୍ରଶାସନ ଓ ଓରମାସର ମିଳିତ ଉଦ୍ୟମରେ ଆମ୍ବମେଳା ଉଦ୍‌ଘାଟିତ ହୋଇଛି। ଗ୍ରାମାଞ୍ଚଳର ଆମ୍ବଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା, ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଦୂର କରିବା, ଉପଭୋକ୍ତାଙ୍କୁ ଶତ ପ୍ରତିଶତ ପ୍ରାକୃତିକ ଭାବେ ପାଚିଥିବା ସତେଜ ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏହି ଆମ୍ବମେଳା ଆୟୋଜନ କରାଯାଇଛି। ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌଦାମିନୀ ସାହୁ ମେଳାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରମାସ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବଳ କୁମାର ଜେନାମଣି ଏବଂ ଜିଲ୍ଲା ମିଶନଶକ୍ତି ପ୍ରକଳ୍ପ ସଂଯୋଜିକା ଶେଫାଳୀ ସ୍ୱାଗତିକା, ହସ୍ତଶିଳ୍ପ ପ୍ରୋତ୍ସାହନ ଅଧିକାରୀ ମଳୟ ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଓରମାସ ଦ୍ୱାରା ଗଠିତ ଦୁଇ କୃଷକ ଉତ୍ପାଦକ ସଂଗଠନ ଏବଂ ଦୁଇ ଉତ୍ପାଦକ ଗୋଷ୍ଠୀ ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ଆମ୍ବଚାଷୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଯଥା ଅମ୍ରପାଲୀ, ଦଶେରୀ, ବାଇଗଣପଲ୍ଲୀ, ଲେଙ୍ଗଡ଼ା ଓ ମଲ୍ଲିକା ପ୍ରଭୃତି ମେଳାରେ ବିକ୍ରି କରୁଛନ୍ତି। ଏଥିସହ ଆମ୍ବରୁ ତିଆରି ପଣା ଓ ବିଭିନ୍ନ ଆଚାର ମଧ୍ୟ ମେଳାରେ ଉପଲବ୍ଧ ହେଉଛି। ଏହି ମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳା ପରିଦର୍ଶନ କରି ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ଉତ୍ତମ ଗୁଣବତ୍ତାର ଆମ୍ବ କ୍ରୟ କରିବାକୁ ଓରମାସ ପକ୍ଷରୁ ଅନୁରୋଧ କରାଯାଇଛି।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ସମ୍ମାନ

ଗଁଦିଆ,୮।୬(ସମିସ): ପରିବେଶ ସୁରକ୍ଷା, ଚାରାରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ ଏବଂ ପ୍ରକୃତି ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଁଦିଆ ବ୍ଲକ ଦିଗମ୍ବରପୁର ପଞ୍ଚାୟତ ନୂଆଗଡ଼ସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଅନୁଗୋଳ ଆରସିସିଏଫ୍ ଡ. ସଞ୍ଜୟ କୁମାର ସ୍ୱାଇଁ ବିଦ୍ୟାଳୟକୁ ୨୦ ହଜାର ଟଙ୍କା ସହ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ପରିବେଶ କ୍ଲବ ଶିକ୍ଷକ ଅଭୟ କୁମାର ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ପରିବେଶବିତ୍ ବିଜୟକୁମାର ସାମନ୍ତ, ଆଲୁମନି କମିଟି ସଭାପତି ତୁଷାରକାନ୍ତ ବରାଳ, ଦୀପିକା ପଢ଼ିଆରୀ, ଅରୁଣ ଧରୁଆ, ତପସ୍ୱିନୀ ସାହୁ, ପ୍ରଜ୍ଞାସିନୀ ଶତପଥୀ, ଅମୂଲ୍ୟ ବେହେରା, କର୍ମଚାରୀ ଗୋବର୍ଦ୍ଧନ ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣି ପ୍ରମୁଖଙ୍କ ସକ୍ରିୟ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ମତ ପ୍ରକାଶ ପାଇଛି। ପ୍ରକୃତିବନ୍ଧୁ ଜିଲ୍ଲା ସଙ୍ଘ ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଏ ନେଇ ଶୁଭେଚ୍ଛା ଜଣାଇଛନ୍ତି।




## ରାସ୍ତାରେ ଯାଉଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ହାଣିଲେ

**● ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

କାମାକ୍ଷାନଗର,୮।୬(ସମିସ): କାମାକ୍ଷାନଗର ଥାନା ତୁଳିଆ ଗ୍ରାମ ନିକଟରେ



ରାସ୍ତାରେ ଯାଉଥିବା ବେଳେ ଦିନଦ୍ୱିପ୍ରହରରେ ଜଣେ ବିଦ୍ୟୁତ କର୍ମଚାରୀଙ୍କୁ ହାଣିଲେ ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର କର୍ମଚାରୀ ହେଲେ ଭୁବନର ରାକେଶ କୁମାର ଦାସ। ରାକେଶ ମେରାମଣ୍ଡଳୀ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ସୋମବାର ବାଇକ ଯୋଗେ ଘରୁ କାର୍ଯ୍ୟାଳୟକୁ ଯାଉଥିଲେ। ମାତ୍ର ତୁଳିଆ ଗ୍ରାମ ନିକଟରେ ହଠାତ ୪ରୁ ୫ ଜଣ ଦୁର୍ବୃତ୍ତ ତାଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ରରେ ହାଣି ୨ ହଜାର ଟଙ୍କା ଓ ଅନ୍ୟ କିଛି ସାମଗ୍ରୀ ଲୁଟି ନେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ରାକେଶଙ୍କ ମୁଣ୍ଡ, ଗୋଡ଼ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡ୍ୟୁଟିରେ ଥିବା ବେଳେ ଚାଲିଗଲା ହାବିଲଦାରଙ୍କ ଜୀବନ

କାମାକ୍ଷାନଗର,୮।୬(ସମିସ): କାମାକ୍ଷାନଗର ଉପକାରାଗାରରେ ଡିୟୁଟିରେ ଥିବା ସମୟରେ ହାବିଲଦାରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶିରିଶ ଚନ୍ଦ୍ର ନାୟକ



**କାରଣ ଅସ୍ପଷ୍ଟ**

(୩୬)। ସୋମବାର ଅପରାହ୍ନରେ ଶିରିଶ ଉପକାରାଗାର ଭିତରେ ଡିୟୁଟି କରୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ଅନ୍ୟ କର୍ମଚାରୀ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତ ଦେହ ଉଦ୍ଧାର



ଓଡାପଡା,୮।୬(ସମିସ): ୫୫ ନମ୍ବର ଜାତୀୟ ରାଜପଥର ବାଲିମି ଥାନା ନିମବାହାଲି ଛକ ନିକଟ ଝାଡ଼ବନ୍ଧ ବୈଷ୍ଣବବନ୍ଧ ଛକରେ ଏକ ଘର କଡ଼ରୁ ସନ୍ଦେହ ଜନକ ଅବସ୍ଥାରେ ଜଣେ ଅପରେଟରଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଅପରେଟର ହେଲେ ଝାଡ଼ଖଣ୍ଡ ଗରୱା ଜିଲ୍ଲା ମନଝିଓନ ଥାନା ଲୋକା ଗାଁର ନୀଲେଶ ବିଶ୍ୱକର୍ମା (୩୧)। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପାରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ନୀଲେଶ ରୁଙ୍ଗଟା କାରଖାନାରେ ଥିବା ଆରକେ କନଷ୍ଟ୍ରକ୍ସନରେ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଦିନ ପରି ରବିବାର ରାତିରେ ଖାଇପିଇ ୫୫ନଂ ଜାତୀୟ ରାଜପଥ କଡ଼ରେ ଥିବା ଠିକାସଂସ୍ଥାର ଭଡ଼ା ଘରେ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ଭଡ଼ା ଘର ତଳେ ସେ ମରି ପଡ଼ିଥିବା ସାଥୀ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ମୋଟଙ୍ଗା ପୁଲିସ ପହଞ୍ଚି ରାତିତମାମ ମୃତଦେହ ଜଗି ରହିଥିଲା। ସୋମବାର ସକାଳେ ବାଲିମି ପୁଲିସ ମୃତଦେହ ଜବତ କରିଥିଲା। ନୀଲେଶଙ୍କ ଛାତି ଓ ମୁହଁରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଛାତ ଉପରୁ ପଡ଼ି ମୃତ୍ୟୁ ହୋଇଥିବା ସାଥୀ କର୍ମଚାରୀମାନେ କହୁଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରିଣୀ ଚାରୁଲତା ବେହେରା କହିଛନ୍ତି।

## ବିଶ୍ୱ ପରିବେଶ ଦିବସରେ ଚାରାରୋପଣ



ଗଁଦିଆ,୮।୬(ସମିସ): ଗଁଦିଆ ବ୍ଲକ କାବେର ପଞ୍ଚାୟତ ଚିରୁଲେଇ ଗ୍ରାମରେ ବିଶ୍ୱ ପରିବେଶ ଦିବସ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମ୍ୟ କମିଟି ସଭାପତି ବେଣୁଧର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାବେରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତ ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ଦଣ୍ଡଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରିଥିଲେ। ଗ୍ରାମ କମିଟି କୋଷାଧ୍ୟକ୍ଷ ନିର୍ମଳ କୁମାର ମହଲ ସହଯୋଗ କରିଥିଲେ। ଏହି ଅବସରରେ ଚିରୁଲେଇ ଓ ଚମଦଳ ରାସ୍ତାର ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ସୁରକ୍ଷା ପାଇଁ ପ୍ଲାଷ୍ଟିକ ଜାଲି ଆବଦ୍ଧ କରାଯାଇଥିଲା।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମକର୍ତ୍ତା

ଢେଙ୍କାନାଳ,୮।୬(ସମିସ)

ବିଜେଡି ତରଫରୁ ପୂର୍ବତନ ବିଧାୟକଙ୍କ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ସାହୁ ଓ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡ. ଅବିନାଶ ସାମଲଙ୍କ ଉପସ୍ଥିତିରେ ଅନ୍ୟ ଦଳର ଶତାଧିକ ନେତୃମଣ୍ଡଳୀ ଓ ସଂଗଠକ ବିଧିବଦ୍ଧ ଭାବେ ଦଳରେ ଯୋଗଦେଇଛନ୍ତି। ସେମାନଙ୍କୁ ଉତ୍ତରୀୟ ପ୍ରଦାନ କରି ବିଜୁ ପରିବାରକୁ ସ୍ୱାଗତ କରାଯାଇଥିଲା।

ବିଜେପି ସରକାରର ଦୁଇବର୍ଷ ଶାସନରେ ଅତିଷ୍ଠ ହୋଇ ଏବଂ ଢେଙ୍କାନାଳ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମିଥ୍ୟା ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କ ସ୍ୱାର୍ଥକୁ ଆହୁତି ଦେଇ କାର୍ଯ୍ୟ କରୁଥିବାରୁ ସମସ୍ତ ନେତୃବୃନ୍ଦ ବିଜେପି ଛାଡ଼ି ବିଜେଡିରେ ଯୋଗଦେଥିବା କହିଛନ୍ତି।



ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ଶୁଭଲକ୍ଷ୍ମୀ ସାହୁ, ସଦର ବ୍ଲକ ସଭାପତି ଅଖିଳ ଲେଙ୍କା, ଯୁବ ସଭାପତି ଜେଶଶ ସାହୁ, ବରିଷ୍ଠ ନେତା ସୁକାନ୍ତ ମିଶ୍ର ଉପସ୍ଥିତ ଥିଲେ।

ସଦର ବ୍ଲକ ଶଙ୍କରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀନିବାସ ବେହେରା, ଆର୍ତ୍ତବନ୍ଧୁ ସାହୁ, ସମୀର ସେନାପତି, ଭାପୁର ପଞ୍ଚାୟତର ଜିଲ୍ଲା ସାଧାରଣ ସମ୍ପାଦକ ଶୁଭପ୍ରସାଦ ପଣ୍ଡା, ନାଗିଆପଶି ପଞ୍ଚାୟତର ସନତ କୁମାର ମହାନ୍ତି, ବିଭୂତି ପରିଡ଼ା, ଚଗଲି ପରିଡ଼ା, ପ୍ରଶାନ୍ତ ପରିଡ଼ା, କାଇମାଟି ପଞ୍ଚାୟତର ଶ୍ରୀକାନ୍ତ ଦେହୁରୀ, ବାଉରିଆ ଦେହୁରୀ, ବେଲଟିକିରୀ ପଞ୍ଚାୟତର ମାନସ କୁମାର ସାହୁ, କାମଦେବ ବେହେରା, କାଳନ୍ଦୀ ପ୍ରଧାନ, ନିରଞ୍ଜନ ନାୟକ, ଶରତ ରାଉତ, ମନୋରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେପି ଓ ଅନ୍ୟ ଦଳର ନେତୃ ମଣ୍ଡଳୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛନ୍ତି। ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଉନ୍ ସଭାପତି ବିନୋଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଯୋଗୀ ସ୍ରଷ୍ଟା ସୃଜନୀ ସମ୍ମାନରେ ସମ୍ମାନିତ ହେଲେ ଅଶୋକ



ଗଁଦିଆ,୮।୬(ସମିସ): ସାହିତ୍ୟ, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଁଦିଆ ବ୍ଲକର ପ୍ରତିଭାବାନ ବ୍ୟକ୍ତିଙ୍କୁ ରାଜ୍ୟସ୍ତରୀୟ ସ୍ୱୀକୃତି ମିଳିଛି। ଗଁଦିଆ ବ୍ଲକ ଗଡ଼ଖଙ୍କିରା ଗ୍ରାମର ବିଶିଷ୍ଟ କବି, ଆଦର୍ଶ ଶିକ୍ଷକ ତଥା ସମାଜସେବୀ ଅଶୋକ କୁମାର ପତିଙ୍କୁ କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ମାନସପୀଠ ତରଫରୁ ସମ୍ମାନଜନକ ସଂଯୋଗୀ ସ୍ରଷ୍ଟା ସୃଜନୀ ସମ୍ମାନରେ ସମ୍ମାନିତ କରାଯାଇଛି। ମାନସପୀଠ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଓଡ଼ିଶାର ୩୦ ଜିଲ୍ଲାରୁ ମୋଟ ୧୫୭ ପ୍ରତିଭାବାନ ସ୍ରଷ୍ଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଢେଙ୍କାନାଳ ଜିଲ୍ଲାର ପ୍ରତିନିଧିତ୍ୱ କରି ପତି ଏହି ସମ୍ମାନ ପାଇଛନ୍ତି। ସୂଚନାଯୋଗ୍ୟ, ସାହିତ୍ୟ ସାଧନା ସାଙ୍ଗକୁ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ପତିଙ୍କ ପ୍ରୟାସ ରହିଆସିଛି। ପୂର୍ବରୁ ମଧ୍ୟ ସେ ରାଜ୍ୟର ବହୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।